ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୪/୨୦୨୧ (୧୨+୮=୨୦ ପୃଷ୍ଠା+ସାହିତ୍ୟାୟନ) Bhubaneswar, Thursday, November 4/2021 ★★★★★★

୪୭ଶ ଭାଗ ୩୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




KP GROUP Quality Since 1965
KAMLA PASAND
ସିଲ୍ଭର କୋଟେଡ୍ ଇଲାଇଚି
କେ.ପି. ସମୂହ ତରଫରୁ ଆପଣ ସମସ୍ତଙ୍କୁ
ଦୀପାବଳିର
ହାର୍ଦ୍ଦିକ ଶୁଭକାମନା।
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୪/୨୦୨୧ | Bhubaneswar, Thursday, November 4/2021 | ପୃଷ୍ଠା-୧




**ଦ୍ରାବିଡ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍**

ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଆଗାମୀ ୨ ବର୍ଷ ପାଇଁ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୦ ୦୫

**ବ୍ରେକଅପ୍ ପରେ ମିଳିଥିଲା ପ୍ରସିଦ୍ଧି**

ବଲିଉଡ୍ ଗାୟିକା ନେହା କକ୍କରଙ୍କଠାରୁ ବ୍ରେକଅପ୍ ପରେ ବେଶ୍ ପରିଚିତ ହୋଇଯାଇଥିଲେ ଅଭିନେତା ହିମାଂଶ କୋହଲି।



# ପେଟ୍ରୋଲରୁ ୫, ଡିଜେଲରୁ ୧୦ଟଙ୍କା ଟିକସ ହ୍ରାସ

ତେଲଦରକୁ ନେଇ ଦେଶବାସୀ ଅତିଷ୍ଠ ହୋଇପଡ଼ିଥିବାବେଳେ କେନ୍ଦ୍ର ସରକାର ପେଟ୍ରୋଲ ଉପରୁ ୫ ଓ ଡିଜେଲ ଉପରୁ ୧୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ସଦ୍ୟ ପ୍ରକାଶିତ ଉପନିର୍ବାଚନର ଫଳାଫଳ ଭାଜପାକୁ ଝଟ୍‌କା ଦେଇଥିବାବେଳେ ଆସନ୍ତାବର୍ଷ ଉତ୍ତରପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବା। ଏଥିଲାଗି ସରକାର ଚାପରେ ଏପରି ନିଷ୍ପତ୍ତି ନେଇଥିବା ବିରୋଧୀ ସମାଲୋଚନା କରିଛନ୍ତି।

## ଓଡ଼ିଶାରେ ପେଟ୍ରୋଲ୍ ୬.୬୦, ଡିଜେଲ ୧୨.୮୦ ଟଙ୍କା କମିବ

ନୂଆଦିଲ୍ଲୀ, ୩।୧୧

ବର୍ଦ୍ଧିତ ତେଲ ଦରରୁ ଖାଉଟିଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। କେନ୍ଦ୍ର ସରକାର ବୁଧବାର ପେଟ୍ରୋଲ ଏବଂ ଡିଜେଲ ଉପରେ ଲାଗୁ ହେଉଥିବା ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଟିକସ ଯଥାକ୍ରମେ ୫ ଟଙ୍କା, ୧୦ ଟଙ୍କା କମାଇଛନ୍ତି। ଏହି ହ୍ରାସ ଗୁରୁବାରଠାରୁ କାର୍ଯ୍ୟକାରୀ ହେବ। ଫଳରେ ତେଲ ଦର ସେହି ଅନୁସାରେ କମିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ଓଡ଼ିଶାରେ ପେଟ୍ରୋଲ ଲିଟର ପିଛା ୬ଟଙ୍କା ୬୦ପଇସା ଏବଂ ଡିଜେଲ୍ ୧୨.୮୦ ପଇସା କମିବ ବୋଲି ଓଡ଼ିଶା ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ରେକର୍ଡ ଉଚ୍ଚ ସ୍ତରରେ ରହିଥିବାରୁ ଖାଉଟି ଅତିଷ୍ଠ ହୋଇ ପଡ଼ିଥିଲେ। ଦର ହ୍ରାସ ନେଇ ବାରମ୍ବାର ଦାବି ହୋଇ ଆସୁଥିଲା। କେନ୍ଦ୍ର ଏବଂ ରାଜ୍ୟସ୍ତରରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଟିକସ ଏବଂ ଅନ୍ତର୍ଜାତୀୟସ୍ତରରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ଏକ ପ୍ରମୁଖ କାରଣ ରହିଥିଲା। କେନ୍ଦ୍ର ସରକାରଙ୍କ ଏହି ଟିକସ ହ୍ରାସ ଘୋଷଣା ପରେ ଖାଉଟିଙ୍କ ଉପରେ ସାମାନ୍ୟ ବୋଝ କମିବ।

ପେଟ୍ରୋଲ ଉପରେ ଗତ ବର୍ଷ ବିପୁଳ ପରିମାଣର ଉତ୍ପାଦ ଟିକସ ଲାଗୁ ହୋଇଥିଲା। ୨୦୨୦ ମାର୍ଚ୍ଚରୁ ମେ ମାସ ମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ପିଛା ୧୩ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୬ଟଙ୍କା ଉତ୍ପାଦ ଟିକସ ବୃଦ୍ଧି କରିଥିଲେ। ☞ପୃଷ୍ଠା-୨

**ଭାଟ୍ କମାଇଲେ ଏନ୍‌ଡିଏ ଶାସିତ ୯ ରାଜ୍ୟ**



# ଭାରତର ପ୍ରଥମ ବିଜୟ

ଆବୁଧାବି, ୩।୧୧


ଦ୍ରୁତ ଅର୍ଦ୍ଧଶତକ ଅବସରରେ ରୋହିତ ଶର୍ମା

**ଟି୨୦ ବିଶ୍ୱକପ**

ଟି୨୦ ବିଶ୍ୱକପର ବୁଧବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ୬୬ ରନରେ ଆଫଗାନିସ୍ତାନକୁ ହରାଇ ଦେଇଛି। ବିରାଟ କୋହଲିଙ୍କ ଦଳ ୨୦ ଓଭରରେ୨ ଉଇକେଟ ହରାଇ ୨୧୦ ରନ କରିଥିଲା। ଆଫଗାନିସ୍ତାନ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ବିଶ୍ୱକପରେ କ୍ରମାଗତ ୨ ପରାଜୟ ପରେ ଭାରତ ପ୍ରଥମ ବିଜୟ ସହ ପଏଣ୍ଟ ଖାତା ଖୋଲିଛି। ଅନ୍ୟପକ୍ଷରେ ୪ ମ୍ୟାଚରୁ ଆଫଗାନିସ୍ତାନର ଏହା ଦ୍ୱିତୀୟ ପରାଜୟ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଲୋକେଶ ରାହୁଲ ଓ ରୋହିତ ଶର୍ମା ଓପନିଂ ଭାଗୀଦାରିରେ ୮୮ ବଲ୍‌ରୁ ୧୪୦ ରନ ଯୋଗକରିଥିଲେ। ଫଳରେ ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ ହୋଇଥିଲା। ୧୫ତମ ଓଭରର ୪ର୍ଥ ବଲ୍‌ରେ ରୋହିତ ଶର୍ମାଙ୍କୁ ଏକ୍ସଟ୍ରା କଭର ଅଞ୍ଚଳରେ ମହମ୍ମଦ ନବିଙ୍କ ହାତରେ କ୍ୟାଚ କରାଇ କରିମ ଜନତ ଆଫଗାନିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୪୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୮ ଚୌକା ଓ ୩ ଛକା ସହାୟତାରେ ୭୪ ରନ ☞ପୃଷ୍ଠା-୨

**ଦୀପାବଳି ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ, ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

**ଧରିତ୍ରୀର ଛୁଟି**

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୦୪.୧୧.୨୦୨୧ ରିଖ ଗୁରୁବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୦୬.୧୧.୨୦୨୧ ରିଖ ଶନିବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

**ବିକଳ୍ପ ଆବଶ୍ୟକ**

# ଆଧାର ଆଇନ ଉଲ୍ଲଂଘନ କଲେ ୧ କୋଟି ଜରିମାନା

ନୂଆଦିଲ୍ଲୀ, ୩।୧୧

ଆଧାର ମାଧ୍ୟମରେ ବ୍ୟକ୍ତିଗତ ଗୋପନୀୟତା (ପ୍ରିଭେସି) ପ୍ରଘଟ ନେଇ ଚିନ୍ତା ରହିଛି। ଆଧାରରେ ଥିବା ଲୋକଙ୍କ ଜନ୍ମତାରିଖ, ଠିକଣା ଏବଂ ବାୟୋମେଟ୍ରିକ ତଥ୍ୟକୁ ଟେଲିକମ୍, ବ୍ୟାଙ୍କ ଭଳି ସଂସ୍ଥା ସମେତ ବିଭିନ୍ନ କମ୍ପାନୀ ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଆସୁଛି। ଆଧାର ଅପବ୍ୟବହାରକୁ ରୋକିବା ଏବଂ ସେଥିରେ ସମ୍ପୃକ୍ତ ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ କେନ୍ଦ୍ର ସରକାର ୨୦୧୯ରେ ଆଧାର ଆଇନରେ ସଂଶୋଧନ ଆଣିଥିଲେ। ତଦନୁଯାୟୀ ଆଧାର ଆଇନ ଉଲ୍ଲଂଘନ କ୍ଷେତ୍ରରେ ୧ କୋଟିଟଙ୍କା ଜରିମାନା ଲାଗିବ। କିନ୍ତୁ ଏଥିପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବ୍ୟବସ୍ଥା ହୋଇ ନ ଥିଲା। ସରକାର ବୁଧବାର ବିଜ୍ଞପ୍ତି ଜାରି କରି ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)କୁ କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୨

AADHAAR

## ସମ୍ଭାବ୍ୟ ଦୁରୁପଯୋଗ

ନୂଆଦିଲ୍ଲୀ, ୩।୧୧

ବର୍ତ୍ତମାନର ଡିଜିଟାଲ ଯୁଗରେ ସ୍କୁଲରେ ପିଲାଙ୍କ ନାମଲେଖାରୁ ଆରମ୍ଭ କରି ବିଭିନ୍ନ ଜରୁରୀ କାର୍ଯ୍ୟ ପାଇଁ ୧୨ ଅଙ୍କ ବିଶିଷ୍ଟ ଏକକ ପରିଚୟପତ୍ର 'ଆଧାର' ଆବଶ୍ୟକ ପଡୁଛି। ଲୋକଙ୍କ ଜନ୍ମସ୍ଥାନ ଓ ତାରିଖ ଭଳି ଅନେକ ବ୍ୟକ୍ତିଗତ ଗୋପନୀୟ ତଥା ସମ୍ବେଦନଶୀଳ ତଥ୍ୟ ଏହି ବାୟୋମେଟ୍ରିକ୍ ବ୍ୟବସ୍ଥାରେ ସନ୍ନିବେଶିତ ହୋଇଥିବାରୁ ମଧ୍ୟସ୍ଥ, ତୃତୀୟ ପକ୍ଷ ବା ଘରୋଇ କମ୍ପାନୀଗୁଡ଼ିକ ଆଧାର ଡାଟାବେସ୍‌ର ଦୁରୁପଯୋଗ କରିବା ଆଶଙ୍କା ମୂଳରୁ ଉପୁଜିଆସିଛି। ଆଧାର ଡାଟା ବଳରେ ଜଣଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ, ମୋବାଇଲ ନମ୍ବର ଟ୍ରାକିଂ ଜରିଆରେ ଗୋପନୀୟ ବାର୍ତ୍ତାଳାପର ରେକର୍ଡିଂ, ଆୟ ବିବରଣୀ, ଡିଜିଟାଲ ଟ୍ରାଞ୍ଜାକ୍ସନ ଏବଂ କେୱାଇସି ତଥ୍ୟ ଭଳି ଅନେକ କିଛି ☞ପୃଷ୍ଠା-୨

# କୋଭାକ୍ସିନ୍‌କୁ ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ

ନୂଆଦିଲ୍ଲୀ, ୩।୧୧



ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କରୋନା ଟିକା କୋଭାକ୍ସିନ୍‌କୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବୁଧବାର ଜରୁରିକାଳୀନ ବ୍ୟବହାର(ଇୟୁଏଲ୍) ପାଇଁ ମଞ୍ଜୁରୀ ଦେଇଛି। ଡବ୍ଲ୍ୟୁଏଚ୍‌ଓଠାରୁ ଜରୁରିକାଳୀନ ବ୍ୟବହାର ଅନୁମତି ପାଇଥିବା ୬ଟି ଭାକ୍ସିନ ମଧ୍ୟରେ ଏବେ କୋଭାକ୍ସିନ ସ୍ଥାନିତ ହୋଇଛି। ଏ ନେଇ ଡବ୍ଲ୍ୟୁଏଚ୍‌ଓ ଏକ ଟୁଇଟ୍ କରିଛି। ଏବେ କୋଭାକ୍ସିନ ଟିକା ନେଇଥିବା ଭାରତୀୟ ଏବଂ ଅନ୍ୟ ଲୋକଙ୍କ ଗସ୍ତ ଉପରେ କଟକଣା ଲଗାଇଥିବା ଦେଶଗୁଡ଼ିକ ସେମାନଙ୍କୁ ଭ୍ରମଣ ପାଇଁ ଅନୁମତି ଦେବାର ରାସ୍ତା ଫିଟିଛି।

କୋଭାକ୍ସିନ ଇୟୁଏଲ୍ ପାଇବା ପାଇଁ ଦୀର୍ଘ ପ୍ରକ୍ରିୟା ଦେଇ ଗତି କରିଥିଲା। ଏଥିପାଇଁ ଭାରତ ବାୟୋଟେକ୍ ପ୍ରଥମେ ଗତ ଏପ୍ରିଲରେ ଆବେଦନ କରିଥିଲା। ଟିକାର ନିରାପତ୍ତା, କାର୍ଯ୍ୟକ୍ଷମତା, ଉତ୍ପାଦନ ସୁବିଧା ଆଦି ବାବଦରେ ସମସ୍ତ ତଥ୍ୟ ଜୁଲାଇରେ ଡବ୍ଲ୍ୟୁଏଚ୍‌ଓ ନିକଟରେ ଦାଖଲ କରିଥିଲା। ଇୟୁଏଲ୍ ହାସଲ କରିବାରେ ବିଳମ୍ବ ଯୋଗୁ ଅନ୍ୟ ଦେଶଗୁଡ଼ିକ ଏହି ଟିକାକୁ ଗ୍ରହଣ ☞ପୃଷ୍ଠା-୨

# ଆଦିତ୍ୟ ମହାପାତ୍ର ଓଡ଼ିଶା ହାଇକୋର୍ଟ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ/କଟକ ଅଫିସ, ୩।୧୧


ଆଦିତ୍ୟ କୁମାର ମହାପାତ୍ର

ଓଡ଼ିଶା ହାଇକୋର୍ଟ ସମେତ ୩ ହାଇକୋର୍ଟରେ ୬ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ମିଳିଛି। ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ସମ୍ବିଧାନ ଧାରା ୨୧୭(୧) ଅନୁଯାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିଚାରପତିଙ୍କ ନିଯୁକ୍ତିକୁ ମୋହର ମାରିଛନ୍ତି। ଏହି କ୍ରମରେ ବରିଷ୍ଠ ଆଇନଜୀବୀ ଆଦିତ୍ୟ କୁମାର ମହାପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟ ବିଚାରପତିଭାବେ ନିଯୁକ୍ତି କରାଯାଇଛି। ସେହିପରି ଜମ୍ମୁ-କଶ୍ମୀର ହାଇକୋର୍ଟରେ ଦୁଇଜଣ ନ୍ୟାୟିକ ଅଧିକାରୀ ଏବଂ କର୍ନାଟକ ହାଇକୋର୍ଟରେ ମଧ୍ୟ ୩ ଆଇନଜୀବୀଙ୍କୁ ☞ପୃଷ୍ଠା-୨







ପବିତ୍ର ଦୀପାବଳି-୨୦୨୧ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



DADLS - 31

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

'କରୋନା' ମହାମାରୀର ପ୍ରକୋପ ହ୍ରାସ ପାଉଥିଲେ ମଧ୍ୟ ସରିନାହିଁ। ଏଣୁ ଦାୟିତ୍ୱପୂର୍ଣ୍ଣ ଆଚରଣ ସହ ଉତ୍ସବ ପାଳନ କରିବାକୁ ମୁଁ ଅନୁରୋଧ କରୁଛି।

(ଗଣେଶୀ ଲାଲ)

OIPR-15001/13/0058/2122

ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା



DADLS - 31

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା। ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0058/2122



ପବିତ୍ର ଦୀପାବଳି - ୨୦୨୧ ଉପଲକ୍ଷେ ବାର୍ତ୍ତା

DADLS - 31

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

'କରୋନା' ମହାମାରୀ ସଂପୂର୍ଣ୍ଣ ଦୂରେଇ ଯାଇନାହିଁ। କୋଭିଡ୍ ମାର୍ଗଦର୍ଶିକା ଅନୁପାଳନପୂର୍ବକ ଦୀପାବଳି ଉତ୍ସବ ପାଳନ କରିବା ପାଇଁ ମୁଁ ସମସ୍ତଙ୍କୁ ନିବେଦନ କରୁଛି।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0058/2122

**ଆଜିର ମନ୍ତବ୍ୟ**

ଉତ୍ତର ପ୍ରଦେଶର ବାଗପତ୍ ଜିଲାରେ ଋଣଗ୍ରସ୍ତ କୃଷକଙ୍କ ଆତ୍ମହତ୍ୟା ଭାଜପା ସରକାରଙ୍କ ସବୁ ମିଛକୁ ଧରାପକାଇଦେଇଛି। **-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

# ଶ୍ରମିକଙ୍କ ଦୈନିକ ମଜୁରି ବଢ଼ିଲା

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

କେନ୍ଦ୍ର ସରକାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଏନେଇ ନଭେମ୍ବର ୧ରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ଓଡ଼ିଶାରେ ଥିବା କେନ୍ଦ୍ରୀୟ ଶ୍ରମ ଆୟୋଗଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଖଣି, ନିର୍ମାଣ, କୃଷି ଓ ବିଭିନ୍ନ ଲୋଡିଂ, ଅନ୍‌ଲୋଡିଂ, ସଫେଇ, ଜଗୁଆଳି ଏବଂ କ୍ରଶର ୟୁନିଟ କ୍ଷେତ୍ରରେ କାର୍ଯ୍ୟକରୁଥିବା କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀମାନଙ୍କ ଦୈନିକ ମଜୁରି ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ସର୍ବନିମ୍ନ ମଜୁରି ଗତ ଅକ୍ଟୋବର ୧ତାରିଖରୁ ପିଛିଲାଭାବେ ଲାଗୁ ହେବ। ଖଣି କ୍ଷେତ୍ରରେ ମାଟି ଉପରେ କାର୍ଯ୍ୟ କରୁଥିବା ଅଣକୁଶଳୀଙ୍କ ଦୈନିକ ମଜୁରି ୪୩୭ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଖଣି ଭିତରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କ ମଜୁରି ୫୪୬ ଟଙ୍କା ସ୍ଥିର କରାଯାଇଛି। ସେହିପରି ଖଣି ଉପରେ କାର୍ଯ୍ୟ କରୁଥିବା ଅର୍ଦ୍ଧ କୁଶଳୀଙ୍କ ଦୈନିକ ମଜୁରି ୫୪୬, ଖଣି ଭିତରେ କାମ କରୁଥିବା ଶ୍ରମିକଙ୍କୁ ୬୮୪, କୁଶଳୀ ଶ୍ରମିକଙ୍କୁ ଯଥାକ୍ରମେ ୬୫୪ ଓ ୭୬୨ ଏବଂ ଉଚ୍ଚ କୁଶଳୀ ଶ୍ରମିକଙ୍କୁ ୭୬୨ ଏବଂ ୮୫୧ ଟଙ୍କା ସର୍ବନିମ୍ନ ମଜୁରି ଦେବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ଅଞ୍ଚଳରେ ଅଣ୍ଡର ଗ୍ରାଉଣ୍ଡ କେବୁଲ, ରେଡିଓ ଟେଲିଭିଜନ, ଇଲେକ୍ଟ୍ରିକ ଟେଲିଫୋନ ଆଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣକୁଶଳୀଙ୍କୁ ୫୪୬, ଅର୍ଦ୍ଧ କୁଶଳୀଙ୍କୁ ୬୧୭, କୁଶଳୀଙ୍କୁ ୭୨୪ ଏବଂ ଉଚ୍ଚ କୁଶଳୀଙ୍କ ଦୈନିକ ମଜୁରି ୭୯୫ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି କ୍ଷେତ୍ରରେ ଭୁବନେଶ୍ୱର, ରାଉରକେଲା ଏବଂ କଟକ ଅଞ୍ଚଳ ବାହାରେ କାମ କରୁଥିବା ଅଣକୁଶଳୀଙ୍କୁ ୪୩୭, ଅର୍ଦ୍ଧ କୁଶଳୀଙ୍କୁ ୫୧୨, କୁଶଳୀଙ୍କୁ ୬୧୭ ଓ ଉଚ୍ଚ କୁଶଳୀଙ୍କୁ ୭୨୪ ଦୈନିକ ମଜୁରି ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ ଏବଂ ରାଉରକେଲା ସହରାଞ୍ଚଳ ପରିସରରେ ଥିବା କୃଷି କ୍ଷେତ୍ରରେ କାର୍ଯ୍ୟରତ ଅଣକୁଶଳୀଙ୍କୁ ୩୮୦, ଅର୍ଦ୍ଧ କୁଶଳୀଙ୍କୁ ୪୧୯, କୁଶଳୀଙ୍କୁ ୪୫୫ ଏବଂ ଉଚ୍ଚ କୁଶଳୀଙ୍କୁ ୫୦୯ ଦୈନିକ ମଜୁରି ଧାର୍ଯ୍ୟ କରାଯାଇଥିବାବେଳେ ଏହି ୩ ସହର ବ୍ୟତୀତ ଅନ୍ୟଅଞ୍ଚଳରେ ଅଣକୁଶଳୀଙ୍କୁ ୩୭୭, ଅର୍ଦ୍ଧ କୁଶଳୀଙ୍କୁ ୩୮୪, କୁଶଳୀଙ୍କୁ ୪୧୮ ଏବଂ ଉଚ୍ଚ କୁଶଳୀଙ୍କୁ ୪୫୫ ଲେଖାଏ ଦୈନିକ ମଜୁରି ଧାର୍ଯ୍ୟ କରାଯାଇଛି। ସେହିଭଳି ରେଲୱେର ବିଭିନ୍ନ ଗୋଦାମରେ ଲୋଡିଂ, ଅନ୍‌ଲୋଡିଂରେ କାର୍ଯ୍ୟରତ ଶ୍ରମିକ, ସଫେଇରେ ନିୟୋଜିତ ଥିବା ଶ୍ରମିକ, ଜଗୁଆଳି ଏବଂ କ୍ରଶରଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନଙ୍କ ଦୈନିକ ମଜୁରି ମଧ୍ୟ ବୃଦ୍ଧି ପାଇଛି।

## ପ୍ରଥମ ପୃଷ୍ଠାରୁ...

### ପେଟ୍ରୋଲରୁ ୫, ...

ଫଳରେ ପେଟ୍ରୋଲ ଉପରେ ଉତ୍ପାଦ ଟିକସ ୧୯.୯୮ ଟଙ୍କାରୁ ୩୨.୯୮ ଟଙ୍କାକୁ ବୃଦ୍ଧି ଘଟିଥିଲା। ଡିଜେଲ ଉପରେ ଏହି ଟିକସ ୧୫.୮୩ ଟଙ୍କାରୁ ୨୮.୩୫ ଟଙ୍କାକୁ ବଢ଼ିଥିଲା। କେନ୍ଦ୍ର ସରକାର ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଟିକସ ଯଥାକ୍ରମେ ୬୫% ଏବଂ ୭୯% ଲେଖାଏ ବୃଦ୍ଧି କରିଥିଲେ। ସେହିଭଳି ବିଭିନ୍ନ ରାଜ୍ୟ ଭାଟ୍ ବଢ଼ାଇଥିଲେ। ଓଡ଼ିଶାରେ ପେଟ୍ରୋଲ୍ ଓ ଡିଜେଲ ଉପରେ ଯଥାକ୍ରମେ ୩୨ ଓ ୨୮% ଭାଟ୍ ଲାଗୁ ହେଉଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ପେଟ୍ରୋଲ ଲିଟର ୧୧୦ ଟଙ୍କା ପାର କରିଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ରାଜ୍ୟରେ ଡିଜେଲ ୧୦୦ ଟଙ୍କା ଟପିଛି। କେନ୍ଦ୍ର ସରକାରଙ୍କ ଉତ୍ପାଦ ଟିକସ ହ୍ରାସ ଘୋଷଣା ଲୋକଙ୍କ ଲାଗି ଦୀପାବଳି ଉପହାର ବୋଲି କୁହାଯାଉଛି। ପେଟ୍ରୋଲ ତୁଳନାରେ ଡିଜେଲ ଉପରୁ ଅଧିକ ଟିକସ ହ୍ରାସ ହୋଇଥିବାରୁ ଏହା ରବିଋତୁ ଲାଗି କୃଷକଙ୍କୁ ସହାୟକ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ସେହିଭଳି ତେଲ ଦରରେ ଟିକସ ହ୍ରାସ ହେବା ଯୋଗୁ ଉଭୟ ଖାଉଟି ଏବଂ ପରିବହନ ବ୍ୟବସ୍ଥା ଉପରେ ମଧ୍ୟ ଚାପ କମିବ। ଦରଦାମ୍ ପୂର୍ବାପେକ୍ଷା କମିବ ବୋଲି ଆକଳନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଲଗାତର ଅଶୋଧିତ ତେଲ ଦର ବୃଦ୍ଧି ଯୋଗୁ ଭାରତରେ ତେଲର ଖୁଚୁରା ଦରରେ ବିରତି ଲାଗି ପାରୁ ନ ଥିଲା। ଫଳରେ ଅର୍ଥ ବ୍ୟବସ୍ଥା ଉପରେ ମୁଦ୍ରାସ୍ଫୀତି ଚାପ ରହିଥିଲା। କରୋନା କଟକଣା କୋହଳ ହେଉଥିବାରୁ ବର୍ତ୍ତମାନ ତେଲ ଚାହିଦା ବଢ଼ିଛି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଉଚ୍ଚରେ ରହିଛି। ଏପଟେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଗୁ କରୁଥିବା ଟିକସ ହ୍ରାସ ନ କରିବା ଯୋଗୁ ତେଲ ଊର୍ଦ୍ଧ୍ୱଗାମୀ ହୋଇ ଚାଲିଥିଲା। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁ ଖାଉଟି ଆଶ୍ୱସ୍ତି ଲାଭ କରିବେ। ତେବେ ରାଜ୍ୟଗୁଡ଼ିକ ନିଜ ଭାଗର ଭାଟ୍ ହ୍ରାସ କରି ଆଉ କିଛି ଆଶ୍ୱସ୍ତି ଦେବାର ମଧ୍ୟ ଆବଶ୍ୟକତା ରହିଛି। ରାଜ୍ୟଗୁଡ଼ିକ ଟିକସ କମାଇ ଖାଉଟିଙ୍କୁ ସୁବିଧା ପ୍ରଦାନ କରନ୍ତୁ ବୋଲି କେନ୍ଦ୍ର ଆହ୍ୱାନ ଜଣାଇଛି। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲର ସ୍ୱାଗତ କରାଯାଇଛି। ଅପରପକ୍ଷରେ ଲଗାତର ୭ଦିନ ହେବ ପେଟ୍ରୋଲ ଦର ବଢ଼ିବା ପରେ ବୁଧବାର ତେଲ ଦର ଅପରିବର୍ତ୍ତିତ ରହିଛି। ମଙ୍ଗଳବାର ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲେ ବି ପେଟ୍ରୋଲ ୩୭ ପଇସା ବୃଦ୍ଧି ପାଇଥିଲା। ଭୁବନେଶ୍ୱରରେ ବର୍ତ୍ତମାନ ପେଟ୍ରୋଲ ଲିଟର ୧୧୧.୦୬ ଟଙ୍କା ରହିଛି। ସେହିଭଳି ଏଠାରେ ଡିଜେଲ ୧୦୭.୩୯ ଟଙ୍କାରେ ବିକ୍ରି ହେଉଛି। କଟକରେ ପେଟ୍ରୋଲ ୧୧୧.୪୩ ଟଙ୍କା ଏବଂ ଡିଜେଲ ଦର ୧୦୭.୭୫ ଟଙ୍କା ରହିଛି। ଗତ ୭ସପ୍ତାହ ମଧ୍ୟରେ ୨୮ଥରରେ ପେଟ୍ରୋଲ ୯ ଟଙ୍କା ବଢ଼ିଥିଲା। ଅପରପକ୍ଷରେ ନୂଆଦିଲ୍ଲୀରେ ବର୍ତ୍ତମାନ ପେଟ୍ରୋଲ ୧୧୦.୦୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୧୦୬.୬୬ ଟଙ୍କା, ୧୧୦.୪୯ ଟଙ୍କା ଏବଂ ୧୧୫.୮୫ ଟଙ୍କା ରହିଛି। ଏହି ୪ ସହରରେ ଡିଜେଲ ଦର ଅପରିବର୍ତ୍ତିତ ରହିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି। ଗତ ୩୬ ଦିନ ମଧ୍ୟରେ ପେଟ୍ରୋଲ ୨୮ଥର ବଢ଼ିଛି। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ଦର ଭିନ୍ନ ରହୁଛି। କାରଣ ବିଭିନ୍ନ ରାଜ୍ୟରେ ଭାଟ୍ ଏବଂ ପରିବହନ ଭଡ଼ାରେ ପାର୍ଥକ୍ୟ ରହିଛି। ଏପରି କି ଡିଲର କମିଶନ ଏବଂ କେନ୍ଦ୍ର ସରକାରଙ୍କ ଟିକସ ମଧ୍ୟ ତେଲ ଉପରେ ଲାଗୁ ହେଉଛି।

କେନ୍ଦ୍ର ସରକାରଙ୍କ ଉପରୋକ୍ତ ନିଷ୍ପତ୍ତି ପରେ ରାଜ୍ୟଗୁଡ଼ିକ ମଧ୍ୟ ନିଜ ଭାଗର ଭାଟ୍ ହ୍ରାସ କରିବାକୁ ଆଗେଇ ଆସିଛନ୍ତି। କେନ୍ଦ୍ର ଭାଟ୍ ହ୍ରାସ ନେଇ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଥିଲା। ଭାଜପା ଏବଂ ଏହାର ସହଯୋଗୀ ଦଳ ଶାସନ କ୍ଷମତାରେ ଥିବା ରାଜ୍ୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ କମାଇବା ନେଇ ଘୋଷଣା କରିଛନ୍ତି। ଏନ୍‌ଡିଏ ଶାସିତ ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶ, ଆସାମ, ଗୋଆ, ତ୍ରିପୁରା, କର୍ଣ୍ଣାଟକ, ଉତ୍ତରାଖଣ୍ଡ, ମଣିପୁର, ଗୁଜରାଟ ଏବଂ ବିହାର ରହିଛି। କର୍ଣ୍ଣାଟକ ଏବଂ ଗୋଆରେ ଭାଟ୍ ୭ ଟଙ୍କା କମିବ ବୋଲି ଜଣାପଡ଼ିଛି। ଫଳରେ ଗୋଆରେ ପେଟ୍ରୋଲ ପେଟ୍ରୋଲ ୧୭ ଟଙ୍କା ଏବଂ ଡିଜେଲ ୧୨ ଟଙ୍କା ଶସ୍ତା ହେବ। ସେହିପରି ଆସାମ ଏବଂ ତ୍ରିପୁରା ଭଳି ରାଜ୍ୟ ମଧ୍ୟ ୭ ଟଙ୍କା ଲେଖାଏ ଭାଟ୍ କମାଇବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟର ଟିକସ କମିବା ପରେ ଉତ୍ତର ପ୍ରଦେଶରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୧୨ ଟଙ୍କା ଲେଖାଏ କମିବ ବୋଲି କୁହାଯାଉଛି। ସେହିଭଳି ବିହାର ପେଟ୍ରୋଲ ଉପରେ ୧.୩୦ ଟଙ୍କା ଏବଂ ଡିଜେଲରେ ୧.୯୦ ଟଙ୍କା ହ୍ରାସ କରିପାରେ। ଫଳରେ ସେଠାରେ ପେଟ୍ରୋଲ ୬.୩୦ ଟଙ୍କା ଏବଂ ଡିଜେଲ ୧୧.୯୦ ଟଙ୍କା କମିବ। ଉତ୍ତରାଖଣ୍ଡ ପେଟ୍ରୋଲ ଉପରେ ଲିଟର ପିଛା ୨ ଟଙ୍କା ଭାଟ୍ କମାଇବ। ତେବେ ଓଡ଼ିଶା ଭାଟ୍ କମାଇବା ନେଇ ଅଦ୍ୟାବଧି କୌଣସି ଘୋଷଣା କରିନାହିଁ। ଓଡ଼ିଶା ଯଦି ଅନ୍ୟ ରାଜ୍ୟ ଭଳି ଭାଟ୍ କମ୍ କରନ୍ତା ତେବେ ଏହାର ଲାଭ ଖାଉଟି ପାଇପାରନ୍ତେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟରେ ତାମିଲନାଡୁର ଷ୍ଟାଲିନ୍ ସରକାର ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଲାଗି ପେଟ୍ରୋଲ ଲିଟର ପିଛା ୩ ଟଙ୍କା ହ୍ରାସ କରିଥିଲେ।

### କୋଭାକ୍ସିନ୍‌କୁ ଡବ୍ଲ୍ୟୁଏଚ୍‌ଓ ...

କରିବା ନେଇ ଲକ୍ଷ ଲକ୍ଷ ଭାରତୀୟ ଛାତ୍ର, ବିଦେଶରେ କାର୍ଯ୍ୟ କରୁଥିବା ଲୋକଙ୍କ ମନରେ ଆଶଙ୍କା ଦେଖାଦେଇଥିଲା। ଏବେ ଏହି ଆଶଙ୍କା ଦୂର ହୋଇଛି। ଗତ ସପ୍ତାହରେ ଡବ୍ଲ୍ୟୁଏଚ୍‌ଓର ବୈଷୟିକ ପରାମର୍ଶଦାତା କମିଟି ଟିକାର ନିରାପତ୍ତା ସମ୍ପର୍କରେ ଅତିରିକ୍ତ ତଥ୍ୟ ମାଗିଥିଲେ। କୋଭାକ୍ସିନ ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ ପାଇବାକୁ ଏହି କମିଟିର ସୁପାରିସ ଜରୁରୀ ବୋଲି ସଙ୍ଗଠନର ମୁଖପାତ୍ର ଡା. ମାର୍ଗାରେଟ୍ ହାରିସ୍ କହିଥିଲେ। କୋଭାକ୍ସିନ୍‌କୁ ତୁରନ୍ତ ଇୟୁଏଲ୍ ମିଳୁ ବୋଲି ଅନେକ ଲୋକ ଅପେକ୍ଷା କରିଥିବା ଡବ୍ଲ୍ୟୁଏଚ୍‌ଓ କହିଥିଲା। ପୂର୍ବରୁ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଭାରତରେ ପ୍ରସ୍ତୁତ କୋଭିଡ୍ ଟିକା କୋଭିଶିଲ୍ଡକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ମାନ୍ୟତା ମିଳିସାରିଛି। କରୋନା ବିରୋଧରେ କୋଭାକ୍ସିନ ୭୭.୮ ପ୍ରତିଶତ ଏବଂ ଘାତକ ଡେଲ୍‌ଟା ଭାରିଆଣ୍ଟ ବିରୋଧରେ ଏହା ୬୫.୨ ପ୍ରତିଶତ ବୋଲି ଟ୍ରାଏଲରୁ ଜଣାପଡ଼ିଥିଲା।

ଅନ୍ୟପକ୍ଷରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) କୋଭାକ୍ସିନ ଡୋଜ୍‌ର ଉପଯୋଗ ଅବଧି (ସେଲ୍‌ଫ ଲାଇଫ୍) ପ୍ରସ୍ତୁତ ତାରିଖଠାରୁ ୧୨ ମାସ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଅନୁମତି ଦେଇଛି। ସିଡିଏସ୍‌ସିଓ ଏହାକୁ ଅନୁମୋଦନ କରିଥିବା ଭାରତ ବାୟୋଟେକ୍ ପକ୍ଷରୁ ବୁଧବାର ଏକ ଟୁଇଟ୍ କରାଯାଇଛି। ଏହାର ଅଧିକ ବିଶ୍ଳେଷଣ ପାଇଁ ହିମାଚଳ ପ୍ରଦେଶର କାସାଉଲିରେ ଥିବା ସେଣ୍ଟ୍ରାଲ୍ ଡ୍ରଗ୍ସ ଲାବୋରେଟୋରି (ସିଡିଏଲ୍)କୁ ଏକ ବ୍ୟାଚ୍ ଟିକା ପଠାଯାଇଥିଲା। ସେଠାରେ ବିସ୍ତୃତ ସମୀକ୍ଷା ପରେ ଡିସିଜିଆଇ ଭାକ୍ସିନର ସେଲ୍‌ଫ ଲାଇଫ୍ ବୃଦ୍ଧି ପାଇଁ ଅନୁମତି ଦେଇଛନ୍ତି। ପ୍ରକାଶଥାଉ କି, ପ୍ରତ୍ୟେକ ଭାକ୍ସିନ୍ ଡୋଜ୍‌ର ଏକ ଏକ୍ସପାୟରୀ ତାରିଖ ରହିଥାଏ। ବିଭିନ୍ନ ପରିବେଶ ଏବଂ ତାପମାତ୍ରାରେ ଟିକା କେତେଦିନ ବ୍ୟବହାର ଯୋଗ୍ୟ ରହିପାରିବ, ତାହା ପରୀକ୍ଷା କରାଯିବା ପରେ ଭାକ୍ସିନର ସେଲ୍‌ଫ ଲାଇଫ୍ ସ୍ଥିର କରାଯାଇଥାଏ।

### ଆଦିତ୍ୟ ମହାପାତ୍ର ଓଡ଼ିଶା...

ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଅତିରିକ୍ତ ବିଚାରପତିମାନେ ସାଧାରଣତଃ ସ୍ଥାୟୀ ବିଚାରପତି ରୂପେ ପଦୋନ୍ନତି ପାଇବା ପୂର୍ବରୁ ୨ବର୍ଷ ପାଇଁ ନିଯୁକ୍ତି ପାଇଥାଆନ୍ତି। ଏହାବାଦ୍ ଆଇନ ମନ୍ତ୍ରଣାଳୟ ଜଷ୍ଟିସ୍ ଏଚ୍.ଏସ୍. ଥଙ୍ଗ୍‌ଖିଉଙ୍କୁ ମେଘାଳୟ ହାଇକୋର୍ଟ କାର୍ଯ୍ୟକାରୀ ବିଚାରପତି ଭାବେ ନିଯୁକ୍ତି ଦେଇଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୯ରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ହାଇକୋର୍ଟ ବିଚାରପତି ପାଇଁ ୪ଜଣଙ୍କ ନାମ ସୁପାରିସ କରାଯାଇଥିଲା। ସେଥିମଧ୍ୟରେ ୨ଜଣ ଆଇନଜୀବୀ ଯଥା ମୃଗାଙ୍କ ଶେଖର ସାହୁ ଏବଂ ଆଦିତ୍ୟ କୁମାର ମହାପାତ୍ର ଥିବାବେଳେ ୨ଜଣ ୨ ଜୁଡିସିଆଲ ଅଫିସର ରାଧାକ୍ରିଷ୍ଣ ପଟ୍ଟନାୟକ ଓ ଶଶୀକାନ୍ତ ମିଶ୍ର ଥିଲେ। ଉପରୋକ୍ତ ଅନୁମୋଦନକୁ ଗ୍ରହଣ କରି ରାଷ୍ଟ୍ରପତି ପ୍ରଥମ ପର୍ଯ୍ୟାୟରେ ୩ଜଣଙ୍କୁ ନିଯୁକ୍ତି ଦେଇଥିଲେ। ଫଳରେ ଗତ ୧୯ତାରିଖରେ ଓଡ଼ିଶା ହାଇକୋର୍ଟରେ ମୃଗାଙ୍କ ଶେଖର ସାହୁ, ରାଧାକ୍ରିଷ୍ଣ ପଟ୍ଟନାୟକ ଏବଂ ଶଶୀକାନ୍ତ ମିଶ୍ର ବିଚାରପତିଭାବେ ଶପଥ ନେଇଥିଲେ। ବୁଧବାର ଆଦିତ୍ୟ ମହାପାତ୍ରଙ୍କୁ ହାଇକୋର୍ଟ ବିଚାରପତିଭାବେ ନିଯୁକ୍ତି ଦିଆଯିବା ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି।

### ଭାରତର ପ୍ରଥମ ...

ସ୍କୋର କରିଥିଲେ। ରୋହିତ ପ୍ୟାଭିଲିୟନ ଫେରିବାର ଅଳ୍ପ ସମୟ ପରେ ସେଟ୍ ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ମଧ୍ୟ ଆଉଟ ହୋଇ ଯାଇଥିଲେ। ସେ ୪୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୬୯ ରନ କରିଥିବାବେଳେ ଗୁଲବଦିନ ନାଇବଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ରିଷଭ ପନ୍ତଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା କ୍ରିଜରେ ଯୋଗଦେବାପରେ ରନହାର ଦ୍ରୁତ ହାରରେ ବୃଦ୍ଧି ପାଇଥିଲା। ରିଷଭ ୧୩ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ୨୭ ଓ ହାର୍ଦ୍ଦିକ ୧୩ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୩୫ ରନରେ ଅପରାଜିତ ରହିବାରୁ ଭାରତ ସ୍କୋର ୨୦୦ ଅତିକ୍ରମ କରିଥିଲା। ଅସମାପ୍ତ ୩ୟ ଉଇକେଟରେ ଏ ଦୁହେଁ ୨୧ ବଲ୍‌ରୁ ୬୩ ରନ ସଂଗ୍ରହ କରିଥିଲେ। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ଗୁଲବଦିନ ନାଇବ ଓ କରିମ ଜନତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୧୧ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଆଫଗାନିସ୍ତାନ ମାତ୍ର ୧୩ ରନରେ ଦୁଇ ଓପନରଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମଧ୍ୟଭାଗରେ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଚମତ୍କାର ବୋଲିଂ କରି ରନ ହାରରେ ଅଙ୍କୁଶ ଲଗାଇ ଦେଇଥିଲେ। ଫଳରେ ବଡ଼ ଶଟ୍ ଖେଳିବା ଚକ୍କରରେ ରମାନୁଲ୍ଲା ଗୁରବାଜ ୧୯, ଗୁଲବଦିନ ନାଇବ ୧୮ ଓ ନଜିବୁଲ୍ଲା ଜଦ୍ରାନ ୧୧ ରନ କରି ଆଉଟ ହେବାରୁ ଆଫଗାନିସ୍ତାନର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଅଧିନାୟକ ମହମ୍ମଦ ନବି ଓ କରିମ ଜନତ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ନବି ୩୨ ବଲ୍‌ରୁ ୩୫(୨ ଚୌକା, ୧ ଛକା) ରନ କରି ମହମ୍ମଦ ଶାମିଙ୍କ ଶିକାର ହୋଇଥିଲେ। ଜନତ ୨୨ ବଲ୍‌ରୁ ୪୨(୩ ଚୌକା, ୨ ଛକା) ରନରେ ଅପରାଜିତ ଥିଲେ। ଭାରତ ପକ୍ଷରୁ ମହମ୍ମଦ ଶାମି ସର୍ବାଧିକ ୩ଟି, ଦୀର୍ଘ ୪ ବର୍ଷ ପରେ ସୀମିତ ଓଭର କ୍ରିକେଟ ଖେଳିଥିବା ଅଶ୍ୱିନ ୨ଟି ଏବଂ ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

---

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରା ଧନ**
**ଚଣ୍ଡାଳ ଖାଏ।**

ଅନ୍ୟଠୁ ଠକାଠକି କରି ଅଣାଯାଇଥିବା ଧନ କେବେହେଲେ ଭୋଗ ହୋଇ ନ ଥାଏ। ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କୌଣସି ସତ୍ କର୍ମରେ ନ ଲାଗି ଦୁଃଖର କାରଣ ପାଲଟିଥାଏ। ପାପ ଅର୍ଜିତ ଧନ ଭୋଗ ନ ହୋଇ ରୋଗ ବୈରାଗରେ କିମ୍ବା ଅଯଥାରେ ବ୍ୟୟ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚମ୍ପକ ଗୋରୀ,**
**ହଳଦୀ ଗରଗର ଟାକୁଆ ଗାଲୀ।**

ଯୁବତୀମାନେ ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଓ ଆନନ୍ଦ ପାଇଥାନ୍ତି। ଏପରି ସ୍ଥଳେ ଗାଉଁଲୀ ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ଆଧାର ଆଇନ ଉଲ୍ଲଂଘନ ...

ଗ୍ରହଣ କରିବା ଲାଗି ଅଧିକାର ପ୍ରଦାନ କରିଛନ୍ତି। ୟୁଏଆଇଡିଆଇ ଜଣେ ଆଡ୍‌ଜୁକେଟିଂ ଅଧିକାରୀଙ୍କୁ ନିଯୁକ୍ତ କରିବ। ଉକ୍ତ ଅଧିକାରୀ ନିୟମ କାର୍ଯ୍ୟକାରିତାକୁ ତଦାରଖ କରିବା ସହ ଆଧାର ଆଇନ ଉଲ୍ଲଂଘନ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ଯଦି କୌଣସି ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା ବିରୋଧରେ ନିୟମ ଉଲ୍ଲଂଘନର ଅଭିଯୋଗ ଆସେ ତେବେ ୟୁଆଇଡିଏଆଇ ନିକଟରେ ପକ୍ଷଭୁକ୍ତ ହେବାକୁ ପଡ଼ିବ। ଏ ନେଇ ୟୁଆଇଡିଏଆଇ କୌଣସି ନିଷ୍ପତ୍ତି ଗ୍ରହଣ କଲେ ତାହାକୁ ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା ଚ୍ୟାଲେଞ୍ଜ କରିପାରିବେ। ଏ ନେଇ ସରକାର ବ୍ୟବସ୍ଥା କରିଛନ୍ତି। ସରକାର ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି, ଭାରତ ସରକାରଙ୍କ ଯୁଗ୍ମ ସଚିବ ପାହ୍ୟାର ଜଣେ ଅଫିସର ଆଡ୍‌ଜୁକେଟିଂ ଅଧିକାରୀ ରହିବେ। ତାଙ୍କର ୧୦ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଥିବ। ଉଲ୍ଲେଖଯୋଗ୍ୟ, ୟୁଆଇଡିଏଆଇ ନିକଟରେ ଜରିମାନା ଲାଗୁ କରିବା ନେଇ ଅଦ୍ୟାବଧି କୌଣସି କ୍ଷମତା ନ ଥିଲା। ବର୍ତ୍ତମାନ ଜରିମାନା ଲାଗୁ ପାଇଁ ଏହାକୁ କ୍ଷମତା ମିଳିଛି।

### ସମ୍ଭାବ୍ୟ ...

ହାସଲ କରାଯାଇପାରୁଛି। ଏପରି କି ଏକ କାର୍ଡକୁ ହ୍ୟାକ୍ କରି ଜଣଙ୍କ ଅବସ୍ଥିତି ଓ ରୁଚି ସମ୍ପର୍କରେ ମଧ୍ୟ ଜାଣି ହେଉଛି। ମାସ୍ ସର୍ଭିଲାନ୍ସ ଟେକ୍ନୋଲୋଜିରେ ସୁରକ୍ଷାଗତ ବୈଶିଷ୍ଟ୍ୟ ସତ୍ତ୍ୱେ ହିତାଧିକାରୀଙ୍କ ଅଜାଣତରେ ଆଧାର ତଥ୍ୟ ବ୍ୟବହାର ନେଇ ଅଭିଯୋଗ ହୋଇଆସୁଛି। ଏସବୁ ଉଲ୍ଲଂଘନରେ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ମଧ୍ୟ ପଦାକୁ ଆସୁଛି। ଏ ସମ୍ପର୍କିତ ବିବାଦ ଯୋଗୁ ଅତୀତରେ ଆଧାରର ବୈଧତାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ପ୍ରଶ୍ନ ଉଠିଛି। ଉଭୟ କେନ୍ଦ୍ର ସରକାର ଏବଂ ଏହାର ପ୍ରସ୍ତୁତକାରୀ ସଂସ୍ଥା ୟୁଆଇଡିଏଆଇ ଆଧାରର ସିକ୍ୟୁରିଟି ଫିଚର୍ସକୁ ଅଭେଦ୍ୟ ଦର୍ଶାଉଥିବାବେଳେ ଉଲ୍ଲଂଘନକାରୀଙ୍କଠାରୁ ୧ କୋଟି ଟଙ୍କା ଜରିମାନା ଆଦାୟ କରାଯିବ। ଏପରି ସ୍ଥଳେ ପ୍ରକାଶିତ ବିଜ୍ଞପ୍ତିରୁ ଉପରୋକ୍ତ ଦାବିର ଗ୍ୟାରେଣ୍ଟି ନ ଥିବା ବୁଝିହେଉଛି।

---


# classifieds

**Everyday**
**0674-2580101, 2549302**




**SALE**

ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168. D-71727

Plot for Sale, 2000sqft (15nos) per sqft-2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza-Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495. D-22136

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121. D-71729

ଭୁବନେଶ୍ୱର Sum Hospitalରୁ 4km distance gharabari plot ମିଳୁଛି । Owner: 9090963952. D-71730

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି । 8327785834, 9658122456. D-71731

Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି Commercial / Residential Plot ମିଳୁଛି । 9337028135. D-71733

1500 sqft. converted land available backside of Utkalheight for sale. Contact: 9337413323. D-71510




Ashirvaad Saloon and SPA get good massage for your health tha best therapy. 7077181074. D-71808

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

Newly open SPA Center, Diwali Offer 599/-, smart therapist. 8455987557. D-71431

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA positively health benefit with expert. Contact: 7749976301. D-71194

Refreshing your mind and body with the best therapy. 7873794731. D-71191

Take one hour any therapy just @800 only. Call- 9078484455. D-71430

**Happy Birthday**



**Manas kumar**
Wishing you a day filled with Happiness and a year filled with joy. Happy Birthday and God bless you.
**With best compliments from- U.M.Vision**
D-71196


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

---

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ କିନ୍ତୁ କଳା ସାହିତ୍ୟକ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ**
ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମୃଗଶିରା ନକ୍ଷତ୍ରର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ।

**ମିଥୁନ**
କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ସାମାଜିକ ସ୍ତରରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଅଫିସ୍‌ରେ ସହକର୍ମୀମାନଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ।

**କର୍କଟ**
ସାମାଜିକ ସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ପୁଷ୍ୟା ନକ୍ଷତ୍ର କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତିକରି ସଫଳତା ପାଇବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ କିନ୍ତୁ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ**
ଆଜିର କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅନ୍ୟମାନଙ୍କ ସକାଶେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ। ମଘା ନକ୍ଷତ୍ର ଯିବା ବାଟରେ ମିତ୍ରତା ସୃଷ୍ଟି କରିପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା**
ପରିବାରରେ ଆର୍ଥିକ ଅନଟନ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। କର୍ମକ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ହସ୍ତା ନକ୍ଷତ୍ର ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ।

**ତୁଳା**
ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ। ବିଶାଖା ନକ୍ଷତ୍ର ପାରିବାରିକ ସମସ୍ୟାର ସମାଧାନ କରିବେ। ସଭାସମିତିରେ ଅଥବା ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ଆଜି ଅବଶ୍ୟ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**ବିଛା**
ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଅନୁରାଧା ନକ୍ଷତ୍ର ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇଉଠିବେ। ପିଲାମାନଙ୍କ ପାଇଁ ଗର୍ବ ଅନୁଭବ କରିବେ। ମହିଳାମାନେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**ଧନୁ**
ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପରିବାରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ମୂଳା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ।

**ମକର**
ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ ତଥାପି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଶ୍ରବଣା ନକ୍ଷତ୍ର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କୁମ୍ଭ**
ଆଜି ହଠାତ୍ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶତଭିଷା ନକ୍ଷତ୍ର ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ**
କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଆଜି ଦିନ ମଧ୍ୟରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ରେବତୀ ନକ୍ଷତ୍ରର ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୪ ନଭେମ୍ବର ୨୦୨୧

## ମନ୍ଦିରକୁ ଆଲୋକୀକରଣ କଲେ ସାମାଜିକ କର୍ମୀ

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜଙ୍କ ମାତାପିତା ମହାକାଳ ଓ ମହାକାଳୀ ମନ୍ଦିରକୁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବୁଧବାର ଆଲୋକୀକରଣ କରାଯାଇଛି। ମଞ୍ଚର ସଦସ୍ୟ ସୌମ୍ୟରଞ୍ଜନ ପଣ୍ଡାଙ୍କ ଅନୁଦାନକ୍ରମେ ପ୍ରାୟ ୧୦ହଜାର ଟଙ୍କା ବ୍ୟୟରେ ଏକ ସୋଲାର ଲାଇଟ ଲଗାଯାଇଛି। ପ୍ରାୟ ୨ବର୍ଷ ହେବ ଏହି ୨୦ଫୁଟ ଗଭୀରରେ ଥିବା ଐତିହ୍ୟ ମନ୍ଦିରରେ ପ୍ରଭୁ ମହାକାଳ ଏବଂ ମହାକାଳୀ ଅନ୍ଧାରରେ ପୂଜାପାଇ ଆସୁଥିଲେ। ମନ୍ଦିରରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ପୂଜାର୍ଚ୍ଚନା କରିବା ନେଇ ସମସ୍ୟା ଉପୁଜିଥିଲା। ଏ ନେଇ ମଞ୍ଚ ପକ୍ଷରୁ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା।



## ସଂକ୍ଷେପରେ

### ୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୩।୧୧(ବ୍ୟୁରୋ): ଭରତପୁର ଥାନା ପୋଲିସ ସୋମବାର ୨ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଅବଦାନ ବେହେରା(୨୨) ଓ ସନ୍ତୋଷ ଅଧିକାରୀ(୪୫)। ସେମାନଙ୍କ ନିକଟରୁ ୨ ଲକ୍ଷ ଟଙ୍କାର ୧୯ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୩୭୫/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ଗଜପତିରୁ ଗଞ୍ଜେଇ ଆଣିଥିଲେ ବୋଲି ପୋଲିସ ପାଖରେ ମାନିଛନ୍ତି। ତେବେ ଏମାନେ କେତେଦିନ ହେଲା ଗଞ୍ଜେଇ କାରବାର କରୁଛନ୍ତି, କାହାକୁ ଗଞ୍ଜେଇ ବିକ୍ରି କରିଥାନ୍ତେ, ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଏଭଳି ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ ଟା ୪୫ରେ ଅଭିଯୁକ୍ତଦ୍ୱୟ ଏକ ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି କୋଲଥିଆ ଛକ ରାସ୍ତାରେ ବସିଥିଲେ। ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲା।

### ଏନ୍‌ସିସି କ୍ୟାମ୍ପ୍‌ରେ 'ସ୍ୱର୍ଣ୍ଣିମ ବିଜୟ ମଶାଲ'

ଭୁବନେଶ୍ୱର,୩।୧୧(ବ୍ୟୁରୋ) : ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ଐତିହାସିକ ବିଜୟର ୫୦ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ପରିକ୍ରମା କରୁଥିବା 'ସ୍ୱର୍ଣ୍ଣିମ ବିଜୟ ମଶାଲ' ବୁଧବାର ୟୁନିଟ୍-୧ ଆଦିବାସୀ ପଡିଆସ୍ଥିତ ଏନ୍‌ସିସି କ୍ୟାମ୍ପରେ ପହଞ୍ଚି ଥିଲା। ଏନ୍‌ସିସି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ କମୋଡର ସୋମେନ୍ ବାନାର୍ଜୀ, ଏନ୍‌ସିସି କଟକର କଲୋନେଲ ରଜନୀଶ, ଲ୍ୟୁଟ୍‌ନାଣ୍ଟ କଲୋନେଲ ସୁଦର୍ଶନ ଯୋଷୀ, ଗ୍ରୁପ୍ କମାଣ୍ଡର ସଚିନ୍ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟର ସମସ୍ତ ଜିଲାରୁ ୨୦୦ରୁ ଉର୍ଦ୍ଧ୍ୱ ଏନ୍‌ସିସି ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବିଭିନ୍ନ ଗ୍ରୁପର କ୍ୟାଡେଟ୍‌ଙ୍କ ଦ୍ୱାରା ୧୯୭୧ ଯୁଦ୍ଧ ସମ୍ପର୍କିତ ବକ୍ତୃତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ବିଏସ୍‌ଏନ୍‌ଏଲ୍ ପକ୍ଷରୁ ସତର୍କତା ସଚେତନତା

ଭୁବନେଶ୍ୱର, ୩।୧୧ (ବ୍ୟୁରୋ): ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଓଡ଼ିଶା ପରିମଣ୍ଡଳ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟଠାରେ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ବିଏସ୍‌ଏନ୍‌ଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ଡା. ଉଦୟ ଶଙ୍କର ପଣ୍ଡା ସତର୍କତାର ବିଭିନ୍ନ ଦିଗ ଉପରେ ଏଠାରେ ଗୁରୁତ୍ୱାରୋପ କରିଥିଲେ। କରୋନା କଟକଣା ମଧ୍ୟରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଭିଜିଲାନ୍ସ ଉପମହାପ୍ରବନ୍ଧକ କାର୍ତ୍ତିକ ଚରଣ ପତି ସମସ୍ତଙ୍କ ସହଯୋଗ ପ୍ରଶଂସାର ପାତ୍ର ବୋଲି କହିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ପିଆଇଡିପିଆଇ ସଚେତନତା ସମ୍ପର୍କିତ ଅଡିଓ ଭିଜୁଆଲ କ୍ଷୁଦ୍ର ଚଳଚିତ୍ର ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା। ଭ୍ରଷ୍ଟାଚାର ବିରୋଧିରେ ଏକ ଏସ୍‌ଏମ୍‌ଏସ୍ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ଏହି ଅବସରରେ ବରିଷ୍ଠ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ମହାପାତ୍ର, ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା, ମହାପ୍ରବନ୍ଧକ ଶଶୀଦେବ ଦୁର୍ଗା, ହମ୍ବ୍ରେ ହେମ୍ବ୍ରମ,ଅଶୋକ କୁମାର ପାଲ୍, ଉପମହାପ୍ରବନ୍ଧକ ଦେବେନ୍ଦ୍ର ଚନ୍ଦ୍ର ପ୍ରଧାନ, ଅଲିଭା ମହାପାତ୍ର, ଶୈଳେଶ ମହାପାତ୍ର, ଭାଗବତ ସାହୁ, ତପସ୍ୱୀ ପ୍ରସାଦ ବେହେରା, ଚନ୍ଦ୍ରମଣି ବେହେରା, ନବକିଶୋର ସାହୁ, ବୃନ୍ଦାବନ ବେହେରା, ଅମୀୟ କୁମାର ଖିଲାର ଏବଂ ଏସ୍.ଡି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ପରେ ପୋଲିସ ହେପାଜତରେ ରୂପେଶ


ରୂପେଶ ପଣ୍ଡାଙ୍କ ଫାଇଲ୍ ଫଟୋ

**ଘରେ ପଶି ମା'ଝିଅଙ୍କୁ ଛୁରା ମାଡ଼ ଘଟଣା**

■ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ ସନ୍ଦେହ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ରାଜଧାନୀ ଚନ୍ଦ୍ରଶେଖରପୁର ଥାନା ଶୈଳେଶ୍ରୀ ବିହାର ଅଞ୍ଚଳରେ ସୋମବାର ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିବା ଘଟଣାକୁ ଇତିମଧ୍ୟରେ ୨ଦିନ ବିତିଛି। ହେଲେ ଆକ୍ରମଣ କରିଥିବା ରୂପେଶ ପଣ୍ଡା କେଉଁ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ରୂପେଶଙ୍କ ପରିବାର ଲୋକେ ଭିନ୍ନ କଥା କହୁଛନ୍ତି। ଅପରପକ୍ଷରେ ଆହତ ରୂପେଶ କ୍ୟାପିଟାଲ ହସ୍ପିଟାଲରୁ ବୁଧବାର ସୁସ୍ଥ ହୋଇ ଡିସ୍‌ଚାର୍ଜ ହେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପଚରାଉଚରା ସମୟରେ ଅଭିଯୁକ୍ତ ରୂପେଶ ପୂର୍ବ କଥାକୁ ଦୋହରାଉଛନ୍ତି। ଘଟଣା ଦିନ ସେ ଅଫିସ ଯାଉଥିବାବେଳେ ୩ଜଣ ଲୋକ ତାଙ୍କୁ ଅଟକାଇ ଏପରି ଆକ୍ରମଣ କରିବାକୁ ବାଧ କରିଥିଲେ ନଚେତ ସେମାନେ ତାଙ୍କୁ ଜୀବନରେ ମାରି ଦେଇଥାନ୍ତେ ବୋଲି ରୂପେଶ ବାରମ୍ବାର ପୋଲିସକୁ କହୁଛନ୍ତି। ପୋଲିସ ତାଙ୍କ କଥାକୁ ସନ୍ଦେହ କରୁଥିଲେ ବି ଆକ୍ରମଣର ପ୍ରକୃତ କାରଣ ଖୋଜିବାକୁ ତଦନ୍ତ ଜାରି ରଖିଛି। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ ଭିଜୁଆଲ୍ ଏଡିଟର କାମ କରନ୍ତି। ଅପରପକ୍ଷରେ ଆକ୍ରମଣର ଶିକାର ହୋଇଥିବା ଅନନ୍ୟା ମିଶ୍ର ତାଙ୍କୁ ଚିହ୍ନି ନ ଥିବା ପୋଲିସକୁ କହିଛନ୍ତି। ଅନନ୍ୟାଙ୍କ ଅଭିଯୋଗକ୍ରମେ ପୋଲିସ ରୂପେଶଙ୍କ ନାମରେ (ନଂ.୪୫୦/୨୧) ମାମଲା ରୁଜୁ କରି ଘଟଣା ପଛର ଖିଅ ଖୋଜିବାକୁ ଚେଷ୍ଟା କରୁଛି। ତେବେ ଅଭିଯୁକ୍ତ ରୂପେଶ ଲୁଟ୍ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନିରେ ରହନ୍ତି। ସୋମବାର ଦିନ ୧୨ଟା ୩୦ରେ ପଡ଼ୋଶୀ ରୂରେଶ ଏକ ମହିଳା ପୋଷାକ ପିନ୍ଧିବା ସହ ହେଲ୍‌ମେଟ୍ ଲଗାଇ ଏକ ଛୁରି ଓ ବନ୍ଧୁକ ନେଇ ସୁରେଶଙ୍କ ଘର ଭିତରକୁ ଯିବାକୁ କଲିଂ ବେଲ୍ ମାରିଥିଲେ। ଏହି ସମୟରେ ପ୍ରଫେସର ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। କବାଟ ଖୋଲୁ ଖୋଲୁ ରୂପେଶ ତାଙ୍କୁ ହଠାତ୍ ଛୁରିରେ ଆକ୍ରମଣ କରିଥିଲ। ସେ ଚିତ୍କାର କରି ମା'ଙ୍କୁ ଡାକିବାରୁ ସେ ତଳକୁ ଆସି ପ୍ରତିବାଦ କରିଥିଲେ। ଜୀବନ ବଞ୍ଚାଇବାକୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଆତ୍ମରକ୍ଷା କରିବାକୁ ଯାଇ ଅନନ୍ୟା ଓ ତାଙ୍କ ମା' ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ଆହତ ହୋଇ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଭିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ।

### ଅଭିଯୁକ୍ତଙ୍କ କଥାରେ ରହୁନି ତାଳମେଳ

ରୂପେଶଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିବାବେଳେ ତାଙ୍କ କଥା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ଏହି ମାମଲାରେ କୌଣସି ତଥ୍ୟ ପ୍ରମାଣ ବି ମିଳିପାରୁ ନାହିଁ। ରୂପେଶଙ୍କ ଉପରେ ସନ୍ଦେହ ହେଉଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ସହ ପ୍ରମାଣ ଯୋଗାଡ଼ ଚାଲିଛି। ପ୍ରମାଣକୁ ଭିତ୍ତିକରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**-ଉମାଶଙ୍କର ଦାଶ, ଡିସିପି**



ଦୀପାବଳି ଉପଲକ୍ଷେ ପୁରୀ ସମୁଦ୍ର ବେଳାଭୂମିରେ ବୁଧବାର ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ସ୍ତ୍ରୀଙ୍କୁ ହତ୍ୟା ମାମଲା
### ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା ଅଫିସ,୩।୧୧

ଅଧିକ ଯୌତୁକ ଦାବିକରି ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲାର ରାୟ ୭ବର୍ଷ ପରେ ବଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ସମର ବିଳାସ ବେହେରା ୪୯୮(କ) ୩୦୨/୩୦୪(ଖ)/୪୦୬ ଯୌତୁକ ନିରୋଧ ଧାରା ଅନୁଯାୟୀ ଅଭିଯୁକ୍ତ ସ୍ୱାମୀ ବେଗୁନିଆ ଥାନା ତଣ୍ଡାଲ ସରୋଜ କୁମାର ସୁବୁଦ୍ଧିଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁଯାୟୀ, ବେଗୁନିଆ କଣ୍ଟାବାଡ ଗ୍ରାମର ମମତା ରାଣୀ ପାଣିଗ୍ରାହୀ ବେଗୁନିଆ ଅଞ୍ଚଳର ସରୋଜ କୁମାର ସୁବୁଦ୍ଧିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ କନ୍ୟାପକ୍ଷ ନଗଦ ଟଙ୍କା, ସମସ୍ତ ଆସବାବପତ୍ର ଦେଇଥିଲେ। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ମମତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଗତ ୨୦୧୪ ଅଗଷ୍ଟ ୨୦ ତାରିଖ ରାତିରେ ସରୋଜ ଓ ତାଙ୍କ ପରିବାର ସଦସ୍ୟ ଯୋଜନାବଦ୍ଧ ଭାବେ ମମତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ତେବେ ସରୋଜ ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦେଇଥିବା ମମତାଙ୍କ ଭାଇ ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିଲେ। ବେଗୁନିଆ ପୋଲିସ ହତ୍ୟା ମାମଲା ରୁଜୁ କରି ସରୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ନନ୍ଦନକାନନରେ ଜାରି ହେଲା ନିର୍ଦ୍ଦେଶନାମା

ବାରଙ୍ଗ,୩।୧୧(ଡି.ଏନ୍.ଏ.)

ନନ୍ଦନକାନନରେ ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ବୁଧବାର ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ହିତ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଟିକେଟ ଯାଞ୍ଚ ଫାଟକ ପାଖରେ ସାଇନବୋର୍ଡ ଲଗାଯାଇ ସୂଚାଯାଇଛି ଯେ, ନନ୍ଦନକାନନରେ ମିଳୁଥିବା ଗାଇଡ୍ ସୁବିଧା ବେସରକାରୀ। ଏହାସହ ଗାଇଡ କାଉଣ୍ଟରରେ କେବଳ ଗାଇଡ୍‌ମାନଙ୍କୁ ନେବା ପାଇଁ ଟିକେଟ ମିଳୁଥିବାବେଳେ ଅନ୍ୟ ଟିକେଟ ଏଠାରେ ମିଳେ ନାହିଁ। ଯଦି ଗାଇଡ୍‌ଙ୍କ ପ୍ରଲୋଭନରେ ପଡି କୌଣସି ପର୍ଯ୍ୟଟକ ସେମାନଙ୍କଠାରୁ ନନ୍ଦନକାନନ ପରିଭ୍ରମଣ ନିମନ୍ତେ ଅନ୍ୟ କୌଣସି ଟିକେଟ ନିଅନ୍ତି, ସେଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଦାୟି ରହିବେ ନାହିଁ ବୋଲି ସାଇନବୋର୍ଡରେ ଉଲ୍ଲେଖ ରହିଛି। ତେବେ ଗତ ୨୦ତାରିଖରେ ପର୍ଯ୍ୟଟକଙ୍କୁ ଅଧା ବୁଲାଇ ବ୍ୟାଟେରି ଗାଡି ଓ ଗାଇଡ ଫେରାର ହୋଇଯାଇଥିଲେ। ୨୫ଜଣ ପର୍ଯ୍ୟଟକ ଟଙ୍କା ଫେରିପାଇବା ପାଇଁ ନନ୍ଦନକାନନ ଗେଟ ସାମ୍ନାରେ ଧାରଣାରେ ବସିଥିଲେ। କେହି ଅଧିକାରୀ ନ ଆସିବାରୁ ଶେଷରେ ସେମାନେ ନନ୍ଦନକାନନ ଥାନାର ଦ୍ୱାରସ୍ଥ ହେବା ପରେ ଟଙ୍କା ଫେରିପାଇଥିଲେ।

### କୁଜି ହରିଣ ମୃତ

ବାରଙ୍ଗ,୩।୧୧(ଡି.ଏନ୍.ଏ.)

ନନ୍ଦନକାନନର ୬୭ନଂ ଏନକ୍ଲୋଜରରେ ଥିବା ୮ମାସର ଏକ କୁଜି ହରିଣ ବୁଧବାର ମୃତ୍ୟୁବରଣ କରିଛି। କୁଜି ହରିଣଟି ବୁଧବାର ସକାଳେ ଖାଇ ସାରି ବୁଲାବୁଲି କରୁଥିବାବେଳେ ହଠାତ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବରପାଇ ଡାକ୍ତରମାନେ ଆସି ଆହତ କୁଜି ହରିଣକୁ ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ଅପରାହ୍ନରେ ଚିକିତ୍ସାଧୀନ ଥିବା ହରିଣଟି ମୃତ୍ୟୁବରଣ କରିଥିଲା।

## ମିଠା ଦୋକାନରେ ବିଏମ୍‌ସିର ଚଢ଼ାଉ

ଭୁବନେଶ୍ୱର,୩।୧୧

ଦୀପାବଳି ଅବ୍ୟବହିତ ପୂର୍ବରୁ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ଥିବା ବିଭିନ୍ନ ମିଠା ଦୋକାନରେ ଚଢ଼ାଉ କରାଯାଇଛି। କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ୍ ପଟେଲ୍‌ଙ୍କ ନେତୃତ୍ୱରେ ଏକାଧିକ ଟିମ୍ ମିଳିତ ଭାବେ ଚଢ଼ାଉ କରିବା ସହ ଯାଞ୍ଚ କରିଛନ୍ତି। ବିଶେଷକରି ମିଠାର ମାନ, ରଙ୍ଗ ଓ ପ୍ୟାକିଂ ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ରାଜଭବନ ଛକ, ଶହୀଦନଗର, ରାମମନ୍ଦିର ଓ ମାଷ୍ଟରକ୍ୟାଣ୍ଟିନ୍ ଛକ ଆଦି ବିଭିନ୍ନ ସ୍ଥାନରେ ଥିବା ବଡ଼ମିଠା ଦୋକାନରେ ଯାଞ୍ଚବେଳେ ୧୮ ଖାଦ୍ୟ ପଦାର୍ଥକୁ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ସେହିଭଳି ବିଏମ୍‌ସିର ସେଣ୍ଟ୍ରାଲ ସ୍କ୍ୱାଡ୍ ମଧ୍ୟ ଏହି ସମସ୍ତ ମିଠା ଦୋକାନରେ ପଲିଥିନ୍ ଯାଞ୍ଚ କରିଛି। ମୋଟ୍ ୧୫ ଦୋକାନରୁ ପ୍ରାୟ ୪୦ କେ.ଜି. ନିଷେଧ ପଲିଥିନ୍ ଜବତ କରିବା ସହ ୨୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଏହା ପୁଣି ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମ୍ପର୍କରେ ସତ୍ୟଜିତ୍ କହିଛନ୍ତି, ନାଗରିକଙ୍କ ସ୍ୱାସ୍ଥ୍ୟ ଓ ପରିମଳଜନିତ ଆବଶ୍ୟକତାକୁ ଧ୍ୟାନ ଦେଇ ଏହି ପଦକ୍ଷେପ ନିଆଯାଇଛି।

## ଦୀପାବଳି ପାଇଁ ଧବଳେଶ୍ୱର ପୀଠରେ ୧୪୪ ଧାରା ଜାରି

ଖୁଣ୍ଟୁଣୀ, ୩।୧୧(ଡି.ଏନ୍.ଏ.)

ଦୀପାବଳି ପାଇଁ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ୧୪୪ ଧାରା ଜାରି କରାଯାଇଛି। ଗୁରୁବାର ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ ବୋଲି ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। କେବଳ ପୂଜକ ସମାଜ ମନ୍ଦିରକୁ ଯାଇପାରିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁନନ୍ଦା


@ ଦୁର୍ଗାମାଧବ


@ ସାଗର


@ ଭରତ


@ ଶୁଭଦର୍ଶିନୀ


@ ଦୀପକ୍

## 'ବାଂଲାଦେଶରେ ହିନ୍ଦୁ ସମାଜ ବିଲୋପ ପାଇଁ ଜିହାଦୀ ଗୋଷ୍ଠୀ ଷଡ଼ଯନ୍ତ୍ର କରୁଛି'

**ବିଶ୍ୱ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ମାନବାଧିକାର ପାଇଁ ବିପଦ: ଆର୍‌ଏସ୍‌ଏସ୍**

ଭୁବନେଶ୍ୱର,୩।୧୧

ବାଂଲାଦେଶରେ ହିନ୍ଦୁ ସମାଜକୁ ବିଲୋପ କରିବା ପାଇଁ ଉଦ୍ୟମ ଚାଲିଛି। ସେଠାରେ ଜିହାଦୀ ଗୋଷ୍ଠୀ ଷଡ଼ଯନ୍ତ୍ର କରି ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ବାରମ୍ବାର ବର୍ବରୋଚିତ ଆକ୍ରମଣ କରୁଛି। ଏହାକୁ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଉଦ୍‌ବେଗ ପ୍ରକାଶ କରିବା ସହ ଘୋର ନିନ୍ଦା କରିଛି । ମୌଳବାଦୀ ଇସ୍‌ଲାମିକ ଗୋଷ୍ଠୀର ଆବିର୍ଭାବ ଦ୍ୱାରା ସାରା ବିଶ୍ୱର ଶାନ୍ତିପ୍ରିୟ ଦେଶଗୁଡ଼ିକରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ମାନବାଧିକାର ପାଇଁ ବିପଦ ସୃଷ୍ଟି ହୋଇପାରେ ବୋଲି ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ସତର୍କ କରାଇଛି।

ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ଚାଳକ ସମୀର କୁମାର ମହାନ୍ତି କହିଛନ୍ତି, ଗତ ଅକ୍ଟୋବର ୨୮, ୨୯ ଓ ୩୦ ତାରିଖ ୩ଦିନ ଧରି କର୍ଣ୍ଣାଟକର ଧାରୱାଡଠାରେ ଅନୁଷ୍ଠିତ ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳ ବୈଠକରେ ବାଂଲାଦେଶର ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଏକ ପ୍ରସ୍ତାବ ଅନୁମୋଦିତ ହୋଇଛି। ମିଥ୍ୟା ଖବର ଆଧାରରେ ଆକ୍ରମଣ ତଥା ସାମ୍ପ୍ରଦାୟିକ ଉନ୍ମାଦନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଦୁର୍ଗାପୂଜା ସମୟରେ ଆରମ୍ଭ ହୋଇଥିବା ସାମ୍ପ୍ରଦାୟିକ ହିଂସାରେ ଅନେକ ଅଣଅପରାଧୀ ହିନ୍ଦୁମାନଙ୍କୁ ହତ୍ୟା କରାଯାଇଛି। ଏ ନେଇ ବାଂଲାଦେଶର ସରକାରଙ୍କୁ ଅବଗତ କରିବାକୁ କାର୍ଯ୍ୟକାରୀ ମଣ୍ଡଳ ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ମହାନ୍ତି ସୂଚନା ଦେଇଛନ୍ତି।



ପ୍ରଦୁଷଣମୁକ୍ତ ଦୀପାବଳି ପାଳନ ପାଇଁ ବୁଧବାର କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।



ଦର ବୃଦ୍ଧି ପ୍ରତିବାଦରେ ବୁଧବାର ସିପିଆଇ(ଏମ୍) ପକ୍ଷରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଶ୍ରୀମନ୍ଦିର ଚାରିଦ୍ୱାରରେ ପୁରୀ ସହରବାସୀଙ୍କୁ ପ୍ରବେଶ ଅନୁମତି ଦେବା ଦାବିରେ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। **– ଶ୍ରୀମା**



# ବିକଳ୍ପ ଆବଶ୍ୟକ



ଜୁଲିଆ ଗିଲାର୍ଡ

ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହେବ କୋଭିଡ୍-୧୯ ମହାମାରୀ ବିଶ୍ୱକୁ କବଳିତ କରି ରଖିଛି। ସ୍ୱାସ୍ଥ୍ୟ ଉପରେ ଏହାର ଭୟଙ୍କର ପ୍ରଭାବକୁ ସାରା ବିଶ୍ୱ ଅନୁଭବ କରିଛି। ଅନ୍ୟପକ୍ଷରେ ବିଶ୍ୱତାପନର ମାତ୍ରାଧିକ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଛି। ଏହାର ବ୍ୟାପକ ପ୍ରଭାବ ଆମ ଜୀବନକୁ ବ୍ୟତିବ୍ୟସ୍ତ କରିବାରେ ଲାଗିଛି। ହେଲେ ଆମେ ବିଶ୍ୱତାପନର ପ୍ରଭାବକୁ ଭଲ ଭାବେ ବୁଝିପାରୁନୁ କି ଅନୁଭବ କରିପାରୁନୁ। ଏହାକୁ ଅଣଦେଖା କରିଚାଲିଛୁ। ବିଶ୍ୱତାପନ ଯୋଗୁ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଏହା ଆମ ସ୍ୱାସ୍ଥ୍ୟକୁ ସାଂଘାତିକ କ୍ଷତି କରୁଛି। ୨୦୨୦ରେ ବାଂଲାଦେଶ ବର୍ଷା ଓ ବନ୍ୟା ବିପ୍ରାତ ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ। ଏଥିରେ ବାଂଲାଦେଶର ଏକ ଚତୁର୍ଥାଂଶ ଅଞ୍ଚଳ ବନ୍ୟା ପ୍ଲାବିତ ହୋଇଥିଲା। ଏଥିରେ ୧.୩ ମିଲିୟନରୁ ଅଧିକ ଘର ନଷ୍ଟ ହେବା ସହ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ସମୁଦ୍ର ପତ୍ତନ ବୃଦ୍ଧି ପାଉଛି। ମୌସୁମୀର ପରିବର୍ତ୍ତନ ଘଟୁଛି। ଏହିସବୁ କାରଣ ଯୋଗୁ ବାଂଲାଦେଶ ଭଳି ସମେତ ବିଶ୍ୱର ବହୁ ଅଞ୍ଚଳରେ ଏଭଳି ବନ୍ୟା ବିପଦ ଦେଖାଦେବ। ସମୁଦ୍ର ଜଳପତ୍ତନ ବୃଦ୍ଧି ଯୋଗୁ ଉପକୂଳ ଅଞ୍ଚଳଗୁଡ଼ିକ ମଧ୍ୟ ଜଳମଗ୍ନ ହୋଇଯିବ। ଭୟଙ୍କର ବନ୍ୟାରେ କେବଳ ଘର ଭାଙ୍ଗିଯାଏ ତାହା ନୁହେଁ, ଏହାସହ ଆହୁରି ଅନେକ କ୍ଷତି ହୋଇଥାଏ। ସ୍ୱେରେଜରୁ ମଇଳା ରାସ୍ତାରେ ପ୍ରବାହିତ ହୋଇ ପାନୀୟ ଜଳକୁ ଦୂଷିତ କରିଦିଏ। ଏହାଯୋଗୁ ସଂକ୍ରମଣ ବୃଦ୍ଧି ପାଇଥାଏ। ବନ୍ୟା ବ୍ୟାପକ ଫସଲ ନଷ୍ଟ କରିଦିଏ ଓ ଏହାଦ୍ୱାରା ଖାଦ୍ୟ ଅଭାବରୁ ଲୋକମାନେ ଅପପୁଷ୍ଟିର ଶିକାର ହୋଇଥାଆନ୍ତି। ସମୁଦ୍ରପତ୍ତନ ବୃଦ୍ଧିପାଇବା କାରଣରୁ ପାନୀୟ ଜଳ ଲବଣାକ୍ତ ହୋଇଯାଏ। ଏହି ଜଳକୁ ପିଇଲେ ଉଚ୍ଚରକ୍ତଚାପ ହାର ବୃଦ୍ଧିପାଏ। ଗର୍ଭବତୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରେ ଓ ଅବିକଶିତ ଶିଶୁ ଜନ୍ମ ହୋଇଥାନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ସହ ଆହୁରି ଅନେକ ରୋଗ ବି ଦେଖା ଦେଇଥାଏ। ଅତ୍ୟଧିକ ଉତ୍ତାପ କାରଣରୁ ହୃଦ୍‌ଘାତର ହାର ବଢ଼ିଯାଏ। ଦୀର୍ଘଦିନ ଧରି ମରୁଡ଼ି ଲାଗିରହେ ଓ ଏହା ଯୋଗୁ କୃଷି ଉତ୍ପାଦନ ହ୍ରାସପାଏ। ଏମିତି ଅନେକ ବାଟରେ ବିଶ୍ୱତାପନ ଆମ ସ୍ୱାସ୍ଥ୍ୟକୁ କ୍ଷତି କରୁଛି ଓ ଆଗକୁ କରିଚାଲିବ ମଧ୍ୟ। ତଥାପି ଏହାର ପ୍ରଭାବକୁ ଆମେ ବୁଝିପାରୁନାହୁଁ। ପରିବେଶରେ ଘଟୁଥିବା ପରିବର୍ତ୍ତନ ଅଧିକ ସ୍ପଷ୍ଟ ହେଉଥିବାରୁ ବିଶ୍ୱତାପନର ପ୍ରଭାବ ଅଧିକ ଜଣାପଡୁଛି। ଏଥିପାଇଁ ଆଗାମୀ ଶତାବ୍ଦୀଗୁଡ଼ିକରେ ଜଳବାୟୁ ସହ ଜଡ଼ିତ ରୋଗ ଓ ମୃତ୍ୟୁହାର ହ୍ରାସ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ତୁରନ୍ତ ଏକ ବୈଶ୍ୱିକ ରଣନୀତି ଆପଣାଇବା ଉଚିତ। କୋଭିଡ୍-୧୯ ମହାମାରୀରେ ଯେଭଳି ସରକାର ବୈଜ୍ଞାନିକମାନଙ୍କ ସହ ମିଶି ଏହାର ମୁକାବଲା କରି ଆସୁଛନ୍ତି ଠିକ୍ ସେମିତି ବିଶ୍ୱତାପନ ବୃଦ୍ଧିକୁ ପ୍ରତିହତ କରିବା ଲାଗି ବିକାଶିତ ତଥା ପ୍ରଭାବୀ ଉପାୟଗୁଡ଼ିକୁ ଗ୍ରହଣ କରିବା ଜରୁରୀ। ଭବିଷ୍ୟତରେ ଉତ୍ତାପ କମ୍ କରିବା ଲକ୍ଷ୍ୟ ନେଇ ଏହି ଉପାୟଗୁଡ଼ିକ ମଧ୍ୟରୁ କେତୋଟି ଗ୍ରହଣ କରିବାକୁ ପଡ଼ିବ। ଏହାସହ ଉତ୍ତପ୍ତ ଜଳବାୟୁରେ ଖାପ୍‌ଖୁଆଇ ରହିବା ଲାଗି ବି କିଛି ପଦକ୍ଷେପ ଗ୍ରହଣ କରାଯିବା ଦରକାର। ଏହିଦୁଇ ଦୃଷ୍ଟିକୋଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଲୋକଙ୍କ ସ୍ୱାସ୍ଥ୍ୟ ରକ୍ଷା କରିବା ସହ ସେଥିରେ ଉନ୍ନତି ଆଣିପାରିବ। ଏଣୁ ଏହାକୁ ଯେକୌଣସି ପ୍ରକାରେ ଅନୁସରଣ କରିବା ଉଚିତ।

ଗ୍ଲାସ୍‌ଗୋରେ ଏବେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍‌୨୬) ଚାଲିଛି। ବିଶ୍ୱର ନେତାମାନେ ସେଠାରେ ଏକାଠି ହୋଇଛନ୍ତି ଓ ଜଳବାୟୁ ପରିବର୍ତ୍ତନ ଉପରେ ସବିଶେଷ ଆଲୋଚନା କରିବାର ଏହା ଏକ ପ୍ରଶସ୍ତ କ୍ଷେତ୍ର। ବିଶ୍ୱତାପନ ଏକ ସ୍ୱାସ୍ଥ୍ୟ ସଙ୍କଟ ବୋଲି ଏହି ନେତାମାନେ ହୃଦୟଙ୍ଗମ କରି ଏହାର ଗମ୍ଭୀରତା ଦର୍ଶାଇବାକୁ ସେଠାରେ ଏକ ସୁବର୍ଣ୍ଣ ସୁଯୋଗ ରହିଛି। କେବଳ ଏତିକି ନୁହେଁ, ମହାମାରୀ ମୁକାବିଲାର ସଫଳତା ଓ ତ୍ରୁଟିରୁ ସେମାନେ କିଛି ଶିକ୍ଷା କରିଛନ୍ତି ବୋଲି ପ୍ରକାଶ କରିବା ଦରକାର। ଦୁଇବର୍ଷରୁ କମ୍ ସମୟରେ କୋଭିଡ୍-୧୯ ମହାମାରୀ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଲାଣି। ଆମ ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି। ଏହି ସମୟରେ ବୈଜ୍ଞାନିକ, ସରକାର ଓ କମ୍ପାନୀଗୁଡ଼ିକ ମହାମାରୀ ସମ୍ପର୍କିତ ପରୀକ୍ଷା ଓ ଚିକିତ୍ସା ପଦ୍ଧତିରେ ଉନ୍ନତି ଅଣିବା ସହ ଟିକା ଉଦ୍ଭାବନରେ କିଭଳି ଏକାଠି କାମ କରିଛନ୍ତି ତାହା ଆମେ ଦେଖିଛୁ। ଶସ୍ତା କିମ୍ବା ମାଗଣାରେ ଯୋଗାଇ ଦିଆଯାଉଥିବା ସୁବିଧା ପାଇବାର ବିକଳ୍ପଗୁଡ଼ିକୁ କିଭଳି ସଂକୀର୍ଣ୍ଣ ଜାତୀୟ ସ୍ୱାର୍ଥ ଏବଂ ସାମାଜିକ ତଥା ଅର୍ଥନୈତିକ ବୈଷମ୍ୟ ସଙ୍କୁଚିତ କରି ସଙ୍କଟକୁ ବଢ଼ାଇଛି ତାହା ମଧ୍ୟ ଆମେ ଦେଖିଛୁ। ତେବେ ଜଳବାୟୁ ପରିବର୍ତ୍ତନ କେବଳ ଏକ ଜରୁରୀ ପରିବେଶଗତ ଆହ୍ୱାନ ନୁହେଁ, ବରଂ ଏକ ଅତି ଜରୁରୀ ସ୍ୱାସ୍ଥ୍ୟ ସଙ୍କଟ। ଏହି ସଙ୍କଟର ଆମେ ସମ୍ମୁଖୀନ ହେଉଛୁ। କୋପ୍ ୨୬ରେ ଏକାଠି ହୋଇଥିବା ବିଭିନ୍ନ ଦେଶର ନେତାମାନେ ଏଭଳି ସ୍ଥିତିକୁ ଭଲ ଭାବେ ବୁଝିଛନ୍ତି ବୋଲି ଆମକୁ ଅବଗତ କରିବା ଦରକାର। ବିଭିନ୍ନ ଦେଶର ସରକାର ନିଜେ ଏହି ଲଢେଇ ଲଢିଲେ ହେବ ନାହିଁ। ବିକଳ୍ପ ଖୋଜିବାକୁ ହେବ। ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକୁ ସାମ୍ନା କରିବାକୁ ହେଲେ ସିଭିଲ୍ ସୋସାଇଟି ଅର୍ଗନାଇଜେଶନଗୁଡ଼ିକର ସହଯୋଗ ଲୋଡ଼ା। ଆମକୁ ଏକ ସହଭାଗୀ ବୈଶ୍ୱିକ ପଦ୍ଧତି ଗଠନ କରିବାକୁ ହେବ, ଯାହା ବୈଜ୍ଞାନିକ ପ୍ରାମାଣିକ ତଥ୍ୟକୁ ଗୁରୁତ୍ୱ ଦେଇ ଉପଯୁକ୍ତ ମୂଲ୍ୟାଙ୍କନ କରି ତାହାକୁ ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ସହ ସଭିଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ଯୋଗାଇବା ଲାଗି କାର୍ଯ୍ୟ କରିପାରୁଥିବ। 'ୱେଲ୍‌କମ୍ ଟ୍ରଷ୍ଟ' ଏହି ଅଭିଯାନରେ ସହଯୋଗ କରିବାକୁ ଆଗେଇ ଆସିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଭଲ ଭାବେ ବୁଝିବା ଏବଂ ସ୍ୱାସ୍ଥ୍ୟ ଉପରେ ବିଶ୍ୱ ତାପନର ନକାରାତ୍ମକ ପ୍ରଭାବକୁ ମୁକାବିଲା କରିବା ଲାଗି ଆବଶ୍ୟକ ଗବେଷଣାକୁ ଟ୍ରଷ୍ଟର ସଦସ୍ୟ ଭାବେ ଆମେ ପାଣ୍ଠି ଯୋଗାଇ ଦେବାକୁ ପ୍ରତିବଦ୍ଧ। ବୈଜ୍ଞାନିକ ତଥ୍ୟ ଏବଂ ଗବେଷଣା ନୀତିନିର୍ଦ୍ଧାରଣର କେନ୍ଦ୍ରବିନ୍ଦୁ ହେବା ପାଇଁ ଆମେ ଦୃଢ ସମର୍ଥନ ଜଣାଇବୁ।

ଯେକୌଣସି ସ୍ୱାସ୍ଥ୍ୟ ସଙ୍କଟରେ ପ୍ରତିଷେଧକ ଚିକିତ୍ସା ଠାରୁ ଭଲ ବୋଲି ମନେ ରଖିବାକୁ ହେବ। ଗ୍ରୀଷ୍ମ ପ୍ରବାହ, ବନାଗ୍ନି, ମରୁଡ଼ି କିମ୍ବା ଭୟଙ୍କର ବନ୍ୟାର ପ୍ରଭାବରୁ ରକ୍ଷା କରିବା ସକାଶେ ଲୋକମାନଙ୍କୁ ଟିକା ଦିଆଯାଇପାରିବ ନାହିଁ। ଏଣୁ ଯେଉଁ ହାରରେ ବିଶ୍ୱର ତାପମାତ୍ରା ବୃଦ୍ଧିପାଉଛି ତାହାକୁ କମାଇବା ହିଁ ହେବ ଶ୍ରେଷ୍ଠ ପ୍ରତିକାର। ଅର୍ଥାତ୍ ଆମକୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ ଉପରେ ନିର୍ଗମନ ହ୍ରାସର ସିଧାସଳଖ ସକାରାତ୍ମକ ପ୍ରଭାବ ଥିବା ଜଣାପଡ଼ିଛି, ଯାହା ଏକ ଖୁସିର କଥା। ଉଦାହରଣ ସ୍ୱରୂପ, ଜୀବାଶ୍ମ ଇନ୍ଧନ ବଦଳରେ ଅକ୍ଷୟ ଶକ୍ତି ଉପଯୋଗ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ହେଉଛି ସେଥିରେ ବିଶ୍ୱରେ ହାରାହାରି ଲାଇଫ ଏକ୍ସପେକ୍ଟାନ୍ସି ଅତିକମ୍‌ରେ ୧ ବର୍ଷ ବଢିପାରିବ ବୋଲି କୁହାଯାଇଛି। ସେହିଭଳି ଅଧିକ ପୋଷଣଯୁକ୍ତ ପରିବା ଓ କମ୍ ମାଂସ ଖାଇବା ଦ୍ୱାରା ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ ପାଇବ। ଏହାଦ୍ୱାରା ହୃଦ୍‌ଘାତ, କ୍ୟାନ୍‌ସର ଓ ଶ୍ରୁତିଶକ୍ତି ହ୍ରାସ ଭଳି ସମସ୍ୟା କମିଯିବ। ନିର୍ଗମନ ହ୍ରାସ ଦ୍ୱାରା ଭବିଷ୍ୟତର କ୍ଷତିକୁ କମ୍ କରାଯାଇପାରିବ, କିନ୍ତୁ ଦଶନ୍ଧି ଦଶନ୍ଧି ଧରି ବିଶ୍ୱତାପନ ଦ୍ୱାରା ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟ ସଙ୍କଟକୁ ଶେଷ କରିହେବ ନାହିଁ। ଏକ ଉତ୍ତପ୍ତ ପୃଥିବୀରେ ଜିଇବା ବ୍ୟତୀତ ଆମ ପାଖରେ କିଛି ବିକଳ୍ପ ବି ନାହିଁ।

ଆମକୁ ଏବେ ଅନେକ ନୂଆ ତଥା ଅଭିନବ ବିକଳ୍ପ ପ୍ରସ୍ତୁତ କରିବାକୁ ହେବ। ବିଶ୍ୱରେ ଲୋକମାନେ ତାହାକୁ ଉପଯୋଗ କରି କିଭଳି ସୁସ୍ଥ ରହିବେ ଓ ସମାଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ସେମାନେ ନିଷ୍ପତ୍ତି ନେବେ। ଏକ ଉତ୍ତପ୍ତ ପୃଥିବୀର ଅପ୍ରତ୍ୟାଶିତ ଲକ୍ଷଣକୁ ସାମ୍ନା କରି ଲୋକମାନଙ୍କୁ ସାହାଯ୍ୟ କରିବା ସ୍ଥାନୀୟ ସରକାରଙ୍କ ଦାୟିତ୍ୱ। ହେଲେ ଅନ୍ତର୍ଜାତୀୟ ସହଯୋଗ ଓ ପ୍ରକାଶ ପାଉଥିବା ନୂଆ ବୈଜ୍ଞାନିକ ସିଦ୍ଧାନ୍ତ ବା ତଥ୍ୟ ମଧ୍ୟ ଆମର ଦରକାର। ଜଳବାୟୁ ଏବଂ ସ୍ୱାସ୍ଥ୍ୟ ଉପରେ ବିଶ୍ୱରେ ଗ୍ରହଣ କରାଯାଉଥିବା ରଣନୀତିରେ ଏହି ତଥ୍ୟ ପ୍ରକାଶ ପାଇଥିବା ଆବଶ୍ୟକ। ଏହା ଏତେ ସହଜ ନୁହେଁ। ସମୟ ମଧ୍ୟ ଆମ ସପକ୍ଷରେ ନାହିଁ, ହେଲେ ବିଜ୍ଞାନ ଅଛି।

**ପୂର୍ବତନ ପ୍ରଧାନମନ୍ତ୍ରୀ, ଅଷ୍ଟ୍ରେଲିଆ**

## ଏଇ ଭାରତରେ

ତାମିଲନାଡୁ-କର୍ନାଟକ ସୀମାରେ ୧୦୦ ଏକର ଜମିରେ ଜଙ୍ଗଲ ସୃଷ୍ଟିକରି ପରିବେଶ ସୁରକ୍ଷାର ବାର୍ତ୍ତାବହ ସାଜିଛନ୍ତି ବରୁଣ ରବୀନ୍ଦ୍ର। ଏହି ଜମିରେ ପ୍ରଚୁର ରାସାୟନିକ ସାର ବ୍ୟବହାର ଯୋଗୁ ତାହା ଉର୍ବରତା ହରାଇବା ପରେ ପଡ଼ିଆ ପଡ଼ିଥିଲା। କିଛି ବି ଚାଷ ହେଉ ନ ଥିଲା। ହେଲେ ବରୁଣ ସେଥିରେ ୨୫୦ ପ୍ରଜାତିର ୪୦, ୦୦୦ ଗଛ ଲଗାଇ ଏକ ସୁନ୍ଦର ଜଙ୍ଗଲ କରିପାରିଛନ୍ତି। ଏହି କାର୍ଯ୍ୟରେ ସେ ୪୪ ଜଣ ଲୋକଙ୍କୁ ସାମିଲ କରିଛନ୍ତି। ଏହି ଜଙ୍ଗଲର ନାମ ରଖିଛନ୍ତି ବନନ୍ତର କମ୍ୟୁନିଟି ଫରେଷ୍ଟ ଓ ଏହା କରିବାକୁ ବରୁଣ ଓ ତାଙ୍କ ଟିମ୍‌କୁ ୫ ବର୍ଷ ଲାଗିଯାଇଛି। ଏଥିରେ ଏବେ ୭୦ ପ୍ରଜାତିର ପକ୍ଷୀ ଆସି ରହିଲେଣି। ୨୦୧୬ରେ ଆରମ୍ଭ କରାଯାଇଥିବା ଏହି ଜଙ୍ଗଲରେ ସିଞ୍ଚନ ଜଳସେଚନ ବ୍ୟବସ୍ଥା କରାଯାଇଛି। ବରୁଣଙ୍କ ବୟସ ୩୮। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପାସ୍ କରିବା ପରେ କର୍ପୋରେଟ ଜବ୍ କରିଥିଲେ। ତାହାକୁ ଛାଡ଼ି ସେ ଏବେ ପରିବେଶ ସୁରକ୍ଷା ଲାଗି ଅଭିଯାନ ଚଳାଇଛନ୍ତି। ସ୍ଥାନୀୟ ଲୋକମାନେ ଜଙ୍ଗଲର ଅଂଶୀଦର ରହିଛନ୍ତି ଓ ତାହାର ସୁରକ୍ଷା କରୁଛନ୍ତି। ଆଗକୁ ଗୋଷ୍ଠୀଗତ ଉଦ୍ୟମରେ ଏଭଳି ଜଙ୍ଗଲ ବିଭିନ୍ନ ରାଜ୍ୟରେ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ବରୁଣ।

## ୨୫ ବର୍ଷ ତଳର ଧରିତ୍ରୀ

୪ ନଭେମ୍ବର ୧୯୯୬

- ପାକିସ୍ତାନ ହାଇକୋର୍ଟଙ୍କ ରାୟ କ୍ରମେ ପଞ୍ଜାବ ପ୍ରଦେଶର ବରଖାସ୍ତ ମୁଖ୍ୟମନ୍ତ୍ରୀ ମଞ୍ଜୁର ୱାଟୁ ମୁଖ୍ୟମନ୍ତ୍ରୀ ପଦରେ ପୁନଃ ନିଯୁକ୍ତ।
- ଆନ୍ତର୍ଜାତିକ ସୁପରିଚିତ ଛାତି ଡାକ୍ତର ଫାରୁକ ଏରାକ ଉଦ୍‌ୱାଦିଆଙ୍କୁ ଧନ୍ୱନ୍ତରୀ ପୁରସ୍କାର।
- ଗୁଜରାଟ ମୁଖ୍ୟମନ୍ତ୍ରୀ ଶଙ୍କର ସିଂ ବାଘେଲାଙ୍କ ଘନିଷ୍ଠ ସହଯୋଗୀ ତଥା ସସ୍‌ପେଣ୍ଡ ଭାଜପା ଏମ୍‌ପି କନକସିଂହ ମାଙ୍ଗରୋଲାଙ୍କ ରାଜ୍ୟସଭାରୁ ଇସ୍ତଫା ପ୍ରଦାନ।
- ପଣ୍ଡିଚେରୀର ପୂର୍ବତନ ଉପରାଜ୍ୟପାଳ ଲ୍ୟୁଟନାଣ୍ଟ ଜେନେରାଲ ଟି.ଏସ୍. ଓବେରେଇଙ୍କ ପରଲୋକ।

## ଚିରନ୍ତନୀ

ଊର୍ଦ୍ଧ୍ୱରେ କରାଳ ଧ୍ୱଂସ ଉଠେ ଗର୍ଜି ଅନ୍ଧକାର ଅମା
ବିଶ୍ୱଗ୍ରାସୀ କ୍ଷୁଧାମୁଖେ ଧାବଇ ରାକ୍ଷସ
ଚକ୍ଷୁରୁ ଛୁଟଇ ତା'ର ଶତ କୋଟି ଆଣବିକ ବୋମା
ଚଳେ ଚମୂ ନବ ଶତାବ୍ଦୀର ଅବତଂସ। –(ଶତାବ୍ଦୀ-ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| 1 | 3 | | | | | | 5 | |
| | 2 | 9 | | 3 | 5 | | | |
| | | | 8 | | | | | 9 |
| | | | 9 | 1 | 3 | 5 | | |
| | 8 | 6 | | | | | 7 | |
| | 5 | | | | | | 1 | 6 |
| | | 4 | | | | 9 | | |
| | | | | 2 | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 1 | 4 | 3 | 8 | 9 | 7 |
| 3 | 9 | 1 | 8 | 7 | 6 | 4 | 5 | 2 |
| 4 | 7 | 8 | 2 | 5 | 9 | 1 | 3 | 6 |
| 7 | 6 | 3 | 5 | 2 | 8 | 9 | 4 | 1 |
| 1 | 2 | 5 | 7 | 9 | 4 | 6 | 8 | 3 |
| 9 | 8 | 4 | 3 | 6 | 1 | 7 | 2 | 5 |
| 6 | 3 | 9 | 4 | 1 | 5 | 2 | 7 | 8 |
| 5 | 4 | 2 | 6 | 8 | 7 | 3 | 1 | 9 |
| 8 | 1 | 7 | 9 | 3 | 2 | 5 | 6 | 4 |

ଗତକାଲିର ଉତ୍ତର

# ଗାଁକୁ ଫେରିବାର ବେଳ



ବିଚିତ୍ର ବିଶ୍ୱାଳ

କରୋନା ମହାମାରୀ ଆମଠାରୁ ଅନେକ କିଛି ଛଡ଼େଇ ନେଇଥିବା ବେଳେ ଆମକୁ ଏକ ବଡ଼ ଶିକ୍ଷା ଦେଇଯାଇଛି। ତାହା ହେଉଛି ବିକାଶର ଗାଡ଼ିର ଦିଗକୁ ଏବେ ବଦଳେଇବାର ସମୟ ଆସିଛି। ଗାଁକୁ ଭାଙ୍ଗି ସହରୀକରଣ କରିବାର ଯେଉଁ ବିକାଶର ଧାରା ଆମେ ଆପଣେଇଛୁ, ସେହି ଧାରାକୁ ପରଖିନେବାର ସମୟ ଆସିଯାଇଛି ବୋଲି ମହାମାରୀ ଚେତେଇ ଦେଇଛି।

ମହାମାରୀ ସମୟରେ ହୋଇଥିବା ଲକ୍ ଡାଉନ୍‌ରେ ଆମେ ଦେଖିଲେ ଯେ, ଯେଉଁ ଶ୍ରମିକମାନେ ସହରରେ ରହି ସହରକୁ ନିର୍ମାଣ କଲେ, ସହରର ରାସ୍ତାଘାଟ, କୋଠାବାଡ଼ି ତିଆରି କଲେ, କରୋନା ସମୟରେ ସେହି ସହର ସେମାନଙ୍କୁ ଆଶ୍ରୟ ଦେଇପାରିଲା ନାହିଁ। ବିପଦ ସମୟରେ ସହର ଶ୍ରମିକମାନଙ୍କୁ ଖାଇବାକୁ ଦେଇପାରିଲା ନାହିଁ। ସେମାନେ ଭୋକ ଉପାସରେ ରହିବାକୁ ବାଧ୍ୟ ହେଲେ। ବାଧ୍ୟ ହୋଇ କୌଣସି ପରିବହନ ବ୍ୟବସ୍ଥା ନ ଥାଇ ମଧ୍ୟ ଚାଲି ଚାଲି ଗାଁ ମୁହାଁ ହେଲେ। ଯଦି ଗାଁ ନ ଥାନ୍ତା, ତେବେ ସେମାନେ ଯାଇଥାନ୍ତେ କୁଆଡ଼େ ? ଖାଇଥାନ୍ତେ କ'ଣ ? ବଞ୍ଚିଥାନ୍ତେ କିପରି ? ଗୋଟିଏ କଥା ସ୍ପଷ୍ଟ ହୋଇଗଲା ଯେ, ସହର ଯେତେ ଚାକଚକ୍ୟ ଭରା ହୋଇଥାଉନା କାହିଁକି, ଗାଁ ହିଁ ହେଉଛି ଜୀବନ ବଞ୍ଚିବାର ମୁଖ୍ୟ ଆଧାର। ଗାଁ ବିନା ଆମ ଦେଶର କୋଟି କୋଟି ସାଧାରଣ ଲୋକ ଜୀବନଧାରଣ କରିପାରିବେ ନାହିଁ। କରୋନା ସମୟରେ ଏକଥା ପୁଣି ଥରେ ପ୍ରମାଣ ହୋଇଗଲା।

ଗାନ୍ଧୀଙ୍କ ଭାଷାରେ ଗାଁ ଭାରତର ପ୍ରାଣ। ଲକ୍ଷ ଲକ୍ଷ ଗାଁରେ ହିଁ ଭାରତର ଆତ୍ମା ଅଛି। ଗାଁରେ ଯେପରି ପରସ୍ପରଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ଥାଏ ସହରରେ ସେପରି ନ ଥାଏ। ଏପରି କି ଦୁଇଟି ପାଖାପାଖି ଘରର ଲୋକମାନେ ମଧ୍ୟ ପରସ୍ପରକୁ ଜାଣି ନ ଥାନ୍ତି। ଗାଁରେ ଲୋକମାନେ ଏକ ନିବିଡ଼ ସମ୍ପର୍କର ରଜ୍ଜୁରେ ବାନ୍ଧି ହୋଇଥାନ୍ତି। ପରସ୍ପରଙ୍କ ସୁଖ ଦୁଃଖରେ ସମସ୍ତେ ଠିଆ ହୋଇଥାନ୍ତି। ସମସ୍ତେ ସମସ୍ତଙ୍କୁ ସାହାଯ୍ୟ ସହଯୋଗ କରି ଜୀବନ ବଞ୍ଚନ୍ତି। ସେଇଥିପାଇଁ ତ ଲକ୍‌ଡାଉନ୍ ସମୟରେ ଗାଡ଼ି ଘୋଡ଼ା ନ ଥାଇ ଲୋକମାନେ ଜୀବନକୁ ବାଜି ଲଗେଇ ଗାଁକୁ ଫେରିଲେ। ହଜାର ହଜାର ଶ୍ରମିକ ଚାଲି ଚାଲି ଗାଁକୁ ଫେରିଲେ। ସାଇକେଲରେ ଫେରିଲେ। ହଠାତ୍ ଲକ୍ ଡାଉନ୍ ଘୋଷଣା ହୋଇଯିବାରୁ କମ୍ପାନୀ ସବୁ ବନ୍ଦ ହୋଇଗଲା। ଶ୍ରମିକମାନଙ୍କୁ କାମ ମିଳିଲା ନାହିଁ। ପାଖରେ ପଇସା ନାହିଁ। ଖାଇବାକୁ ଖାଦ୍ୟ ବି ନାହିଁ। କମ୍ପାନୀ ଦରମା ବି ଦେବା ବନ୍ଦ କରିଦେଲା। ଏପରି ପରିସ୍ଥିତିରେ ଶ୍ରମିକମାନଙ୍କ ପାଖରେ ଏକମାତ୍ର ବିକଳ୍ପ ଓ ବଞ୍ଚିବାର ରାହା ଥିଲା ଗାଁ। କାରଣ ସେମାନେ ଜାଣିଥିଲେ, ସେମାନେ ଗାଁଠାରୁ ଯେତେ ଦୂରରେ ରହିଲେ ବି, ସେମାନଙ୍କର ଗୋଟେ ଗାଁ ଅଛି। ଯେଉଁଠି ତାଙ୍କର ଆତ୍ମୀୟମାନେ ଅଛନ୍ତି। ତେଣୁ ସେମାନେ ଅନେକ ବିପଦ ମୁଣ୍ଡେଇ ଗଣ୍ଠିଲି ବାନ୍ଧି ଗାଁ ଦିଗରେ ମୁହାଁଇଲେ। ସମସ୍ତେ ମନେ ମନେ ନିଶ୍ଚୟ ଥିଲେ ଯେ, ଗାଁରେ ହିଁ ସେମାନେ ଶାନ୍ତିରେ ରହିପାରିବେ। ମହାମାରୀ ଯେତେ ବି ମାରାତ୍ମକ ହେଉ ଗାଁ ଥିଲେ କିଛି ଅସୁବିଧା ହେବ ନାହିଁ। ସେଇଥିପାଇଁ ତ ଲୋକମାନେ ହଜାର ହଜାର କିଲୋମିଟର ଚାଲି ଚାଲି ଗାଁକୁ ଫେରିଲେ।

ବେର୍‌ଜାମ୍ ପାହାଡ଼ିଆ ନାମକ ଜଣେ ୫୪ ବର୍ଷୀୟ ଶ୍ରମିକ ଦୀର୍ଘ ୧୨୦୦ କିଲୋମିଟର ଚାଲି ଚାଲି ଦିଲ୍ଲୀରୁ ନିଜ ଗାଁ ଝାଡ଼ଖଣ୍ଡରେ ପହଞ୍ଚିଲେ। ତାଙ୍କୁ ମାସାଧିକ କାଳ ଚାଲିବାକୁ ପଡ଼ିଲା। କାରଣ ସମସ୍ତଙ୍କ ମନରେ ଗୋଟିଏ ଆଶା ଥିଲା, ଆମ ଗାଁରେ ପହଞ୍ଚିଲେ ଆମେ ବଞ୍ଚିଯିବୁ।

ଗାଁରେ ଚାଷବାସ ଅଛି। ଯେତେ ବି ଦରଦାମ୍ ବୃଦ୍ଧି ହେଉ କି ଲକ୍‌ଡାଉନ୍ ଲମ୍ବା ହୋଇ ବଜାର ଘାଟ ବନ୍ଦ ହେଉ, ଗାଁ ଲୋକମାନେ ଉପାସରେ ରହିବେନି। କାରଣ ଗାଁରେ ହିଁ ସବୁ ଖାଦ୍ୟ ଦ୍ରବ୍ୟ ଉତ୍ପାଦନ ହେଉଛି। ଗାଁରେ ନଦୀ ଅଛି। ନଦୀରେ ମାଛ ଅଛି। ଗାଁରେ ଜମି ଅଛି। ଜମିରେ ଫସଲ ଅଛି। ଏପରି କି ପଡ଼ିଆ ଜମିରେ ଭିନ୍ନ ଭିନ୍ନ ପ୍ରକାର ଶାଗ ଅଛି। ଗାଁରେ ଜଙ୍ଗଲ ଅଛି, ଜଙ୍ଗଲରେ ଭଳିକି ଭଳି ଫଳ ଅଛି, କନ୍ଦା ଅଛି, ଛତୁ ଅଛି, ଶାଗ ଅଛି। ଗାଁ କେବେ ବି ଉପାସରେ ରହିବ ନାହିଁ। ଏତଦ୍‌ବ୍ୟତୀତ ଗାଁର ଭାଇଚାରାର ସଂସ୍କୃତି ନିଆରା। ଗାଁ ଲୋକମାନେ ଦାଦି, ଖୁଡ଼ୀ, ମଉସା, ମାଉସୀ, ପିଉସା, ପିଉସୀ, ମାମୁ, ମାଇଁ ପ୍ରମୁଖ ବିଭିନ୍ନ ପ୍ରକାର ସମ୍ପର୍କ ଡୋରିରେ ବନ୍ଧା ହୋଇଥାନ୍ତି। ଏପରି କି ନିଜର ନିକଟ ସମ୍ପର୍କୀୟ ନ ହୋଇଥିଲେ ମଧ୍ୟ ଲୋକମାନଙ୍କର ପରସ୍ପର ମଧ୍ୟରେ ଏକ ସମ୍ପର୍କ ଥାଏ। ପ୍ରତ୍ୟେକ ପର୍ବପର୍ବାଣିକୁ ସମସ୍ତେ ମିଳିମିଶି ପାଳନ କରିଥାନ୍ତି। ଏପରି କି ଗାଁରେ ଜଣକ ଘରେ ଖାଦ୍ୟ ନ ଥିଲେ, ଅନ୍ୟମାନେ ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସିଥାନ୍ତି। ଗାଁରେ ଭୋକରେ ମରିବାର ଘଟଣା ବିରଳ। ଯଦି ଗାଁର ଅନ୍ୟ ଲୋକମାନଙ୍କ ପାଖରେ ଖାଦ୍ୟ ନ ଥାଏ ତେବେ ପରିସ୍ଥିତି ଅଲଗା ହୋଇଥାଏ। କିନ୍ତୁ ଯଦି ଅନ୍ୟମାନଙ୍କ ପାଖରେ ଖାଦ୍ୟ ଉପଲବ୍ଧ ଥାଏ, ତେବେ ସେମାନେ ଭୋକିଲାକୁ ନିଶ୍ଚୟ ସାହାଯ୍ୟ କରିଥାନ୍ତି। ଏହା ଗାଁର ସଂସ୍କୃତି।

ଆମ ଦେଶର ଗାଁକୁ ଦୂରରୁ ଦେଖିଲେ ଏକ ପରିବାର ପରି ଦେଖାଯାଇଥାଏ। ଅବଶ୍ୟ ଏବେ ଦଳୀୟ ରାଜନୀତି ଯୋଗୁ ଗାଁର ସେ ପୁରୁଣା ସଭ୍ୟତା ଓ ସଂସ୍କୃତି ଧୀରେ ଧୀରେ ଭାଙ୍ଗିବାରେ ଲାଗୁଛି। ଏପରି କି କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିଜ ରାଜନୀତିର ରୁଟି ସେକିବା ପାଇଁ ଜାଣି ଜାଣି ଗାଁକୁ ଭାଙ୍ଗିବାର କାମ କରୁଛନ୍ତି। ତଥାପି ଆଜି ଯେତିକି ବି ଗାଁ ବଞ୍ଚିଛି, ସେଥିରେ ଆମ ଛିନ୍ନମୂଳ ଜୀବନଶୈଳୀକୁ ଉପଯୁକ୍ତ ଦିଗ ଦେଇ ଏକ ସୁସ୍ଥ, ନିରାମୟ ଓ ସଂସ୍କୃତିସମ୍ପନ୍ନ ଜୀବନ ବଞ୍ଚିବା ପାଇଁ ଉପାଦାନ ଅଛି। ଗାଁରେ ସମ୍ପର୍କ ଲୋକମାନଙ୍କର ହୃଦୟରେ ଥାଏ। ଗାଁରେ ଗୋଟେ ପରିପୂର୍ଣ୍ଣ ସାମାଜିକ ଜୀବନ ଅଛି; ଯାହା ପ୍ରତ୍ୟେକ ମଣିଷ ପାଇଁ କାମ୍ୟ।

ସହର ଅପେକ୍ଷା ଗାଁଗୁଡ଼ିକ ଅପେକ୍ଷାକୃତ ଅଧିକ ସ୍ୱାବଲମ୍ବନଶୀଳ। ଲକ୍‌ଡାଉନ୍ ସମୟରେ ଆମେ ଦେଖିଲେ ଯେ, ସହରର ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ହେଲେ, ଗାଁ ଲୋକମାନେ ଅପେକ୍ଷାକୃତ ଭଲ ସ୍ଥିତିରେ ରହିଲେ। କାରଣ ସେମାନଙ୍କ ପାଖରେ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ଖାଦ୍ୟ ସବୁ ଉପଲବ୍ଧ ଥିଲା। ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ଗାଁ ସହର ପରି ଅନ୍ୟ ଉପରେ ନିର୍ଭରଶୀଳ ନୁହେଁ। ଆଦିବାସୀ ଗାଁଗୁଡ଼ିକ ଯାହା ଅନ୍ୟ ଗାଁଗୁଡ଼ିକ ଅପେକ୍ଷା ଅଧିକ ସ୍ୱାବଲମ୍ବନଶୀଳ, ସେମାନଙ୍କ ଉପରେ ଲକ୍‌ଡାଉନ୍‌ର କିଛି ବି ପ୍ରଭାବ ପଡ଼ିଲା ନାହିଁ। ଏଥିରୁ ଗୋଟିଏ କଥା ବୁଝିହେଲା ଯେ, ବିପତ୍ତି ସମୟରେ ଆମ ବିକାଶ ଯେତିକି ଗୁରୁତ୍ୱପୂର୍ଣ୍ଣ ମନେହେଲା ନାହିଁ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଲା ଆମ ସ୍ୱାବଲମ୍ବନଶୀଳ। ସେଇଥିପାଇଁ ତ ଆଦିବାସୀ ଗାଁଗୁଡ଼ିକ ଉପରେ ଲକ୍ ଡାଉନ୍ କି ଶଟ୍‌ଡାଉନ୍‌ର କିଛି ପ୍ରଭାବ ପଡ଼ିଲା ନାହିଁ। ତେଣୁ କରୋନା ଭଳି ବିପତ୍ତି ହେଉ କିମ୍ବା ଅନ୍ୟ କୌଣସି ବିପତ୍ତି ହେଉ ସହର ଅପେକ୍ଷା ଗାଁ ହିଁ ଅଧିକ ସଫଳତାର ସହିତ ତାକୁ ସାମ୍ନା କରିପାରିବ ବୋଲି ଆଜିର ପରିସ୍ଥିତିରୁ ବୁଝାପଡୁଛି।

କରୋନା ଆଜି ପୁଣି ଥରେ ଶିଖେଇ ଦେଲା ଆମକୁ ଗାଁକୁ ଫେରିବାକୁ ହେବ। ଆଜି ସମୟ ଆସିଛି, ଜଗତୀକରଣ ସହିତ ପ୍ରତ୍ୟେକ ଜିନିଷର ସ୍ଥାନୀୟକରଣ କରିବାକୁ ହେବ। ଜଗତୀକରଣ ଆଜି ପୁରୁଣା ହୋଇଗଲାଣି। ସ୍ଥାନୀୟକରଣ ହିଁ ଆଜି ଏକମାତ୍ର ସମାଧାନ। କରୋନା ଏହି କଥାକୁ ଆଜି ଆମ ସାମ୍ନାରେ ଉଜାଗର କରିଛି। ସ୍ଥାନୀୟ ବା ଆଞ୍ଚଳିକ ସ୍ତରରେ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ସେହିପରି ସ୍ଥାନୀୟ ସ୍ତରରେ କ୍ରୟ ବିକ୍ରୟ ହିଁ ଲୋକମାନଙ୍କ ଆର୍ଥିକ ସ୍ଥିତିକୁ ଚିରସ୍ଥାୟୀ ଭାବେ ସବଳ କରିପାରିବ; ଯାହା ଫଳରେ ସ୍ଥାନୀୟ ଅର୍ଥନୀତି ମଜଭୁତ ହେବ। ସ୍ଥାନୀୟ ଅର୍ଥନୀତି ମଜଭୁତ ହେଲେ ଯେକୌଣସି ପ୍ରାକୃତିକ ବା ମନୁଷ୍ୟକୃତ ବିପର୍ଯ୍ୟୟକୁ ସାମ୍ନା କରିବାର ଶକ୍ତି ଆସିବ। ଆଞ୍ଚଳିକ ସ୍ତରରେ ରୋଜଗାରର ସୁଯୋଗ ସୃଷ୍ଟି ଉପରେ ବି ଗୁରୁତ୍ୱ ଦେବାକୁ ହେବ। ସ୍ଥାନୀୟ ରୋଜଗାର ବଢ଼ିଲେ ସମାଜ ସମୃଦ୍ଧ ହୋଇପାରିବ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମେ ହଠାତ୍ ଅସହାୟ ହୋଇପଡ଼ିବା ନାହିଁ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ଆଲୋକର ପର୍ବ ଦୀପାବଳି



ଉମା ଶଙ୍କର ପ୍ରସାଦ

ଭାରତରେ ଅନେକ ପର୍ବପର୍ବାଣି ଅନୁଷ୍ଠିତ ହୁଏ। ଏଥିରେ ଦୀପାବଳିର ମହତ୍ତ୍ୱ ସର୍ବୋଚ୍ଚ ଓ ମହନୀୟ। ଜାତୀୟ ପର୍ବ ଦୀପାବଳିର ପାଳନ ମୂଳରେ ଅନେକ ପୌରାଣିକ କାହାଣୀ ଓ ପ୍ରସଙ୍ଗ ଥିଲେ ସୁଦ୍ଧା ରାମଚନ୍ଦ୍ରଙ୍କର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ସୁଖଦ ସ୍ମୃତି ଓ ରାମାଭିଷେକ ପର୍ବ ଜଡ଼ିତ। ବିଜୟା ଦଶମୀ ରାମଙ୍କର ଅସତ୍ୟ ଉପରେ ସତ୍ୟର ବିଜୟ ଉତ୍ସବ ଭାବେ ପାଳନ କରାଯାଇଥିବାବେଳେ ତାହାର ପୂର୍ଣ୍ଣତା ପ୍ରତିଭାତ ହୁଏ କାର୍ତ୍ତିକ ଅମାବାସ୍ୟାରେ। ବାସ୍ତବରେ ରାବଣରୂପୀ ଅନ୍ଧକାରକୁ ନାଶକରି ଅଯୋଧ୍ୟାକୁ ଫେରିଥିବା ଆଲୋକରୂପୀ ସତ୍ୟନିଷ୍ଠ ରାମଚନ୍ଦ୍ରଙ୍କୁ ରାଜପଦରେ ଅଭିଷିକ୍ତ କରି ଅଯୋଧ୍ୟାବାସୀ ଦୀପାଲୋକରେ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ। ପୁରାଣ ବର୍ଣ୍ଣିତ ଭୀତତ୍ରସ୍ତ, ଶରଣାପନ୍ନ ଦେବଗଣଙ୍କ ପାଇଁ ଶ୍ରୀକୃଷ୍ଣ ମହାପ୍ରତାପୀ ନରକାସୁରକୁ ବିନାଶ କରି ପୃଥିବୀ ଭାର ଉଶ୍ୱାସ କରିଥିଲେ। ନରକଦ୍ୱାର ବନ୍ଦିନୀ ଷୋଳ ସହସ୍ର ସୁନ୍ଦରୀ କନ୍ୟାଙ୍କୁ ମୁକ୍ତି ଦେଇ ସେମାନଙ୍କୁ ସସମ୍ମାନେ ଦ୍ୱାରକାକୁ ପଠାଇଥିଲେ। ଫଳରେ ସମସ୍ତଙ୍କ ହୃଦୟ ଆନନ୍ଦ ମୁଖରିତ ହେବା ସହ ଏହା 'ନରକୋତ୍ସବ' ନାମରେ ନାମିତ ହେଲା। ଲୋକେ ଖତଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରିବା ସହ ଆଲୋକରେ ତାକୁ ଓ ତା'ର ପୁତ୍ର ଭଗଦତର ସିଂହାସନ ଆରୋହଣକୁ ଆନନ୍ଦରେ ଅଭିନନ୍ଦନ ଜଣାନ୍ତି। କରାଳବଦନା କାଳୀମାତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୁଏ। ଆସୁରିକ ଶକ୍ତିର ବିନାଶ ସହ ସମଗ୍ର ପୃଥିବୀରେ ଶାନ୍ତି ସ୍ଥାପନ ପାଇଁ ମହାକାଳୀଙ୍କର ଆବିର୍ଭାବ ଅତ୍ୟନ୍ତ ପ୍ରତୀକାତ୍ମକ, ଅଭିନନ୍ଦନୀୟ ଏବଂ ଆଜିର ବିଶ୍ୱ ପରିସ୍ଥିତି ପାଇଁ ପ୍ରାସଙ୍ଗିକ। ଉତ୍କଳରେ ଦୀପାବଳି ଦିନ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଏ। ପିତୃଲୋକର ସନ୍ତୋଷ ତଥା ନିଜର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରଣୀୟ। ପିତୃ ପୁରୁଷଙ୍କ ସ୍ମୃତିଚାରଣ ଓ ପୂଜାର୍ଚ୍ଚନା ନିମନ୍ତେ କାର୍ତ୍ତିକ ଅମାବାସ୍ୟା ତିଥି ଶ୍ରେଷ୍ଠ ବୋଲି ବହୁ ପ୍ରାଚୀନକାଳରୁ ବିଶ୍ୱାସ ରହିଛି। କାର୍ତ୍ତିକ ମାସ ସାରା ପ୍ରତି ଘରେ ଘରେ ଆକାଶଦୀପ ଜଳି ଉଠେ ପିତୃ ପୁରୁଷଙ୍କ ସ୍ମୃତି ଓ ସମ୍ମାନକୁ ହୃଦୟରେ ଅନିର୍ବାପିତ ରଖି ସାଂସାରିକ ଅନ୍ଧକାରକୁ ସାମ୍ନା କରିବା ପାଇଁ। ମୋଗଲ ସମ୍ରାଟ ଆକବର ହିନ୍ଦୁ ସଂସ୍କୃତିର ଏହି ମହାନ ଦୀପାବଳି ପର୍ବକୁ ସମ୍ମାନ ଦେଉଥିଲେ। ତାଙ୍କ ଦୌଲତଖାନା ସମ୍ମୁଖରେ ଚାଳିଶ ଫୁଟ୍ ଲମ୍ବ ବିଶିଷ୍ଟ ଗୋଟିଏ ବାଉଁଶ ପୋତାଯାଇ ସେଥିରେ ଷୋହଳଟି ଦଉଡି ଯୁକ୍ତହୋଇ ବାଉଁଶର ଅଗ୍ରଭାଗରେ ଗୋଟିଏ ମାଟିପାତ୍ର ମଧ୍ୟରେ ପ୍ରଦୀପ ରାତିସାରା ଜଳୁଥାଏ, ଯାହା ଆକବରଙ୍କ ସର୍ବଧର୍ମ ପ୍ରୀତିର ସ୍ମାରକରୂପେ ବରୋଦା ମ୍ୟୁଜିୟମ୍‌ରେ ରଖାଯାଇଛି।

ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଦୀପାବଳିର ମହତ୍ତ୍ୱ ଓ ବୈଚିତ୍ର୍ୟ ପରିଦୃଷ୍ଟ ହୁଏ। ଭାରତରେ ଦୀପାବଳିକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଳନ କରିଥାନ୍ତି, ଯାହାକୁ 'ଆଇନ-ଇ-ଆକବରୀ'ରେ ମୋଗଲ ଯୁଗର ଖ୍ୟାତନାମା ଆବୁଲ ଫାଜଲ ଦୀପାବଳି ବା ଦିୱାଲି ପର୍ବର ଉଲ୍ଲେଖ କରିଛନ୍ତି। ଏହିଦିନ ଉଜ୍ଜୟିନୀର ରାଜା ବିକ୍ରମାଦିତ୍ୟ ସିଂହାସନ ଆରୋହଣ କରିଥିଲେ। ଗୁପ୍ତାବ୍ଦ ମଧ୍ୟ ଏହି ଦୀପାବଳିରୁ ପ୍ରବର୍ତ୍ତିତ। ପରିବ୍ରାଜକ ଆଲବେରୁଣୀ ଦୀପାବଳି ସମ୍ପର୍କରେ ସୁନ୍ଦର ବିବରଣୀ ଦେଇଛନ୍ତି। ହର୍ଷବର୍ଦ୍ଧନଙ୍କ ନାଗାନନ୍ଦ ନାଟକରୁ ଦୀପାବଳିକୁ 'ଦୀପ ପ୍ରତିପଦୁତ୍ସବ' ବୋଲି ଉଲ୍ଲେଖ କରାଯାଇଛି। ଜୈନ ବଣିକ ଗୋଷ୍ଠୀ ଧନଦାତ୍ରୀ ଲକ୍ଷ୍ମୀଙ୍କ ପୂଜା ଏହିଦିନ ଅନୁଷ୍ଠାନ କରନ୍ତି। ଦୀପାବଳି ସହ ମହାବୀରଙ୍କ ମୋକ୍ଷଲାଭ ସ୍ମୃତି ବିଜଡିତ। ଏହିପରି ଐତିହାସିକ ଦୃଷ୍ଟିକୋଣକୁ ନେଇ ଦୀପାବଳି ଭାରତରେ ପାଳିତ ହୋଇଆସୁଛି।

ପ୍ରକୃତ ଅର୍ଥରେ ଆଲୋକପର୍ବ ଦୀପାବଳି ଅନ୍ଧକାର ଉପରେ ବିଜୟ ପର୍ବ। ଆବାଳବୃଦ୍ଧ ବନିତା ସମସ୍ତେ ମାଟି ଦୀପରେ ତେଲ ସଳିତା ଦେଇ ଘରେ ଜଳାଇଥାନ୍ତି ସାନ ସାନ ମଙ୍ଗଳ ପ୍ରଦୀପ। ଆଲୋକ ଶିଖା କ୍ଷୁଦ୍ର ହେଉ ବା ବିଶାଳ ହେଉ ସେଥିରେ ଅହଙ୍କାର ନ ଥାଏ। ନିଜେ ଜଳି ସାରା ସମାଜକୁ ଆଲୋକିତ କରିଥାଏ। ସବୁ କ୍ଷୁଦ୍ରାତିକ୍ଷୁଦ୍ର ଦୀପ ଶିଖାର ଆଲୋକ ଏକତ୍ରିତ ହୋଇ କାର୍ତ୍ତିକ ଅମାରାତ୍ରିର ଘନ ଅନ୍ଧକାରକୁ ଆଲୋକିତ କରିଥାନ୍ତି। ଯାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ଜଗତର ମଙ୍ଗଳ କାମନା କରିବା। ନେପାଳରେ ଏହି ପର୍ବ ପାଞ୍ଚଦିନ ଧରି ପାଳନ କରାଯାଇଥାଏ। ଏକବିଂଶ ଶତାବ୍ଦୀରେ ଏହି ଦୀପଦାନ ଉତ୍ସବରେ ରାତ୍ରି ଆଲୋକସଜ୍ଜା ବାଣ ରୋଶଣିର ଆଡମ୍ବରପୂର୍ଣ୍ଣ ପର୍ବରେ ପରିଣତ ହୋଇଛି। ଅହଙ୍କାର ଓ ଦର୍ପର ଶବ୍ଦ ଏହି ପର୍ବକୁ ଦୀପଦାନ ପରିବର୍ତ୍ତେ ବାଣଫୁଟା ପ୍ରତିଯୋଗିତାରେ ପରିଣତ କରିଛି। ଆମେ ଆଲୋକର ପର୍ବରୁ ଦୂରେଇ ଦେଇ 'ଶବ୍ଦ ପ୍ରଦୂଷଣ' ଓ 'ବାୟୁ ପ୍ରଦୂଷଣ' ପର୍ବରେ ପରିଣତ କଲୁଣି। ଆମ ଭାରତୀୟ ମହାସଂସ୍କୃତିକୁ ଠିକ୍ ଭାବେ ପାଳନ କଲେ ସମାଜ ତଥା ଦେଶର କଲ୍ୟାଣ ସାଧିତ ହେବ। ଅମାବାସ୍ୟାର ଅମାଅନ୍ଧକାର ଭିତରେ ଆମମାନଙ୍କର ବସ୍ତୁର ଆଲୋକସଜ୍ଜା କ୍ଷଣିକ ମାତ୍ର ଆନନ୍ଦ ଦେଇଥାଏ କିନ୍ତୁ ଆମ ପାଖରେ ଥିବା ପ୍ରଜ୍ଞାର ଆଲୋକ ନିର୍ବାପିତ ହୋଇଯାଇଥାଏ। ଦୀପାବଳି ଭାରତୀୟ ସାଂସ୍କୃତିକ ଜୀବନର ବାର୍ତ୍ତାବହ। ଓଡ଼ିଶାରେ ଏହାର ଗୁରୁତ୍ୱ ଅବିସ୍ମରଣୀୟ। ଏ ବର୍ଷରେ ଆଲୋକର ପର୍ବକୁ ବାସ୍ତବ ଅର୍ଥରେ ଅନ୍ଧକାର ନାଶ ପର୍ବରେ ପାଳନ କରିବା ପାଇଁ ସଙ୍ଘବଦ୍ଧ ହୁଅନ୍ତୁ ଓ ଏକତାର ହାତ ମିଳାନ୍ତୁ। ସମସ୍ତେ ନିଜକୁ ସଚେତନ କରି ପ୍ରତ୍ୟେକ ବୟସ୍କ ବ୍ୟକ୍ତି ନିଜ ନିଜର ପିଲାମାନଙ୍କୁ ଏହି ପର୍ବର ମହନୀୟତା ବୁଝାଇବା ଦରକାର, ଫଳରେ ସମାଜ, ରାଜ୍ୟ ତଥା ଦେଶ ହସି ଉଠିବ।

**ମୋ:୬୩୭୦୬୭୫୫୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ଆମିଷ ବଦଳରେ ମିଷ୍ଟାନ୍ନ ଭୋଗ ଲଗାଯାଉ

ମହାଶୟ,

ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ନିକଟ ବ୍ରାହ୍ମଣପାଳ ଗ୍ରାମରେ ମା' ଦକ୍ଷିଣକାଳୀଙ୍କ ପୀଠ ରହିଛି। ସେଠାରେ ଦୀପାବଳି ଆମାବାସ୍ୟାଠାରୁ ସାତଦିନ ଧରି ପୂଜା ଓ ଚଣ୍ଡିପାଠ ହୁଏ। ୧୯୩୯ ମସିହାରୁ ମା'ଙ୍କ ପୂଜା ହୋଇଆସୁଛି। ପୂଜାର ବିଶେଷତ୍ୱ ହେଲା ଆମିଷ ବଦଳରେ ବାର ପ୍ରକାର ମିଷ୍ଟାନ୍ନ ଭୋଗ ଲାଗିହୁଏ। ଭୋଗ ମଧ୍ୟରେ ଜିଲାପି, ବିଭିନ୍ନ ରଙ୍ଗର ଶୃଙ୍ଖଳା ବର୍ଫ, ଲବଙ୍ଗି, ଖୁଡ଼ୁମା, ଫେଣି, ଲଡୁ, ବୁନ୍ଦିଆ, ଗଜା ସହିତ ଖଇ ଉଖୁଡ଼ା ଲାଗିଥାଏ। ଏଠିକାର ଚଣା ଭୁଜିଆ ବେଶ୍ ପ୍ରସିଦ୍ଧ। କାଳୀପୂଜାର ମାସେ ପୂର୍ବରୁ ଦୋକାନୀ ପରିବାରର ସଦସ୍ୟମାନେ ମିଶି ପବିତ୍ରତାର ସହିତ ଭୋଗ ତିଆରି କରିଥାନ୍ତି। ୫୦ ଟଙ୍କା ମଧ୍ୟରେ ଭୋଗ ପୁଡିଆ ବିକ୍ରି ହୋଇଥାଏ। ଓଡ଼ିଶାରେ ଥିବା ଅନ୍ୟ ଶକ୍ତିପୀଠ ଆମିଷ ଭୋଗ ବଦଳରେ ଏପରି ମିଷ୍ଟାନ୍ନ ଭୋଗ ଲଗାଇବା ଉଚିତ। କାରଣ କେତେକ କାଳୀ ପୀଠରେ ଦୀପାବଳିରେ ସରକାରଙ୍କ ବାରଣ ସତ୍ତ୍ୱେ ବଳି ଦିଆଯାଇଥାଏ।

**– କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୪ ନଭେମ୍ବର, ୨୦୨୧



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୮୫,୧୮,୬୭୨ | ୫୦,୩୨,୬୦୫ | ୨୨,୫୧,୭୭,୪୧୬ |
| ଭାରତ | ୩,୪୩,୦୮,୧୪୦ | ୪,୫୯,୨୦୩ | ୩,୩୬,୯୭,୭୪୦ |
| ଓଡ଼ିଶା | ୧୦,୪୨,୪୨୨ | ୮୩୪୩(+୫୩) | ୧୦,୩୦,୪୪୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ବ୍ରେକ୍ଅପ୍ ପରେ ପ୍ରସିଦ୍ଧି ମିଳିଥିଲା

ମୁମ୍ବାଇ: ଅଭିନେତା ହିମାଂଶ କୋହଲିଙ୍କ ବୁଧବାର ତାଙ୍କ ୩୨ ତମ ଜନ୍ମଦିନ ପାଳିଛନ୍ତି। ଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତା ବଲିଉଡ୍‌କୁ ଆସିବା ପୂର୍ବରୁ ଜଣେ ରେଡିଓ ଜକି ଭାବେ କାମ କରୁଥିଲେ। ଫିଲ୍ମ 'ୟାରିୟା' ପରଠାରୁ ସେ ବଲିଉଡ୍‌ରେ ଆଗକୁ ଯିବାକୁ ସୁଯୋଗ ପାଇଥିଲେ। ତେବେ ସେ ତାଙ୍କ ଫିଲ୍ମକୁ ନେଇ ଯେତିକି ଜଣାଶୁଣା ନୁହଁନ୍ତି ତାହଠାରୁ ଅଧିକ ଚର୍ଚ୍ଚିତ ପ୍ରେମ ବ୍ୟାପାରକୁ ନେଇ। ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଗାୟିକା ନେହା କକ୍କରଙ୍କ ପ୍ରେମରେ ପଡ଼ିଥିଲେ ହିମାଂଶ। ଦୁହିଁଙ୍କ ସମ୍ପର୍କକୁ ନେଇ ଖୁବ ଚର୍ଚ୍ଚା ହୋଇଥିଲା। ରିୟାଲିଟି ଶୋ' 'ଇଣ୍ଡିଆନ ଆଇଡଲ'ରେ ନେହାଙ୍କ ପ୍ରେମରେ ହିମାଂଶ ପଡ଼ିଥିଲେ। ଏପରିକି ସୋସିଆଲ ମିଡିଆରେ ଦୁହେଁ ଏକାଠି ଥିବାର ଅନେକ ଫଟୋ ଶେୟାର କରିଥିଲେ। ହେଲେ ହଠାତ୍ ସେ ନେହାଙ୍କ ସହିତ ବ୍ରେକ୍ଅପ୍ କରିଦେଇଥିଲେ। ଏ ନେଇ ନେହା ଏକ ରିୟାଲିଟି ଶୋ'ରେ ସମସ୍ତଙ୍କ ସମ୍ମୁଖରେ କାନ୍ଦିଥିଲେ। ଏହା ପରେ ହିମାଂଶଙ୍କୁ ଖୁବ୍ ଟ୍ରୋଲ କରାଯାଇଥିଲା। ହିମାଂଶ ବି ସୋସିଆଲ ମିଡିଆକୁ ଆସି ନିଜର ମତ ରଖିଥିଲେ। ବାସ୍ ଏହି ଘଟଣା ପରଠାରୁ ହିମାଂଶଙ୍କ ସବୁଆଡେ ଆଲୋଚନାର ବିଷୟ ପାଲଟିଯାଇଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ୬୨.୬୩ କୋଟି

ଭୁବନେଶ୍ୱର, ୩।୧୧ (ବ୍ୟୁରୋ)

■ ସୁଆଣ୍ଡୋ ବିକାଶ ପାଇଁ ୧୫.୧୬ କୋଟି ଟଙ୍କା ମଞ୍ଜୁର

■ ମାର୍ଚ୍ଚ ସୁଦ୍ଧା ସମୁଦାୟ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ

ପୁରୀ ଜିଲା ସତ୍ୟବାଦୀଠାରେ ପ୍ରସ୍ତାବିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ଟେଣ୍ଡର ଶେଷ ହୋଇଛି। ଏଣିକି ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ରସ୍ତରୀୟ କାମ ଆରମ୍ଭ ହେବ। ବିଶ୍ୱବିଦ୍ୟାଳୟ ନିର୍ମାଣ ଲାଗି ମୋଟ୍ ୬୧.୬୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ଏହାକୁ ପ୍ରଶାସନିକ ଅନୁମୋଦନ ମିଳିଛି। ରାଜ୍ୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ସେହିପରି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋର ବିକାଶ ଲାଗି ୧୫.୧୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମାର୍ଚ୍ଚ ସୁଦ୍ଧା ସମୁଦାୟ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଲୋଚନାରେ ଅଂଶଗ୍ରହଣ କରି ଓଡ଼ିଆ ଭାଷା ସଂସ୍କୃତି ଓ ସାହିତ୍ୟ ବିଭାଗ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ସୁଆଣ୍ଡୋ ବିକାଶର ରୂପରେଖ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳମଣିଙ୍କ ଜନ୍ମପୀଠ ବିକାଶ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସେଠାରେ ଥିବା ଶିବ ମନ୍ଦିର, ୨ ପୋଖରୀ, ଗୋପବନ୍ଧୁଙ୍କ ପୈତୃକ ଗୃହ, ଗ୍ରାମକୁ ରାସ୍ତା, ଜନ୍ମପୀଠ ପରିକ୍ରମା ରାସ୍ତା, ପାର୍କ ଆଦି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଗୋପବନ୍ଧୁ ସ୍ମୃତି ସଂଗ୍ରହାଳୟ, ସୂଚନାକେନ୍ଦ୍ର, ଅତିଥି କେନ୍ଦ୍ର ନିର୍ମାଣ କରାଯାଉଛି। ପୋଖରୀ ପୁନରୁଦ୍ଧାର ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସଂଗ୍ରହାଳୟ କୋଠା ନିର୍ମାଣ ସରିଥିବାବେଳେ ବିଦ୍ୟୁତୀକରଣ ଏବଂ ଅନ୍ୟ ଶେଷ ପର୍ଯ୍ୟାୟ କାମ ଜାରିରହିଛି। ୨ୟ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚଳିତ ମାସରେ ଆରମ୍ଭ ହେବ। ଏହାକୁ ବାଦ୍ ଦେଲେ ଗୋପବନ୍ଧୁଙ୍କ ୧୫ ଫୁଟ ଉଚ୍ଚତାର ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ। ପୈତୃକଗୃହକୁ ନୂଆ ରୂପ ଦିଆଯିବ। ପୁନଃରୁଦ୍ଧାର କାର୍ଯ୍ୟରେ ଆବଶ୍ୟକ ପଥର ଯୋଗାଣ ଅବ୍ୟାହତ ରଖିବା ଲାଗି ଓଡ଼ିଶା ଖଣି ନିଗମଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଐତିହ୍ୟସମ୍ପନ୍ନ ସାକ୍ଷୀଗୋପାଳ ମନ୍ଦିର ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ କରିବାକୁ ମୁଖ୍ୟଶାସନ ସଚିବ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସୁଆଣ୍ଡୋ, ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବଂ ସାକ୍ଷୀଗୋପାଳକୁ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ଦିଗରେ ସବୁପ୍ରକାର ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ବିଭାଗଗୁଡ଼ିକକୁ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଶାର ସ୍ୱାସ୍ଥ୍ୟ ଶିବିରକୁ ନେରେଡ଼ିବାଲସାରେ ବିରୋଧ




ନେରେଡିବାଲାସାରେ ଆନ୍ଧ୍ର ପକ୍ଷରୁ କରାଯାଇଥିବା ସ୍ୱାସ୍ଥ୍ୟସେବା ଶିବିର।

ପଟ୍ଟାଙ୍ଗୀ, ୩।୧୧ (ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନେରେଡ଼ିବାଲସାରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଶିବିରକୁ କେତେଜଣ ଗ୍ରାମବାସୀ ମଙ୍ଗଳବାର ବିରୋଧ କରିଛନ୍ତି। ଆନ୍ଧ୍ରର ମିଛ ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ ଗ୍ରାମବାସୀ ଓଡ଼ିଶାର ଉନ୍ନୟନମୂଳକ କାର୍ଯ୍ୟ ଓ ସ୍ୱାସ୍ଥ୍ୟ ଶିବିରକୁ ବିରୋଧ କରିବାକୁ ପଛଘୁଞ୍ଚା ଦେଉ ନ ଥିବା ଦେଖିବାକୁ ମିଳିଛି। କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ପବିତ୍ର ପଣ୍ଡାଙ୍କ ନେତୃତ୍ୱରେ ନେରେଡିବାଲସାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଥିବା ବେଳେ ଆନ୍ଧ୍ରର ତଳଗଞ୍ଜେଇପଦର ଗ୍ରାମ ପାଇଁ ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀ ସ୍ୱାସ୍ଥ୍ୟ ଶିବିର ସ୍ଥାନରେ ପହଞ୍ଚି ଓଡ଼ିଶାର ଏହି କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ସେ ସ୍ୱାସ୍ଥ୍ୟ ଶିବିର କରିବାକୁ ମନା କରି ପାଟିତୁଣ୍ଡ କରିଥିଲେ। ତାଙ୍କୁ ଉପସ୍ଥିତ ଡାକ୍ତର ଓ କର୍ମଚାରୀ ବୁଝାଶୁଝା କରିବା ପରେ ଆରୁଜୁବାଲସାର ୧୭, ତାଡିବାଲସାର ୭୨ ଏବଂ ନେରେଡିବାଲସାର ୪୨ ଜଣ ନାମ ପଞ୍ଜୀକରଣ କରି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ରମେଶ ଚନ୍ଦ୍ର ସେନାପତି, ଜଗନ୍ନାଥ ଗେମେଲ, ସୁବାସ ଚପାଡି, ରାଜୁ ହିଆଲ ଓ ଆଶାକର୍ମୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ। ମଙ୍ଗଳବାର ଆନ୍ଧ୍ରର ସାଲୁର ବିଧାୟକ ପିଡିକା ରାଜନା ଦୋରା ତାଡିବାଲସାରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ କରି ଗ୍ରାମବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଚାଲିଯାଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

ଲହୁଣୀପଡ଼ା, ୩।୧୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଆମରୁ ଗ୍ରାମରେ ବୁଧବାର ଦନ୍ତା ହାତୀ ଆକ୍ରମଣରେ ଫୁଲମନୀ ମୁଣ୍ଡା ଲୁହୁର(୬୫)ଙ୍କ ମୃତ୍ୟୁ ଘଟିଛି। ଜଙ୍ଗଲ ନିକଟ ଜମିକୁ କଟା ଧାନ ଆଣିବା ପାଇଁ ସେ ଯାଇଥିବାବେଳେ ହଠାତ ଦନ୍ତା ହାତୀ ଆସି ଆକ୍ରମଣ କରିଥିଲା। ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଉପରେ ହାତୀ ମାଡ଼ିଚାଲିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଖ ଜମିରେ ଥିବା ଅନ୍ୟ ଲୋକଙ୍କଠାରୁ ଖବରପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ରାଜାମୁଣ୍ଡାସ୍ଥିତ ବାଙ୍କି ବନାଞ୍ଚଳ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ରେଞ୍ଜର ଅଜୟ କୁମାର ଖେସ୍, ଫରେଷ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ବନ କର୍ମଚାରୀମାନେ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ନିକଟସ୍ଥ ଜଙ୍ଗଲରେ ଲୁଚି ରହିଥିବା ହାତୀକୁ ଘଉଡ଼ାଇବା ପାଇଁ ପ୍ରୟାସ କରିଥିଲେ।


# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

# ଗ୍ରାମ୍ୟ ନିର୍ମାଣ ବିଭାଜନ ଭଞ୍ଜନଗର, ଗଞ୍ଜାମ

## ବିଜ୍ଞପ୍ତି

No. XII-02: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଡ଼ନଦୀ ଉପରେ ନିର୍ମିତ ସେତୁର ମହାରାଜପୁର ପାର୍ଶ୍ୱ ଆପ୍ରୋଚ ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ହୋଇଥିବା ବ୍ୟକ୍ତିଗତ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସିଧାସଳଖ କ୍ରୟ କରିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି।

ଉକ୍ତ ଯୋଜନାରେ ଗଞ୍ଜାମ ଜିଲ୍ଲାର ଆସିକା ତହସିଲ ଅନ୍ତର୍ଭୁକ୍ତ ମହାରାଜପୁର ଗ୍ରାମର ବେସରକାରୀ ଜମିର ଆବଶ୍ୟକତା ହୋଇଛି। ଉକ୍ତ ଜମିର ମାଲିକାନା ସ୍ୱତ୍ୱ ଆସିକା ତହସିଲଦାରଙ୍କଠାରୁ ପ୍ରାପ୍ତ ହୋଇଛି ଏବଂ ତାହା ନିମ୍ନମତେ ଦର୍ଶାଯାଇଛି। ଉକ୍ତ ଜମିଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୪୦୩୦ ତା୦୭।୦୨।୨୦୧୪, ସଂଖ୍ୟା ୧୦୨୪୧ ତା୩୧।୦୩।୨୦୧୪, ସଂଖ୍ୟା ୨୮୪୭ ତା୨୭।୦୧।୨୦୧୬ ଓ ସଂଖ୍ୟା ୧୦୮୧୧ ତା୦୫।୦୪।୨୦୧୬ ଏବଂ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ର ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ, ଭଞ୍ଜନଗର, ଗଞ୍ଜାମଙ୍କ ଦ୍ୱାରା ଜମି ମାଲିକଙ୍କଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି। ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯଦି କାହାର ଜମି ମାଲିକାନା ଉପରେ ଆପତ୍ତି ଥାଏ, ତେବେ ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ଠିକଣା: ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ବିଭାଜନ, ଭଞ୍ଜନଗର, ଗଞ୍ଜାମ ବିଜୁ ପଟ୍ଟନାୟକ ପାର୍କ ନିକଟ, ଭଞ୍ଜନଗର।

ବି.ଦ୍ର.: ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି, ଗଞ୍ଜାମ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ନିର୍ମାଣ ବିଭାଜନ
ଭଞ୍ଜନଗର, ଗଞ୍ଜାମ

## LAND PARTICULARS FOR DIRECT PURCHASE FROM THE PRIVATE LAND OWNERS FOR CONSTRUCTION OF LEFT APPROACH ROAD OF H.L. BRIDGE OVER RIVER BADANADI AT 5TH KM ON MAHARAJPUR, JAGADALPUR ROAD UNDER B.S.Y. IN THE DISTRICT OF GANJAM

| Sl. No. | Khata No. | Plot No. | Total Area in Dec. | Area Proposed for Acquisition in Dec. | Kissam | Name of the Tenant |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Maharajpur Mouza | | | | | | |
| 1 | 290/8 | 2118 | 0.084 | 0.054 | Bila Jalasechita Do Phasali | Ramesh Gauda, S/o. Raju Gauda |
| | | 2117 | 1.038 | 0.064 | - do - | - do - |
| | | 2221 | 0.016 | 0.016 | - do - | - do - |
| | | 2222 | 0.020 | 0.020 | - do - | - do - |
| 2 | 168 | 2174 | 0.082 | 0.049 | - do - | Brajasundar Das, S/o. Raghunath Das |
| 3 | 289 | 2172 | | Full | - do - | M. Hadu Patra, S/o. M. Lacha Patra |
| 4 | 202 | 1966 | 0.025 | 0.025 | - do - | P. Mangulu Patra, S/o. P. Lacha Patra |
| 5 | 90 | 1026 | 0.062 | 0.020 | - do - | K. Gokula Patra, S/o. K. Brundabana Patra |
| | | 1096 | 0.148 | 0.014 | - do - | - do - |
| | | 1962 | 0.064 | 0.010 | - do - | - do - |
| 6 | 225 | 1786 | 0.170 | 0.170 | - do - | T. Ramachandra Patra, S/o. T. Sad Patra |
| | | 1787 | 0.079 | 0.045 | - do - | - do - |
| 7 | 216 | 1785 | 0.070 | 0.070 | - do - | T. Raghunath Patra, S/o. T. Krishna Patra |
| 8 | 184 | 1783 | 0.054 | 0.040 | - do - | P. Baya Patra, S/o. K. Lachaya Patra |
| | | 1784 | 0.067 | 0.040 | - do - | - do - |
| 9 | 78 | 1782 | 0.138 | 0.090 | - do - | P. Gauramma Patra, W/o. P.K. Somanath Patra |
| 10 | 203 | 1779 | 0.099 | 0.057 | - do - | Punamali Patra, S/o. P. Tanka Patra |
| | | 1778 | 0.027 | 0.027 | Bila Jalasechita Eka Phasail | - do - |
| | | 1781 | 0.592 | 0.040 | Bila Jalasechita Do Phasali | - do - |
| 11 | 169 | 1780 | 0.064 | 0.030 | - do - | Punababu Patra, S/o. Brundabana Patra |
| 12 | 234 | 1692 | 0.017 | 0.017 | - do - | P. Ranu Patra, P.K. Danda Patra |
| 13 | 16 | 1701 | 0.247 | 0.160 | - do - | K. Adiamba Patra, W/o. K. Chiliya Patra |
| 14 | 176 | 1101 | 0.062 | 0.040 | - do - | P. Banka Patra, S/o. K. Jagannath Patra |
| 15 | 209 | 1022 | 0.099 | 0.099 | - do - | P. Mamaya Patra, S/o. P.K. Tarini Patra |
| | | 1023 | 0.490 | 0.0490 | - do - | - do - |
| 16 | 223 | 1099 | 0.040 | 0.005 | - do - | P. Rama Patra, S/o. P. Enkat Patra |
| 17 | 206 | 1025 | 0.089 | 0.010 | - do - | P. Mamaya Patra, S/o. P.K.T. Patra |
| 18 | 125 | 1098 | 0.044 | 0.004 | - do - | P. Tulasiamma Patra, W/o. P. Gobinda Patra |
| 19 | 98 | 2154 | 0.044 | 0.030 | - do - | P. Ghanashyama Patra, S/o. P.Sanakaibalya Patra |
| | | 2155 | 0.059 | 0.059 | - do - | - do - |
| | | 2156 | 0.049 | 0.049 | - do - | - do - |
| | | 2160 | 0.067 | 0.067 | - do - | - do - |
| 20 | 27 | 2103 | 0.057 | 0.057 | - do - | S. Upendra Patra, S/o. S. Gurunath Patra |
| | | 2119 | 0.304 | 0.304 | - do - | - do - |
| | | 2120 | 0.037 | 0.037 | - do - | - do - |
| | | 2124 | 0.035 | 0.035 | - do - | - do - |
| | | 2126 | 0.005 | 0.005 | - do - | - do - |
| | | 2220 | 0.264 | 0.080 | - do - | - do - |
| | | 1965 | 0.116 | 0.090 | - do - | - do - |
| 21 | 161 | 2121 | 0.173 | 0.173 | - do - | P. Punia Patra, S/o. P.K. Raghu Patra |
| | | 2125 | 0.030 | 0.030 | - do - | - do - |
| | | 2203 | 0.250 | 0.250 | - do - | - do - |
| | | 2214 | 0.057 | 0.057 | - do - | - do - |
| 22 | 3 | 2141 | 0.025 | 0.025 | - do - | P. Akhaya Patra, S/o. P. Kalu Patra |
| | | 2142 | 0.025 | 0.025 | - do - | - do - |
| | | 2145 | 0.020 | 0.020 | - do - | - do - |
| | | 2138 | 0.030 | 0.030 | - do - | - do - |
| 23 | 22 | 2134 | 0.054 | 0.054 | - do - | Udaya Gauda, S/o. Dandapani Gauda |
| | | 2216 | 0.099 | 0.099 | - do - | - do - |
| 24 | 58 | 2135 | 0.049 | 0.049 | - do - | Kuntala Gauda, W/o. Bijaya Gauda |
| | | 2213 | 0.178 | 0.018 | - do - | - do - |
| 25 | 213 | 2158 | 0.198 | 0.035 | - do - | T. Raghunath Patra, S/o. T. Krishna Patra |
| 26 | 96 | 2152 | 0.067 | 0.067 | - do - | P. Ghanashyama Patra, S/o. P.K. Sanakaibalya Patra |
| | | 2153 | 0.049 | 0.049 | - do - | - do - |
| 27 | 180 | 2215 | 0.072 | 0.072 | - do - | P. Baya Patra, S/o. P.K. Lacha Patra |
| 28 | 38 | 2225 | 0.047 | 0.047 | - do - | Kali Kashi Patra, S/o. K. Baya Patra |
| | | 2226 | 0.049 | 0.049 | - do - | - do - |
| | | 2227 | 0.069 | 0.039 | - do - | - do - |
| 29 | 124 | 1100 | 1.060 | 0.056 | - do - | P. Tulasiamma Patra, W/o. P. Gobinda Patra |
| 30 | 279 | 2198 | 0.012 | 0.012 | - do - | P. Samanath Patra, S/o. K. Baya Patra |
| | | 2202 | 1.060 | 0.160 | - do - | - do - |
| Total | | | | 3.935 | | |

OIPR-25174/14/0009/2122

## ସଂକ୍ଷେପରେ

### ବ୍ୟକ୍ତି ଚରିତ୍ରର ବିକାଶ ଦ୍ୱାରା ସାମାଜିକ ଉତ୍କର୍ଷତା ପ୍ରାପ୍ତି ସମ୍ଭବ

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ଭାରତୀୟ ଜଳ ପ୍ରବନ୍ଧନ ସଂସ୍ଥାନରେ ଗତ ୨୬ତାରିଖରୁ ନଭେମ୍ବର ୧ ପର୍ଯ୍ୟନ୍ତ ସତର୍କତା ସପ୍ତାହ ପାଳିତ ହୋଇଯାଇଛି। ଚଳିତବର୍ଷର ବିଷୟ ଥିଲା ସ୍ୱତନ୍ତ୍ର ଭାରତ-୭୫ ଆତ୍ମନିର୍ଭରତା ସହିତ ଅଖଣ୍ଡତା। ଏଥିରେ ବୈଜ୍ଞାନିକଙ୍କ ପାଇଁ ଅନ୍‌ଲାଇନ କର୍ମଶାଳା, ନିବନ୍ଧ ପ୍ରତିଯୋଗିତା, ଅଭିଭାଷଣ, ଶପଥ ଗ୍ରହଣ ଆଦି ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମନରେ ଆତ୍ମନିର୍ଭରତା, ଅଖଣ୍ଡତା ସହ ସତର୍କତା ସମ୍ବନ୍ଧରେ ସଚେତନତା ଆଣିବା ପାଇଁ ବିଡିଏ କଲୋନୀସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ରଚୟିତା ପ୍ରିୟଦର୍ଶିନୀ ପ୍ରଥମ, ସୋନାଲି ସାହୁ ଦ୍ୱିତୀୟ ଏବଂ ଋଷଭ ନାୟକ ତୃତୀୟ ସ୍ଥାନ ପାଇଥିଲେ। ବୈଜ୍ଞାନିକଙ୍କ ମଧ୍ୟରେ ଅନୁଷ୍ଠିତ ନିବନ୍ଧ ପ୍ରତିଯୋଗିତାରେ ଡା. ସୁଶାନ୍ତ କୁମାର ଜେନା ପ୍ରଥମ, ଡା. ପ୍ରତିଭା ସାହୁ ଦ୍ୱିତୀୟ ଏବଂ ଡା. ଅଜିତ କୁମାର ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ସଂସ୍ଥାନର ନିର୍ଦ୍ଦେଶକ ଡା. ଆତ୍ମାରାମ ମିଶ୍ର ସତର୍କତା ଓ ଅଖଣ୍ଡତାର ଶପଥ ପାଠ କରାଇବା ସହ ବ୍ୟକ୍ତି ଚରିତ୍ରର ବିକାଶ ଦ୍ୱାରା ସାମାଜିକ ଏବଂ ଅର୍ଥନୈତିକ ଉତ୍କର୍ଷତା ପ୍ରାପ୍ତି ସମ୍ଭବ ବୋଲି କହିଥିଲେ। ଡା. ପି. ଶ୍ରୀନିବାସ ବ୍ରହ୍ମାନନ୍ଦ, ଡା. ଅଶୋକ ନାୟକ, ଡା. ଦେବବ୍ରତ ସେଠୀ, ଡା. ଓ.ପି. ବର୍ମା, ରକ୍ଷିକାନ୍ତ ସିଂ ଏବଂ ଡା. ସୁବୋଧ କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୩।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ପରିସରରେ ଥିବା ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟବରାଦରେ ଏହା ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ଅଭିନାଶ ପଟ୍ଟନାୟକ, ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ, ସାମାଜିକ କର୍ମୀ ମନୋଜ ବେହେରା, ଅକ୍ଷୟ ବରାଳ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଛାତ୍ର, ଯୁବ ଜନତା ଦଳର ସାମାଜିକ ସେବା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩।୧୧:** କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ସାମାଜିକ ସେବା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏକମାସ ଧରି ରାଜ୍ୟର ସମସ୍ତ ପଞ୍ଚାୟତସ୍ତରରୁ ନେଇ ଜିଲାସ୍ତର ପର୍ଯ୍ୟନ୍ତ ରକ୍ତଦାନ, ଶ୍ରମଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଭିନ୍ନ ଚିକିତ୍ସାଳୟ ପରିସର, ରାସ୍ତାଘାଟ ଓ ସାଧାରଣ ସୁବିଧାକେନ୍ଦ୍ର ପ୍ରଭୃତି ସଫେଇ କରାଯାଇଥିଲା। ସେହିପରି ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସର ସଫେଇ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ବିଶ୍ୱବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ତଥା ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

**ଶିଶୁପୁତ୍ର ସମେତ ୩ ଗୁରୁତର**

ତିଗିରିଆ,୩।୧୧(ଡି.ଏନ.ଏ.)

କଟକ ଜିଲା ତିଗିରିଆ ଥାନା ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡା ଗାଁରେ ବୁଧବାର ମଧ୍ୟାହ୍ନ ୧୨ଟାରେ ବେଆଇନ ଭାବେ ବାଣ ତିଆରି ବେଳେ ବିସ୍ଫୋରଣ ଘଟିଛି। ଏଥିରେ ପରିବାର ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଘରଟି ଭାଙ୍ଗି ଯାଇଛି। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ହୋଇଥିବା ଜେଜେ, ଜେଜେ ମା' ଓ ନାତିଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ବାଣେଶ୍ୱରପଡା ଗାଁର ବୀରବର ସ୍ୱାଇଁ (୫୦) ଘର ଭିତରେ ତାଳ ଫୋଟକା ଓ କାଗଜ ବାଣ ତିଆରି ପାଇଁ ବାରୁଦ ଭାଗ କରୁଥିଲେ। ଏହି ସମୟରେ ପୁଅର ପୁଅ (ନାତି) ଅଂଶୁମାନ (୩) ହେମଦସ୍ତା ଛେଚାଟିକୁ ଧରିଥିଲେ। ଏହା ଅଂଶୁମାନଙ୍କ ହାତରୁ ଖସି ବାରୁଦ ଭାଗ ମସଲା ଉପରେ ପଡିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ବୀରବରଙ୍କ ଛାତିଠାରୁ ମୁହଁ ପର୍ଯ୍ୟନ୍ତ ଓ ନାତି ଅଂଶୁମାନର ସମ୍ପୂର୍ଣ୍ଣ ଦେହ ପୋଡି ଯାଇଛି। ପାଖରେ ଥିବା ବୀରବରଙ୍କ ସ୍ତ୍ରୀଙ୍କ ଦେହର କେତେକ ଅଂଶ ପୋଡି ଯାଇଛି।

ଏ ନେଇ ଥାନାରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କ ଅଭିଯୋଗକ୍ରମେ ନଂ. ୧୫୯/୨୧ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ବନ ବିହାରୀ ପ୍ରଧାନ କହିଛନ୍ତି। ପରେ ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବାଣେଶ୍ୱରପଡା ଓ ପୁରୁଣାତିଗିରିଆ ଗାଁରେ ଚଢ଼ାଉ କରାଯାଇଥିଲା। ଏହି ଦୁଇ ଗାଁରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ସୂଚନାଯୋଗ୍ୟ, ତିଗିରିଆ ଥାନାର ପୁରୁଣାତିଗିରିଆ ଓ ବାଣେଶ୍ୱରପଡା ବାଣ ତିଆରି ପାଇଁ ପ୍ରସିଦ୍ଧି ଲାଭ କରିଛି। କରୋନାକୁ ଦୃଷ୍ଟିରେ ରଖି ଦୀପାବଳିର କେବଳ ସବୁଜ ବାଣ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ବେଆଇନ ଭାବେ ଫୋଟକା ବାଣ ତିଆରି ଚାଲିଥିବା ବେଳେ ପୋଲିସ ଓ ତହସିଲ ପ୍ରଶାସନର ନଜର କିପରି ପଡିଲା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ବାଣ ଦୀପାବଳି ପାଇଁ ତିଆରି ହେଉଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।


ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର।

### ମାସକରେ ୨୩ ହଜାରରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପୂର୍ବକ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ମାସେ ବ୍ୟାପୀ ରାଜ୍ୟର ବିଭିନ୍ନ ସ୍ଥାନରେ ସମାଜସେବା, ସଚେତନତା ତଥା ରକ୍ତଦାନ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଏହିକ୍ରମରେ ଓଡ଼ିଶା-ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ରେକର୍ଡ ସଂଖ୍ୟକ ୨୩ ହଜାରରୁ ଊର୍ଦ୍ଧ୍ୱ ରକ୍ତ ୟୁନିଟ୍ ସଂଗ୍ରହ କରାଯାଇଛି। ବୁଧବାର ଓଡ଼ିଶା ମୋ ପରିବାର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ଅରୁପ ପଟ୍ଟନାୟକ କହିଛନ୍ତି, ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ଓଡ଼ିଶା ମୋ ପରିବାର 'ଜୀବନବିନ୍ଦୁ' କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବା ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅଭିଯାନରେ ଯୁବ, ଛାତ୍ର, ମହିଳା ଓ ନିର୍ବାଚିତ ପ୍ରତିନିଧି ତଥା କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଗାଁ ଗହଳି, ସହର, ବସ୍ତିର ଯୁବକ ଯୁବତୀ ଏବଂ ସାମାଜିକକର୍ମୀମାନେ ସ୍ୱତଃପ୍ରବୃତ୍ତ ଭାବେ ଶିବିରରେ ପହଞ୍ଚି ରକ୍ତଦାନ କରିଥିଲେ। କଟକରୁ ସର୍ବାଧିକ ୫,୦୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ କେନ୍ଦୁଝରରୁ ୨,୦୪୩, ଗଞ୍ଜାମରୁ ୧,୮୪୩, ଯାଜପୁରରୁ ୧,୭୯୮, ବାଲେଶ୍ୱରରୁ ୧,୭୬୭ ୟୁନିଟ୍ ସଂଗ୍ରହ କରାଯାଇଥିଲା। ଏହା ଓଡ଼ିଶାରେ ରକ୍ତାଭାବ ପୂରଣ ପାଇଁ ଏକସମର୍ପିତଉପହାରବୋଲିସେକହିଛନ୍ତି।


କଟକ ବାଲୁବଜାର ବିନୋଦବିହାରୀ ମଣ୍ଡପରେ ମା' ଶ୍ୟାମାକାଳୀ।

## ଭୁବନେଶ୍ୱର କଂଗ୍ରେସର ନୂଆ କମିଟି ଗଠିତ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଭୁବନେଶ୍ୱର ସାଂଗଠନିକ ଜିଲା କଂଗ୍ରେସର ନୂତନ କମିଟି ପ୍ରସ୍ତାବକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାଶଙ୍କ ନୂତନ ଜିଲା କମିଟି ପ୍ରସ୍ତାବ ଅନୁଯାୟୀ, ଉପସଭାପତି ଭାବେ ବୀଣାପାଣି ସାମଲ, ଯୋଗୀନାଥ ନାଏକ, ପ୍ରସନ୍ନ କୁମାର ପରିଡ଼ା, ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି ମନୋନୀତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ଦାସ, ଶତୃଘ୍ନ ବେହେରା, ରମାକାନ୍ତ ଦାସ, ଆତ୍ମାରାମ ପତି, ଆଦିତ୍ୟ ସାହୁ, ପ୍ରଭାତ କୁମାର ପ୍ରତାପ ସିଂ, ପ୍ରମେଶ ସାହୁ, ମାନସ କୁମାର ନାଏକ ରହିଛନ୍ତି। ସମ୍ପାଦକ ଭାବେ ଦେବୀ ପ୍ରସାଦ ସ୍ୱାଇଁ, ଶରତ ସାମଲ, ଶ୍ରୀନାଥ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଦାସ, ଗୋପାଳ ଚନ୍ଦ୍ର ସାହୁ, ସୌମେନ୍ଦ୍ର ମହାନ୍ତି, ସେକ୍ ତାକ୍ୱିମ୍, ଶୁଭ୍ରଜ୍ୟୋତି ଲେଙ୍କା, ଲିପିନା ବାରିକ, କ୍ଷୀରୋଦ ବେହେରା, ରାଜୀବଲୋଚନ ଜେନା, ସରୋଜ କୁମାର ସାମନ୍ତରାୟ, ବିପିନ୍ ବିହାରୀ ବଲ୍ଲଭ, ସଞ୍ଜୀବ ପୂଜାପଣ୍ଡା, ସେଖାୱତ୍ ଖାନ, ସୁବ୍ରତ ସେନାପତି, ମାନସ ମହାନ୍ତି, ଅନ୍ନପୂର୍ଣ୍ଣା ସାହୁ, ସୟଦ ଜମିଉଲ ହମିଦ ପ୍ରମୁଖ ରହିଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ମୋହନ ଜେନା, ମୁଖପାତ୍ର ଭାବେ ସଞ୍ଜୀବ ମହାନ୍ତି ଏବଂ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଭାବେ ଦେବଦତ୍ତ ରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ବ୍ଲକ ସଭାପତି ଅଶୋକ ଦାସଙ୍କୁ ଦିଆଯାଇଥିବାବେଳେ ଏକାମ୍ର ନିର୍ବାଚନମଣ୍ଡଳୀର ସାଂଗଠନିକ ଦାୟିତ୍ୱ ପ୍ରଦେଶ କଂଗ୍ରେସ ସମ୍ପାଦକ ସୁବ୍ରତ ମହାପାତ୍ରଙ୍କୁ ଦିଆଯାଇଛି। ଏ ନେଇ ଦାଶ କହିଛନ୍ତି, ନୂତନ ଭାବେ ଗଠିତ ଏହି କମିଟିରେ ମହିଳା ଓ ଯୁବକଙ୍କୁ ପ୍ରାଧାନ୍ୟ ଦିଆଯାଇଛି।

### ମହାକାଳ, ମହାକାଳୀ ମନ୍ଦିର ଆଲୋକୀକରଣ କରାଯାଉ

ପୁରୁଣା ଭୁବନେଶ୍ୱର,୩।୧୧(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବାପା ମହାକାଳ ଓ ମାତା ମହାକାଳୀ ମନ୍ଦିରରେ ପ୍ରାୟ ୧ବର୍ଷ ହେବ ଆଲୋକୀକରଣ ବ୍ୟବସ୍ଥା ନାହିଁ। ମଙ୍ଗଳବାର ଏହି ମନ୍ଦିରରେ ଆଲୋକୀକରଣ ବ୍ୟବସ୍ଥା ତୁରନ୍ତ ଯୋଗାଇଦେବା ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଆଲୋକୀକରଣ ନ ଥିବାରୁ ମନ୍ଦିର ସେବାୟତ ପ୍ରାୟ ୨୦ଫୁଟ ଗର୍ଭଗୃହକୁ ଯିବା ପାଇଁ ଛୋଟ ପଥର ପାହାଚରେ କଷ୍ଟକର ହୋଇପଡୁଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ମଞ୍ଚ ଦାବି କରିଛି।

## ୩ ୱାର୍ଡର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ

**ପୌର ନିର୍ବାଚନ ପାଇଁ ବିଏମ୍‌ସିର ପ୍ରସ୍ତୁତି**

- ୨୦୧୧ ଜନଗଣନା ଭିତ୍ତିରେ ହେବ ୱାର୍ଡ ପୁନର୍ଗଠନ
- ୫ ମୌଜାର ବାସିନ୍ଦା ପ୍ରଥମ ଥର ଦେବେ ଭୋଟ

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରାଜ୍ୟରେ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ମ୍ୟୁନିସିପାଲିଟି ଏବଂ ଏନ୍‌ଏସିରେ ପୁଣିଥରେ ସ୍ଥାନ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ କରାଯିବ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ପତ୍ର ଲେଖିଛନ୍ତି। ପତ୍ର ପାଇବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୀମା ନିର୍ଦ୍ଧାରଣ, ସ୍ଥାନ ସଂରକ୍ଷଣ ଓ ୱାର୍ଡ ପୁନର୍ଗଠନ ନେଇ ତତ୍ପରତା ପ୍ରକାଶ ପାଇଛି। ୨୦୧୧ ଜନଗଣନା ଆଧାରରେ ହିଁ ୱାର୍ଡ ପୁନର୍ଗଠନ ହେବ। ୨୦୧୪ରେ ଭୁବନେଶ୍ୱରରେ ମିଶିଥିବା ୫ ମୌଜାର ଲୋକେ ପ୍ରଥମଥର ପାଇଁ ଏହି ଭୋଟଦାନ ପ୍ରକ୍ରିୟାରେ ସାମିଲ ହେବେ। ବିଏମ୍‌ସିର ୱାର୍ଡ ନଂ ୬, ୭ ଓ ୬୦ରେ ସୀମା ନିର୍ଦ୍ଧାରଣ ପାଇଁ କ୍ଷେତ୍ରସ୍ତରୀୟ ଯାଞ୍ଚ ଶେଷ ହୋଇଥିବାବେଳେ ବୁଧବାରଠାରୁ ଉକ୍ତ ୩ ୱାର୍ଡର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଏମ୍‌ସି ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ଓ ଉପକଣ୍ଠରେ ଏବେ ବିଏମ୍‌ସି ପକ୍ଷରୁ ୱାର୍ଡ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟା ପ୍ରାଥମିକ ଭାବେ ଜାରି ରହିଛି। ବର୍ତ୍ତମାନର ଜନସଂଖ୍ୟାକୁ ଦେଖିଲେ ବିଏମ୍‌ସି ଅଞ୍ଚଳରେ ପ୍ରାୟ ୭ରୁ ୮ ନୂଆ ୱାର୍ଡ ସାମିଲ ହେବା କଥା। ଗୋଟିଏ ୱାର୍ଡରେ ୧୩ ହଜାର ବାସିନ୍ଦାଙ୍କୁ ଅନ୍ତର୍ଭୁକ୍ତ କରାଯିବା ବ୍ୟବସ୍ଥା ଥିବାବେଳେ ଏବେ ପ୍ରାୟ ସବୁ ୱାର୍ଡରେ ଜନସଂଖ୍ୟା ବଢ଼ିଛି। ତେଣୁ ବିଏମ୍‌ସି ସବୁ ଦିଗକୁ ଦୃଷ୍ଟିରେ ରଖି ୱାର୍ଡ ପୁନର୍ଗଠନ ଆରମ୍ଭ କରିଛି। ଏହି ପ୍ରକ୍ରିୟାକୁ ଆସନ୍ତା ୧୦ ତାରିଖ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ରହିଛି। ନିର୍ବାଚନ ଦାୟିତ୍ୱରେ ଥିବା ବିଏମ୍‌ସି ଉପଆୟୁକ୍ତ କମଳଜିତ ଦାସଙ୍କ ସହ ବରିଷ୍ଠ ସହାୟକ ଶୁଭକାନ୍ତ ପାଢ଼ୀ, ପି.କେ. ମୁଦୁଲିଙ୍କୁ ନିର୍ବାଚନ କାମରେ ସହଯୋଗ କରିବାକୁ ନିୟୋଜିତ କରାଯାଇଛି। ସେହିପରି ଉତ୍ତର ଜୋନ୍‌ରେ ଅମିନ ନିରଞ୍ଜନ ବାହିନୀପତି, ଦକ୍ଷିଣ ପଶ୍ଚିମ ଜୋନ୍‌ରେ ସର୍ଭେ ଆସିଷ୍ଟାଣ୍ଟ ରବୀନ୍ଦ୍ର କୁମାର ପୃଷ୍ଟି, ଦକ୍ଷିଣ ପୂର୍ବ ଜୋନ୍‌ରେ ଅମିନ ଭାବେ ରବୀନ୍ଦ୍ରନାଥ ପ୍ରଧାନ ଓ ଉପେନ୍ଦ୍ରନାଥ ସ୍ୱାଇଁ ଏବଂ ଜମିବାଡ଼ି ବିଭାଗରେ ତୃତୀୟ ଶ୍ରେଣୀ କର୍ମଚାରୀ ଗୁଣନିଧି ପ୍ରଧାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଭୁବନେଶ୍ୱରରେ ୫୭ ୱାର୍ଡ ଥିବାବେଳେ ଗତ ନିର୍ବାଚନ ପୂର୍ବରୁ ଏହି ସଂଖ୍ୟା ବୃଦ୍ଧିପାଇ ୬୭ରେ ପହଞ୍ଚିଥିଲା। ଏହି ୭ ବର୍ଷ ମଧ୍ୟରେ ଅନେକ ନୂଆ ଭୋଟର ସୃଷ୍ଟି ହୋଇଥିଲେ ମଧ୍ୟ ସ୍ଥାନ ସଂରକ୍ଷଣ କିମ୍ବା ପୁନର୍ଗଠନ ହୋଇନାହିଁ। ତେଣୁ ବିଏମ୍‌ସିରେ ମିଶିଥିବା ପାତ୍ରପଡ଼ା, ଭଗବାନପୁର, ସୁବୁଦ୍ଧିପୁର, ପାଇକରାୟପୁର, କଳାରାହାଙ୍ଗ ଓ ଶଙ୍କରପୁର ମୌଜାକୁ ମିଶାଇ ୱାର୍ଡ ପୁନର୍ଗଠନ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରାଯିବ। ଆସନ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ନେଇ ନଭେମ୍ବର ୯ ତାରିଖରୁ ମତାମତ ଗ୍ରହଣ କରାଯିବ। ନଭେମ୍ବର ୧୮ ତାରିଖ ମତାମତ ଦାଖଲର ଶେଷ ଦିନ ରହିଛି। ନଭେମ୍ବର ୨୯ରେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ୨୯ ନଭେମ୍ବରରୁ ୧୩ ଡିସେମ୍ବର ମଧ୍ୟରେ ବିଜ୍ଞପ୍ତି ଉପରେ ଆପତ୍ତି ଅଭିଯୋଗ ଦାଖଲ କରାଯାଇପାରିବ ବୋଲି ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## କିଶୋର ଓପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପାଇଁ ଏକ ଶୃଙ୍ଖଳା କମିଟି ଗଠିତ ହୋଇଛି। ଅଖିଳ ଭାରତ କଂଗ୍ରେସ କମିଟି ସଭାନେତ୍ରୀ ସୋନିଆ ଗାନ୍ଧୀ ଏହି ପ୍ରସ୍ତାବିତ କମିଟିକୁ ବୁଧବାର ଆନୁମୋଦନ ଦେଇଛନ୍ତି। କମିଟି ଅଧ୍ୟକ୍ଷ ଭାବେ କିଶୋର ଚନ୍ଦ୍ର ପଟେଲଙ୍କ ନାମ ରହିଥିବାବେଳେ କମିଟି ସଦସ୍ୟ ଭାବେ ସାବିତ୍ରୀ ଚୌଧୁରୀ, ସଦାନନ୍ଦ ନାୟକ, ସତ୍ୟଭୂଷଣ ସାହୁ, ଜାନକୀ ବଲ୍ଲଭ ପଟ୍ଟନାୟକ, ପ୍ରତିମା ମଲ୍ଲିକ, ଆର୍. ଏନ୍. ମହାନ୍ତି, ବିଜନ ଦାସ ସ୍ଥାନ ପାଇଛନ୍ତି। ଏ ନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେନୁଗୋପାଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଓଡ଼ିଶା ମୋଟର ଚାଳକ ସଂଘର ଚେତାବନୀ

**ଦାବି ପୂରଣ ନ ହେଲେ ଆନ୍ଦୋଳନ**

ଭୁବନେଶ୍ୱର,୩।୧୧(ବୁ୍ୟରୋ)

ଓଡ଼ିଶା ମୋଟର ଚାଳକ ସଂଘ ଭୁବନେଶ୍ୱର ଶାଖାର କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରୀ ଓ ମାଲ ପରିବହନକୁ ସହଜ ତଥା ସୁଗମ କରିବାରେ ଡ୍ରାଇଭରମାନଙ୍କର ଅନେକ ଅବଦାନ ରହିଛି। କିନ୍ତୁ ସେମାନେ ବିଭିନ୍ନ ସମସ୍ୟା ନେଇ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏ ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ଏ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସାମାଜିକ ନିରାପତ୍ତା- ପରିବହନ ଶ୍ରମିକ ଭାବେ ଡ୍ରାଇଭରଙ୍କୁ ପଞ୍ଜୀକୃତ କରାଯାଇ ଶ୍ରମକୋଡ଼ ଭିତରେ ସମସ୍ତ ସୁବିଧା ସୁଯୋଗ ଦିଆଯାଉ, ସ୍ୱତନ୍ତ୍ର ପରିବହନ ଶ୍ରମିକ ବୋର୍ଡ ଗଠନ କରାଯାଉ, ୬୦ବର୍ଷ ପରେ ସର୍ବନିମ୍ନ ପେନସନ ୧୦ ହଜାର ଟଙ୍କା, କର୍ମ କ୍ଷେତ୍ରରେ ଶାରୀରିକ ବିକଳାଙ୍ଗ କିମ୍ବା ମୃତ୍ୟୁ ଘଟିଲେ ପରିବାରକୁ ସର୍ବନିମ୍ନ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉ, କରୋନା ସମୟରେ ଜରୁରୀ ସେବାରେ ନିୟୋଜିତ ଡ୍ରାଇଭରଙ୍କୁ କରୋନା ଯୋଦ୍ଧାର ମାନ୍ୟତା ପ୍ରଦାନ କରାଯାଉ। ଏଥିସହିତ ଅନ୍ୟ ୪ଟି ଦାବି ରହିଛି। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘର ସଭାପତି ଅକ୍ଷୟ ନାଏକ କହିଛନ୍ତି।

### ବାଣ ନୁହେଁ, ଦୀପ ଜାଳିବାକୁ ଆହ୍ୱାନ

ଭୁବନେଶ୍ୱର, ୩।୧୧ (ବୁରୋ)

ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକରେ ବ୍ରେନ୍ସ ଏଜୁକେଶନାଲ ଟ୍ରଷ୍ଟ ତରଫରୁ ଦୀପାବଳି ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ବାଣ ନୁହେଁ, ଦୀପ ଜାଳିବା'କୁ ଅନୁଷ୍ଠାନର ଛାତ୍ରୀଛାତ୍ର ସାଧାରଣ ଜନତାଙ୍କୁ ସଚେତନ କରାଇଥିଲେ। ବାଣ ଫୁଟାଇବା ଦ୍ୱାରା ପରିବେଶ ଦୂଷିତ ହେବା ସହ ଶବ୍ଦ ପ୍ରଦୂଷଣ ହୋଇଥାଏ। ମାତ୍ରାଧିକ ଶବ୍ଦ ଯୋଗୁ ଗୃହପାଳିତ ପଶୁପକ୍ଷୀମାନେ ବିଚଳିତ ହୋଇଥାନ୍ତି। ତେଣୁ ସାଧାରଣ ଜନତା ବାଣ ପରିବର୍ତ୍ତେ ଦୀପ ଜାଳି ମିଷ୍ଟାନ୍ନ ବଣ୍ଟନ କରି ନିଜ ପରିବାର ସହ ଏକ ସୁରକ୍ଷିତ ଦୀପାବଳି ପାଳନ ପାଇଁ ସେମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ଅଶ୍ୱିନୀ ପାଢ଼ୀ, ବିନ୍ଦୁଜା ଉପାଧ୍ୟାୟ, ଆଲୋକ ସାହୁ, ମୀର ଅହମ୍ମଦ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।


ଦୀପାବଳୀରେ ୧୪୪ଧାରା ଜାରି ହୋଇଥିବାରୁ ଏହା ପୂର୍ବରୁ ବୁଧବାର ପୁରୀ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳୁଛନ୍ତି।


ଭୁବନେଶ୍ୱରର ଏକ ମଣ୍ଡପରେ ତିଆରି ହୋଇଥିବା ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜଣେ ଶିଳ୍ପୀ ବୁଧବାର ଶେଷ ସ୍ପର୍ଶ ଦେଉଛନ୍ତି।


ଦୀପାବଳିରେ ସବୁଜ ବାଣକୁ ହାଇକୋର୍ଟ ଅନୁମତି ଦେବା ପରେ ବୁଧବାର ଭୁବନେଶ୍ୱରର ଏକ ଦୋକାନରେ ବାଣ କିଣିବା ପାଇଁ ଗ୍ରାହକଙ୍କ ଭିଡ଼।

**୩ ଜିଲା ପାଇଁ ଛୁଟି ଘୋଷଣା**

**କଟକ ଅଫିସ:** ଭଦ୍ରକ, କେନ୍ଦ୍ରାପଡ଼ା ଓ କଟକ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ନିମନ୍ତେ ୨୦୨୧ କ୍ୟାଲେଣ୍ଡର ବର୍ଷର ଗୋଟିଏ ଦିନ ଲେଖାଏ ସ୍ଥାନୀୟ ଛୁଟି ଘୋଷଣା କରାଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ଗୋପବନ୍ଧୁ ଶତପଥୀ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ଛୁଟି ଘୋଷଣା କରିଛନ୍ତି। ଦୀପାବଳି(କାଳୀପୂଜା) ନିମନ୍ତେ ଭଦ୍ରକ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଆସନ୍ତା ୫ ତାରିଖରେ ବନ୍ଦ ରହିବ। ସେହିପରି ଅଁଳା ନବମୀ ନିମନ୍ତେ କେନ୍ଦ୍ରାପଡ଼ା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଆସନ୍ତା ୧୨ ତାରିଖରେ ବନ୍ଦ ରହିବ। ଏଥିସହ ମାଣବସା ନିମନ୍ତେ କଟକ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଆସନ୍ତା ଡିସେମ୍ବର ୧୬ ତାରିଖରେ ବନ୍ଦ ରହିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।



## ସଂକ୍ଷେପରେ

### ୪୭୫୪ପ୍ରାର୍ଥୀ କୃତିତ୍ୱ, ଜାନୁୟାରୀ ୨୦ରେ ମୁଖ୍ୟ ଲିଖିତ ପରୀକ୍ଷା

**ପ୍ରକାଶ ପାଇଲା ଓସିଏସ୍ ପ୍ରିଲିମିନାରି-୨୦୨୦ ପରୀକ୍ଷା ଫଳ**

**କଟକ ଅଫିସ,୩।୧୧:** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସର୍ଭିସେସ୍ (ଓସିଏସ୍) ପ୍ରିଲିମିନାରି ପରୀକ୍ଷା -୨୦୨୦ର ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ୪,୭୫୪ ଜଣ ପ୍ରାର୍ଥୀ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୫୫୧ ଜଣ ମହିଳା ରହିଛନ୍ତି। ଯୋଗ୍ୟ ପ୍ରାର୍ଥୀଙ୍କ ରୋଲ୍ ନମ୍ବରର ତାଲିକା www.opsc.gov.in ୱେବସାଇଟ୍‌ରେ ଉପଲବ୍ଧ ରହିଛି। ଏହି ପରୀକ୍ଷା ୨୭ ଅଗଷ୍ଟ ୨୦୨୧ରେ ପାଞ୍ଚଟି ଜୋନାଲ କେନ୍ଦ୍ର ଯଥା ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରରେ ହୋଇଥିଲା। ଏହାର ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ଜାନୁୟାରୀ ୨୦ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ପରୀକ୍ଷା ସମୟ ଓ ବିବରଣୀ ଠିକ୍ ସମୟରେ ଓପିଏସ୍‌ସି ପକ୍ଷରୁ ପ୍ରକାଶ ପାଇବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

### ଭିଜିଲାନ୍ସ ଜାଲରେ ବାଲିଗୁଡ଼ା ଆଇଟିଡିଏ ମୁଖ୍ୟ କିରାଣି

**ବାଲିଗୁଡା/କୋଟଗଡ଼(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ,୩।୧୧:** କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ମୁଖ୍ୟ କିରାଣି ଶଶିଭୂଷଣ ପାଣି ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ଠିକାଦାରଙ୍କ ସିକ୍ୟୁରିଟି ଟଙ୍କା ଫେରସ୍ତ ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ଟିମ ମିଳିତ ଭାବେ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି। କିରାଣିଙ୍କ ବାସଭବନରେ ଫୁଲବାଣୀ ଭିଜିଲାନ୍ସ ଡିଏସ୍‌ପି ଅରୁଣ ନାୟକଙ୍କ ନେତୃତ୍ୱରେ ୫ ଜଣିଆ ଏକ ଟିମ୍ ଚଢ଼ାଉ ଜାରି ରଖିଛନ୍ତି। ପ୍ରକାଶ ଯେ, ବାଲିଗୁଡା ପାଟଖଣ୍ଡା ସାହିର ପଦ୍ମଚରଣ ପାଣିଗ୍ରାହୀଙ୍କ ଆଇଟିଡିଏରେ ଥିବା ସିକ୍ୟୁରିଟି ଡିପୋଜିଟ ଫାଇଲକୁ ପାସ କରିବା ପାଇଁ ମୁଖ୍ୟ କିରାଣି ଲାଞ୍ଚ ମାଗିଥିଲେ। ପାଣିଗ୍ରାହୀ ଏଥିପାଇଁ ପୂର୍ବରୁ ଦୁଇ ହଜାର ଟଙ୍କା ଦେଇଥିଲେ ମଧ୍ୟ ଆଉ ୬ ହଜାର ଦେଲେ ବିଲ୍ ହେବ ବୋଲି କିରାଣି କହିଥିଲେ। ଏ ନେଇ ପାଣିଗ୍ରାହୀ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସେ ବୁଧବାର ଅପରାହ୍ନରେ ପାଣିଙ୍କୁ ୬ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ପାଣିଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରିଥିଲେ। ଏ ନେଇ ଭିଜିଲାନ୍ସରେ ନଂ.୧୬/୨୧ପ୍ରକାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଡିଏସପି ନାୟକ କହିଛନ୍ତି।

### ଯୁବକଙ୍କୁ ଟାଣିନେଲା କୁମ୍ଭୀର

**ବରୀ,୩।୧୧(ଡି.ଏନ୍.ଏ.):** ଯାଜପୁର ଜିଲା ବରୀ ବ୍ଲକ ଅଧୀନ ତନ୍ତୀ ଘାଇର ଶାଖା ଚିଙ୍ଗୁଡ଼ିଆ ନାଳରେ ମାଛ ଧରୁଥିବାବେଳେ ବୁଧବାର ଜଣେ ଯୁବକଙ୍କୁ କୁମ୍ଭୀର ଟାଣି ନେଇ ଯାଇଥିବା ସୂଚନା ମିଳିଛି।



ସମ୍ପୃକ୍ତ ଯୁବକ ହେଲେ ଏହି ବ୍ଲକ ଅଧୀନ ଉଦୟନାଥପୁର ପଞ୍ଚାୟତ କହରାଗଣ୍ଡ ଗ୍ରାମର ମୁରଲୀଧର ମଲ୍ଲିକଙ୍କ ପୁଅ ନିଶିକାନ୍ତ ମଲ୍ଲିକ(୨୫)। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ନିଶିକାନ୍ତ ଓ ତାଙ୍କ ସାନ ଭାଇ ସୌଭାଗ୍ୟ ନାଳରେ ଜାଲ ବିଛାଇ ମାଛ ଧରୁଥିଲେ। ଏହି ସମୟରେ ହଠାତ୍ କୁମ୍ଭୀର ଆସି ନିଶିକାନ୍ତଙ୍କୁ ଆକ୍ରମଣ କରିଥିଲା। ଏହା ଦେଖି ତାଙ୍କ ସାନ ଭାଇ ସୌଭାଗ୍ୟ ସେଠାରୁ ଦୌଡ଼ି ଆସି ଗାଁ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଖୋଜାଖୋଜି କରିଥିଲେ। ହେଲେ ନିଶିକାନ୍ତଙ୍କୁ ପାଇ ନ ଥିଲେ। ଏହାପରେ ବରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ନିଶିକାନ୍ତଙ୍କ ପତ୍ତା ପାଇ ନ ଥିଲେ। ଏହି ଘଟଣା ପରେ ନିଷିକାନ୍ତଙ୍କ ପରିବାର ଭାଙ୍ଗି ପଡ଼ିଛନ୍ତି। ସୂଚନାଯୋଗ୍ୟ, ତନ୍ତୀଘାଇର ଶାଖା ଦୁଧେଇ ଓ ଚିଙ୍ଗୁଡ଼ିଆ ନାଳରେ ଗତ ମାସରେ ଆସିଥିବା ବନ୍ୟାରେ କୁମ୍ଭୀର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବିଞ୍ଝାରପୁର ବନ ବିଭାଗ ଅଧିକାରୀ ପହଞ୍ଚି ସତ୍ୟତା ଅନୁଭବ କରିବା ପରେ ଲୋକଙ୍କୁ ନଦୀକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିଥିଲେ। ନଦୀ କୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପୋଷ୍ଟର ଲଗାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା।

# ୟୁଟ୍ୟୁବ୍‌ରୁ ମାସିକ ରୋଜଗାର ଲକ୍ଷେ

**ସୃଜନଶୀଳତାର କୌଣସି ସୀମା ନାହିଁ। ଉପଯୁକ୍ତ ପରିବେଶ, ମାଧ୍ୟମ ଏବଂ ସ୍ୱୀକୃତି ମିଳିଲେ ବଦଳିଯାଏ ଜଣଙ୍କର ଭାଗ୍ୟ, ଯାହାକୁ କରି ଦେଖାଇଛନ୍ତି ଅର୍ପିତା ପ୍ରିୟଦର୍ଶିନୀ। ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ୟୁଟ୍ୟୁବ୍ ମାଧ୍ୟମରେ ନିଜର ହସ୍ତ କଳାକୃତିର ନିପୁଣତା ପ୍ରଦର୍ଶନ କରି ଘରେ ରହି ରୋଜଗାର କରୁଛନ୍ତି ଲକ୍ଷାଧିକ ଟଙ୍କା। ମାତ୍ର ୨୫ ବର୍ଷ ବୟସର ଏହି ଯୁବତୀ ଜଣକ ନିଜ ଦକ୍ଷତାକୁ ଉପଯୁକ୍ତ ଢଙ୍ଗରେ ବିନିଯୋଗ କରି ସ୍ୱାବଲମ୍ବୀ ହୋଇପାରିଥିବା ଏଭଳି କାର୍ଯ୍ୟ ଯୁବପିଢ଼ିଙ୍କ ପାଇଁ ସାଜିଛି ପ୍ରେରଣାର ଉତ୍ସ।**



ଅର୍ପିତା ପ୍ରିୟଦର୍ଶିନୀ।

**ସୃଜନଶୀଳତା କରିଛି ସ୍ୱାବଲମ୍ବୀ**

- ଯୁବପିଢ଼ିଙ୍କ ପ୍ରେରଣା ଅର୍ପିତା ପ୍ରିୟଦର୍ଶିନୀ
- ହସ୍ତକଳା ଆଣିଦେଇଛି ପରିଚୟ

**ବିଭୁ ପ୍ରସାଦ ବେହେରା**
**ଭଦ୍ରକ ଅଫିସ, ୩।୧୧**

ଦେବଦେବୀଙ୍କ ପ୍ରତିମାଠାରୁ ଆରମ୍ଭ କରି ଫଟୋଫ୍ରେମ୍, ଫୁଲଦାନି। ତା' ସାଙ୍ଗକୁ ଭଳିକି ଭଳି ଘର ସାଜସଜ୍ଜା ଉପକରଣ। ଦୁର୍ମୂଲ୍ୟ ଧାତୁରେ ନୁହେଁ, ଅଦରକାରୀ ବର୍ଜ୍ୟରେ ପ୍ରସ୍ତୁତ ହୋଇଛି ଏଭଳି ସୁନ୍ଦର କଳାକୃତି। ଆଉ ଯାହାଙ୍କ ଯାଦୁକରୀ ସ୍ପର୍ଶରେ ଆବର୍ଜନା ଜୀବନ୍ତ ରୂପ ନେଇଛି, ସେ ହେଉଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ତରାଗୋ ଗ୍ରାମର ନିରଞ୍ଜନ ଖଟୁଆଙ୍କ ଝିଅ ଅର୍ପିତା। ଏହି ଉଚ୍ଚଶିକ୍ଷିତା ଯୁବତୀ କରୋନା ମହାମାରୀ ସମୟରେ ନିଜର ସୃଜନଶୀଳତାର ଠିକଣା ବିନିଯୋଗ କରି ସୃଷ୍ଟି କରିଛନ୍ତି ପରିଚୟ। ୟୁଟ୍ୟୁବ୍ ମାଧ୍ୟମରେ ନିଜସ୍ୱ ହସ୍ତକଳାକୃତିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରି ଉଦାହରଣ ସୃଷ୍ଟି କରିଛନ୍ତି ଅର୍ପିତା।

ସ୍ନାତକ ପାସ୍ କରିବା ପରେ ସିଟି ପ୍ରଶିକ୍ଷଣ ନେଇଛନ୍ତି ଅର୍ପିତା। ତେବେ ସିଟି ତାଲିମ ନେବା ସମୟରେ ହଷ୍ଟେଲରୁ ହିଁ ଆରମ୍ଭ ହୋଇଥିଲା ତାଙ୍କର ସୃଜନଶୀଳତାର ଯାତ୍ରା। ସହପାଠୀଙ୍କ ଜନ୍ମଦିନ, ବିଭିନ୍ନ ଦିବସରେ ସେ ପେପର, କଲର, ପିଚୁ ବୋର୍ଡ ସହାୟତାରେ ତିଆରି କରୁଥିଲେ ଶୁଭେଚ୍ଛା କାର୍ଡ। ଏଥିସହ ହାତପାହାନ୍ତାରେ ମିଳୁଥିବା ସାମଗ୍ରୀକୁ ବ୍ୟବହାର କରି ତିଆରି କରୁଥିଲେ ଆକର୍ଷଣୀୟ ୱାଲ୍ ହାଙ୍ଗିଙ୍ଗ। କେବଳ ଏତିକି ନୁହେଁ, ଅଦରକାରୀ ଖବର କାଗଜ, ଆଇସ୍କ୍ରିମ ଚାମଚ, କାଠି ବ୍ୟବହାର କରି ବିଭିନ୍ନ ସୌଖୀନ ସାମଗ୍ରୀ ନିର୍ମାଣ କରିବା ଆରମ୍ଭ କଲେ। କାମ ପ୍ରତି ରହିଥିବା ନିଷ୍ଠା ଏବଂ ପରିଶ୍ରମ ଯୋଗୁ ସେ ଖୁବ୍ କମ୍ ଦିନରେ ଏଥିରେ ସିଦ୍ଧହସ୍ତ ହୋଇଗଲେ। ନିଜର କଳାକୃତିକୁ ମାର୍କେଟିଂ କରିବାକୁ ତାଙ୍କ ବଡ଼ଭାଇ ପରାମର୍ଶ ଦେବା ପରେ ସେ ଆଉ ପଛକୁ ହଟିନାହାନ୍ତି। ନିଜର ୟୁଟ୍ୟୁବ୍ ଚ୍ୟାନେଲ 'କ୍ରାଫ୍ଟ ଗ୍ୟାଲେରି'ରେ ହାତତିଆରି କଳାକୃତି ଗୁଡ଼ିକୁ ଭିଡିଓ କରି ଛାଡ଼ିବା ଆରମ୍ଭ କଲେ। ତେବେ ପ୍ରଥମେ ସେତେଟା ସଫଳତା ମିଳି ନ ଥିଲା। ପରବର୍ତ୍ତୀ ସମୟରେ ହସ୍ତକଳା ନିର୍ମାଣ କୌଶଳକୁ ଏଡିଟିଂ କରି ଭିଡିଓ କରିବା ପରେ ଧୀରେ ଧୀରେ ଏହା ଲୋକପ୍ରିୟ ହେବାକୁ ଲାଗିଲା। ସବ୍‌ସ୍କ୍ରାଇବର ସଂଖ୍ୟା ୧ ଲକ୍ଷ ଟପିବା ପରେ ୟୁଟ୍ୟୁବ୍‌ରୁ ବିଜ୍ଞାପନ ମିଳିବା ଆରମ୍ଭ ହେଲା। ଏବେ ତାଙ୍କ ଫଲୋର୍ସ ସଂଖ୍ୟା ୮ କୋଟି ଟପିଛି। ପ୍ରଥମେ ମାସକୁ ମାତ୍ର ୪-୫ ହଜାର ଟଙ୍କା ରୋଜଗାର ହେଉଥିବାବେଳେ ୟୁଟ୍ୟୁବ୍ ବିଜ୍ଞାପନ ମିଳିବା ପରେ ଏହା ଲକ୍ଷେ ଟପିଛି। ଆଗାମୀ ଦିନରେ ଏହାକୁ ଆହୁରି ଆଗକୁ ନେବାକୁ ଲକ୍ଷ୍ୟ ରଖିଛନ୍ତି ଅର୍ପିତା।

ଉଚ୍ଚଶିକ୍ଷିତା ଝିଅ ସରକାରୀ ଚାକିରି କରୁ ବୋଲି ଚାହୁଁଥିବା ବାପା ପ୍ରଥମେ ଏଭଳି କାର୍ଯ୍ୟକୁ ବିରୋଧ କରୁଥିଲେ। ହେଲେ କଳାର ମହତ୍ତ୍ୱ ସୁଦୂରପ୍ରସାରୀ ହେବା ପରେ ସେ ବି ଦେଉଛନ୍ତି ଭରପୂର ସମର୍ଥନ। କେବଳ ଏତିକି ନୁହେଁ, ଅର୍ପିତାଙ୍କ ହାତ ତିଆରି କଳାକୃତି ଦେଖିବା ଲାଗି ପ୍ରତିଦିନ ଶତାଧିକ ଲୋକେ ଭିଡ଼ ଜମାଉଛନ୍ତି। ଅର୍ପିତାଙ୍କ ଏଭଳି ସଫଳତାକୁ ନେଇ ଗ୍ରାମବାସୀ ଗର୍ବ ଅନୁଭବ କରୁଛନ୍ତି।

# କୋଟିପତି ଫାଣ୍ଡି ଅଧିକାରୀ ଗିରଫ

**କଟକ ଅଫିସ/ ଢେଙ୍କାନାଳ ଅଫିସ,୩।୧୧**

**୧ କୋଟି ୮୨ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ**



ଏସ୍‌ଆଇ ସମରେନ୍ଦ୍ର ସାମଲ

ନିକଟରେ ଭୁବନେଶ୍ୱରର ଜଣେ କୋଟିପତି କନଷ୍ଟେବଲ ଭିଜିଲାନ୍ସ ଜାଲରେ ପଡ଼ିଥିବାବେଳେ ଏବେ ଆଉ ଜଣେ କୋଟିପତି ପୋଲିସ ବାବୁ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର କଟକ ଭିଜିଲାନ୍ସ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଧୀନ ମହାବିରୋଡ ଫାଣ୍ଡି ଅଧିକାରୀ ଏସ୍‌ଆଇ ସମରେନ୍ଦ୍ର ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚୱାରେଣ୍ଟ ଆଦେଶ ବଳରେ ମଙ୍ଗଳବାର ଏସ୍‌ଆଇ ସମରେନ୍ଦ୍ରଙ୍କ ଢେଙ୍କାନାଳର ୭ଟି ସ୍ଥାନରେ ଏକ ସମୟରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ୩ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ୮ଟି ଟିମ୍ ଏହି ଚଢ଼ାଉ କରିଥିଲେ। ସମରେନ୍ଦ୍ରଙ୍କ ଢେଙ୍କାନାଳ ବନମାଳୀ ପ୍ରସାଦରେ ଥିବା ୨ଟି ଦୁଇମହଲା କୋଠା, କେନ୍ଦୁପାଟଣାରେ ଗୋଟିଏ ଏକମହଲା କୋଠା, ଜିଲାର ବିଭିନ୍ନ ସ୍ଥାନରେ ୧୦ଟି ପ୍ଲଟ, ମହାପଦା ଓ ଗଁଦିଆରେ ୨ଟି କୁକୁଡା ଫାର୍ମ, ଗୋଟି ୪ଚକିଆ ଗାଡି, ଗୋଟିଏ ବାଇକ, ୧୬.୪୧ ଲକ୍ଷର ବ୍ୟାଙ୍କ ଡିପୋଜିଟ, ୪.୪୧ଲକ୍ଷର ବୀମା ଡିପୋଜିଟ, ନଗଦ ୯୬ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସମୁଦାୟ ୧ କୋଟି ୮୨ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିବାବେଳେ ସମରେନ୍ଦ୍ରଙ୍କ ଆୟକୁ ହିସାବ କରାଯାଇଥିଲା। ପରେ ସେଥିରୁ ୧ କୋଟି ୪୫ ଲକ୍ଷ ୭୩ ହଜାର ୪୦୯ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ରଖିଥିବା ଜଣାପଡିଛି। ଯାହାକି ତାଙ୍କ ରୋଜଗାରର ୨୩୫ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି।



ମମିତା ମେହେରଙ୍କୁ ନ୍ୟାୟ ପାଇଁ ବୁଧବାର ଭୁବନେଶ୍ୱର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସାମୂହିକ ଦୀପଦାନ।

## ମମିତାଙ୍କୁ ନ୍ୟାୟ ପାଇଁ ଦୀପ ଜାଳିଲା ଭାଜପା ମହିଳା ମୋର୍ଚ୍ଚା

**ପୁରୁଣା ଭୁବନେଶ୍ୱର, ୩।୧୧(ଡି.ଏନ୍.ଏ.)**

ହତ୍ୟାର ଶିକାର ହୋଇଥିବା କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେରଙ୍କ ଆତ୍ମାକୁ ଶାନ୍ତି ଓ ପରିବାରବର୍ଗଙ୍କୁ ନ୍ୟାୟ ପାଇଁ ଭୁବନେଶ୍ୱର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ସାମୁହିକ ଦୀପ ପ୍ରଜ୍ୱଳନ କରାଯାଇଛି। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମନ୍ଦାକିନୀ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଜିଲା ସଭାପତି ବାବୁ ସିଂ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ହିମାଂଶୁ ଶେଖର ଛୋଟରାୟ, ଭାଜପା ନେତ୍ରୀ ତୃପ୍ତି ମକଦ୍ଦମ, ଲିପା ଦାସ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# କରୋନାରେ ଦେଢ଼ବର୍ଷର ଶିଶୁ ମୃତ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ରାଜ୍ୟରେ ଆଉ ୩ଜଣଙ୍କ ଜୀବନ ନେଇଛି କରୋନା ମହାମାରୀ। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା, ମୟୂରଭଞ୍ଜ ଓ ନୂଆପଡ଼ାରେ ଜଣେ ଲେଖାଏ ରହିଛନ୍ତି। ତେବେ ନୂଆପଡ଼ା ମୃତକ ହେଉଛନ୍ତି ଜଣେ ଦେଢ଼ବର୍ଷର ଶିଶୁପୁତ୍ର। ସେ ସେପ୍ଟିସିମିଆ ରୋଗରେ ମଧ୍ୟ ପୀଡିତ ଥିଲେ। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୩୪୩କୁ ବୃଦ୍ଧି ପାଇଛି। ସେହିଭଳି ଗତ ୨୪ ଘଣ୍ଟାରେ ୬୧,୫୪୨ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୫ ଜିଲାରୁ ୩୨୨ ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୬୯ଜଣ ଥିବାବେଳେ ବାକିସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୨୦ ତଳେ ରହିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୨,୪୨୨ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୪ହଜାର ତଳକୁ ଖସିଥିବାବେଳେ ଖୋର୍ଦ୍ଧା ଜିଲାରେ ବି ଏମାନଙ୍କ ସଂଖ୍ୟା ୨ହଜାର ତଳେ ରହିଛି। ବୁଧବାର ରାଜ୍ୟରେ ୪୧୬ଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ଆରୋଗ୍ୟ ସଂଖ୍ୟା ୧୦,୩୦,୪୪୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୩,୫୮୪ଜଣ ସକ୍ରିୟ ରୋଗୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ୧,୭୪୬ଜଣ ରହିଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡ ତଥ୍ୟରୁ ଜଣାପଡ଼ିଛି।

# ପୁରୀ ଜିଲା ଚାଷୀଙ୍କ ପାଇଁ କାଳିଆ ସହାୟତା

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

**୧,୬୫,୧୩୧ ଚାଷୀ ପାଇବେ ୩୩ କୋଟିର ସହାୟତା**

କାଳିଆ

୨୦୨୧-୨୨ ରବି ଋତୁ ପାଇଁ ପୁରୀ ଜିଲାର ଚାଷୀମାନେ 'କାଳିଆ' ଯୋଜନା ସହାୟତା ବାବଦରେ ୨୦୦୦ ଟଙ୍କା ଲେଖାଏ ପାଇବେ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି। ଜିଲାର ୧,୬୫,୧୩୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୩୩.୦୩ କୋଟି ଟଙ୍କା ପାଇବେ। ଏହି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୧ରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟର ୩୭,୧୨,୯୪୧ ଜଣ ଚାଷୀଙ୍କୁ ୭୪୨.୫୮ କୋଟି ଟଙ୍କାର କାଳିଆ ସହାୟତା ବଣ୍ଟନ କରିଥିଲେ। ପିପିଲି ଉପନିର୍ବାଚନ ପାଇଁ ପୁରୀ ଜିଲାର ଚାଷୀଙ୍କୁ ଏହି ସହାୟତା ପ୍ରଦାନ କରାଯାଇ ପାରି ନ ଥିଲା। ରାଜ୍ୟର କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାରମାନଙ୍କୁ କୃଷି କାର୍ଯ୍ୟରେ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସାରା ଦେଶରେ ଚାଷୀମାନଙ୍କ କଲ୍ୟାଣ ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିରେ ଚାଷୀମାନେ ବିଭିନ୍ନ କୃଷି ସାମଗ୍ରୀ ଯଥା- ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି କିଣିବା ପାଇଁ ଆନୁଷଙ୍ଗିକ ଆର୍ଥିକ ସୁବିଧା ପାଇପାରୁଛନ୍ତି। ସେହିପରି ଭୂମିହୀନ କୃଷି ପରିବାରମାନେ ମଧ୍ୟ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ଆନୁଷଙ୍ଗିକ କୃଷି କାର୍ଯ୍ୟ କରିପାରୁଛନ୍ତି। ଚାଷୀମାନଙ୍କ ଋଣ ଭାର କମ୍ କରିବାରେ ମଧ୍ୟ ଏହା ବିଶେଷ ସହାୟକ ସାବ୍ୟସ୍ତ ହୋଇପାରିଛି।

## ପିସିସି ସଭାପତି ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୁଣି ଅସୁସ୍ଥ ହୋଇପଡିଛନ୍ତି। ବୁଧବାର ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ଏନେଇ ପିସିସି ମିଡିଆ ସେଲ୍ ପକ୍ଷରୁ ସୂଚନା ଦିଆଯିବା ସହ ପିସିସି କାର୍ଯ୍ୟାଳୟ ଓ ଶୁଭେଚ୍ଛୁଙ୍କ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ସୂଚନାଯୋଗ୍ୟ, ପିସିସି ସଭାପତି ପଟ୍ଟନାୟକ ଗତ ଅକ୍ଟୋବର ୧୭ରେ ଅସୁସ୍ଥ ହୋଇପଡିବାରୁ ଦିଲ୍ଲୀ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

# ଏମ୍‌ସିଏଲ୍ ସୁରକ୍ଷା କର୍ମୀଙ୍କ ସହ ଗଣ୍ଡଗୋଳ

**ସମ୍ବଲପୁର,୩।୧୧(ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟଗେଟ ସୁରକ୍ଷା କର୍ମୀଙ୍କ ସହ ଗଣ୍ଡଗୋଳ ହୋଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଯୁବକ କମ୍ପାନୀ ଗେଟ୍ ଆଗରେ ପହଞ୍ଚି ଆମେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ପାଖଲୋକ, ଗେଷ୍ଟ ହାଉସରେ ରହିବା ବ୍ୟବସ୍ଥା ହୋଇଛି, ତେଣୁ ଭିତରକୁ ଛାଡ ବୋଲି ଜିଦ୍ କରିଥିଲେ। ହେଲେ ସୁରକ୍ଷାକର୍ମୀ ପାସ୍ ଦେଖାଅ ନ ହେଲେ ଫେରିଯିବାକୁ କହିଥିଲେ। ଏଥିରେ ରାଗିଯାଇ ସେମାନେ ଗଣ୍ଡଗୋଳ କରିଥିଲେ। ଏପରି କି ସୁରକ୍ଷା କର୍ମୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପରେ ମନ୍ତ୍ରୀ ସିଂ ଓ ସ୍ଥାନୀୟ ପୋଲିସ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ବୁଧବାର ହୀରାକୁଦ ଏସ୍‌ଡିପିଓ ଏସ୍. ଦାସ ପହଞ୍ଚି ଏହାର ତଦନ୍ତ କରିଥିଲେ। ପରେ ସୁରକ୍ଷା କର୍ମୀଙ୍କୁ ଗଣ୍ଡଗୋଳ କରିଥିବା କର୍ମୀମାନେ ଭୁଲ୍ ମାଗିଥିଲେ। ପୋଲିସ ଏହାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ଏସ୍‌ଡିପିଓ ଦାସ କହିଛନ୍ତି, ଏମ୍‌ସିଏଲ୍‌ରେ ମନ୍ତ୍ରୀଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଥିଲା। ତାଙ୍କ ସାଙ୍ଗରେ କେତେଜଣ ସମର୍ଥକ ମଧ୍ୟ ରହିଥିଲେ। ସେମିତି କିଛି ଘଟଣା ହୋଇ ନ ଥିଲା। ଭୁଲ ବୁଝାମଣା ଥିଲା, ସମାଧାନ ହୋଇଯାଇଥିବା କହିଛନ୍ତି। ଅନ୍ୟପଟେ ଏମ୍‌ସିଏଲ୍ ମାନବ ସମ୍ବଳ ଅଧିକାରୀ ଏନ୍.କେ. ମିଶ୍ର କହିଛନ୍ତି, ମନ୍ତ୍ରୀଙ୍କ ରହିବା ପାଇଁ ଗେଷ୍ଟ ହାଉସରେ ବୁକିଂ ହୋଇଥିଲା। ଗେଟ୍‌ରେ କ'ଣ ଘଟଣା ଘଟିଛି ସେ ନେଇ ଆମକୁ ସୂଚନା ଆସି ନାହିଁ। ତାଙ୍କ ଭିତରେ ସମାଧାନ ହୋଇଯାଇଥିବ ବୋଲି କହିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ସିଂଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ବ୍ୟକ୍ତିଗତ ସହାୟକ ଫୋନ ଉଠାଇ ମନ୍ତ୍ରୀଙ୍କ ଦେହ ଅସୁସ୍ଥ ଥିବାରୁ କୌଣସି ମତ ଦେଇପାରିବେ ନାହିଁ ବୋଲି କହିଥିଲେ।

# ମାର୍କଫେଡ୍ ଦ୍ୱାରା ଚାଷୀଙ୍କୁ ସାର ଯୋଗାହେବ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

**ସାର ଯୋଗାଣ, ଆର୍ଥିକ ବ୍ୟବସ୍ଥା କାର୍ଯ୍ୟକ୍ରମ 'ସମନ୍ୱିତ' ଉଦ୍‌ଘାଟିତ**





ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ 'ସମନ୍ୱିତ' କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରବର୍ତ୍ତିତ ୫-ଟି ଅନ୍ତର୍ଗତ କାର୍ଯ୍ୟକ୍ରମରେ ମାର୍କଫେଡ୍‌ର ସାର ଯୋଗାଣ ଓ ଆର୍ଥିକ ବ୍ୟବସ୍ଥାର କମ୍ପ୍ୟୁଟରୀକରଣ କରାଯାଇଛି। ମାର୍କଫେଡ୍ ଦ୍ୱାରା ରାଜ୍ୟର ଚାଷୀଙ୍କୁ ସାର ଯୋଗାଣ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରାଯିବା ସହିତ ଠିକ୍ ସମୟରେ ସେମାନଙ୍କୁ ଏହା ଯୋଗାଇ ଦିଆଯାଇପାରିବ। ଏହାଦ୍ୱାରା ଚାଷୀ ଉପକୃତ ହେବା ସହିତ କୃଷି ଉତ୍ପାଦନ ବୃଦ୍ଧି ପାଇବ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି।

ମନ୍ତ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ (ମାର୍କଫେଡ୍,ଓଡ଼ିଶା)ର ମୁଖ୍ୟ କାର୍ଯ୍ୟାଳୟରେ ସାର ଆବଣ୍ଟନ ଓ ଆର୍ଥିକ ପରିଚାଳନାର କମ୍ପ୍ୟୁଟରୀକରଣ ବ୍ୟବସ୍ଥା 'ସମନ୍ୱିତ'ର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କୋଭିଡ୍ ମହାମାରୀର କଟକଣା ସତ୍ତ୍ୱେ ସମବାୟ ବିଭାଗ ଦ୍ୱାରା ରାଜ୍ୟର ଚାଷୀଙ୍କୁ ଠିକ୍ ସମୟରେ ଋଣ ସମେତ ଆବଶ୍ୟକ କୃଷି ସାମଗ୍ରୀ ଯୋଗାଇ ଦିଆଯାଇପାରିଥିବାରୁ ଫସଲ ଉତ୍ପାଦନ ବୃଦ୍ଧି ପାଇଛି। ନୂତନ ବ୍ୟବସ୍ଥା ପ୍ରଚଳନ ଦ୍ୱାରା ସାର ଯୋଗାଣର ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ। ସାର ଉତ୍ପାଦନକାରୀ କମ୍ପାନୀ ଓ ଆମଦାନୀକାରୀଙ୍କଠାରୁ ଆରମ୍ଭକରି ପାଇକାରୀ ଏବଂ ଖୁଚୁରା ସାର ବ୍ୟବସାୟୀଙ୍କୁ ସାର ଯୋଗାଣ ଓ ପରିବହନ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରାଯାଇପାରିବ। ଏଥିରେ ସାର ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସ୍ୱଚ୍ଛ କରାଯିବା ସହିତ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ହୋଇପାରିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ସମନ୍ୱିତ କାର୍ଯ୍ୟକ୍ରମର ବ୍ୟବହାର ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ। ମାର୍କଫେଡ୍ ରାଜ୍ୟର ଏକ ଶୀର୍ଷ ସମବାୟ ସଂସ୍ଥା ଯାହା ରାଜ୍ୟରେ ଥିବା ୨୭୦୦ରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି ଓ ୧୭୦୦ରୁ ଅଧିକ ବେସରକାରୀ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ଜରିଆରେ ଚାଷୀଙ୍କୁ ରାସାୟନିକ ସାର ଯୋଗାଇଥାଏ। ଏଥିସହିତ ମାର୍କଫେଡ୍ ରାଜ୍ୟର ଚାଷୀଙ୍କଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୂଲ୍ୟରେ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ସଂଗ୍ରହ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

# ୨ ଛାତ୍ରୀନିବାସରେ ପ୍ରଶାସନିକ ତଦନ୍ତ

**ଭବାନୀପାଟଣା/ଗୋଲାମୁଣ୍ଡା, ୩।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

**ମମିତା ମେହେର ହତ୍ୟା ଘଟଣା**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ପଦାକୁ ଆସୁଛି। ସୋମବାର ମହାଲିଙ୍ଗ କଲେଜରେ ପହଞ୍ଚି କଳାହାଣ୍ଡି ଜିଲା ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ ତଦନ୍ତ କରିଥିବା ବେଳେ ଜାତୀୟ ଶିଶୁ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍)ଙ୍କ ଗାଇଡଲାଇନ ଅନୁସାରେ ବୁଧବାର ପୁଣି ଉପଜିଲାପାଳଙ୍କ ସମେତ ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ନିର୍ମଳ ମହାନ୍ତି, ଗୋଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲ ପ୍ରମୁଖ ମହାଲିଙ୍ଗ କଲେଜରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ଥିବା ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀନିବାସକୁଯାଇ ଚିହ୍ନିକିଖି ଯାଞ୍ଚ କରିଥିଲେ। ଏ ନେଇ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶଙ୍କୁ ପଚାରିବାରୁ ଜାତୀୟ ଶିଶୁ ସୁରକ୍ଷା ଆୟୋଗର ଗାଇଡଲାଇନ ଅନୁଯାୟୀ ତଦନ୍ତ କରାଯାଇଥିଲା। ଏହାର ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପଟେ ଉପଜିଲାପାଳ ପହଞ୍ଚିବା ପୂର୍ବରୁ କଲେଜ ପରିଚାଳନା କମିଟି ଓ ଅଭିଭାବକ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବପରି କିଭଳି କଲେଜ ସୁରୁଖୁରୁରେ ଚାଲିବ ଓ ଛାତ୍ରୀମାନେ କିପରି ସୁରକ୍ଷିତ ରହିବେ ସେ ନେଇ ଅଭିଭାବକମାନେ ପରିଚାଳନା କମିଟି ସହ ଉପଜିଲାପାଳଙ୍କୁ ଜଣାଇଥିଲେ।

## ବିଶ୍ୱକପ୍‌ରୁ ଓହରିଲେ ଅମ୍ପାୟର ଗଫ୍

**ଦୁବାଇ,୩।୧୧:** ଚଳିତ ଟି୨୦ ବିଶ୍ୱକପରୁ ଇଂଲଣ୍ଡ ଅମ୍ପାୟର ମାଇକେଲ ଗଫ୍ ଓହରିଯାଇଛନ୍ତି। ସେ ଟୁର୍ନାମେଣ୍ଟର ବାୟୋ ବବଲ ନିୟମ ଉଲ୍ଲଂଘନ କରିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତାଙ୍କୁ ଓହରିଯିବାକୁ କହିଛି। ୪୧ ବର୍ଷୀୟ ଗଫ୍ ବିନା ଅନୁମତିରେ ନିଜ ହୋଟେଲ ଛାଡି ଟୁର୍ନାମେଣ୍ଟ ବବଲ ବାହାରେ ଥିବା ଲୋକଙ୍କୁ ଭେଟିଥିଲେ। ଫଳରେ ତାଙ୍କୁ ୬ ଦିନିଆ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗଫ୍ ଆଉ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ପରିଚାଳନା କରିବେ ନାହିଁ ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି।









ବୁଧବାର ଆବୁଧାବିରେ ଅନୁଷ୍ଠିତ ଟି୨୦ ମ୍ୟାଚ୍ ଅବସରରେ ଭାରତ ଓ ଆଫଗାନିସ୍ତାନର ଦର୍ଶକ ଖେଳ ଉପଭୋଗ କରୁଛନ୍ତି। ଉଇକେଟ ନେବାପରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ବଧାଇ ଜଣାଉଛନ୍ତି ଅଧିନାୟକ ବିରାଟ କୋହଲି।

## ଭାରତ-ଆଫଗାନିସ୍ତାନ ସ୍କୋରବୋର୍ଡ

**ଭାରତ ଇନିଂସ୍**

ରାହୁଲ-ବୋ-ଗୁଲବଦିନ-୬୯
ରୋହିତ-କ-ନବି-ବୋ-ଜନତ-୭୪
ରିଷଭ-ନଟଆଉଟ-୨୭
ହାର୍ଦ୍ଦିକ-ନଟଆଉଟ-୩୫
ଅତିରିକ୍ତ-୫ଏ ମୋଟ-(୨୦ ଓଭର, ୨ ଉଇକେଟ) ୨୧୦, ଉଇକେଟ ପତନ:୧/୧୪୦, ୨/୧୪୭।

**ବୋଲିଂ(ଆଫଗାନିସ୍ତାନ)**

ନବି ୧-୦-୭-୦, ଅଶ୍ରଫ ୨-୦-୨୫-୦, ନଭିନ ୪-୦-୫୯-୦, ହମିଦ ୪-୦-୩୪-୦, ଗୁଲବଦିନ ୪-୦-୩୯-୧, ରଶିଦ ୪-୦-୩୬-୦, ଜନତ ୧-୦-୭-୧

**ଆଫଗାନିସ୍ତାନ ଇନିଂସ**

ଜାଜାଇ-କ-ଠାକୁର-ବୋ-ବୁମ୍‌ରା-୧୩
ଶାହଜାଦ-କ-ଅଶ୍ୱିନ-ବୋ-ଶାମି-୦
ଗୁରବାଜ-କ-ହାର୍ଦ୍ଦିକ-ବୋ-ଜାଡେଜା-୧୯
ଗୁଲବଦିନ-ଏଲବିଡବ୍ଲ୍ୟୁ-ଅଶ୍ୱିନ-୧୮
ଜଦ୍ରାନ-ବୋ-ଅଶ୍ୱିନ-୧୧
ନବି-କ-ଜାଡେଜା-ବୋ-ଶାମି-୩୫
ଜନତ-ନଟଆଉଟ-୪୨
ରଶିଦ-କ-ହାର୍ଦ୍ଦିକ-ବୋ-ଶାମି-୦
ଅଶ୍ରଫ-ନଟଆଉଟ-୨
ଅତିରିକ୍ତ-୪, ମୋଟ (୭ ଉଇକେଟ, ୨୦ ଓଭର) ୧୪୪। ଉଇକେଟ ପତନ:୧/୧୩, ୨/୧୩, ୩/୪୮, ୪/୫୯, ୫/୬୯, ୬/୧୨୬, ୭/୧୨୭।

**ବୋଲିଂ(ଭାରତ):** ଶାମି ୪-୦-୩୨-୩ ବୁମ୍‌ରା ୪-୦-୨୫-୧, ହାର୍ଦ୍ଦିକ ୨-୦-୨୩-୦, ଜାଡେଜା ୩-୦-୧୯-୧, ଅଶ୍ୱିନ ୪-୦-୧୪-୨, ଶାର୍ଦ୍ଦୁଳ ୩-୦-୩୧-୦।

# ବିଶ୍ୱକପ୍ ଦଳ ଚୟନରେ ତ୍ରୁଟି

**ନୂଆଦିଲ୍ଲୀ,୩।୧୧**

ଚଳିତ ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଚୟନ ଠିକ୍ ଭାବେ ହୋଇନାହିଁ ବୋଲି ପୂର୍ବତନ ଚୟନକର୍ତ୍ତା ଶରଣଦୀପ୍ ସିଂ କହିଛନ୍ତି। ବିଶ୍ୱକପ୍ ପରେ ରୋହିତ ଶର୍ମାଙ୍କୁ ନେତୃତ୍ୱ ଦିଆଯିବ। ତେବେ ସେ ଦୀର୍ଘକାଳ ଧରି ଅଧିନାୟକ ପଦରେ ଦାୟିତ୍ୱ ତୁଲାଇପାରିବେ ନାହିଁ ବୋଲି ଶରଣଦୀପ୍ ସ୍ପଷ୍ଟ କରିଛନ୍ତି।

ଟି୨୦ ବିଶ୍ୱକପ୍‌ରେ ଭାରତ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ବୃହତ୍ ବ୍ୟବଧାନରେ ହରାଇଥିଲେ ମଧ୍ୟ ଭାରତର ସେମିଫାଇନାଲ ଆଶା ଏବେ ମଧ୍ୟ କ୍ଷୀଣ ରହିଛି। ବିଶ୍ୱକପ୍ ପରେ ବିରାଟ କୋହଲି ନେତୃତ୍ୱ ଛାଡିବେ ବୋଲି ପୂର୍ବରୁ ଘୋଷଣା କରିସାରିଛନ୍ତି। ଏବେ ଦିନିକିଆ ଦଳର ନେତୃତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ରୋହିତ ସ୍ୱତଃପ୍ରବୃତ୍ତ ଭାବେ ନେତୃତ୍ୱ ନେବା ନିଶ୍ଚିତ ହୋଇଛି। ତେବେ ସେ ଦୀର୍ଘକାଳ ପାଇଁ ନେତୃତ୍ୱ ନେଇପାରିବେ ନାହିଁ ବୋଲି ଶରଣଦୀପ୍ କହିଛନ୍ତି। ସେ ସ୍ୱଳ୍ପକାଳ ପାଇଁ ନେତୃତ୍ୱ ନେଇପାରିବେ। ରୋହିତ ଦଳର ଶ୍ରେଷ୍ଠ ବ୍ୟାଟରମାନଙ୍କ ମଧ୍ୟରୁ ଅନ୍ୟତମ। ରୋହିତଙ୍କୁ ଆଉ ଦୁଇବର୍ଷ ପାଇଁ (୨୦୨୩ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ) ନେତୃତ୍ୱ ଦେବା ପାଇଁ ଚୟନକର୍ତ୍ତା ଆଲୋଚନା କରିବେ। ଯଦି ଚୟନକର୍ତ୍ତାମାନେ ଦୀର୍ଘକାଳୀନ ଅଧିନାୟକ ନିଯୁକ୍ତି ଦେବାକୁ ଚିନ୍ତା କରନ୍ତି ତା'ହେଲେ ଲୋକେଶ ରାହୁଲ କିମ୍ବା ରିଷଭ ପନ୍ତ ଏହି ପଦ ପାଇଁ ସବୁଠାରୁ ଯୋଗ୍ୟ ଖେଳାଳି ବୋଲି ଶରଣଦୀପ୍ କହିଛନ୍ତି।

### ରୋହିତ ଦୀର୍ଘକାଳ ଧରି ନେତୃତ୍ୱ ନେଇପାରିବେ ନାହିଁ: ଶରଣଦୀପ୍



ତୃତୀୟ ମ୍ୟାଚ୍‌ରେ ଭାରତୀୟ ଦଳରେ କରାଯାଇଥିବା ପରିବର୍ତ୍ତନକୁ ସେ ନାପସନ୍ଦ କରିଛନ୍ତି। ଶେଷ୍ଠ ଦଳକୁ ନେଇ ପଡିଆକୁ ଓହ୍ଲାଇବା ପରେ ଯଦି ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ପରାଜୟ ମିଳେ ତା'ହେଲ କୌଣସି ପରିବର୍ତ୍ତନ କରାଯିବା ଉଚିତ ନୁହେଁ। ଭୁବନେଶ୍ୱର କୁମାରଙ୍କୁ ବାଦ୍ ଦେବା ନିଷ୍ପତ୍ତି ଠିକ୍ ନୁହେଁ। ସେହିପରି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟ୍ ନ ଥିବାରୁ ତାଙ୍କୁ ଦଳରେ ସାମିଲ କରିବା ଉଚିତ ହୋଇନାହିଁ। ଜଣେ ଅଲରାଉଣ୍ଡର ଭାବେ ତାଙ୍କ ପାଖରେ ସେ ଦକ୍ଷତା ଆଉ ନାହିଁ। ଗତ ଦୁଇବର୍ଷ ହେବ ସେ ନିୟମିତ ଭାବେ ବୋଲିଂ କରିପାରୁନାହାନ୍ତି ବୋଲି ପୂର୍ବତନ ଭାରତୀୟ ସ୍ପିନର କହିଛନ୍ତି। ସେହିପରି ମହମ୍ମଦ ଶାମି ଟେଷ୍ଟ ଓ ଦିନିକିଆ ଫର୍ମାଟରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ଟି୨୦ରେ ସେତେଟା ଭଲ ପ୍ରଦର୍ଶନ କରିପାରିନାହାନ୍ତି। ଅକ୍ଷର ପଟେଲ ଭଲ ବୋଲିଂ କରିଥିଲେ ମଧ୍ୟ ତାଙ୍କୁ ଖେଳିବାର ସୁଯୋଗ ଦିଆଯାଇନାହିଁ। ସେହିପରି ୟୁଜବେନ୍ଦ୍ର ଚହଲଙ୍କୁ ଦଳରେ ସାମିଲ ନ କରିବା ମଧ୍ୟ ଆଶ୍ଚର୍ଯ୍ୟଜନକ। ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଦକ୍ଷତା ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ତେବେ ଭାରତୀୟ ବିଶ୍ୱକପ୍ ଦଳ ସେତେଟା ଖରାପ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟ ଦଳଗୁଡିକ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଏହାର ଅର୍ଥ ଭାରତ ଏକ ଖରାପ ଦଳ ନୁହଁ। ଭାରତୀୟ ଦଳରେ ଏବେ ମଧ୍ୟ ମ୍ୟାଚ୍ ୱିନର ଖେଳାଳି ରହିଛନ୍ତି ବୋଲି ଶରଣଦୀପ୍ କହିଛନ୍ତି।

# ନ୍ୟୁଜିଲାଣ୍ଡ ୧୬ ରନରେ ବିଜୟୀ

**ଦୁବାଇ,୩।୧୧**

ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲଙ୍କ ବିସ୍ଫୋରକ ଇନିଂସ (୯୩ ରନ, ୫୬ ବଲ, ୬ ଚୌକା, ୭ ଛକା) ସହାୟତାରେ ଚଳିତ ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଏକ ବଡ଼ ବିଜୟ ହାସଲ କରିଛି। ସୁପର ୧୨ ପର୍ଯ୍ୟାୟ ଗ୍ରୁପ ୨ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୬ ରନରେ ସ୍କଟଲାଣ୍ଡକୁ ହରାଇଛି। ଟସ୍ ଜିତି ସ୍କଟଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲା। ଜବାବରେ ସ୍କଟଲାଣ୍ଡ ୫ ଉଇକେଟ ହରାଇ ୧୫୬ ରନରେ ସୀମିତ ରହି ବିଜୟ ହାତଛଡା କରିଥିଲା। ଦ୍ରୁତ ଇନିଂସ ଖେଳି ୭ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିବା ଗୁପ୍ଟିଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୩ ରନ ଟାର୍ଗେଟର ପିଛା କରି ସ୍କଟଲାଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ମାଇକେଲ ଲିସ୍କ ସର୍ବାଧିକ ଅପରାଜିତ ୪୨ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଥ୍ୟୁ କ୍ରସ୍ ୨୭, ଜର୍ଜ ମୁନ୍‌ସେ ୨୨, ରିଚି ବେରିଂଟନ ୨୦ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମାର୍ଟିନ ଗୁପ୍ଟିଲ।

ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଟ୍ରେଣ୍ଟ ବୋଲ୍ଟ ଓ ଇଶ୍ ସୋଧି ୨ଟି ଲେଖାଏ, ଟିମ ସୌଦି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଗୁପ୍ଟିଲ ସର୍ବାଧିକ ୯୩, ଗ୍ଲେନ ଫିଲିପ୍ସ ୩୩ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବଡ଼ ସ୍କୋର କରିପାରି ନ ଥିଲେ। ବୋଲିଂରେ ସ୍କଟଲାଣ୍ଡ ତରଫରୁ ବ୍ରାଡ ହ୍ୱେଲ ଓ ସାଫିଆଁ ସରିଫ୍ ୨ଟି ଲେଖାଏ, ମାର୍କ ୱାଟ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୭୨/୫ (ମାର୍ଟିନ ଗୁପ୍ଟିଲ- ୯୩, ଗ୍ଲେନ ଫିଲିପ୍ସ- ୩୩, ବ୍ରାଡ ହ୍ୱେଲ- ୨/ ୪୦, ସାଫିଆଁ ସରିଫ୍- ୨/ ୨୮)। ସ୍କଟଲାଣ୍ଡ ୨୦ ଓଭରରେ ୧୫୬/୫ (ମାଇକେଲ ଲିସ୍କ- ୪୨*, ମାଥ୍ୟୁ କ୍ରସ- ୨୭, ଜର୍ଜ ମୁନସେ- ୨୨, ରିଚିବେରିଂଟନ- ୨୦, ଟ୍ରେଣ୍ଟ ବୋଲ୍ଟ- ୨/ ୨୯, ଇଶ ସୋଧି- ୨/ ୪୨)।

### ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

**ଅଷ୍ଟ୍ରେଲିଆ ବନାମ ବାଂଲାଦେଶ**
ସ୍ଥାନ: ଦୁବାଇ, ସମୟ: ଅପରାହ୍ନ ୩ଟା ୩୦

**ୱେଷ୍ଟଇଣ୍ଡିଜ ବନାମ ଶ୍ରୀଲଙ୍କା**
ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

## ରାଜ୍ୟ ଖବର

# '୨ ସପ୍ତାହ ମଧ୍ୟରେ ଅସ୍ଥାୟୀ ବାସଗୃହ ନିର୍ମାଣ ଶେଷ କର'

**କଟକ ଅଫିସ,୩।୧୧**

ରାଜ୍ୟର ବିଭିନ୍ନ କୁଷ୍ଠାଶ୍ରମ ଦୁରବସ୍ଥା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ବାଲେଶ୍ୱରସ୍ଥିତ ବାମପଦା କୁଷ୍ଠାଶ୍ରମରେ ନିର୍ମାଣାଧୀନ ଅସ୍ଥାୟୀ ବାସଗୃହକୁ ଆସନ୍ତା ୨ ସପ୍ତାହ ମଧ୍ୟରେ ଶେଷ କର। ଏନେଇ ଆସନ୍ତା ୨୨ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର, ବିଭୁ ପ୍ରସାଦ ତ୍ରିପାଠୀ ଓ ପମି ରଥ ଅସ୍ଥାୟୀ ବାସଗୃହର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ପରେ ହାଇକୋର୍ଟ ଖୋର୍ଦ୍ଧା ଓ ପୁରୀସ୍ଥିତ କୁଷ୍ଠାଶ୍ରମକୁ ପୁଣି ଥରେ ପରିଦର୍ଶନ କରିବାକୁ

**କୁଷ୍ଠାଶ୍ରମର ଦୁରବସ୍ଥା ମାମଲା**

■ ୨୨ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ନିର୍ଦ୍ଦେଶ



ଆମିକସ୍‌କ୍ୟୁରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜ୍ୟସ୍ତରୀୟ ବୈଷୟିକ କମିଟି ଚାହିଁଲେ କୁଷ୍ଠାଶ୍ରମର ଉନ୍ନତି ନିମନ୍ତେ ଅନ୍ୟରାଜ୍ୟର ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ପରବର୍ତ୍ତି ଶୁଣାଣି ନଭେମ୍ବର ୩୦ରେ ହେବ। ମାମଲାର ବିବରଣୀରୁ ପ୍ରକାଶ, ଆବେଦନକାରୀ ବିପିନ ବିହାରୀ ପ୍ରଧାନ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୁଷ୍ଠାଶ୍ରମର ଅବସ୍ଥା ସମ୍ପର୍କରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ବିଚାରକରି ଜୁଲାଇ ୧୪ରେ ୩ ଜଣ ଆମିକସ୍‌କ୍ୟୁରୀ ନିଯୁକ୍ତ କରିଥିଲେ। ପରେ ସେମାନେ ବାମପଦାସ୍ଥିତ କୁଷ୍ଠାଶ୍ରମରେ ତଦନ୍ତ କରି ଗତ ଅଗଷ୍ଟ ୩ ତାରିଖରେ ରିପୋର୍ଟ ଦାଖଲ କରିଥିଲେ। କୁଷ୍ଠାଶ୍ରମର ଅବସ୍ଥାରେ ସୁଧାର ଆଣିବା ଓ ସେଠାକାର ରୋଗୀଙ୍କୁ ଠିକ୍ ଚିକିତ୍ସା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ରିପୋର୍ଟରେ କୁହାଯାଇଥିଲା। ଏ ନେଇ ଅଗଷ୍ଟ ୧୬ ସୁଦ୍ଧା ଏକ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆମିକସ୍‌କ୍ୟୁରୀ ପୁରୀର ୨, ଜଟଣୀର ୨ଟି, ଖୋର୍ଦ୍ଧା ଓ ବାଲେଶ୍ୱରର ଗୋଟିଏ ଲେଖାଏ କୁଷ୍ଠରୋଗ କଲୋନୀ ପରିଦର୍ଶନ କରି ୩୨୦ ପୃଷ୍ଠା ସମ୍ବଳିତ ରିପୋର୍ଟ ଦାଖଲ କରିଥିଲେ।

# 'ସ୍କୁଲ ପିଲା ବିଦ୍ୟାଞ୍ଜଳିରେ ଯୋଡ଼ିହୁଅନ୍ତୁ'

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ସ୍କୁଲ ପିଲାଙ୍କୁ ବିଦ୍ୟାଦାନ ପାଇଁ "ବିଦ୍ୟାଞ୍ଜଳି"ରେ ଯୋଡ଼ିହେବା ଲାଗି ଓଡ଼ିଶା ସମେତ ଦେଶର ଜନସାଧାରଣଙ୍କୁ ଏକ ଭିଡିଓ ବାର୍ତ୍ତା ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିବେଦନ କରିଛନ୍ତି। ଦେଶବାସୀଙ୍କୁ ଦୀପାବଳିର ଶୁଭକାମନା ଜଣାଇବା ସହ ଧର୍ମେନ୍ଦ୍ର କହିଛନ୍ତି, ଦୀପାବଳିର ଶୁଭ ଅବସରରେ ସମସ୍ତେ କିଛି ଦେବାରେ ଖୁସି ଅନୁଭବ କରିଥା'ନ୍ତି। ସବୁ ଧର୍ମରେ ଦାନର ପ୍ରଥା ରହିଛି। ଆମ ସମସ୍ତଙ୍କ ପାଖରେ କିଛି ନା କିଛି ଜ୍ଞାନ ଓ କୌଶଳ ରହିଛି। ପିଲାଙ୍କୁ ବିଦ୍ୟାଦାନ ଦେବାରେ ହୁଏତ ଅଧିକ ଖୁସିର କଥା କିଛି ହୋଇ ନ ପାରେ। ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ନିଜର ବିଦ୍ୟାଳୟରେ ସହଭାଗିତା ଏବଂ ଦାୟିତ୍ୱର ସହ ଜ୍ଞାନ ଏବଂ ବିଦ୍ୟାଦାନ କରିବାର ଭାବନାକୁ ଉଜ୍ଜିବୀତ କରିବାର ସୁଯୋଗ ଦେଇଅଛି। ବିଦ୍ୟାଳୟରେ ଭାଗିଦାରୀ ପାଇଁ ଜନଆନ୍ଦୋଳନ ଆରମ୍ଭ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

# ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ ତାଲିକା ପ୍ରକାଶିତ

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ବୁଧବାର ଓବିସି ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ରାଜ୍ୟ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ସୁବାସ ଜେନା, ରାମଚନ୍ଦ୍ର ବେହେରା, ଦିଲୀପ କାର୍ସେଲ, ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ ନାୟକ ଓ ଉମାଶଙ୍କର ପଟେଲ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁଙ୍କୁ ନିଯୁକ୍ତି ମିଳିଛି। ସେହିପରିରାଜ୍ୟ ସମ୍ପାଦକ ଭାବେ ସୌଭାଗ୍ୟ ସାହୁ, ବଳରାମ ସୁବୁଦ୍ଧି, ସିଦ୍ଧାର୍ଥ ଶଙ୍କର ପତି, ଦୁର୍ଗାପ୍ରସନ୍ନ ନାୟକ, ମମତା ପଟେଲ ଓ ସୁକୁମାର ସାହୁ, କୋଷାଧ୍ୟକ୍ଷ ଭାବେ ସଂଗ୍ରାମ କେଶରୀ ନାୟକ, କାର୍ଯ୍ୟାଳୟ ସମ୍ପାଦକ ଭାବେ ସୁଶାନ୍ତ କୁମାର ଜେନା, ସୋସିଆଲ ମିଡିଆ ସଂଯୋଜକ ଭାବେ ଜି.ତ୍ରିଦେବ ରେଡ୍ଡୀ, ମିଡିଆ ସଂଯୋଜକ ଭାବେ ବିଷ୍ଣୁଚରଣ ବଳିୟାରସିଂହ ଏବଂ ରାଜ୍ୟ ଆଇଟି ସଂଯୋଜକ ଭାବେ ପ୍ରଦୀପ କୁମାର ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ବରିଷ୍ଠ ନେତା ଖାରବେଳ ସ୍ୱାଇଁ, ରଞ୍ଜନ କୁମାର ପଟେଲ ପ୍ରମୁଖଙ୍କୁ ଦାୟିତ୍ୱ ମିଳିଛି।

# ଢିଙ୍କିଆବାସୀଙ୍କ ପାଟଣା ପ୍ରବେଶ ଉଦ୍ୟମ ବିଫଳ

**କୁଜଙ୍ଗ,୩।୧୧(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଢିଙ୍କିଆବାସୀଙ୍କ ପାଟଣା ପ୍ରବେଶ ଉଦ୍ୟମ ବୁଧବାର ଦ୍ୱିତୀୟ ଦିନରେ ବିଫଳ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ୩ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଛନ୍ତି।

ସୂଚନାଯୋଗ୍ୟ ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆର ପଡ଼ା ଗ୍ରାମ ପାଟଣା ଓ ମାହାଳ ୨ଟି ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପାଇଛି। ପରେ ଢିଙ୍କିଆ ଗ୍ରାମବାସୀ ଏହାକୁ ବିରୋଧ କରିଆସୁଛନ୍ତି। ମାତ୍ର ପାଟଣା ଓ ମାହାଳ ଗାଁ ଲୋକେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଲା ପରେ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ନୂଆ ରାଜସ୍ୱ ଗ୍ରାମର ମୌଳିକ ଆବଶ୍ୟକତା ପୂରଣ ପାଇଁ ପ୍ରଶାସନ ତତ୍ପର ହୋଇଉଠିଛି। ପାଟଣା ଗ୍ରାମକୁ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ଢିଙ୍କିଆ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ ଅଭିଯୋଗ କରୁଛନ୍ତି, ଢିଙ୍କିଆ ଗ୍ରାମବାସୀ ଜଙ୍ଗଲ ଜମି ଅଧିକାରକୁ ନେଇ ଲଢେଇ କରୁଛୁ। ସରକାର ଆମଙ୍କୁ ଉଚ୍ଛେଦ କରି ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରୁଛନ୍ତି, ଯାହାକି ଆମର ଜୀବନଜୀବିକା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯିବ। ତେଣୁ ପ୍ରଶାସନ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ଆଳରେ ଆମମାନଙ୍କ ମଧ୍ୟରେ ବିଭାଜନ କରାଇ ଶିଳ୍ପପତିଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ପାଟଣା ଗ୍ରାମକୁ ହେଉଥିବା ରାସ୍ତା ନିର୍ମାଣ କେଉଁ ଅନୁଦାନରେ ହେଉଛି ବ୍ଲକ ପ୍ରଶାସନ ନ ଜଣାଇବାରୁ ଆମେ ବିରୋଧ କରୁଛୁ। କାହିଁକି ନା ପ୍ରଶାସନ କମ୍ପାନୀ ପଇସାରେ ରାସ୍ତା ନିର୍ମାଣ କରୁଥିବା ସେମାନେ ସନ୍ଦେହ ପ୍ରକାଶ କରୁଛନ୍ତି ବୋଲି ସମିତିସଭ୍ୟ ସ୍ୱାଇଁ କହିଥିଲେ। ଆମେ ପ୍ରଶାସନର କମ୍ପାନୀ ସମ୍ପର୍କ ବିଷୟରେ ଜନସାଧାରଣଙ୍କୁ ସଭା କରି ଜଣାଇବାକୁ ଯିବାରେ ପାଟଣାର କେତେଜଣ ଲୋକ ଗାଁ ମଧ୍ୟକୁ ଯିବାକୁ ବିରୋଧ କଲେ। ଫଳରେ ଆମେ ରେଡ୍‌କ୍ରସ୍ ଗୃହଠାରେ ସଭା କରି ଫେରିଲୁ। କେଉଁ ଅନୁଦାନରେ ପାଟଣାରେ ରାସ୍ତା କାମ ହେଉଛି ତାହା କାହିଁକି ସର୍ବସାଧାରଣ ଓ ସମିତି ସଭ୍ୟଙ୍କୁ ଅବଗତ କରାଯାଉନାହିଁ ଏ ସମ୍ପର୍କରେ ପଚାରିବାରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ପ୍ରଶାସନ ଯେତେବେଳେ ଢିଙ୍କିଆ ପଞ୍ଚାୟତକୁ ଯାଉଛି ସେତେବେଳେ ସମିତି ସଭ୍ୟ ଜାଣିପାରୁଥିବା ବେଳେ, କେଉଁ ଅନୁଦାନରେ ରାସ୍ତା କାମ ହେଉଛି ତାହା ଜାଣି ପାରୁନାହାନ୍ତି କେମିତି ବୋଲି ବେହେରା ପ୍ରଶ୍ନ କରିଛନ୍ତି।

**୨ ନୂଆ ରାଜସ୍ୱ ଗ୍ରାମକୁ ନେଇ ବିବାଦ ପ୍ରସଙ୍ଗ**



ରେଡକ୍ରସ ଗୃହଠାରେ ଢିଙ୍କିଆ ଗାଁର ଲୋକ ସଭା କରୁଛନ୍ତି।

# ଦୀପ ଜଳାନ୍ତୁ



ବିଭିନ୍ନ ପର୍ବପର୍ବାଣି, ବିଶେଷ କରି ଦୀପାବଳି ପାଳନ ଅବସରରେ ଆମେ ବାଣ ଫୁଟାଇଥାଉ, ଯାହାକି ଅତ୍ୟନ୍ତ ବାୟୁ ପ୍ରଦୂଷଣକାରୀ ବୋଲି ପ୍ରମାଣିତ ହେବାରୁ ବିଗତ ବର୍ଷଠାରୁ ଏହା ବଦଳରେ ତଥାକଥିତ ସବୁଜବାଣ ବ୍ୟବହାର କରାଯାଉଛି। କୁହାଯାଉଛି ଯେ, ଏହା ୩୦% କମ୍ ପ୍ରଦୂଷଣକାରୀ । ଏଣୁ ଏହାକୁ ବ୍ୟବହାର କରିବାକୁ ଆମ ରାଜ୍ୟ ସମେତ ଦେଶର ଅନେକ ସ୍ଥାନରେ ଅନୁମତି ମିଳିଛି। ତେବେ ଏହା ଗ୍ରହଣୀୟ ନୁହେଁ। ସାଧାରଣ ବାଣ ଫୁଟିଲା ବେଳେ ବିବିଧ ସହରାଞ୍ଚଳର ବାୟୁ ଅତ୍ୟଧିକ ପ୍ରଦୂଷିତ ହୋଇଥାଏ। ଏଥିରୁ କିଛିଟା କମ୍ ହେବା ମଧ ସହନୀୟ ନୁହେଁ।

ସାଧାରଣ ବାଣରେ ଗନ୍ଧକ, ପୋଟାସିୟମ, ନାଇଟ୍ରେଟ୍, ବେରିୟମ ନାଇଟ୍ରେଟ୍ ଆଦିକୁ ମୂଳ ଉପାଦାନ ଏବଂ କେତେକ ବିଷାକ୍ତ ଧାତୁକୁ ତାହା ରଙ୍ଗିନ କରିବା ଲାଗି ବ୍ୟବହାର କରାଯାଏ। ସବୁଜବାଣରେ ଏଥିରୁ ଅନେକକୁ ବାଦ୍ ଦିଆଯାଉଥିବା କୁହାଯାଉଛି। ତେବେ ତହିଁରେ ଏହି ମୂଳ ଉପାଦନଗୁଡ଼ିକ କମ୍ ମାତ୍ରାରେ ହେଲେ ହେଁ ତ ନିଶ୍ଚୟ ଥିବ। ସେଥିରୁ ବାହାରୁଥିବା ବାଷ୍ପଗୁଡ଼ିକ ନିଶ୍ଚିତ ରୂପେ ଦୂଷିତକାରୀ ଏବଂ କ୍ଷତିକାରକ ।

ପୁନଶ୍ଚ କୁହାଯାଉଛି ଯେ, ସବୁଜବାଣରୁ ଜଳୀୟବାଷ୍ପ ନିର୍ଗମନର ବ୍ୟବସ୍ଥା ରହିଛି। ଏହା ନିର୍ଗତ ଧୂଳିକଣାକୁ ବାୟୁ ମଧ୍ୟକୁ ତଳକୁ ଖସାଇ ଆଣେ। ଏହା ଯଦି ସତ୍ୟ, ତେବେ ବିଗତ ବର୍ଷ ସବୁଜବାଣ ବ୍ୟବହୃତ ହୋଇଥିବା ଦିଲ୍ଲୀ ସମେତ ସହରାଞ୍ଚଳରେ ଦୀପାବଳି ପରେ ବାୟୁରେ ଭାସମାନ କଣିକା ଅତ୍ୟଧିକ ବଢ଼ିଯାଇଥିଲା କାହିଁକି ?

ସେହିପରି କୁହାଯାଉଛି ଯେ, ସାଧାରଣ ଫୋଟକାରୁ ୧୬୦ ଡେସିବେଲ ଧ୍ୱନି ପର୍ଯ୍ୟନ୍ତ ନିର୍ଗତ ହେଲାବେଳେ ସବୁଜବାଣରୁ ଏହା ୧୩୦ ମଧରେ ସୀମିତ ରହିବ। ତେବେ ଏହା ମଧ ଆମ ସାଧାରଣ ନିରାପଦ ସୀମା(୬୦ ଡେସିବେଲ)ଠାରୁ ଯଥେଷ୍ଟ ଅଧିକ। ଏପରିସ୍ଥଳେ ପରିବେଶ ଓ ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ ସବୁଜବାଣ ମଧ ବର୍ଜନୀୟ। ପଶ୍ଚିମବଙ୍ଗ ଓ ଦିଲ୍ଲୀ ଭଳି କେତେକ ସ୍ଥାନରେ ତାହା କରାଯାଇଛି।

ଶେଷରେ ଯେଉଁମାନେ ବାଣ ଫୁଟାଇବାକୁ ଆମ ପରମ୍ପରା ବୋଲି କହୁଛନ୍ତି, ସେମାନଙ୍କୁ ଗୋଟିଏ ପ୍ରଶ୍ନ–ଦୀପାବଳି ପାଳନ ପ୍ରଥମେ ଆରମ୍ଭ ହୋଇଥିଲା ଶ୍ରୀରାମଚନ୍ଦ୍ରଙ୍କର ବନବାସରୁ ପ୍ରତ୍ୟାବର୍ତ୍ତନ କାଳରେ । ସେହି ସମୟରେ ବାଣର କ'ଣ ବ୍ୟବହାର ଥିଲା। ଏଣୁ ଏହାକୁ ଆମର ପରମ୍ପରା ବୋଲି କହିବା ମଧ ଅଯୁକ୍ତିକର।

ଏପରିସ୍ଥଳେ ଦୀପାବଳିରେ ବାଣ ନ ଫୁଟାଇବାକୁ ସମସ୍ତଙ୍କୁ ଅନୁରୋଧ । କାରଣ ଏଥିରେ ଆମକୁ ମିଳୁଥିବା ଆନନ୍ଦ ଆସୁରିକ, ଏଣୁ ଏହା ବର୍ଜନୀୟ। ତେବେ ବାଣ ବଦଳରେ ଏହି ଆଲୋକର ପର୍ବରେ ଦୀପ ଜାଳନ୍ତୁ, ଯାହା ପରିବେଶ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଅନୁକୂଳ । ଏହି ଅବସରରେ ଚାଲନ୍ତୁ ଦୀପଟିଏ ଜାଳି ଜଗଜ୍ଜନନୀ ମା' କାଳୀଙ୍କୁ ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରିବା ।

**–ପ୍ରଫେସର ଉମେଶ ଚନ୍ଦ୍ର ପରିଡ଼ା**
**ମୋ: ୯୯୩୭୯୮୫୭୬୭**

## ବାଣଫୁଟା ଆମ ପରମ୍ପରା ନୁହେଁ



ଆମ ପରମ୍ପରା ବାଣ ଫୁଟା ନୁହେଁ, ଦୀପ ଜାଳିବା, କାଉଁରିଆ ଜାଳି ବଡ଼ବଡୁଆଙ୍କୁ ଡାକିବା। ସେକଥା ଧୀରେ ଧୀରେ ଭୁଲି ଯାଉଛୁ। ପ୍ରତିବର୍ଷ ପରି ଏବର୍ଷ ବି ମୋ ପିଲାମାନଙ୍କ ସହିତ ଦୀପରେ ଘରର ଆଗକୁ ସଜାଇବି। ଚଉରାମୂଳେ ବଡ଼ବଡୁଆ ଡାକିବି। ଆଉ ପ୍ରାର୍ଥନା କରିବି ହେ ମୋର ବଡ଼ବଡୁଆମାନେ! ଏଇ ନୂଆ ପିଢ଼ିଙ୍କୁ ସଦ୍ ବୁଦ୍ଧି ଦିଅ।

**–ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ,** ଶିଶୁ ସାହିତ୍ୟିକ,ଭୁବନେଶ୍ୱର

## ଏଥର ଦୀପରେ ଦୀପାବଳି



କରୋନା ମହାମାରୀ ପାଇଁ ଗତବର୍ଷ ଦୀପାବଳି ପାଳନ କରିପାରିନାହିଁ। ଏଥର ଏବର୍ଷ କେବଳ ଦୀପରେ ଏହି ପର୍ବ ପାଳନ କରିବି। ଘରେ ପିଠାପଣା ହେଉଛି। ନୂଆ ଡ୍ରେସ୍ ବି ପିନ୍ଧିବି। ସମସ୍ତଙ୍କୁ ଅନୁରୋଧ ସରକାରଙ୍କ ନିୟମ ଅନୁସାରେ ଏହି ପର୍ବ ପାଳନ କରନ୍ତୁ।

**–ନମ୍ରତା ସିଂଦେଓ,** ଅଭିନେତ୍ରୀ

## ବାଣ ଫୁଟା ପୂରା ବନ୍ଦ ହେଉ



ସବୁଜ ବାଣ, ବାଇଗଣି ବାଣ, କମଳା ବାଣ ଏସବୁ କେମିତି କଥା ପିଲାଦିନୁ ଶୁଣିନି। ଯଦି ବାଣଫୁଟା ବନ୍ଦ, ତେବେ ପୂରାପୂରି ବନ୍ଦ। ଏ ସବୁଜ, ନେଳିଆ ପ୍ରହସନ କିଆଁ ? ତା'ଛଡ଼ା ଘଣ୍ଟା ଦେଖି ଦୁଇ ଘଣ୍ଟା ବାଣ ଫୁଟାଇବା ବି ହସ ଲାଗୁଛି। ଆମେ ତ ଏଯାଏଁ ଘଣ୍ଟା ଦେଖି କିଛି କରିପାରିଲେନି। ସଭାଥିବ ସନ୍ଧ୍ୟା ପାଞ୍ଚଟାରେ, ହେଲେ ଅତିଥି ପହଞ୍ଚନ୍ତି ରାତି ସାତଟାରେ। ତେଣୁ ସବୁଜ ବାଣ ହଉ କି ଦୁଇ ଘଣ୍ଟିଆ ବାଣ ଫୁଟା ସବୁ ପ୍ରହସନ ଲାଗୁଛି।

**– ଡ. ଦେବାଶିଷ ମହାପାତ୍ର,** ଯୁଗ୍ମ ସମ୍ପାଦକ, କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

## ଆଲୋକର ପର୍ବକୁ ସ୍ୱାଗତ କରିବି



ଏଥର ଦୀପାବଳି ମୋ ପରିବାର ସହ ପାଳନ କରିବି। ସବୁଜ ବାଣ ବିଷୟରେ ମୋର ବିଶେଷ ଧାରଣା ନାହିଁ। ତେବେ ଦୀପ ଜଳାଇ ଆଲୋକର ପର୍ବକୁ ସ୍ୱାଗତ କରିବି। ସବୁବର୍ଷ ପରି ଏ ବର୍ଷ ମଧ ସ୍ୱାମୀଙ୍କ ସହ ଦକ୍ଷିଣକାଳୀ ମନ୍ଦିରକୁ ଦର୍ଶନ କରିବାକୁ ଯିବି।

**–ମଧୁମିତା ମହାନ୍ତି,** ଅଭିନେତ୍ରୀ

## ଦୀପ, ରଙ୍ଗୋଲିରେ ଘର ସଜାନ୍ତୁ



ସବୁଜ ବାଣ ଫୁଟାଇବା ନିଷ୍ପତ୍ତି ସରକାର ଅତିଶୀଘ୍ର ନେଇଛନ୍ତି। ଭୁବନେଶ୍ୱରରେ ଏହା ମିଳୁନାହିଁ। ଅବଶ୍ୟ ବାଣ ନ ଫୁଟାଇବା ମଧ ଭଲ। ବାୟୁ ପ୍ରଦୂଷଣର ମାତ୍ରା କିଛି ପରିମାଣରେ କମିଯିବ। ତେଣୁ ଛାତ୍ରୀଛାତ୍ରମାନେ ଘରେ ରହି ପରିବାର ଲୋକଙ୍କୁ ଦୀପ, ରଙ୍ଗୋଲି ଓ ଘର ସଜ୍ଜାରେ ସାହାଯ୍ୟ କରନ୍ତୁ।

**–ଦେବସ୍ମିତା ମିଶ୍ର,** ନିର୍ଦ୍ଦେଶିକା, ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ, କେଦାରଗୌରୀ ବିହାର, ଭୁବନେଶ୍ୱର

# ସବୁଜ ଦୀପାବଳି

ବୈଦିକ କାଳରୁ ପାଳିତ ହେଉଥିବା ଦୀପାବଳି ଆମ ଭାରତୀୟ ସାଂସ୍କୃତିକ ପରମ୍ପରାର ଏକ ଅନନ୍ୟ ପର୍ବ। କାର୍ତ୍ତିକ ମାସରେ ଏହା ପଡୁଥିବାରୁ ଲୋକଙ୍କ ପ୍ରାତଃସ୍ନାନ ସାଙ୍ଗକୁ ସାତ୍ତ୍ୱିକ ଆହାର, ଠାକୁର ଦର୍ଶନ, ଭଜନ, କୀର୍ତ୍ତନ ଇତ୍ୟାଦି ଧାର୍ମିକ ଭାବନାକୁ ଆହୁରି ସତେଜ କରେ । ଯେମିତି ଅମାବାସ୍ୟାର ଅନ୍ଧାରକୁ ଦୂର କରିବା ପାଇଁ ଦୀପର ଅଲୋକ ସହାୟକ ହୁଏ, ସେମିତି ଅଜ୍ଞାନ ରୂପକ ଅନ୍ଧାରରୁ ମୁକ୍ତି ଲାଗି ଜ୍ଞାନର ଅଲୋକବର୍ତ୍ତିକାରେ ଈଶ୍ୱରପ୍ରାପ୍ତି ରୂପକ ଶାନ୍ତି ଲାଭକରୁ । ପାର୍ବଣ ଋତୁର ଶେଷ ପର୍ଯ୍ୟାୟରେ ପାଳିତ ହେଉଥିବା ଦୀପାବଳି ଓ କାଳୀପୂଜାରେ ଅନେକ ପୌରାଣିକ ଘଟଣା ସଂଶ୍ଳିଷ୍ଟ। ଅପରପକ୍ଷରେ ବୈଜ୍ଞାନିକ ଦୃଷ୍ଟିକୋଣରୁ, ବର୍ଷର ଶେଷଭାଗରେ ଶିଶିର ଭିଜା ପରିବେଶ ସାଙ୍ଗକୁ ଶୀତଋତୁର ଆଗମନରେ ଅସଂଖ୍ୟ କୀଟ ପତଙ୍ଗ ବାୟୁମଣ୍ଡଳରେ ଘୂରିବୁଲନ୍ତି । ଦୀପାବଳିର ଆଲୋକସଜ୍ଜା ଓ ଆତସବାଜି ବିସ୍ଫୋରଣ ଜନିତ ବାରୁଦ ଗନ୍ଧରେ ସେମାନେ ମୃତ୍ୟୁବରଣ କରିଥାନ୍ତି, ଫଳରେ ବାୟୁମଣ୍ଡଳ କୀଟପତଙ୍ଗ ମୁକ୍ତହୋଇ ଏକ ନିର୍ମଳ ପରିବେଶ ସୃଷ୍ଟି କରିଥାଏ। ପରବର୍ତ୍ତୀ ସମୟରେ ଏହି ପର୍ବକୁ ଅଧିକ ଉତ୍ସବମୁଖର କରିବା ପାଇଁ ଆସତବାଜିର ବହୁଳ ବ୍ୟବହାର ପରିବେଶ ଉପରେ ଅନେକ ନକାରାତ୍ମକ ପ୍ରଭାବ ପକାଉଛି । ଦୂଷିତ ବାୟୁମଣ୍ଡଳରେ ଦୀପାବଳି ପର୍ବର ବାଣ ପ୍ରଦୂଷଣ ରୋକିବାକୁ ପରିବେଶବିତମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବାଧ ହେଉଛନ୍ତି । ଫଳସ୍ୱରୂପ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କଲିକତା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଉପରେ ରୋକ ଲଗାଇ ବାଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇ ପାରିବନି ବୋଲି ଆଦେଶ ନାମା ଜାରି କରିଛନ୍ତି । ଅତ୍ୟଧିକ ଧୂଆଁ ସୃଷ୍ଟି କରୁ ନ ଥିବା ବାଣ (ଗ୍ରୀନ୍‌କ୍ରାକର) କୁ ବ୍ୟବହାର ନିମନ୍ତେ ନିର୍ଦ୍ଦେଶନାମା ଜାରି ହୋଇଛି । ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ମଧ ଦୀପାବଳି ପାଳନ ପାଇଁ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି । ତେଣୁ ଏଥର ଦୀପାବଳିରେ ଫୁଟିବ ଗ୍ରୀନ୍ କ୍ରାକର ବା ସବୁଜ ବାଣ । ତେବେ ବିଗତଦିନରେ ଦୀପାବଳିରେ ବାଣ ବିସ୍ଫୋରଣରେ ଅନେକ ମୂଲ୍ୟବାନ ଜୀବନ ଯାଇଥିବାର ନଜିର ଅଛି । ଗତବର୍ଷ ଭଳି ଚଳିତବର୍ଷ ମଧ ଦୀପାବଳି ବନ୍ଧା ପଡ଼ିଛି ମହାମାରୀ କରୋନା କଟକଣାରେ । ଧର୍ମ ମାସର ଧାର୍ମିକ ପରିବେଶ ମନ୍ଦିର ବନ୍ଦ ଯୋଗୁ ମଳିନ ପଡ଼ିଯାଇଛି । ମନ୍ଦିର ବେଢ଼ାରେ ହବିଷିଆଳି ମାନଙ୍କ ହୁଳହୁଳି ସାଙ୍ଗକୁ ରାଇଦାମୋଦର ପୂଜା ଆଉ ଦେଖିବାକୁ ମିଳୁନି। ବର୍ତ୍ତମାନର ପରିସ୍ଥିତିକୁ ତର୍ଜମାକରି ଆଗାମୀ ଦିନରେ ଅନେକ ସମସ୍ୟାକୁ ସାମ୍ନା କରିବା ସହିତ ଆନନ୍ଦ ଉପଲବ୍ଧି କରିବା ପାଇଁ ମନକୁ ସବୁଜ କରିବା ନିତାନ୍ତ ଆବଶ୍ୟକ। ଚାଲନ୍ତୁ ସବୁଜ ଦୀପାବଳି ପାଳନ କରି ପରିବେଶ ସଜାଡ଼ିବାକୁ ଦୃଢ଼ ସଂକଳ୍ପ ନେବା ଓ ଆନନ୍ଦରେ ଜିଇଁବା।

**–ଡ. ଅଜୟ କୁମାର ନନ୍ଦ**
ବିଶ୍ୱନାଥ କୁଟିର, ନୀଳକଣ୍ଠପୁର, ପୁରୀ



## Business

### ବ୍ରହ୍ମପୁରରେ ଖୋଲିଲା ସୋଚ୍ ଷ୍ଟୋର

**ଭୁବନେଶ୍ୱର, ୩।୧୧:** ୱମେନ୍ସ ଏଥନିକ୍ ୱେୟାର୍ ବ୍ରାଣ୍ଡ ସୋଚ୍ ଓଡିଶାର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥିତ ଜେନାନା ହସ୍ପିଟାଲ ରୋଡ୍‌ଠାରେ ଏହାର ପ୍ରଥମ ଷ୍ଟୋର୍ ଶୁଭାରମ୍ଭ ହୋଇଛି। ଏହି ଷ୍ଟୋର୍ ୧୬୫୦ ବର୍ଗଫୁଟ୍ ସ୍ଥାନରେ ଅବସ୍ଥିତ। ରାଜ୍ୟରେ ନିଜର ଉପସ୍ଥିତି ବୃଦ୍ଧି କରିବା ପାଇଁ ବ୍ରାଣ୍ଡର ପ୍ରୟାସ କ୍ଷେତ୍ରରେ ଏହା ଏକ ଦୃଢ ପଦକ୍ଷେପକୁ ଚିହ୍ନିତ କରୁଛି। ପୂର୍ବରୁ ଓଡିଶାରେ ସୋଚ୍‌ର ୩ଟି ଷ୍ଟୋର୍ ରହିଛି। ବ୍ରହ୍ମପୁରଠାରେ ଏହି ନୂଆ ଷ୍ଟୋର୍ ବ୍ରାଣ୍ଡର ନୂତନ ଫେଷ୍ଟିଭ୍ କଲେକ୍ସନ ୨୦୨୧କୁ ପ୍ରଦର୍ଶିତ କରିବ।

### ସାରା ଦେଶରେ ୧୫ ଟନ୍ ସୁନା ବିକ୍ରି

ନୂଆଦିଲ୍ଲୀ, ୩।୧୧



ଚଳିତ ବର୍ଷର ଧନ୍‌ତେରସ ପୂର୍ବ ରେକର୍ଡ ଭାଙ୍ଗିଛି। ଧନ୍‌ତେରସରେ ପ୍ରଥମ ଥର ଲାଗି ସାରା ଦେଶରେ ୧୫ ଟନ ସୁନା ବିକ୍ରି ହୋଇଛି। ଏହାର ମୂଲ୍ୟ ପ୍ରାୟ ୭୫୦୦କୋଟି ଟଙ୍କା ହେବ। କରୋନା ଯୋଗୁ ଦେଶର ଜୁଏଲେରି ଶିଳ୍ପ ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ତେବେ ଧନ୍‌ତେରସରେ ଚଳିତ ବର୍ଷ ବିକ୍ରି ଉନ୍ନତ ରହିବ ବୋଲି ଆକଳନ କରାଯାଇଥିଲା। ମଙ୍ଗଳବାର ଜୁଏଲର୍ସଙ୍କ ବିକ୍ରି ବେଶ୍ ଉନ୍ନତ ରହିଛି। ଭୁବନେଶ୍ୱର ସମେତ ମୁମ୍ବାଇ, ଦିଲ୍ଲୀ, ଜୟପୁର ଏବଂ ଅହମ୍ମଦାବାଦ ଭଳି ସହରରେ ବିକ୍ରି ଆଶାଜନକ ରହିଥିବା ଶିଳ୍ପ ପକ୍ଷରୁ ସୂଚନା ମିଳିଛି। ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ସୁନା ଦୋକାନଗୁଡିକରେ ଗ୍ରାହକଙ୍କ ଭିଡ଼ ଦେଖାଯାଇଥିବା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ସୂଚନା ମିଳିଛି।

ସଂଘର ସୂଚନା ମୁତାବକ, ନୂଆଦିଲ୍ଲୀରେ ୧ ହଜାର କୋଟି ଟଙ୍କାର ସୁନା ଗହଣା କାରବାର ହୋଇଥିବା ବେଳେ ଦକ୍ଷିଣ ଭାରତରେ ଏହା ପ୍ରାୟ ୨ ହଜାର କୋଟି ଟଙ୍କା ହେବ। ୨୦୨୧ ପ୍ରଥମ ୬ ମାସରେ ଭାରତ ୭୦୦ ଟନ୍ ସୁନା ଆମଦାନୀ କରିଛି। ଚଳିତ ବର୍ଷ ଅଦ୍ୟାବଧି ସୁନା ଶସ୍ତା ରହିଥିବା ବ୍ୟବସାୟୀମାନେ କହିଛନ୍ତି। ସେହିଭଳି ପାର୍ବଣ ଏବଂ ବିବାହ ଋତୁ ଚାଲିଥିବାରୁ ଲୋକମାନେ ଅଧିକ ପରିମାଣର ସୁନା କ୍ରୟ କରିଛନ୍ତି। ସୁନାଗହଣା ସହ ଗୋଲ୍ଡ କଏନର ବିକ୍ରି ମଧ ଉନ୍ନତ ରହିଥିବା ବ୍ୟବସାୟୀମାନେ କହିଛନ୍ତି।

କରୋନା ଯୋଗୁ ଅର୍ଥ ବ୍ୟବସ୍ଥା ପ୍ରଭାବିତ ସ୍ଥିତିରେ ରହିଛି। ଏହି ସମୟରେ ଲୋକମାନେ ସୁନାଗହଣା କିଣିବାକୁ ଏତେଟା ଆଗ୍ରହ ଦେଖାଇ ନ ଥିଲେ। ୨୦୧୯ ଏବଂ ୨୦୨୦ରେ ସୁନାଗହଣା ଦର ମଧ ଦ୍ରୁତଭାବେ ବଢ଼ିଥିଲା। ମାତ୍ର ଚଳିତ ବର୍ଷ ସୁନା ଦର ଏତେଟା ବଢ଼ିନାହିଁ। ଟାଟା ଗ୍ରୁପ୍‌ର ବ୍ରାଣ୍ଡ ଟାଇଟାନର ସେପ୍ଟେମ୍ବର ତ୍ରୈମାସ ଆୟ ୭୭% ବଢ଼ିଛି। ସମସ୍ତ ସେଗ୍‌ମେଣ୍ଟ ଭଲ ପ୍ରଦର୍ଶନ କରିବାରୁ ଏଭଳି ସ୍ଥିତି ଦେଖାଯାଇଛି ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏମ୍ଏମ୍‌ଟିସି ଏମ୍‌ଡି ବିକାଶ ସିଂ କହିଛନ୍ତି, ଲୋକଙ୍କର କ୍ରୟ ପାର୍ବଣ ଏବଂ ଧନ୍‌ତେରସରେ ବଢ଼ିଥିବାରୁ ଷ୍ଟକ ସରିଯାଇଛି। ଗତ କିଛି ଦିନ ହେବ ଲୋକଙ୍କ ସୁନା କ୍ରୟରେ ବେଶ୍ ବୃଦ୍ଧି ଘଟିଛି। ବାଙ୍ଗାଲୋର ଭିତ୍ତିକ ଜଣେ ଜୁଏଲର୍ସ କହିଛନ୍ତି, ସୁନାଗହଣା ବିକ୍ରି ୬୫% ବଢ଼ିଛି। ଉତ୍ପାଦନଠାରୁ ବିକ୍ରି ଅଧିକ ରହିଛି। ଫଳରେ ଷ୍ଟକ୍ ସରିଯାଇଛି। କରୋନା ଯୋଗୁ ସୁନାଗହଣା ପ୍ରସ୍ତୁତି ପ୍ରଭାବିତ ରହିଥିଲା ମାତ୍ର ବିକ୍ରି ଚଳିତ ବର୍ଷ ବୃଦ୍ଧି ହୋଇଛି।

### ଲେନୋଭୋ ପକ୍ଷରୁ ସ୍ୱତନ୍ତ୍ର ଅଫର

ଭୁବନେଶ୍ୱର, ୩।୧୧

ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ଲିନୋଭୋ ନୂଆ ଉତ୍ପାଦ ଅଫର ଘୋଷଣା କରିଛି। କମ୍ପାନୀ ଭାରତରେ ପାର୍ବଣ ପାଳନ ଶୁଭାରମ୍ଭ ସମ୍ପର୍କରେ ସୂଚନା ପ୍ରଦାନ କରୁଛି। କମ୍ପାନୀ ୨୦୨୧ ଏପ୍ରିଲଠାରୁ ୧୩ଟି ନୂଆ ଷ୍ଟୋର ଉଦ୍‌ଘାଟନ କରିଛି। ଦେଶର ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ ୫୭ଟି ଷ୍ଟୋର ଜରିଆରେ ନିଜର ରିଟେଲ ଉପସ୍ଥିତିକୁ ଏହା ଦୃଢ କରିଛି। ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ସମୟରେ ଏହି ଗତିଶୀଳତା ବଜାୟ ରଖିବାକୁ କମ୍ପାନୀ ଲକ୍ଷ୍ୟରଖିଛି। ଗତ କିଛିମାସ ମଧରେ ଲେନୋଭୋ ଲେଜିଅନ, ୟୋଗା ଏବଂ ଆଇଡିଆପ୍ୟାଡ ଲାପଟପ ବର୍ଗରେ ବିବିଧ ଉତ୍ପାଦର ବଜାର ପ୍ରବେଶ କରାଇଛି। ପାର୍ବଣରେ ଲେନୋଭୋ ଆକର୍ଷଣୀୟ ଗ୍ରାହକ ଅଫର ପ୍ରଚଳନ କରିଛି। ବିବିଧ ବର୍ଗର ପିସି ଏବଂ ସ୍ମାର୍ଟ ଉପକରଣ ଉପରେ ଏହା ଲାଗୁ ହେବ। ଏହି ଅଫରଗୁଡିକ ନଭେମ୍ବର ୧୫ ଯାଏ ଉପଲବ୍ଧ। ଲେନୋଭୋ ଏହାର ଗ୍ରାହକ ଏବଂ ସହଯୋଗୀଙ୍କୁ ଏହି ପାର୍ବଣ ଅଫର ଜରିଆରେ ସେମାନଙ୍କ ପ୍ରିୟ ପରିଜନଙ୍କ ସହିତ ସଂଯୁକ୍ତ ରହିବାକୁ ଉତ୍ସାହିତ କରୁଛି। ମାତ୍ର ୨୦୯୯ ଟଙ୍କା ମୂଲ୍ୟରେ ୧୧୦୮୯ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ, ଅତିରିକ୍ତ ୧ବର୍ଷର ୱାରେଣ୍ଟି, ୩ ବର୍ଷର ପ୍ରିମିୟମ ଯତ୍ନ ଏବଂ ଏକ ଲେନୋଭୋ ହେଡସେଟ ଭଳି ଫାଇଦା ରହିଛି। ଲେନୋଭୋ ଇଣ୍ଡିଆର ଉତ୍ତର ଓ ପୂର୍ବାଞ୍ଚଳ ଉପଭୋକ୍ତା ବିକ୍ରୟ ବିଭାଗ ମୁଖ୍ୟ ବିପୁଲ ମାଥୁର କହିଛନ୍ତି, ଭାରତର ପୂର୍ବାଞ୍ଚଳ ରାଜ୍ୟ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଏବଂ ଆମ ପାଇଁ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ହୋଇଛି।

CLASSIFIED DISPLAY
MORE SPACE • SAME PRICE

## କେମିତି ମଦ ଛାଡ଼ିବେ

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଜାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯, ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାଗଲା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଦୀପାବଳି ପାଇଁ ଲାଇଟ୍ ହାଉସ୍ ଜଡ଼ା ତେଲ

**ଭୁବନେଶ୍ୱର, ୩।୧୧:** ଲାଇଟ୍ ହାଉସ୍ ପକ୍ଷରୁ ଦିପାବଳୀକୁ ନଜରରେ ରଖି ଜଡ଼ା ତେଲ ଉପଲବ୍ଧ ରହିଛି। କଟକର ପ୍ରତିଷ୍ଠିତ ଟ୍ରେଡ୍ ହାଉସ୍ 'ପାତ୍ର ଏଣ୍ଟରପ୍ରାଇଜର୍ସ' ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ଜଡ଼ା ତେଲର ଆଦର ଗ୍ରାହକଙ୍କ ନିକଟରେ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା ଡବଲ୍ ଫିଲ୍‌ଟର୍ଡ ଏବଂ ଔଷଧୀୟ ଗୁଣଯୁକ୍ତ। ଗାଁ ଗହଳି ଠାରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ସବୁଠାରେ 'ଲାଇଟ୍ ହାଉସ୍ ଜଡ଼ାତେଲ' ବହୁଳ ଭାବେ ଆଦୃତ ହେଉଛି। ପାତ୍ର ଏଣ୍ଟରପ୍ରାଇଜର୍ସର ପ୍ରୋପ୍ରାଇଟର୍ ପଳାଶ କୁମାର ପାତ୍ର କହିଛନ୍ତି, କମ୍ପାନୀର ଅନ୍ୟାନ୍ୟ ପ୍ରଡକ୍ଟ ଯଥା–ରିଫାଇନ୍ ତେଲ, ସୋରିଷ ତେଲ, ନଡ଼ିଆ ତେଲ, ରାଶି ତେଲ ସାମିଲ ରହିଛି। ଜଡ଼ା ତେଲ ପ୍ରସ୍ତୁତି ସମୟରେ ମଧ ଏହାର ଶୁଦ୍ଧତା ଓ ଗୁଣାତ୍ମକ ମାନ ପ୍ରତିବିଶେଷ ଦୃଷ୍ଟିଦିଆଯାଇଥାଏ। ଗ୍ରାହକମାନଙ୍କର ବିଶ୍ୱାସକୁ ଅତୁଟ ରଖିବା ଉଦ୍ଦେଶ୍ୟରେ ଏହାର ଗୁଣବତ୍ତାରେ କେବେ ସାଲିସ୍ କରାଯାଇନାହିଁ।




ଲାଇଟ୍ ହାଉସ୍ ଜଡ଼ାତେଲ ଠାକୁରଙ୍କ ଦୁଆ ପାଇଁ, ହାଡ଼ଭଙ୍ଗା ମାଲିସ୍ ପାଇଁ ତଥା ବିଭିନ୍ନ ପ୍ରକାରର ଔଷଧ, ଫିନାଇଲ୍, ଏନାମେଲ୍ ପେଣ୍ଟ, ଗ୍ଲିସେରିନ୍ ଓ ସାବୁନ୍ ପ୍ରସ୍ତୁତିରେ ବହୁଳ ଉପଯୋଗୀ।

### ଏସ୍‌ବିଆଇ ପକ୍ଷରୁ ସତର୍କତା ସଚେତନତା

ଭୁବନେଶ୍ୱର, ୩।୧୧: ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ସତର୍କତା ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କର୍ମଚାରୀମାନେ ତ୍ରିଭାଷୀ ଅଖଣ୍ଡତା ଏବଂ ସତର୍କତା ସମ୍ପର୍କିତ ଶପଥ ପାଠ କରିଥିଲେ। ଭୁବନେଶ୍ୱରସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ, ମହାପ୍ରବନ୍ଧକ ବିଜୟ କୁମାର କୁଜୁର ଏବଂ ମହାପ୍ରବନ୍ଧକ ରଞ୍ଜିତ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରବନ୍ଧ ଲିଖନ, କୁଇଜ ପ୍ରତିଯୋଗିତା ଏବଂ ଚିତ୍ରାଙ୍କନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ସତର୍କତା କର୍ମଶାଳା, ପଞ୍ଚାୟତ ସ୍ତରରେ ସଚେତନତା ଗ୍ରାମ ସଭା ମଧ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ତଥା ବାଲୁକା ଶିଳ୍ପୀ ସୁବଳ ମହାରଣାଙ୍କ ଦ୍ୱାରା ବାଲୁକା କଳା ବ୍ୟାଙ୍କର ପ୍ରବନ୍ଧନ ନିର୍ଦ୍ଦେଶକ ସି.ଏସ୍. ସେଟ୍ଟୀଙ୍କ ଦ୍ୱାରା ଉଦଘାଟନ ହୋଇଥିଲା। ପ୍ରମୁଖ ଶାଖା କାର୍ଯ୍ୟାଳୟଗୁଡିକରେ ଗ୍ରାହକ ଅଭିଯୋଗ ନିବାରଣ ସଭା ମାନ ଆୟୋଜନ କରାଯାଇଥିଲା। ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସତର୍କତା ସମ୍ପର୍କୀତ ଅଭିଭାଷଣ ପ୍ରଦାନ କରିଥିଲେ।



## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ ଶାନ୍ତିଲତା ଦାଶ**
ମଇଁଦପୁର, ଚାଷୀଖଣ୍ଡ, ବିରିଡି, ଜଗତ୍‌ସିଂହପୁର
ଆବିର୍ଭାବ- ୧୬।୦୫।୧୯୫୨
ତିରୋଧାନ- ୧୫।୧୧।୨୦୨୦
ପ୍ରଥମ ଶ୍ରାଦ୍ଧବାର୍ଷିକୀ- ୦୫।୧୧।୨୦୨୧

ବୋଉଲୋ, ଆଜିକୁ ଠିକ୍ ଏକବର୍ଷ ହେଲା ଆମକୁ ଛାଡି ଦିବ୍ୟଧାମକୁ ଚାଲିଗଲୁ। ତୋର ଶିକ୍ଷା, ସଂସ୍କାର, ଅନୁଶାସନ, ନିଃସ୍ୱାର୍ଥପରତାକୁ ପାଥେୟ କରି ଆମେ ଆଗେଇ ଚାଲିଛୁ। ତୋ ନାଁ ଶାନ୍ତି, ତୁ ସତରେ ଶାନ୍ତ ସ୍ୱଭାବର ଥିଲୁ। ତୁ ବୋଉ ନୁହେଁ, ତୁ ସାକ୍ଷାତ୍ ଲକ୍ଷ୍ମୀ ଥିଲୁ। ତୋ ବିନା କେମିତି କଟୁଛି ଦିନ ଓ ରାତି, ସେ କଥା ଆମେ ତିଳେ ତିଳେ ଅନୁତାପ କରୁଛୁ। ତୋର ଅମର ଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ସ୍ୱାମୀ- ବଂଶୀଧର ଦାଶ, ପୁତ୍ର ଡାଃ ବିଶ୍ୱଭୂଷଣ, କାନ୍ତିଭୂଷଣ, ନାଗଭୂଷଣ, ପୁତ୍ରବଧୂ- ଡାଃ ରିତା, ଝିଅ- ବେବି, ବବି, ରୁବି, ଜ୍ୱାଇଁ- ଗୋପାଳ, ପ୍ରଭାତ, ଅମୀୟ, ନାତି- ପ୍ରିୟାଂଶ, ପ୍ରୀତିଶ୍, ଗୁଡ୍ଡୁ, ଟିଙ୍କୁ, ଟିଣ୍ଟୁ, ବନ୍ଧୁ ଓ ପରିବାରବର୍ଗ ।

ଧ-୨୨୧୫୫

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଉପେନ୍ଦ୍ର ସାହୁ**
ବାଲିଅନ୍ତା (ତଳଗଡ଼), ଭୁବନେଶ୍ୱର
ଆବିର୍ଭାବ-୦୬।୦୯।୧୯୩୦
ତିରୋଧାନ- ୨୫।୧୦।୨୦୨୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ହତଭାଗ୍ୟ ପୁତ୍ର- ଜଟି, ସଟି, ଅମି, ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।

ଧ-୭୧୨୦୭



ଇଣ୍ଡିଆନ ସୁପରଲିଗ୍ ପାଇଁ ମନୋନୀତ ଓଡ଼ିଶା ଏଫ୍‌ସି ଦଳ।

## ଉଗାଣ୍ଡାରେ ୫ ମହିଳା ଫୁଟବଲର ନିଖୋଜ

**କାମ୍ପାଲା (ଉଗାଣ୍ଡା), ୩।୧୧:** ଉଗାଣ୍ଡାରେ ଏକ ଆଞ୍ଚଳିକ ଟୁର୍ନାମେଣ୍ଟ ଖେଳିବାକୁ ଯାଇଥିବା ଆଫ୍ରିକାର ଉତ୍ତରପୂର୍ବାଞ୍ଚଳ ଦେଶ ଇରିଟ୍ରିଆର ୫ ଜଣ ମହିଳା ଫୁଟବଲର ନିଖୋଜ ହୋଇଯାଇଛନ୍ତି। ଏକ ହୋଟେଲରୁ ୨୦ ବର୍ଷରୁ କମ୍ ଏହି ମହିଳା ଫୁଟବଲରମାନେ ନିଖୋଜ ହୋଇଛନ୍ତି ବୋଲି ଟୁର୍ନାମେଣ୍ଟ ଆୟୋଜକ ଓ ପୋଲିସ ତରଫରୁ ସୂଚନା ଦିଆଯାଇଛି। ଦକ୍ଷିଣପୂର୍ବ ଉଗାଣ୍ଡାର ସହର ଜିଞ୍ଜାର ଏକ ହୋଟେଲରୁ ମଙ୍ଗଳବାର ଖେଳାଳିମାନେ ନିଖୋଜ ହେବା ନେଇ ରିପୋର୍ଟ କରାଯାଇଥିଲା। ଟୁର୍ନାମେଣ୍ଟର ତଦାରଖ କରୁଥିବା ଇଷ୍ଟ ଓ ସେଣ୍ଟ୍ରାଲ ଆଫ୍ରିକାନ ସକର ଆସୋସିଏଶନ ତରଫରୁ ଏ ନେଇ ସୂଚନା ଦିଆଯାଇଛି। ଇଷ୍ଟ ଆଣ୍ଡ ସେଣ୍ଟ୍ରାଲ ଆଫ୍ରିକାନ ମହିଳା ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ବୁଧବାର ଇରିଟ୍ରିଆ ଓ ଉଗାଣ୍ଡା ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ଥିଲା। ଇରିଟ୍ରିଆ ଆଥ୍‌ଲେଟମାନେ ନିଖୋଜ ହେବା ନୂଆ ଘଟଣା ନୁହେଁ। ଦେଶରେ ଚାଲିଥିବା ଏକଚ୍ଛତ୍ରବାଦୀ ଅତ୍ୟାଚାରୀ ଶାସନରେ ଅତିଷ୍ଠ ହୋଇ ଖେଳାଳିମାନେ ଏହି ଦେଶରୁ ଛାଡି ପଳାଇବା ପାଇଁ ନିଖୋଜ ହୋଇଥାନ୍ତି। ପୂର୍ବରୁ ମଧ ଦୁଇଥର ଏଭଳି ଘଟଣା ଘଟିଛି। ୨୦୧୯ରେ ଦୁଇଟି ଭିନ୍ନ ଟୁର୍ନାମେଣ୍ଟ ଖେଳାଯିବା ଅବସରରେ କେତେକ ଖେଳାଳି ନିଖୋଜ ହୋଇଥିଲେ ଓ ଏମାନେ ୨୦୧୨ରେ ଉଗାଣ୍ଡାରେ ରାଜନୈତିକ ଶରଣାର୍ଥୀ ଭାବେ ରହୁଛନ୍ତି ବୋଲି କୁହାଯାଇଛି। ସେହିପରି ୨୦୧୫ରେ ବିଶ୍ୱକପ୍ କ୍ୱାଲିଫାୟର ଖେଳିବାକୁ ଆସିଥିବା ଇରିଟ୍ରିଆ ପୁରୁଷ ଜାତୀୟ ଦଳର ୧୦ଜଣ ଖେଳାଳି ସ୍ୱଦେଶ ଫେରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ଓ ସେମାନଙ୍କୁ ବୋତ୍ସାୱାନାରେ ରହିବାକୁ କୁହାଯାଇଥିଲା। ସେହିପରି ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପରେ କେତେଜଣ ଇରିଟ୍ରିଆ ଆଥଲେଟ ବ୍ରିଟେନରେ ଶରଣାର୍ଥୀ ଭାବେ ରହିଯାଇଥିଲେ।

## ବରୁଣ ଆହତ

**ଆବୁଧାବି, ୩।୧୧(ପି.ଟି.):** ଭାରତୀୟ ଦଳର ପ୍ରତିଭା ସମ୍ପନ୍ନ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆହତ ହୋଇଛନ୍ତି। ବାମ ଗୋଡ଼ର ମାଂଶପେସୀରେ ସମସ୍ୟା ରହିଥିବାରୁ ସେ ବୁଧବାର ଆଫଗାନିସ୍ତାନ ବିପକ୍ଷ ଟି୨୦ ବିଶ୍ୱକପ ମ୍ୟାଚ ଖେଳିପାରି ନ ଥିଲେ। ଚଳିତ ବିଶ୍ୱକପରେ ବରୁଣ ଭାରତର ପ୍ରଥମ ୨ଟି ମ୍ୟାଚ ଖେଳିଥିଲେ ହେଁ ଗୋଟିଏ ହେଲେ ଉଇକେଟ ପାଇ ନ ଥିଲେ। ଏପରିକି ସେ ପାକିସ୍ତାନ କିମ୍ବା ନ୍ୟୁଜିଲାଣ୍ଡ ବ୍ୟାଟରଙ୍କୁ ଅସୁବିଧାରେ ମଧ ପକାଇ ପାରି ନ ଥିଲେ। ତାଙ୍କ ସ୍ଥାନରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ନିଆ ଯାଇଥିଲା। ଅଶ୍ୱିନ ଚମତ୍କାର ବୋଲିଂ କରି ଭାରତ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦୀର୍ଘ ୪ ବର୍ଷ ପରେ ଅଶ୍ୱିନ ସୀମିତ ଓଭର କ୍ରିକେଟ ଖେଳିବାର ସୌଭାଗ୍ୟ ପାଇଥିଲେ।

## ମିଲ୍ସ ଓହରିଲେ

**ଶାରଜା, ୩।୧୧(ପି.ଟି.):** ଇଂଲଣ୍ଡ ଦ୍ରୁତ ବୋଲର ଟାଇମଲ ମିଲ୍ସ ଆହତ ସମସ୍ୟା ଯୋଗୁ ଚଳିତ ଟି୨୦ ବିଶ୍ୱକପରୁ ଓହରି ଯାଇଛନ୍ତି। ତାଙ୍କ ବଦଳ ଖେଳାଳିଭାବେ ରିସି ଟୋପଲେଙ୍କୁ ଦଳରେ ସାମିଲ କରାଯାଇଛି। ଇଂଲଣ୍ଡ ପକ୍ଷରୁ ଯୁଗ୍ମଭାବେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ଥିବା ମିଲ୍ସ ଗତ ସୋମବାର ଶ୍ରୀଲଙ୍କା ବିପକ୍ଷ ସୁପର୧୨ ମ୍ୟାଚରେ ବୋଲିଂ କଲାବେଳେ ଆହତ ହୋଇଥିଲେ। ସେ ଖେଳ ଅଧାରୁ ପଡ଼ିଆ ଛାଡ଼ିଥିଲେ ଏବଂ ତାଙ୍କ ସ୍ଥାନରେ ବଦଳ ଖେଳାଳି ସାମ୍ ବିଲିଙ୍ଗ୍ସ ଫିଲ୍ଡିଂ କରିଥିଲେ।

# ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଇଣ୍ଡିଆନ ସୁପରଲିଗ୍-୨୦୨୧**

**ଭୁବନେଶ୍ୱର, ୩।୧୧(କ୍ରୀଡ଼ା ପ୍ରତିନିଧି)** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସଂସ୍କରଣ ପାଇଁ ବୁଧବାର ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି ଦଳ ଘୋଷଣା କରାଯାଇଛି। ଓଡ଼ିଶା ଏଫ୍‌ସି ଭାସ୍କୋର ତିଳକ ମୈଦାନରେ ନଭେମ୍ବର ୨୪ରେ ଏହାର ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ। କଳିଙ୍ଗ ୱାରିୟର୍ସ ନାମରେ ପରିଚିତ ଓଡ଼ିଶା ଏଫ୍‌ସି କିଛିଦିନ ତଳେ ୩ ଜଣ ଅଧିନାୟକ ଭିନିତ ରାୟ, ଭିକ୍ଟର ମୋଙ୍ଗିଲ ଓ ହେକ୍ଟର ରୋଡାସଙ୍କ ନାମ ଘୋଷଣା କରି ସାରିଛି। ୟୁଥ୍ ଟିମ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ୩ ଖେଳାଳି ଡେଭେନ ସାୱନେ, ଅକ୍ଷୁର୍ଣ୍ଣ ତ୍ୟାଗୀ ଓ ସି.ଭି.ଏଲ. ରେମତଲୁଆଙ୍ଗାଙ୍କୁ ସିନିୟର ଦଳରେ ସାମିଲ କରାଯାଇଛି।

ଓଡ଼ିଶା ଏଫ୍‌ସି ଦଳରେ ୬ ଜଣ ବିଦେଶୀ ଖେଳାଳିଙ୍କୁ ନିଆ ଯାଇଛି। ସେମାନେ ହେଲେ ଭିକ୍ଟର ମୋଙ୍ଗିଲ, ହେକ୍ଟର ରୋଡାସ, ଜାଭି ହେର୍ନାଣ୍ଡେଜ, ଆରିଡାଇ କାବ୍ରେରା, ଲିରିଡନ କ୍ରାସନିକି ଓ ଜୋନାଥସ ଡି ଜେସୁସ। ସେହିପରି ୭ ଯୁବ ଖେଳାଳି ଲାଲହ୍ରେଜୁଆଲା ଲାଲହ୍ରେଜୁଆଲା ସାଇଲୁଙ୍ଗ୍, ଡେଭେନ ସାୱନେ, ଥୋଇବା ସିଂ ମୋରିଆଙ୍ଗଥେମ୍, ଆଇଜାକ ଭାନଲାଲରୁଆଫେଲା, ସି.ଭି.ଏଲ. ରେମତଲୁଆଙ୍ଗା, ଅକ୍ଷୁର୍ଣ୍ଣ ତ୍ୟାଗୀ ଓ ନିଖିଲ ରାଜ ଡେଭ୍‌ଲପ୍‌ମେଣ୍ଟାଲ ଖେଳାଳିଭାବେ ଦଳରେ ରହିଛନ୍ତି। ଓଡ଼ିଶା ଏଫ୍‌ସି ଦଳ ସମ୍ପର୍କରେ ମୁଖ୍ୟ କୋଚ୍ କିକୋ ରାମିରେଜ କହିଛନ୍ତି ଯେ, ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସନ୍ତୁଳିତ। ଦଳକୁ ନେଇ ମୁଁ ବହୁତ ଖୁସିଅଛି, ବିଶେଷ କରି ଭାରତୀୟ ଖେଳାଳିମାନେ ଆଗାମୀ ଟୁର୍ନାମେଣ୍ଟରେ ପ୍ରଦର୍ଶନର ଛାପ ଛାଡ଼ିବା ନେଇ ଆଶାବାଦୀ ରହିଛି। ଭିନ୍ନ ପରିବେଶରେ କିପରି ଖେଳିବାକୁ ହୁଏ ସେ ସମ୍ପର୍କରେ ଭାରତୀୟ ଖେଳାଳିମାନେ ବିଦେଶୀ ଖେଳାଳିଙ୍କଠାରୁ ଜ୍ଞାନ ଆହରଣ କରିଛନ୍ତି। ଆମର ଲାଇନ୍‌ଅପ୍ ବେଶ୍ ଦୃଢ଼ ଏବଂ ସେମାନଙ୍କ ବଦଳ ଖେଳାଳିଭାବେ ଆମ ବେଞ୍ଚ୍ ଷ୍ଟ୍ରେନ୍ଥ ମଧ ବେଶ୍ ଭଲ। ଆମେ ବିଭିନ୍ନ ରଣନୀତିରେ ଖେଳିବାକୁ ଲକ୍ଷ୍ୟ ରଖିଛୁ। ଟ୍ରେନିଂ ବହୁତ ଭଲ ରହିଛି ଏବଂ କେତେକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମଧ ଖେଳିଛୁ।

**ଓଡ଼ିଶା ଏଫ୍‌ସି ଦଳ**

ଗୋଲକିପର: କମଲଜିତ ସିଂ, ଅର୍ଶଦୀପ ସିଂ, ରବି କୁମାର।

ଡିଫେଣ୍ଡର: ଗୌରବ ବୋରା, ଲାଲରୁଆଥରା, ସାହିଲ ପନୱାର, ହେଣ୍ଡ୍ରି ଆଣ୍ଟୋନି, ଲାଲହ୍ରେଜୁଆଲା ସାଇଲୁଙ୍ଗ, ସେବାଷ୍ଟିଆନ ଥାଙ୍ଗମୁଆନସାଙ୍ଗ୍, ଡେଭେନ ସାୱନେ, ଭିକ୍ଟର ମୋଙ୍ଗିଲ, ହେକ୍ଟର ରୋଡାସ।

ମିଡ୍‌ଫିଲ୍ଡର: ଥୋଇବା ସିଂ ମୋଇରାଙ୍ଗଥେମ୍, ଭିନିତ ରାୟ, ପଲ୍ ରାମଫାଙ୍ଗଜାଉଭା, ଇସାକ ବନମାଲାସ୍ୱାମା, ଆଇଜାକ ଭାନଲାଲରୁଆଫେଲା।ଲିରିଡନ କ୍ରାସନିକି, ଜାଭି ହେର୍ନାଣ୍ଡେଜ, ଜେରି ମାୱିମିଙ୍ଗଥଙ୍ଗା, ନନ୍ଦ କୁମାର ଶେକର, ସି.ଭି.ଏଲ. ରେମତଲୁଆଙ୍ଗା, ନିଖିଲ ରାଜ।

ଫରୱାର୍ଡ: ଅକ୍ଷୁର୍ଣ୍ଣ ତ୍ୟାଗୀ, ଡାନିଏଲ ଲାଲହିମପୁଇଆ, ଆରିଦାଇ କାବ୍ରେରା, ଜୋନାଥସ କ୍ରିଷ୍ଟିଆନ ଡି ଜେସୁସ।

# ଡ୍ରାଭିଡ୍ ଟିମ୍ ଇଣ୍ଡିଆ ନୂଆ କୋଚ୍

**ନୂଆଦିଲ୍ଲୀ,୩।୧୧**

ପୂର୍ବତନ ଅଧିନାୟକ ରାହୁଲ ଡ୍ରାଭିଡ୍ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ବୁଧବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କୁ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତ କରିଛି। ଅବଶ୍ୟ ସେ ପୂର୍ବରୁ କୋଚ୍ ପଦ ଦୌଡ଼ରେ ସବୁଠାରୁ ଆଗରେ ଥିଲେ ଓ ସେ ରବି ଶାସ୍ତ୍ରୀଙ୍କ ଉତ୍ତରାଧିକାରୀ ରୂପେ ଦାୟିତ୍ୱ ନେବେ ବୋଲି ଆଶା କରାଯାଉଥିଲା। ତାଙ୍କୁ ୨ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ଭାରତରେ ଆୟୋଜନ ହେବାକୁ ଥିବା ୨୦୨୩ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କୁ କୋଚ୍ ଦାୟିତ୍ୱ ତୁଲାଇବାକୁ ହେବ। ଡ୍ରାଭିଡ୍ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ଦାୟିତ୍ୱ ଗ୍ରହଣ କରିବେ। ୪୭ ବର୍ଷୀୟ ଡ୍ରାଭିଡ ଭାରତର ଅନ୍ୟତମ ମହାନ ବ୍ୟାଟ୍ସମ୍ୟାନ ବିବେଚିତ ହେଉଛନ୍ତି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ ଏକମାତ୍ର ପସନ୍ଦ ଯୋଗ୍ୟ ପ୍ରାର୍ଥୀ ଭାବେ ସେ କୋଚ୍ ପଦ ଦୌଡ଼ରେ ଥିଲେ।



ରାହୁଲ ଡ୍ରାଭିଡ୍

ଦୁବାଇରେ ଏହି ଦୁଇଜଣଙ୍କ ସହ ଡ୍ରାଭିଡ୍ ସାକ୍ଷାତ କରିଥିଲେ। କୋଚ୍ ପଦରେ କାର୍ଯ୍ୟ କରିବାକୁ ପାଇଁ ଉଭୟ ଗାଙ୍ଗୁଲି ଓ ଜୟ ତାଙ୍କୁ ରାଜି କରାଇଥିଲେ। ଡ୍ରାଭିଡ ଆବେଦନ କରିବା ପରେ ବିସିସିଆଇ ଅନ୍ୟ କୌଣସି ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଇ ନ ଥିଲା। ସୁଲକ୍ଷଣା ନାୟକ ଓ ଆର.ପି. ସିଂଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ସର୍ବସମ୍ମତି କ୍ରମେ ତାଙ୍କୁ କୋଚ୍ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୨୬ରେ ବିସିସିଆଇ କୋଚ୍ ପଦ ପାଇଁ ଆବେଦନ ପତ୍ର ଆହ୍ୱାନ କରିଥିଲା। କୋଚ୍ ଭାବେ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ଚଳିତ ଟି୨୦ ବିଶ୍ୱକପ୍ ପରେ ଶେଷ ହେବ। ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ପାଇବା ମୋ ପାଇଁ ଗର୍ବର ବିଷୟ ବୋଲି ଡ୍ରାଭିଡ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଦାୟିତ୍ୱ ନେବାକୁ ବେଶ୍ ଉତ୍ସାହିତ ରହିଛି। କୋଚ୍ ଭାବେ ସେ ଶାସ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତୀୟ କ୍ରିକେଟ ଠିକ୍ ବାଟରେ ଆଗେଇ ଚାଲିଛି। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ତାଙ୍କର ଏହି କାର୍ଯ୍ୟକୁ ଆଗକୁ ବଢାଇ ନେବାକୁ ପ୍ରୟାସ କରିବି ବୋଲି ଡ୍ରାଭିଡ୍ କହିଛନ୍ତି। ଦୀର୍ଘ ୧୬ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ଡ୍ରାଭିଡ୍ ୧୬୪ଟି ଟେଷ୍ଟ, ୩୪୪ଟି ଦିନିକିଆ ମ୍ୟାଚ୍ ଖେଳି ବହୁ ରେକର୍ଡ ଅଧିକାରୀ ହୋଇଛନ୍ତି।

# ମୁମ୍ବାଇକୁ ହରାଇଲା ଓଡ଼ିଶା

**ସିନିୟର ମହିଳା ଏଲିଟ 'ବି' ଦିନିକିଆ ଲିଗ୍**

**ଭୁବନେଶ୍ୱର, ୩।୧୧(କ୍ରୀଡ଼ା ପ୍ରତିନିଧି)** ପୁଣେର ଡେକାନ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ସିନିୟର ମହିଳା ଏଲିଟ 'ବି' ଦିନିକିଆ କ୍ରିକେଟ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ଦଳ ୬୯ ରନରେ ମୁମ୍ବାଇକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫୦ ଓଭରରେ ୫ ଉଇକେଟ ହରାଇ ୨୫୧ ରନ କରିଥିଲା। ଦଳ ପକ୍ଷରୁ ମାଧୁରୀ ମେହେଟ୍ଟା ସର୍ବାଧିକ ୮୧, ସୁଶ୍ରୀ ଦିବ୍ୟଦର୍ଶିନୀ ୭୨ ଏବଂ ପ୍ରିୟଙ୍କା ପି. ମହାନ୍ତି ୩୩ ରନ କରି ଦଳକୁ ବଡ଼ ସ୍କୋରରେ ପହଞ୍ଚାଇଥିଲେ। ବିପକ୍ଷ ଦଳର ପି. ନାଏକ, ହୁର୍ଲେ ଗାଲା, ଭୃଶାଳି ଭଗତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।





ମାଧୁରୀ ମେହେଟ୍ଟା ଓ ସୁଶ୍ରୀ ଦିବ୍ୟଦର୍ଶିନୀ।

୨୫୨ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ମୁମ୍ବାଇ ୪୦.୪ ଓଭରରେ ୧୮୨ ରନକରି ଅଲଆଉଟ ହୋଇ ଯାଇଥିଲା। ଭୃଶାଳି ସର୍ବାଧିକ ୪୬ ଓ ଏଚ୍. କାଜି ୪୫ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରସନାରା ପରବିନ, ମଧୁସ୍ମିତା ବେହେରା ୨ଟି ଲେଖାଏ ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ଏହାର ୪ର୍ଥ ମ୍ୟାଚରେ ଉତ୍ତରାଖଣ୍ଡକୁ ଗୁରୁବାର ଭେଟିବ।

## ପ୍ରମୋଦ, ବୀରେନ୍ଦ୍ର, ଅମିତଙ୍କୁ ଓଓଏର ଅଭିନନ୍ଦନ

**ଭୁବନେଶ୍ୱର, ୩।୧୧ (କ୍ରୀଡ଼ା ପ୍ରତିନିଧି):** ମେଜର ଧ୍ୟାନଚାନ୍ଦ ଖେଲରତ୍ନ ପୁରସ୍କାର ପାଇବାକୁ ଯାଉଥିବା ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଏବଂ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳର ଦୁଇ ଅର୍ଜୁନ ପୁରସ୍କାର ବିଜେତା ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ନିକଟକୁ ଏବେ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ପ୍ରଥମ ଥରପାଇଁ ୩ ଓଡ଼ିଶା ଖେଳାଳି ଏକାବେଳେକେ ଜାତୀୟ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ହେବେ। ଚଳିତ ମାସ ୧୩ ତାରିଖରେ ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଙ୍କୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଅଧିପ ଦାସ ପ୍ରମୁଖ ପ୍ରମୋଦ, ବୀରେନ୍ଦ୍ର ଓ ଅମିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନଗେଶ ଟ୍ରଫି ପାଇଁ ୨୦ ଜଣିଆ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୧(କ୍ରୀଡ଼ା ପ୍ରତିନିଧି)** କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ପକ୍ଷରୁ ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୭ରୁ ୨୫ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ମୋଟ ୨୪ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳ ୨୦୧୮-୧୯ ସିଜନରେ ଚାମ୍ପିୟନ ଏବଂ ୨୦୨୦-୨୧ରେ ରନର୍ସଅପ୍ ହୋଇଥିଲା। କ୍ରିକେଟ ଆସୋସିଏଶନ ଫର୍ ଦି ଭିଜୁଆଲି ଇମ୍ପାୟରଡ (ସିଏଭିଆଇ) ଓଡ଼ିଶା ପକ୍ଷରୁ ଘୋଷିତ ଦଳରେ ୨୦ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ହାଇଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ଚୟନ ଟ୍ରାଏଲ ଏବଂ ପୂର୍ବ ପ୍ରଦର୍ଶନକୁ ଭିତ୍ତିକରି ଓଡ଼ିଶା ଦଳ ଚୟନ କରାଯାଇଛି। ଟୁର୍ନାମେଣ୍ଟ ପୂର୍ବରୁ ଓଡ଼ିଶା ଦଳ ତମାଣ୍ଡୋ କ୍ରିକେଟ ପଡ଼ିଆରେ ଚଳିତ ମାସ ୫ରୁ ୧୪ ପର୍ଯ୍ୟନ୍ତ ଅଭ୍ୟାସ କରିବ। ୧୪ ଜଣିଆ ଓଡ଼ିଶା ଦଳ ତାଲିକା ଆସନ୍ତା ୧୦ ତାରିଖରେ ଘୋଷଣା କରାଯିବ। କୋଚ୍ ଏବଂ ସହକାରୀ କୋଚ୍‌ଙ୍କୁ ମିଶାଇ ୧୬ ଜଣିଆ ଓଡ଼ିଶା ଦଳ ୧୫ ତାରିଖରେ ଦିଲ୍ଲୀ ଯାତ୍ରା କରିବ।

ଓଡ଼ିଶା ଦଳ: ଜାଫର ଇକବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ଼ା, ଦେବରାଜ ବେହେରା, ଅନିଲ ମଲିକ, ସାଗର କୁମାର ମଲିକ, ସନ୍ତୋଷ ରାଉତ, ଆକାଶ ରାଉତ, ନକୁଳ ବଡ଼ନାଏକ, ସିଙ୍ଗରାଇ ମାଝି, ଲାଲ ପ୍ରସାଦ ସୋରେନ, ରଘୁରାମ ନାୟକ, ଅର୍ଜୁନ ଭତ୍ରା, ସୁଖରାମ ମାଝି, ସମୀର ନାହାକ, ବିଶ୍ୱନାଥ ଖାରା, ପଙ୍କଜ ଭୁଏ, ଲିଙ୍ଗରାଜ ରାଉତରା, ମନୋଜ କିସ୍କୁ, ଧନପତି ଗୌଡ଼ା। କୋଚ୍: ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ସହକାରୀ କୋଚ୍: ଦେବାଶିଷ ଜେନା।

# ରାଜ୍ୟ ଜୁଡୋ ପ୍ରତିଯୋଗିତା ଉଦ୍‌ଯାପିତ

**ଉର୍ମିଳା ସାହୁ, ଛବିଲାଲ୍ ମାଝି, ସାଗର ଜେନା ଶ୍ରେଷ୍ଠ**

**ଭୁବନେଶ୍ୱର, ୩।୧୧(କ୍ରୀଡ଼ା ପ୍ରତିନିଧି)** ବଲାଙ୍ଗୀର ଜିଲା ଜୁଡ଼ୋ ସଂଘ (ବିଡିଜେଏ) ଏବଂ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ (ଓଏସ୍‌ଜେଏ) ଆନୁକୂଲ୍ୟରେ ଟିଟିଲାଗଡ଼ର ମହାବୀର ପଞ୍ଚାୟତ ଧର୍ମଶାଳାଠାରେ ରାଜ୍ୟ ଜୁଡ଼ୋ ପ୍ରତିଯୋଗିତା (କ୍ୟାଡେଟ୍, ସିନିୟର, ଜୁନିୟର) ନିକଟରେ ଅନୁଷ୍ଠିତ ହୋଇଯାଇଛି। ୨୨ଟି ଜିଲା, ଅନୁଷ୍ଠାନ ଓ ପୋଲିସରୁ ପ୍ରାୟ ୩୭୦ ଜଣ ଏହି ୩ ଦିନିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିନିୟର ବର୍ଗରେ ଭୁବନେଶ୍ୱର ଜୁଡ଼ୋ ସଂଘ ଚାମ୍ପିୟନ ଏବଂ ସମ୍ବଲପୁର ରନର୍ସଅପ୍ ହୋଇଛନ୍ତି। କ୍ୟାଡେଟ୍ ଓ ଜୁନିୟର ବର୍ଗରେ କିଟ୍-କିସ୍ ଦଳଗତ ଚାମ୍ପିୟନ ହୋଇଥିବାବେଳେ ଭୁବନେଶ୍ୱର ରନର୍ସଅପ୍ ହୋଇଥିଲା। ମହିଳା ବିଭାଗରେ ଭୁବନେଶ୍ୱରର ଉର୍ମିଳା ସାହୁ ଶ୍ରେଷ୍ଠ ଜୁଡ଼ୋକା ଏବଂ ପୁରୁଷ ବିଭାଗରେ କିସ୍‌ର ଛବିଲାଲ ମାଝି ଓ ଭୁବନେଶ୍ୱରର ସାଗର ଜେନା ମିଳିତ ଭାବେ ଯୁଗ୍ମ ଶ୍ରେଷ୍ଠ ଜୁଡ଼ୋକା ବିବେଚିତ ହୋଇଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ କିଟ୍ ପରିସରରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ୧୬ ଜଣ ମିଳିତ ଭାବେ ୧୧ ସ୍ୱର୍ଣ୍ଣ, ୪ ରୌପ୍ୟ ୨ ବ୍ରୋଞ୍ଜ ପଦକ ଜିତି ଉଲ୍ଲେଖନୀୟ ସଫଳତା ପାଇଥିଲେ। ଜାତୀୟ କ୍ୟାଡେଟ୍ ଓ ଜୁନିୟର ପ୍ରତିଯୋଗିତା ଲାଗି ୧୯ ଜଣିଆ ଓଡ଼ିଶା ଦଳ ମନୋନୀତ ହୋଇଛି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଏସ୍‌ଜେଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୀତାଞ୍ଜଳି ପଣ୍ଡା, ବୈଷୟିକ ସମ୍ପାଦକ କନ୍ଦନ ମୁର୍ମୁଙ୍କ ସହିତ ବସନ୍ତ ଦଳାଇ, ବିଶ୍ୱଜିତ ମହାରୀ, ପୁରୁରବା ମହାପାତ୍ର, ଲୋପାମୁଦ୍ରା ପାଲଟାସିଂ, ତାରାକାନ୍ତ ପରିଡ଼ା, ସୁଶ୍ରୀ ଶ୍ୟାମା ମହାନ୍ତି, ରାଜେଶ କୁମାର ସାହୁ, ଲକ୍ଷ୍ମୀ ସୋଢ଼ୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଓସିଏସ୍ ଜୁଡ଼ୋ ପ୍ରଶିକ୍ଷିକା ସବିତା ନନ୍ଦ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ।



ରାଜ୍ୟ ଜୁଡୋ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଜୁଡୋକାମାନେ।

# ଫ୍ରାଞ୍ଚାଇଜ୍ କ୍ରିକେଟକୁ ଗୁରୁତ୍ୱ ଦେବା ଦୁର୍ଭାଗ୍ୟଜନକ

**ଗୌତମ ଗମ୍ଭୀର**

ମୋର ଏହି ସ୍ତମ୍ଭ ପଢିବା ବେଳକୁ ଭାରତ- ଆଫଗାନିସ୍ତାନ ଖେଳଯାଇ ସାରିଥିବ। ମଙ୍ଗଳବାର ସନ୍ଧ୍ୟା ୭ଟା ସୁଦ୍ଧା ଏହି ସ୍ତମ୍ଭ ଲେଖା ଶେଷ କରିବାକୁ ମୋତେ କୁହାଯାଇଛି। ତେଣୁ ପାଠକ ଏହାକୁ ପଢିବା ବେଳକୁ ଭାରତ ବିଜୟୀ ହୋଇ ତା'ର ସମ୍ଭାବନାକୁ ଉଜ୍ଜୀବିତ ରଖିଥିବ କିମ୍ବା ଆହୁରି ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବ। ତେଣୁ ବିଶ୍ୱକପ୍ ଉପରେ କିଛି ନ ଲେଖି ବୁଧବାରଠାରୁ ଆରମ୍ଭ ହୋଇଥିବା ଭାରତୀୟ ଘରୋଇ ସେସନ ଉପରେ ଆଲୋକପାତ କରିବାକୁ ପ୍ରୟାସ କରୁଛି।

ଗତବର୍ଷ କୋଭିଡ-୧୯ କାରଣରୁ ଘରୋଇ କ୍ରିକେଟ ସାଂଘାତିକ ଭାବେ ପ୍ରଭାବିତ ହୋଇଥିଲା। ତେଣୁ କ୍ରିକେଟ ଉପରେ ସେତେଟା ଆଲୋଚନା ହୋଇ ନ ଥିଲା। କିନ୍ତୁ ଏଥର ସବୁ ପ୍ରକାର ଘରୋଇ କ୍ରିକେଟ ଖେଳାଯିବ ବୋଲି ଆଶା କରାଯାଉଛି। ଏ ନେଇ ଆଶଙ୍କା ମଧ ରହିଛି। ଆରମ୍ଭ ହୋଇଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ୩୮ଟି ଦଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ଓ ମୋଟ ଉପରେ ୧୦୫ଟି ମ୍ୟାଚ୍ ଖେଳାଯିବ। ଭଲ ଖେଳି ଯୁବ କ୍ରିକେଟରମାନେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌କୁ ପ୍ରଭାବିତ କରିବାକୁ ପ୍ରୟାସ କରିବେ। ଆଗାମୀ ସଂସ୍କରଣରେ ଆଇପିଏଲ୍‌ରେ ଦୁଇଟି ନୂଆ ଦଳ ଅଂଶଗ୍ରହଣ କରିବେ। ତେଣୁ ଏଥର ଖେଳାଳି ନିଲାମ ଫୋକସରେ ରହିବ। ଘରୋଇ କ୍ରିକେଟରେ ନୂଆ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ସବୁ ଫ୍ରାଞ୍ଚାଇଜ୍ ବିଭିନ୍ନ ଭେନ୍ୟୁକୁ ସେମାନଙ୍କ ପ୍ରତିନିଧି ପଠାଇଥିବେ ବୋଲି ଆଶା କରୁଛି। ତେଣୁ ଯୁବ ଖେଳାଳିଙ୍କ ପାଇଁ ଅଗାମୀ ୨-୩ ମାସ ବେଶ୍ ଗୁରୁତ୍ୱ ବହନ କରୁଛି। ଭଲ ଖେଳି ରାତାରାତି ଷ୍ଟାର ହେବା ସହ କୋଟିପତି ହେବାକୁ ଖେଳାଳିମାନେ ପ୍ରୟାସ କରିବେ। ଏଥିରେ ପ୍ରତିଭା ସଙ୍ଗେସଙ୍ଗେ ଭାଗ୍ୟର ମଧ ଭୂମିକା ରହିବ।

ରଣଜୀ ଭଳି ୪ ଦିନିଆ କ୍ରିକେଟ ନ ଖେଳି ଆଇପିଏଲ୍ ଭଳି ଫ୍ରାଞ୍ଚାଇଜ କ୍ରିକେଟ ଉପରେ ମନୋନିବେଶ କଲେ ଫାଇଦା ଅଛି ବୋଲି ଜଣେ ଭାରତୀୟ କ୍ରିକେଟର ତାଙ୍କ ମତ ରଖିକହିଥିଲେ। ଯଦି ଫ୍ରାଞ୍ଚାଇଜ କ୍ରିକେଟରୁ ବହୁତ ଅର୍ଥ ମିଳୁଛି ତେବେ ରଣଜୀ ଖେଳି କଠିନ ପରିଶ୍ରମ କରିବାର ଲାଭ କ'ଣ ବୋଲି ସେ କହିଥିଲେ। ତାଙ୍କର ଏହି ଦୃଷ୍ଟିକୋଣ ମତେ ଆଶ୍ଚର୍ଯ୍ୟ କରିଥିଲା। ଦୁର୍ଭାଗ୍ୟବଶତଃ ଯୁବ କ୍ରିକେଟରମାନେ ମଧ ମନୋଭାବେ ପୋଷଣ କରୁଛନ୍ତି। ଯାହା ନିଶ୍ଚିତ ଭାବେ ଉତ୍ସାହଜନକ ନୁହେଁ ଓ ଏହା ମୋତେ ବ୍ୟସ୍ତ କରୁଛି। ଏ ନେଇ କୌଣସି ସମାଧାନ ମୋ ପାଖରେ ନାହିଁ। ତେବେ ଗୋଟିଏ ଦିନ ଆସିବ ସମସ୍ତେ ମୁସ୍ତାକ ଅଲି ଟି୨୦ ଟ୍ରଫି ଉପରେ ସମସ୍ତେ ମନୋନିବେଶ କରିବେ। କିନ୍ତୁ ଏ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏକ ଭଲ ଖବର ମଧ ଶୁଣିବାକୁ ମିଳିଛି। ରଣଜୀ ଚାମ୍ପିୟନ ବିଦର୍ଭ ନାଗପୁରରେ ଏକ ୬ ଦଳ ବିଶିଷ୍ଟ ଲିଗ୍ ଆରମ୍ଭ କରିଛି। ରାଜ୍ୟରେ ଶ୍ରେଷ୍ଠ ଟି୨୦ ପ୍ରତିଭା ଅନ୍ୱେଷଣ ପାଇଁ ଏହି ଲିଗ୍ ଖେଳାଯିବ ବୋଲି କୁହାଯାଇଛି। ଏଥିପାଇଁ ବିଦର୍ଭକୁ ପ୍ରଶଂସା କରିବା ଆବଶ୍ୟକ। ଏହି ଲିଗ୍ ଫ୍ରାଞ୍ଚାଇଜ ଉପରେ ପର୍ଯ୍ୟବସିତ ନୁହେଁ। ଏହାକୁ ରାଜ୍ୟ ଆସୋସିଏଶନ ଆୟୋଜନ କରୁଛି। ଭାରତୀୟ କ୍ରିକେଟ ପାଇଁ ଏହା ନିଶ୍ଚିତ ଭାବେ ଭଲ ମନେ ହେଉଛି। କିନ୍ତୁ ସାରା ବିଶ୍ୱ ଏବେ ଭାରତକୁ ଦେଖୁଛି ବୋଲି କ୍ରିକେଟ ପ୍ରଶାସନ ଦାୟିତ୍ୱରେ ଲୋକେ ହୃଦୟଙ୍ଗମ କରିବା ଉଚିତ।

**(ଦୀନେଶ ଚୋପ୍ରା ମିଡିଆ/ ଗେମ୍‌ପ୍ଲାନ୍)**






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା-୧୨+୮)
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୪/୨୦୨୧ (୧୨+୮ପୃଷ୍ଠା) | Bhubaneswar, Thursday, November 4/2021 | ପୃଷ୍ଠା-୧

ଆଇବି ଭିତରେ ମନ୍ତ୍ରୀ, ବାହାରେ ରଣକ୍ଷେତ୍ର: ପୃଷ୍ଠା-୨

# ଜାମିନ ରାୟ ପହଞ୍ଚିବାରେ ବିଳମ୍ବ ଗମ୍ଭୀର ତ୍ରୁଟି

## ଅସନ୍ତୋଷ ବ୍ୟକ୍ତ କଲେ ଜଷ୍ଟିସ୍ ଚନ୍ଦ୍ରଚୂଡ଼


ଡି.ୱାଇ. ଚନ୍ଦ୍ରଚୂଡ଼

**ନୂଆଦିଲ୍ଲୀ,୩।୧୧**

ଜାମିନ ପାଇଥିବା ଅଭିଯୁକ୍ତଙ୍କୁ ମୁକୁଳାଇବା ପାଇଁ ଉଦ୍ଦିଷ୍ଟ ବେଲ୍ ଅର୍ଡର ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ହେବା ଏକ ଗମ୍ଭୀର ତ୍ରୁଟି। ବିଚାରାଧୀନ ବନ୍ଦୀଙ୍କ ମାନବୀୟ ସ୍ୱାଧୀନତା ସହ ଜଡ଼ିତ ହୋଇଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ସମସ୍ୟାର ସମାଧାନ କରାଯିବା ଜରୁରୀ ବୋଲି ସୁପ୍ରିମକୋର୍ଟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ବମ୍ବେ ହାଇକୋର୍ଟ ଜାମିନ ଦେବା ପରେ ବି ଗୋଟିଏ ରାତି ଆର୍ଥର ରୋଡ୍ ଜେଲରେ ରହିବାକୁ ପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି।

ଅଭିଯୁକ୍ତମାନଙ୍କୁ ଅନ୍‌ଲାଇନ୍‌ରେ ଆଇନଗତ ସହାୟତା ପ୍ରଦାନ ନିମନ୍ତେ ଭର୍ଚୁଆଲ କୋର୍ଟ ଏବଂ ଇ-ସେବା କେନ୍ଦ୍ରଗୁଡ଼ିକର ଶୁଭାରମ୍ଭ ଅବସରରେ ଆଲ୍ଲାହାବାଦ ହାଇକୋର୍ଟ ପକ୍ଷରୁ ଆୟୋଜିତ ଏକ ଅନ୍‌ଲାଇନ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି, ଜେଲରେ ଜାମିନ ଅର୍ଡର ପହଞ୍ଚାଇବାରେ ବିଳମ୍ବ ନ୍ୟାୟିକ ବ୍ୟବସ୍ଥାରେ ଏକ ଗମ୍ଭୀର ତ୍ରୁଟି। କେବଳ ବିଚାରାଧୀନ କଏଦୀ ନୁହନ୍ତି, ଦଣ୍ଡାଦେଶରୁ ଛାଡ଼ ପାଇଥିବା ଦୋଷୀଙ୍କ କ୍ଷେତ୍ରରେ ମଧ୍ୟ ଏପରି ହେଲେ ତାହା ତାଙ୍କର ମାନବୀୟ ସ୍ୱାଧୀନତା ପ୍ରତି ବିପଦ। ଏହା ପୂର୍ବରୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମଧ୍ୟ ଜାମିନ ରାୟଗୁଡ଼ିକୁ କାର୍ଯ୍ୟକାରୀ କରାଇବାରେ ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାସହ ରାୟ ପହଞ୍ଚାଇବା ଲାଗି ଏକ ସୁରକ୍ଷିତ, ବିଶ୍ୱସନୀୟ ଏବଂ ଭରସାଯୋଗ୍ୟ ମାଧ୍ୟମ ପ୍ରତିଷ୍ଠା କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ଏହା ପରେ ସୁପ୍ରିମକୋର୍ଟ ଫାଷ୍ଟ ଆଣ୍ଡ ସିକ୍ୟୁଓର ଟ୍ରାନ୍ସମିଶନ ଅଫ ଇଲେକ୍ଟ୍ରୋନିକ୍ ରେକର୍ଡ୍ସ (ଫାଷ୍ଟର) ପ୍ରୋଜେକ୍ଟକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ। ଏଥିଲାଗି ପ୍ରତ୍ୟେକ ଜେଲରେ ଇଣ୍ଟରନେଟ ☞ପୃଷ୍ଠା-୫

## ଶାହରୁଖଙ୍କୁ ରାହୁଲଙ୍କ ଚିଠି



କ୍ରୁଜ୍ ଶିପ୍ ଡ୍ରଗ୍ସ ପାର୍ଟି ମାମଲାରେ ପୁଅ ଆର୍ଯ୍ୟନ ଖାନ୍ ଗିରଫ ହୋଇ ମୁମ୍ବାଇର ଆର୍ଥର ରୋଡ୍ ଜେଲରେ ଥିବାବେଳେ ଅକ୍ଟୋବାର ୧୪ରେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ନିକଟକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ପତ୍ର ଲେଖିଥିଲେ। ସେହି ଚିଠି ଏବେ ସାମ୍ନାକୁ ଆସିଛି। ଆର୍ଯ୍ୟନଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିବାବେଳେ ରାହୁଲ ସେଥିରେ ଉଲ୍ଲେଖ କରିଥିଲେ, ଦେଶ ଆପଣଙ୍କ ସହ ଅଛି। ତେବେ ଅକ୍ଟୋବର ୨୮ରେ ବମ୍ବେ ହାଇକୋର୍ଟ ଆର୍ଯ୍ୟନଙ୍କୁ ଜାମିନ ଦେଇଥିଲେ। ଜେଲରେ ରିଲିଜ୍ ଅର୍ଡର ପହଞ୍ଚିବା ପରେ ଆର୍ଯ୍ୟନ ଗତ ଶନିବାର ମୁକୁଳିଥିଲେ।

ଅକ୍ଟୋବର ୨ ବିଳମ୍ବିତ ରାତିରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ଗିରଫ ହୋଇଥିବା ଆର୍ଯ୍ୟନ ଖାନ୍ ପ୍ରାୟ ମାସେ ଧରି ଜେଲରେ ରହିଥିଲେ। ଆର୍ଯ୍ୟନଙ୍କଠାରୁ ନିଶାଦ୍ରବ୍ୟ ଜବତ ହୋଇ ନ ଥିଲେ ହେଁ ଡ୍ରଗ୍ସ ନିରୋଧୀ ସଂସ୍ଥା କୋର୍ଟରେ ତାଙ୍କ ହ୍ୱାଟ୍ସଆପ୍ ଚାଟ୍ସର ବିବରଣୀ ଦେଇ ବିଦେଶୀ କାର୍ଟେଲ ସହ ସମ୍ପର୍କ ଓ ବେଆଇନ ଡ୍ରଗ୍ସ କାରବାରରେ ସମ୍ପୃକ୍ତି ଥିବା ଦାବି କରିଥିଲା। ଅନ୍ୟପକ୍ଷେ ଆର୍ଯ୍ୟନଙ୍କୁ ଜଣେ ଅଭିଯୁକ୍ତ ଡ୍ରଗ୍ସ ଯୋଗାଇଥିବା ପ୍ରମାଣିତ କରିବା ଲାଗି ହ୍ୱାଟ୍ସଆପ୍ ଚାଟ୍ସ ପର୍ଯ୍ୟାପ୍ତ ନୁହେଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଥିଲେ।

# ନୂଆବର୍ଷ ସୁଦ୍ଧା ସବୁ ସ୍କୁଲ ଖୋଲିଯିବ

**ଭୁବନେଶ୍ୱର/ସମ୍ବଲପୁର, ୩।୧୧(ବ୍ୟୁରୋ)**

- ଦୀପାବଳି ପରେ ଷଷ୍ଠ, ସପ୍ତମ ପାଠପଢ଼ା
- ଡିସେମ୍ବର ପୂର୍ବରୁ ୧୬ହଜାର ଶିକ୍ଷକ ନିଯୁକ୍ତି ସରିବ
- ଲେଡି ଲୁଇସ୍ ସ୍କୁଲ୍‌କୁ ଗଣଶିକ୍ଷା ମନ୍ତ୍ରୀଙ୍କ ପରିଦର୍ଶନ

ଦୀପାବଳି ପରେ ପ୍ରାଥମିକ ସ୍କୁଲ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିବାକୁ ଚିନ୍ତା କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ଉପରେ ବିଚାର କରାଯିବ। ତେବେ ନୂଆବର୍ଷ ସୁଦ୍ଧା ରାଜ୍ୟର ସବୁ ସ୍କୁଲ ଖୋଲିଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ବୁଧବାର ସମ୍ବଲପୁର ଗସ୍ତବେଳେ ଗଣଶିକ୍ଷା ମନ୍ତ୍ରୀ ଦାଶ କହିଛନ୍ତି, କୋଭିଡ୍‌ର ତୃତୀୟ ଲହର ପ୍ରଭାବ କମ୍ ରହିଛି। ତେଣୁ ବିଭିନ୍ନ ଦିଗକୁ ଦେଖି ପୂର୍ବରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ସହ କଲେଜ ଖୋଲାଯାଇଛି। ଏବେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କୁ ଶ୍ରେଣୀଗୃହରେ ପାଠପଢା ହେବ। ଏଥିପାଇଁ ବିଭାଗ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି। କୋଭିଡ୍ କଟକଣା ଲାଗୁ କରି ସ୍କୁଲଗୁଡିକ ଖୋଲାଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ସାମାଜିକ ଦୂରତା ଓ କଟକଣା ଉପରେ ବୁଝାଇବା କଷ୍ଟକର। ନୂଆବର୍ଷ ଅର୍ଥାତ୍ ଜାନୁୟାରୀରୁ ଏମାନଙ୍କ ପାଇଁ ଶ୍ରେଣୀଗୃହ ପାଠପଢା ଆରମ୍ଭ ହୋଇଯିବ। ସେହିଭଳି ଶିକ୍ଷକଙ୍କ ସମସ୍ୟା ଆଉ ରହିବ ନାହିଁ। ୧୬ ହଜାର ଶିକ୍ଷକ ନିଯୁକ୍ତ ହେବେ। ଏହି ପ୍ରକ୍ରିୟା ନଭେମ୍ବର ଶେଷ କିମ୍ବା ଡିସେମ୍ବର ପୂର୍ବରୁ ଶେଷ ହେବ। ଯେଉଁ ପରୀକ୍ଷାର୍ଥୀମାନେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିଲେ, ସେମାନଙ୍କର ଡକ୍ୟୁମେଣ୍ଟ ☞ପୃଷ୍ଠା-୫

# ଅକ୍ଟୋବରରେ ୫୪.୬ ଲକ୍ଷ ବେରୋଜଗାର

**ନୂଆଦିଲ୍ଲୀ, ୩।୧୧**

କରୋନା କବଳରୁ ଦେଶର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାହାରିପାରିନାହିଁ। ଚଳିତ ବର୍ଷ ଅକ୍ଟୋବରରେ ଦେଶ ମଧ୍ୟରେ ୫୪.୬ ଲୋକଙ୍କ ବେରୋଜଗାର ହୋଇଛନ୍ତି। ବର୍ତ୍ତମାନ ଘରୋଇ ବଜାର ସୁଧାର ପଥକୁ ଫେରୁଛି। ପାର୍ବଣ ସମୟରେ ନିଯୁକ୍ତି କ୍ଷେତ୍ର ଏଭଳି ପ୍ରଭାବିତ ହୋଇଛି ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍ଆଇଇ) ପକ୍ଷରୁ ଏଭଳି ରିପୋର୍ଟ ପ୍ରକାଶ ପାଇଛି।

ସିଏମ୍ଆଇଇ ରିପୋର୍ଟରେ କୁହାଯାଇଛି, ଶ୍ରମ ଶକ୍ତି କ୍ଷେତ୍ର ପ୍ରଭାବିତ ସ୍ଥିତିରେ ରହିଛି। ସେପ୍ଟେମ୍ବରରେ ୪୦.୬୨ କୋଟି ଲୋକଙ୍କ ନିକଟରେ ରୋଜଗାର ରହିଥିଲା। ୨୦୨୦ ମାର୍ଚ୍ଚ ପରଠାରୁ ଏହା ସର୍ବାଧିକ ସ୍ତର। କରୋନା ପୂର୍ବରୁ ଦେଶର ୪୦.୮୯ କୋଟି ଲୋକଙ୍କ ପାଖରେ ରୋଜଗାର ଥିଲା। ଏହା ଅକ୍ଟୋବରରେ ୪୦ କୋଟି ରହିଛି। ମାସିକ ଭିତ୍ତିରେ ଶ୍ରମ ଶକ୍ତିର ଯୋଗଦାନ ସେପ୍ଟେମ୍ବରରେ ୪୦.୬୬% ରହିଥିବା ବେଳେ ଏହା ଅକ୍ଟୋବରରେ ୪୦.୪୧%କୁ ଖସିଛି। ଅଗଷ୍ଟରେ ଏହି ହାର ୪୦.୫୨% ରହିଥିଲା। ନିଯୁକ୍ତିରେ ସହରାଞ୍ଚଳର ସ୍ଥିତି ଉନ୍ନତ ଥିବା ବେଳେ ଗ୍ରାମାଞ୍ଚଳରେ ସଙ୍କଟ ସ୍ଥିତି ରହିଛି। ଆର୍ଥିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେଉଥିବା ସତ୍ତ୍ୱେ ନିଯୁକ୍ତି କ୍ଷେତ୍ରରେ ଭଲ ଖବର ସରକାରଙ୍କୁ ମିଳିପାରୁନାହିଁ। ଅକ୍ଟୋବରରେ ସହରରେ ବେରୋଜଗାରୀ ହାର ୧.୨୪% କମିଛି।

ଗ୍ରାମାଞ୍ଚଳରେ କାମ କମିବାରୁ ବେରୋଜଗାର ହାର ବଢ଼ିଛି। ଗ୍ରାମାଞ୍ଚଳରେ ବେରୋଜଗାର ହାର ୧.୭୫% ବଢ଼ିଛି। ସେପ୍ଟେମ୍ବରରେ ବେରୋଜଗାର ହାର ୬.୮୭% ରହିଥିବା ବେଳେ ଅକ୍ଟୋବରରେ ଏହା ୭.୭୫% ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସେପ୍ଟେମ୍ବରରେ ବେରୋଜଗାରୀ ହାର ୧.୪୬% ହ୍ରାସ ଘଟି ୬.୮୭% ରହିଥିଲା। ଏହି ସମୟରେ ପ୍ରାୟ ୮୫ ଲକ୍ଷ ଲୋକଙ୍କ ଲାଗି ରୋଜଗାର ସୁଯୋଗ ସୃଷ୍ଟି ହୋଇଥିଲା। ପାର୍ବଣରେ ଅଧିକ ଲୋକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଥିଲା। ରିଟେଲ ଶିଳ୍ପରେ ☞ପୃଷ୍ଠା-୫




# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପାରିଶ୍ରମିକ ୨୫ % ବୃଦ୍ଧି

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ ତଥା ଚୁକ୍ତିଭିତ୍ତିରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କର ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହାଦ୍ୱାରା ଓଡିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିୟୋଜିତ ପ୍ରାୟ ୩୩ ହଜାର ବ୍ୟକ୍ତି ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବାର୍ଷିକ ଅଧିକ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଆଉଟ୍‌ସୋର୍ସିଂ ଓ ଚୁକ୍ତିଭିତ୍ତିରେ ନିୟୋଜିତ ଏହି ବ୍ୟକ୍ତିମାନଙ୍କର ଇପିଏଫ୍ ଓ ଇଏସ୍ଆଇ ଭଳି ବୈଧାନିକ ଦେୟ ସମ୍ପୃକ୍ତ ସଂସ୍ଥା ପୈଠ କରିବେ। ସେମାନେ କାମ କରୁଥିବା ବିଭାଗର କର୍ତ୍ତୃପକ୍ଷ ଏହା ସୁନିଶ୍ଚିତ କରିବେ। ଉପରୋକ୍ତ ବୈଧାନିକ ଦେୟ ପୈଠ କରିବାରେ ହେଳା କରୁଥିବା ସଂସ୍ଥା ଗୁଡିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏତଦବ୍ୟତୀତ ସେମାନଙ୍କୁ ବର୍ଷକୁ ସର୍ବାଧିକ ୧୨ ଦିନ ଛୁଟି ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗର୍ଭବତୀଙ୍କ କ୍ଷେତ୍ରରେ ମାତୃତ୍ୱ ଛୁଟି ପ୍ରଦାନ ବିଷୟ ବିଚାର କରି ଯଥାଶୀଘ୍ର ନିଷ୍ପତ୍ତି ନେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

# ପୋଲିସ ଭ୍ୟାନ୍‌ରେ କାଠ ଚାଲାଣ

## ୪ ପୋଲିସ କର୍ମଚାରୀ ଅଟକ

**ପାରଳାଖେମୁଣ୍ଡି,୩।୧୧(ଡି.ଏନ୍.ଏ.)**


କାଠ ସହ ଜବତ ପୋଲିସ ଭ୍ୟାନ୍।

ଗଜପତି ଜିଲା ପାରଳାଖେମୁଣ୍ଡିରେ ଏକ ପୋଲିସ ଭ୍ୟାନ୍‌ରେ ଶାଗୁଆନ କାଠ ଚୋରାଚାଲାଣ ହେଉଥିବା ବେଳେ ଧରାପଡ଼ିଛି। ଏହି ଘଟଣାରେ ସ୍ଥାନୀୟ ବନ ବିଭାଗ ମଙ୍ଗଳବାର ରାତିରେ ୪ ଜଣ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଛି। ରାତି ପ୍ରାୟ ୩ଟାରେ ପାରଳାଖେମୁଣ୍ଡି ଥାନାର ପୋଲିସ ଭ୍ୟାନ୍‌ରେ ଶାଗୁଆନ କାଠ, ପଟା, ଗଣ୍ଡି ଚାଲାଣ ହେଉଥିଲା। ଖବରପାଇ ରାତି ପାଟ୍ରୋଲିଂ କରୁଥିବା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପୋଲିସ ଭ୍ୟାନ୍‌କୁ ରାମସଗାର ନିକଟରେ ଅଟକାଇଥିଲା। ସେଠାରେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ଥିବା ୩୫ ଘନଫୁଟ ଶାଗୁଆନ କାଠ, ପଟା ଓ ଗଣ୍ଡିକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଗାଡ଼ିର ୨ଜଣ ଡ୍ରାଇଭର ସହ ଦୁଇ ଜଣ ଯବାନକୁ ଅଟକ ରଖି ପଚରାଉଚରା କରାଯାଉଥିବା ଏସିଏଫ୍ ଗୌରୀ ପ୍ରସାଦ ରଥ କହିଛନ୍ତି। ଏ ନେଇ ଦେବଗିରି ରେଞ୍ଜରେ ନଂ.୧୦/୨୧ରେ ମାମଲା ରୁଜୁ ହୋଇଛି। ଅଟକ ଥିବା ଡ୍ରାଇଭର ଶ୍ରୀଧର ମହାପାତ୍ର ନିଜ ଘର ପାଇଁ ଗଣ୍ଡାହାତି ଅଞ୍ଚଳରୁ କାଠ ☞ପୃଷ୍ଠା-୫



# ‘ବିଜେଡି, ଭାଜପା ସହ ଯିଏ ସମ୍ପର୍କରେ ଅଛ ସଜାଗ ରୁହ’

## ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ଚେଲ୍ଲାକୁମାରଙ୍କ ଚେତାବନୀ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ଯିଏ କଂଗ୍ରେସରେ ରହି ବିଜେଡି ଏବଂ ଭାଜପା ସହ ସମ୍ପର୍କରେ ଅଛ ସେମାନେ ଆଉ ଏ ଦଳରେ ରୁହନାହିଁ। ସେମାନଙ୍କ ବିଷୟରେ ମୋ ପାଖରେ ତଥ୍ୟ ଅଛି। ଯଦି ନିଜର ଏଭଳି କାର୍ଯ୍ୟରୁ ବିରତ ନ ରୁହ ଆଉ ବରଦାସ୍ତ କରାଯିବ ନାହିଁ, ସିଧା ଦଳରୁ ବିଦା କରିଦିଆଯିବ। ତୁମମାନଙ୍କ ଯୋଗୁ ବର୍ଷ ବର୍ଷ ଧରି କଂଗ୍ରେସ ସହ ଯୋଡ଼ିହୋଇ ରହିଥିବା କର୍ମୀମାନେ ହଇରାଣ ହୋଇଗଲେଣି। ତୁମମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଆଉ ସେହି କର୍ମୀମାନଙ୍କୁ ହଇରାଣ ହେବାକୁ ଦିଆଯିବ ନାହିଁ। ଯେଉଁ କର୍ମୀମାନେ ତୁମମାନଙ୍କ ଯୋଗୁ ନିଜର ଜୀବନ ଜୀବିକା ହରାଇଛନ୍ତି ସେମାନଙ୍କୁ ନ୍ୟାୟ ମିଳିବ ବୋଲି କହି ଦଳୀୟ ନେତାମାନଙ୍କ ଉପରେ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର ପ୍ରବଳ ବର୍ଷିଛନ୍ତି। ତାଙ୍କର ଏଭଳି ଶାଣିତ ଆକ୍ରମଣ ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇ ଦେଇଛି।

ଗତ ସୋମବାର କଂଗ୍ରେସର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ, ଗଣେଶ୍ୱର ବେହେରା, ପୂର୍ବତନ ମହିଳା ସଭାପତି ସସ୍ମିତା ବେହେରା ଏବଂ ବିଧାୟକ ମହମ୍ମଦ ମୋକିମ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ସୋମବାର ଠାରୁ ଦଳର ନୂଆ ମେମ୍ବରଶିପ୍ ଡ୍ରାଇଭ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରସଙ୍ଗରେ କାର୍ଯ୍ୟକାରିଣୀରେ ଅଭିଭାଷଣ କାର୍ଯ୍ୟକ୍ରମ ଚାଲିଥିଲା। ଏନେଇ ପିସିସି ସଭାପତି


ଏ. ଚେଲ୍ଲାକୁମାର

ନିଜର ଅଭିଭାଷଣ ରଖିବା ପରେ ସିଧା ଚେଲ୍ଲାକୁମାର ନିଜ ମତ ରଖିଥିଲେ। ଏଥିରେ କେତେଜଣ ବିଧାୟକ ଓ ବରିଷ୍ଠ ନେତାଙ୍କୁ କହିବାର ସୁଯୋଗ ନ ମିଳିବାରୁ ସେମାନେ ରାଗିଯାଇଥିଲେ। ସଙ୍ଗେ ସଙ୍ଗେ ଜଣେ ବିଧାୟକ ବୈଠକରୁ ବାହାରିଯାଇ ସିଧା ଗଣମାଧ୍ୟମକୁ କହିଲେ, ଏଠାରେ ଆମର କିଛି ସମ୍ମାନ ନାହିଁ। ତେଣୁ ଏହି ବୈଠକରେ ରହିବାର କିଛି ଆବଶ୍ୟକତା ନାହିଁ । ଏକଥା ବୈଠକ ଭିତରେ ଥିବାବେଳେ ଚେଲ୍ଲାକୁମାରଙ୍କ କାନରେ ପଡ଼ିଯାଇଥିଲା। ଏହାପରେ ଚିହିଁକି ଉଠି ସେ କହିଥିଲେ, ବହୁ ନେତା ଏଠି ଅଛନ୍ତି ଯେଉଁମାନେ ବିଜେଡି ଓ ଭାଜପା ସମ୍ପର୍କରେ ରହିଛନ୍ତି। ସେମାନେ ଆଉ ଦଳର କ୍ଷତି ନ କରି ନିଜ ଆଡୁ ଛାଡ଼ିଦିଅନ୍ତୁ। ଯେଉଁମାନେ ଗଣମାଧ୍ୟମକୁ ଯାଇ ଯାଉସାଉ ମତାମତ ଦେଇ ଦଳର କ୍ଷତି କରିବାକୁ ଚାହୁଁଛନ୍ତି ସେମାନେ ସତର୍କ ହୋଇଯାଆନ୍ତୁ। ଏଥିସହ କଂଗ୍ରେସ ସମ୍ବିଧାନ ଯାହାକୁ ଜଣାନାହିଁ ସେମାନେ ଦଳରେ ନ ରୁହନ୍ତୁ ବୋଲି ସେ କହିଥିଲେ। ପରେ ଚେଲ୍ଲାକୁମାର ପିପିଲି ଉପନିର୍ବାଚନ ଫଳାଫଳ ବାହାରିବା ଦିନ କଂଗ୍ରେସ ଭବନରେ ପଶି ତାଲା ପକାଇ ଚେୟାର, ଟେବୁଲ ଭାଙ୍ଗିଥିବା ନେତା ଓ କର୍ମୀଙ୍କୁ ଶାଣିତ ଆକ୍ରମଣ କରି କହିଥିଲେ, ଯାହାର ପିସିସି ସଭାପତିଙ୍କ ଉପରେ ରାଗ ଅଛି ସେମାନେ ଜଣାନ୍ତୁ, ସେଥିରେ କିଛି ନାହିଁ। ସେହି କଥା ଲାଗି କଂଗ୍ରେସର କ୍ଷତି କଲେ କ୍ଷମା ମିଳିବନାହିଁ।

ଅନ୍ୟପଟେ କଂଗ୍ରେସ ଭବନରେ ଭଙ୍ଗାରୁଜା ଘଟଣାକୁ ଗଣମାଧ୍ୟମରେ ଖବର ଦେଇ ଦଳର କ୍ଷତି କରିଥିବା ନେତା ଓ କର୍ମୀଙ୍କ ତାଲିକା ଚେଲ୍ଲାକୁମାର ମଗାଇଛନ୍ତି। ଏହି ତାଲିକା ପ୍ରସ୍ତୁତ କାର୍ଯ୍ୟ ଶେଷ ହୋଇଥିବା ଜାଣିବାକୁ ମିଳିଛି। ସେମାନଙ୍କୁ ଦଳ ପକ୍ଷରୁ ଗୁରୁବାର ସୁଦ୍ଧା ବହିଷ୍କାର କରିଦିଆଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପଟେ ଯେଉଁମାନେ ଦଳର କ୍ଷତି ହେବା ଭଳି କାମ କରନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ମଧ୍ୟ ହାଇକମାଣ୍ଡଙ୍କଠାରୁ ଚେଲ୍ଲାକୁମାର ନିର୍ଦ୍ଦେଶ ପାଇଥିବା ଜାଣିବାକୁ ମିଳିଛି।

## ନାରୀଙ୍କ ପ୍ରତି ମନ୍ତ୍ରୀଙ୍କ ସମ୍ମାନ ନାହିଁ: ଭକ୍ତ


ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ବାଇକ୍ ଶୋଭାଯାତ୍ରା।

ଭବାନୀପାଟଣା/ନର୍ଲା/କେସିଙ୍ଗା,୩।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଲିଙ୍କ ଥିବା ଅଭିଯୋଗରେ ସରକାରଙ୍କୁ ଘେରୁଛନ୍ତି ବିରୋଧୀ। ଏହି ପରିପ୍ରେକ୍ଷୀରେ ବୁଧବାରଠାରୁ ଜିଲା କଂଗ୍ରେସ ପକ୍ଷରୁ ଆରମ୍ଭ କରାଯାଇଛି ପଥପ୍ରାନ୍ତ ପ୍ରତିବାଦ ସଭା। ଏଥିରେ ଗାଁକୁ ଗାଁ ଯାଇ ମମିତାଙ୍କ ନ୍ୟାୟ ପାଇଁ ପ୍ରତିବାଦର ସ୍ୱର ଶାଣିତ କରିଛି କଂଗ୍ରେସ। ବୁଧବାର ସକାଳୁ ଭବାନୀପାଟଣାରୁ ନର୍ଲା ଓ ପରେ ମ. ରାମପୁର, କର୍ଲାମୁଣ୍ଡା, କେସିଙ୍ଗା ପର୍ଯ୍ୟନ୍ତ ପ୍ରାୟ ୨ ଶହ କି.ମି. ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରାଯାଇ ଏହି ଲଢେଇରେ ସମସ୍ତେ ସାମିଲ ହେବା ପାଇଁ କୁହାଯାଇଥିଲା। ପ୍ରତିବାଦ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ଯୋଗଦେଇ ମନ୍ତ୍ରୀ ମିଶ୍ରଙ୍କ ଉପରେ ବର୍ଷିଥିଲେ। ମନ୍ତ୍ରୀ ମିଶ୍ର ଏକ ପେସାଦାର ଅପରାଧୀ ଓ ନାରୀମାନଙ୍କ ପ୍ରତି ତାଙ୍କର ସମ୍ମାନ ନାହିଁ ବୋଲି ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ସେ ଅନେକ ଆପରାଧିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ। ଛତିଶଗଡରେ ଥିବା ସମୟରେ ଅନେକ ଅପରାଧ କରିଥିବା ଭକ୍ତ ଅଭିଯୋଗ ଆଣିଛନ୍ତି। ରାଜ୍ୟରେ ରାଷ୍ଟ୍ରପତି ଶାସନର ଆବଶ୍ୟକ ବୋଲି କହିବା ସହ ମମିତା ମେହେରଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ରାଜରାସ୍ତାରେ ବିକ୍ଷୋଭ କରିବ ବୋଲି ସେ କହିଛନ୍ତି। ଏହି ସମୟରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ମହମ୍ମଦ ସାହେବ, ବରିଷ୍ଠ ନେତା ସୁରେଶ ରାଓ, ପରମାନନ୍ଦ ମାଝି, ଉତ୍ସବ ସାହୁ, ବ୍ରଜ ସାହୁ ପ୍ରମୁଖଙ୍କ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।



ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ବୁଧବାର ସିପିଆଇ (ଏମ୍) ପକ୍ଷରୁ ଭୁବନେଶ୍ୱର ଏଡିଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ।

## ଭାଜପା ଛାଡ଼ିପାରନ୍ତି ଧନୁର୍ଜୟ

କେନ୍ଦୁଝର, ୩।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭାଜପାରେ ଗୋଷ୍ଠୀ କନ୍ଦଳ ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। କିଛି ମାସ ତଳେ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ ଦଳ ଛାଡିବା ପରେ ଏବେ ଆଉ ଜଣେ ଟାଣୁଆ ନେତା ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ଦଳ ଛାଡିବେ ବୋଲି ସୂଚନା ଦେଇଛନ୍ତି। ଏନେଇ ସେ ନିଷ୍ପତ୍ତି ନେଇ ସାରିଥିବାବେଳେ ଆସନ୍ତା ୫ ତାରିଖ ଦିନ ହରିଚନ୍ଦନପୁର ବ୍ଲକ ତେନ୍ତଲାପଶିରେ ଏକ ସଭାରେ ବିଧିବଦ୍ଧ ଦଳ ଛାଡିବା ନେଇ ଘୋଷଣା କରିବେ ବୋଲି ସେ କହିଛନ୍ତି। ଦଳର ଜିଲା ନେତୃତ୍ୱ ତାଙ୍କୁ ଅଣଦେଖା କରୁଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ତେବେ କେଉଁ ଦଳରେ ମିଶିବେ ସେ ନେଇ କୌଣସି ସୂଚନା ଦେଇ ନାହାନ୍ତି। ଏନେଇ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି, ତାଙ୍କୁ ଗୁରୁତ୍ୱ ଦିଆଯାଇ ଆସୁଛି । ଏଣୁ ସଂଗଠନ ଦୋଷୀ ନୁହେଁ । ସବୁ ସୁଯୋଗ ଦିଆଯାଇଛି । ଦଳ ପାଇଁ ସେ ଭୋଟ ପାଇଥିଲେ। ତାଙ୍କ ଘର ଚମ୍ପୁଆ। ଏଣୁ ବ୍ୟବସାୟ ପାଇଁ ବିଜେଡି ନେତାଙ୍କ ସହ ଆଲୋଚନା କରି ଦଳ ଛାଡିବେ ବୋଲି କହୁଛନ୍ତି। ଏହା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।


ଧନୁର୍ଜୟ ସିଦ୍ଧୁ।

## ବିଜେଡି ଛାଡ଼ିଲେ ସଞ୍ଜୀବ

ଅନୁଗୋଳ ଅଫିସ,୩।୧୧

ଓଡ଼ିଶା ବିଧାନସଭାକୁ ୪ ଥର ନିର୍ବାଚିତ ହୋଇଥିବା ଓ ଏକାଧିକଥର ମନ୍ତ୍ରୀ ପଦ ପାଇଥିବା ବିଜୁ ଜନତା ଦଳର ବରିଷ୍ଠ ନେତା ସଞ୍ଜୀବ କୁମାର ସାହୁ ବୁଧବାର ବିଜେଡି ସହ ସମ୍ପର୍କ ଛିନ୍ନ କରିଛନ୍ତି। ଅନୁଗୋଳଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣ ପାଇଁ ଦଳ ଛାଡ଼ିଥିବା ସାହୁ ଖବରଦାତାମାନଙ୍କୁ କହିଛନ୍ତି।

ଶିକ୍ଷକତାରୁ ରାଜନୀତିକୁ ଆସିଥିବା ସଞ୍ଜୀବ ୧୯୮୪-୮୫ରେ ପ୍ରଥମେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୩ରେ ବିଜେଡି ଟିକେଟ୍‌ରେ ସେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଉପନିର୍ବାଚନରେ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୦୪ ସାଧାରଣ ନିର୍ବାଚନରେ ମଧ୍ୟ ବୀରମହାରାଜପୁରରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୯ରେ ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ବିଜୟୀ ହୋଇଥିଲେ। ମନ୍ତ୍ରୀ ଥିବାବେଳେ ୨୦୧୨ରେ ପ୍ୟାରୀମୋହନ ମହାପାତ୍ରଙ୍କ ମିଡ୍‌ନାଇଟ୍ ଅପରେଶନରେ ତାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ୨୦୧୪ରେ ସେ ଆଠମଲ୍ଲିକରୁ ପୁନଃ ନିର୍ବାଚିତ ହୋଇଥିଲେ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇପାରି ନ ଥିଲେ। ତେବେ


ସଞ୍ଜୀବ କୁମାର ସାହୁ।

୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ଆଠମଲ୍ଲିକରୁ ଟିକେଟ୍ ଦେଇ ନ ଥିଲା। ବିଭିନ୍ନ ପଦପଦବୀରେ ଥଇଥାନ ନେଇ ସେ ଆଶାବାଦୀ ଥିଲେ ହେଁ ଦଳ ତାଙ୍କୁ ଅଣଦେଖା କରୁଥିଲା। ଜିଲାରେ ହେଉଥିବା ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଉ ନ ଥିଲା। ଏପରି କି ଜିଲା କାର୍ଯ୍ୟକାରିଣୀ ବୈଠକକୁ ମଧ୍ୟ ଡକାଯାଉ ନ ଥିଲା। ଏହା ତାଙ୍କ ସ୍ୱାଭିମାନରେ ଆଞ୍ଚ ଆଣିଥିଲା। ବିଜେଡିରୁ ଇସ୍ତଫା ଦେଇଥିଲେ ମଧ୍ୟ ସେ ରାଜନୀତିରୁ ଅବସର ନେଇନାହାନ୍ତି। ପୂର୍ବପରି ଲୋକଙ୍କ ସେବା ଜାରି ରଖିବେ ବୋଲି ସଞ୍ଜୀବ କହିଛନ୍ତି। ଆଗାମୀ ଦିନରେ କେଉଁ ଦଳରେ ସାମିଲ ହେବାର ଯୋଜନା ରହିଛି କି ନାହିଁ ତାହା ସେ ସ୍ପଷ୍ଟ କରିନାହାନ୍ତି। ସମୟକୁ ଅପେକ୍ଷା କରିବାକୁ କହିବା ସହ ଯେଉଁ ଦଳରେ ଯୋଗଦେଲେ ମଧ୍ୟ କର୍ମୀଙ୍କ ସହଯୋଗ ରହିବ ଓ ପଞ୍ଚାୟତ ନିର୍ବାଚନରେ ତାଙ୍କ ସମର୍ଥକମାନେ ପ୍ରାର୍ଥୀ ହେବେ ବୋଲି ସଞ୍ଜୀବ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି: କଂଗ୍ରେସ

## ଦରଦାମ ବୃଦ୍ଧି ମୋଦି-ନବୀନଙ୍କ ପ୍ରାୟୋଜିତ: ତାରା

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡଠାରୁ ଆରମ୍ଭ କରି କୁଚିଣ୍ଡା ଯୁବ କଂଗ୍ରେସ ସଭାପତିଙ୍କୁ ବିଜେଡି କର୍ମୀଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗିରଫ ଦାବି କରିଛି କଂଗ୍ରେସ। ସେହିପରି ଲଖିମପୁର ଖେରୀ କୃଷକ ହତ୍ୟାକାଣ୍ଡକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିବାବେଳେ ଦରଦାମ ବୃଦ୍ଧି ପାଇଁ କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଦଳର ମୁଖ୍ୟ ସଚେତକ ତଥା କଂଗ୍ରେସ ମୁଖପାତ୍ର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ


ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି।

‘ମା’କୁ ସମ୍ମାନ’ ଆହ୍ୱାନ ନାଁରେ ରାଜ୍ୟରେ ନାରୀଙ୍କୁ ପ୍ରତାରିତ କରାଯାଉଛି। ଏନ୍‌ସିଆର୍‌ବି ରିପୋର୍ଟରେ ଓଡ଼ିଶା ହେଉଛି ୨ୟ ନାରୀ ନିର୍ଯାତିତ ରାଜ୍ୟ। ରାଜ୍ୟରେ ଦିନକୁ ୭ଜଣ ମହିଳା ବଳାତ୍କାରର ଶିକାର ହେଉଥିବାବେଳେ ବର୍ଷରେ ମାତ୍ର ଦୁଇଜଣ ହାରରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ଏଥିରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ତୁରନ୍ତ ବହିଷ୍କାର ଓ ଗିରଫ କରିବା ସହ ନିଜେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ କୁଚିଣ୍ଡା ଗସ୍ତକୁ କୁଚିଣ୍ଡା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କରୁଥିଲେ। କିନ୍ତୁ ବିଜେଡ଼ି କର୍ମୀମାନେ ପୋଲିସ ଉପସ୍ଥିତିରେ ଯୁବ କଂଗ୍ରେସ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ କଲେ। ଏହି ଘଟଣାକୁ ବାହିନୀପତି ତୀବ୍ର ନିନ୍ଦା କରିବା ସହ ଏ ରାଜ୍ୟର ଗଣତନ୍ତ୍ରର ହତ୍ୟା ହୋଇଛି ବୋଲି କହିଛନ୍ତି।

ଅନିୟନ୍ତ୍ରିତ ଦରଦାମ ପ୍ରସଙ୍ଗରେ ବାହିନୀପତି କହିଛନ୍ତି, ମୋଦି ଓ ନବୀନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ପରସ୍ପରକୁ ବିରୋଧର ନାଟକ କରୁଛନ୍ତି। ଏହା ମୋଦି-ନବୀନ ସରକାରର ପ୍ରାୟୋଜିତ ପରିସ୍ଥିତି। ଉଭୟ ସରକାର ସାଧାରଣ ଜନତାର ରକ୍ତ ଶୋଷଣ କରୁଛନ୍ତି। ଲୋକେ ଦରଦାମର ବୋଝରେ ଛଟପଟ ହେଉଥିବାବେଳେ ଦୁଇ ସରକାର ଅତ୍ୟାବଶ୍ୟକ ସାମଗ୍ରୀ,ତୈଳ ଓ ରନ୍ଧନ ଗ୍ୟାସର ଦର ଦିନକୁ ଦିନ ବଢାଇଚାଲିଛନ୍ତି। ଏଥିପାଇଁ ହିମାଚଳ ପ୍ରଦେଶ ଉପନିର୍ବାଚନରେ ଭାଜପାର ପରାଜୟ ହୋଇଥିବା ବାହିନୀପତି କହିଛନ୍ତି। ସେହିପରି ଲଖିମପୁର ଖେରୀ କୃଷକ ହତ୍ୟାକାଣ୍ଡରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଗିରଫ ବି ହୋଇଛନ୍ତି। ଏହା ଏକ ରାଜନୈତିକ ହତ୍ୟାକାଣ୍ଡ ହୋଇଥିଲେ ମଧ୍ୟ ମନ୍ତ୍ରୀ ଏପର୍ଯ୍ୟନ୍ତ ପଦରେ ଥିବାରୁ ବାହିନୀପତି କ୍ଷୋଭ ପ୍ରକାଶ କରିଛନ୍ତି।

# କୁଚିଣ୍ଡାରେ କଂଗ୍ରେସ, ଭାଜପାର ୧୨ଘଣ୍ଟିଆ ବନ୍ଦ

କୁଚିଣ୍ଡା,୩।୧୧(ଡି.ଏନ.ଏ.)

ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କୁଚିଣ୍ଡା ଗସ୍ତ ବେଳେ କଂଗ୍ରେସ ନେତାଙ୍କୁ ଆକ୍ରମଣ ପ୍ରତିବାଦରେ ବୁଧବାର ଭାଜପା ଓ କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ନେତା ଓ କର୍ମୀମାନେ ପିକେଟିଂ କରି ଦୋକାନ ବଜାର, ଯାନବାହନ ଚଳାଚଳ, ସମସ୍ତ ସରକାରୀ ବେସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ କରିଥିଲେ। ଭାଜପା ଓ କଂଗ୍ରେସ କର୍ମୀମାନେ ସ୍ମାର୍ଟ କାର୍ଡ ବଣ୍ଟନ ପାଇଁ ପୂର୍ତ୍ତ ବିଭାଗ ବଙ୍ଗଳାରେ ଥିବା ମନ୍ତ୍ରୀ ଟୁକୁନି ସାହୁଙ୍କୁ ସକାଳ ୮ରୁ ଦିନ ୧୨ଟା ପର୍ଯ୍ୟନ୍ତ ଘେରାଉ କରି ରଖିଥିଲେ। ପରେ ସେମାନେ ଗେଟ୍ ଆଗରେ ଧାରଣା ଦେବାରୁ ମନ୍ତ୍ରୀ ଦୀର୍ଘ ୪ଘଣ୍ଟା ଧରି ବାହାରିପାରି ନ ଥିଲେ। ପରେ ଆନ୍ଦୋଳନକାରୀ ଭାଜପାର ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଓ କଂଗ୍ରେସର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ସମେତ ଉଭୟ ଦଳର ନେତା ଓ କର୍ମୀଙ୍କୁ ପୋଲିସ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ଅପରାହ୍ଣ ପ୍ରାୟ ୨ଟା ବେଳେ ଅତିରିକ୍ତ ଏସ୍‌ପି ତପନ ମହାନ୍ତି ୧୫ଦିନ ମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦିନ ୧୨ଟା ପରେ ମନ୍ତ୍ରୀ ସାହୁ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମକୁ ବାହାରିଥିଲେ।


କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳା ଆଗରେ ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

# ଆଇବି ଭିତରେ ମନ୍ତ୍ରୀ, ବାହାରେ ରଣକ୍ଷେତ୍ର

## କୁଚିଣ୍ଡା ବନ୍ଦ ପାଳନ ବେଳେ ଗଣ୍ଡଗୋଳ

ସମ୍ବଲପୁର,୩।୧୧(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ବୁଧବାର ବନ୍ଦ ପାଳନ ସମୟରେ ଗଣ୍ଡଗୋଳ ହୋଇଛି। କୁଚିଣ୍ଡା ପୂର୍ତ୍ତ ବିଭାଗ ବଙ୍ଗଳା (ଆଇବି) ଭିତରେ ମହିଳା ଓ ଶିଶୁ ବିକାଶ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ଥିବାବେଳେ ବାହାରେ ରଣକ୍ଷେତ୍ର ପାଲଟିଥିଲା। ଭାଜପା ଓ କଂଗ୍ରେସ ପକ୍ଷରୁ ଗେଟ୍ ଆଗରେ ଧାରଣା ଦିଆଯାଇଥିବା ବେଳେ ବିଜେଡି କର୍ମୀମାନେ ପହଞ୍ଚିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଜେଡି କର୍ମୀଙ୍କୁ ଘଟଣାସ୍ଥଳରୁ ହଟାଇ ୪୫ଜଣ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇନେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୂଚନାଯୋଗ୍ୟ କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ସଭାସ୍ଥଳ ବାହାରେ ଯୁବ କଂଗ୍ରେସ ନେତା ଜୟନ୍ତ କିଷାନଙ୍କ ନେତୃତ୍ୱରେ କର୍ମୀମାନେ ମମିତା ମେହେର ହତ୍ୟାକାଣ୍ଡ ପ୍ରତିବାଦରେ କଳାପତାକା ଦେଖାଇ ପ୍ରତିବାଦ କରିଥିଲେ। ଏହାକୁ ନେଇ ଜିଲା ବାହାରୁ ଆସିଥିବା ବିଜେଡି ପତାକାଧାରୀ କେତେଜଣ ଯୁବକ ମାରପିଟ କରିଥିଲେ। ଏଥିରେ ଜୟନ୍ତ ଆହତ ହୋଇଥିଲେ। ଏହି ସମୟରେ ପୋଲିସ ପହଞ୍ଚି କେତେଜଣ ଭାଜପା କର୍ମୀଙ୍କୁ ଧରିନେଇ ଥାନାରେ ଅଟକ ରଖିଥିଲା। ଏହାକୁ ବିରୋଧ କରି କଂଗ୍ରେସ ଓ ଭାଜପା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। କୁଚିଣ୍ଡା ବ୍ଲକରେ ସ୍ମାର୍ଟ କାର୍ଡ ବଣ୍ଟନ କରିବା ପାଇଁ ବୁଧବାର ଆସିଥିବା ମନ୍ତ୍ରୀ ସାହୁ ଆଇବିରେ ରହିଥିଲେ। ଭାଜପା ଓ କଂଗ୍ରେସ କର୍ମୀ ଏହା ଜାଣିବା ପରେ ଆଇବି ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସକାଳ ୯ଟାରେ ବାଉରୀଗୁଡାରେ ରହିଥିଲା। ଧାରଣା ଚାଲିଥିବାରୁ ମନ୍ତ୍ରୀ କାର୍ଯ୍ୟକ୍ରମକୁ ଯାଇପାରି ନ ଥିଲେ। ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ଆସି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପ୍ରାୟ ୧୧ଟା ସମୟରେ ୪୦ ଜଣ ବିଜେଡି କର୍ମୀ ପହଞ୍ଚି ନବୀନ ପଟ୍ଟନାୟକ ଜିନ୍ଦାବାଦ କହି ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପରିସ୍ଥିତି ଅଣାୟତ୍ତ ହୋଇଯାଇଥିଲା। ଗୋଟିଏ ପଟେ ଭାଜପା ଓ କଂଗ୍ରେସ ଏବଂ ଅନ୍ୟପଟେ ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପ୍ରଥମେ ବିଜେଡି କର୍ମୀମାନଙ୍କୁ ପୋଲିସ ଘଟଣାସ୍ଥଳରୁ ଚାଲିଯିବାକୁ କହିଥିଲା। ପରେ ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିଲା। ଏଥିମଧ୍ୟରେ ପୂର୍ବତନ ବିଧାୟକ ରବି ନାଏକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ପ୍ରମୁଖ ରହିଛନ୍ତି। ଥାନାରେ ମାମଲା ରୁଜୁ କରି ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଛନ୍ତି।


କୁଚିଣ୍ଡା ଆଇବି ସମ୍ମୁଖରେ ରଣକ୍ଷେତ୍ର ।

# କେନ୍ଦ୍ର ନିଷ୍ପତ୍ତିକୁ ସ୍ୱାଗତ, ଭାଟ୍ କମାଉ ଓଡ଼ିଶା



ଦୀର୍ଘ ଦିନ ପରେ କମିଛି ତେଲ ଟିକସ। କେନ୍ଦ୍ର ସରକାର ଦୀପାବଳି ଭେଟି ସ୍ୱରୂପ ପେଟ୍ରୋଲ୍ ଉପରୁ ୫ ଓ ଡିଜେଲ୍ ଉପରୁ ୧୦ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ଓଡ଼ିଶାରେ ପେଟ୍ରୋଲ ୬ଟଙ୍କା ୬୦ ଏବଂ ଡିଜେଲ୍ ୧୨ଟଙ୍କା ୮୦ କମିବ ବୋଲି ଜଣାପଡ଼ିଛି। କରୋନା ଭଳି ସମୟରେ ଲୋକଙ୍କୁ ଏହା ବଡ଼ ଆଶ୍ୱସ୍ତି ଦେଇଛି। ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କେନ୍ଦ୍ରର ଘୋଷଣା ପରେ ଆସାମ, କର୍ନାଟକ, ବିହାର, ଗୋଆ ଭଳି ଏକାଧିକ ଏନ୍‌ଡିଏ ଶାସିତ ରାଜ୍ୟ ତୁରନ୍ତ ଭାଟ ହ୍ରାସ କରିଥିବାରୁ ଓଡ଼ିଶା ମଧ ଭାଟ୍ ହ୍ରାସ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

### ୭ ବର୍ଷରେ ପ୍ରଥମ ତୈଳ ଟିକସ ହ୍ରାସ



କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସାରା ଦେଶ ଏପରିକି ଓଡିଶାରେ ମଧ ସ୍ୱାଗତ କରାଯାଉଛି। ଏହି ନିଷ୍ପତ୍ତି ଦ୍ୱାରା ଓଡ଼ିଶାରେ ତେଲ ଦର ପେଟ୍ରୋଲ ଉପରେ ୬ ଟ. ୬୦ ପ. ଡିଜେଲ ଉପରେ ୧୨ଟ. ୮୦ପ. କମିବ। ଯାହା ଫଳରେ ଖାଉଟିଙ୍କୁ ବଡ଼ ଆଶ୍ୱସ୍ତି ମିଳିବ। ଦୀର୍ଘ ଦିନ ପରେ ସରକାର ଏହାକୁ ବିଚାରକୁ ନେଇଥିବାରୁ ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏଶନ୍(ୟୁପିଡିଏ) ପକ୍ଷରୁ ସ୍ୱାଗତ କରୁଛୁ। ରାଜ୍ୟ ସରକାର ମଧ ଭାଟ କମାଇବା ନେଇ ବିଚାର କରିପାରନ୍ତି ବୋଲି ଆଶା କରାଯାଉଛି। ଗତ ୭ ବର୍ଷ ମଧରେ କେନ୍ଦ୍ର ସରକାରଙ୍କ ଏହା ପ୍ରଥମ ବଡ ଧରଣର ତୈଳ ଦର ହ୍ରାସ।

- ସଞ୍ଜୟ ଲାଠ, ସାଧାରଣ ସମ୍ପାଦକ, ୟୁପିଡିଏ

### ଦରବୃଦ୍ଧିରେ ରୋକ୍ ଲାଗିବ



ଦୀର୍ଘ ୧୨ ମାସରୁ ଉର୍ଦ୍ଧ୍ୱ ସମୟ ପରେ କେନ୍ଦ୍ର ସରକାର ଖାଉଟିଙ୍କ ଦୁଃଖକୁ ବୁଝିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ସବୁବର୍ଗଙ୍କ ପାଇଁ ସ୍ୱାଗତଯୋଗ୍ୟ। ଏହା ଫଳରେ ଖାଉଟିଙ୍କୁ ଆଶ୍ୱସ୍ତି ମିଳିବ। ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିରେ ରୋକ ଲାଗିପାରିବ। ସରକାରଙ୍କ ନିଷ୍ପତ୍ତି କିଛି ପରିମାଣରେ ପେଟ୍ରୋଲିୟମ୍ ବିକ୍ରେତାଙ୍କୁ କ୍ଷତି ପହଞ୍ଚାଇଲେ ମଧ ଖାଉଟିଙ୍କ ସ୍ୱାର୍ଥକୁ ଦେଖି ବିକ୍ରେତାମାନେ ସହ୍ୟ କରିଥାନ୍ତି। ରାଜ୍ୟ ସରକାର ମଧ ଭାଟ୍ ହ୍ରାସ ବିଷୟରେ ବିଚାରବିମର୍ଶ କରିପାରନ୍ତି ବୋଲି ଆଶା କରାଯାଉଛି।

- ମହେନ୍ଦ୍ର ସିଂହ କାଲ୍‌ସି, ପେଟ୍ରୋଲିୟମ୍ ଡିଲର, ଭୁବନେଶ୍ୱର

### ଟିକସ ହ୍ରାସ ଖାଉଟିଙ୍କୁ ସୁବିଧା ଦେବ



ପ୍ରତିଦିନ ତୈଳ ଦର ବୃଦ୍ଧି ଯୋଗୁ ଖାଉଟିଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ଖାଉଟି କିଛି ପରିମାଣରେ ଆଶ୍ୱସ୍ତି ଲାଭ କରିବେ। ତୈଳ ଦର ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାରେ ମଧ ବ୍ୟାପକ ପ୍ରଭାବ ପଡୁଥିଲା। ଟିକସ ହ୍ରାସ ଫଳରେ ସେ ସବୁ ମଧ କମିବାର ସମ୍ଭାବନା ରହିଛି। ପ୍ରତି ମାସ ୬ରୁ ୭ଟଙ୍କା ତୈଳ ଦର ବଢୁଥିବା ଯୋଗୁ ଖାଉଟି ମଧ ଗାଡ଼ି ଚଲାଇବା କମ୍ କରିଦେଇଥିଲେ। କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଖାଉଟିଙ୍କ ଅସନ୍ତୋଷକୁ ବିଚାରକୁ ନେଇ ତୈଳ ଟିକସ ହ୍ରାସ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ଅଟେ।

- ଜନ୍ମେଞ୍ଜୟ ପ୍ରଧାନ, ଆଇଓସିଏଲ୍ ଡିଲର, କଟକ

### ଖାଉଟିଙ୍କ ଅସନ୍ତୋଷକୁ ବୁଝି ଟିକସ ହ୍ରାସ



କୋଭିଡ୍ ମହାମାରୀ ଯୋଗୁ ସବୁ କିଛି ବନ୍ଦ ଥିବାବେଳେ ଦର ଦାମ ବୃଦ୍ଧି ବିଶେଷକରି ତୈଳ ଦର ବୃଦ୍ଧି ଖାଉଟିଙ୍କ ଉପରେ ଚଡ଼କ ପକାଇଥିଲା। ଗତ ୭ ମାସରେ ପେଟ୍ରୋଲ ୩୦ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ଡିଜେଲ ପ୍ରାୟ ୨୫ ଟଙ୍କା ବୃଦ୍ଧି ଯୋଗୁ ସବୁ ବର୍ଗଙ୍କ ପାଇଁ ଆର୍ଥିକ ବୋଝ ହୋଇ ଯାଇଥିଲା। ଗୋଟେ ପଟେ ମାନ୍ଦାବସ୍ଥା, ଅନ୍ୟ ପଟେ ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚା ଦର ଯୋଗୁ ଲୋକଙ୍କ ଜୀବନ ଜୀବିକା ଉପରେ ବ୍ୟାପକ ପ୍ରଭାବ ପକାଇଥିଲା। ସରକାର ଡେରିରେ ହେଲେ ମଧ ସାଧାରଣ ଜନତାଙ୍କ ଅସନ୍ତୋଷକୁ ବୁଝିପାରି ପେଟ୍ରୋଲ ଉପରେ ୫ ଟଙ୍କା ଓ ଡିଜେଲ ଉପରେ ୧୦ ଟଙ୍କା ଟିକସ ହ୍ରାସ କରିଛନ୍ତି।

- ବୀରେନ୍ଦ୍ର ମିଶ୍ର, ସାମାଜିକ କର୍ମୀ

### ବିଳମ୍ବରେ ହେଉ କେନ୍ଦ୍ର ସରକାର ବୁଝିଛନ୍ତି



କୋଭିଡ୍ ନାଁରେ ସରକାର ତୈଳ ଦର ଉପରେ ଅତିରିକ୍ତ ସେସ୍ ସାଙ୍ଗକୁ ବର୍ଦ୍ଧିତ ଶୁଳ୍କ ଲଗାଇଥିଲେ। ଫଳରେ ତେଲ ଦର ଲିଟର ପିଛା ୧୦୦ ଟଙ୍କା ଟପିଛି। ସାରା ଦେଶରେ ତୈଳ ଦର ରେକର୍ଡ କରିବା ସାଙ୍ଗକୁ ସର୍ବାଧିକ ଟିକସ ତୈଳ ଉପରୁ ସରକାର ଆଦାୟ କରିଛନ୍ତି। କୋଭିଡ୍ ଟିକା ମାଗଣାରେ ଦେଇ ପେଟ୍ରୋଲ, ଡିଜେଲ ୧୦୦ କରିବା ଏବଂ ବିମାନ ଇନ୍ଧନକୁ କିଲୋ ପ୍ରତି ୮୦ ଟଙ୍କା ବିକିବା ସାଧାରଣ ଜନତାଙ୍କୁ ଉପହାସ କଲା ଭଳି ମନେ ହେଉଛି। ବିଳମ୍ବରେ ହେଉ ପଛେ କେନ୍ଦ୍ର ସରକାର ବୁଝିପାରିଛନ୍ତି। ସେଥିପାଇଁ ଏହି ଦର ହ୍ରାସ କରିଛନ୍ତି। ତୈଳ ଦରରୁ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ନ କରିବା ଓ ତୈଳ ଦର ପ୍ରତି ସରକାରଙ୍କ ଅଣଦେଖା ମନୋଭାବ ଯୋଗୁ ଖାଉଟି ଗତ ୩ରୁ ୪ ବର୍ଷ ହେବ ଅର୍ଥ ଦଣ୍ଡ ପାଉଛନ୍ତି। ସେହିପରି ରାଜ୍ୟ ସରକାର ମଧ ତୈଳ ଦର ହ୍ରାସ ସମ୍ପର୍କରେ ବିଚାର କରିବା ସହିତ ସାଧାରଣ ଜନତାଙ୍କ ଅସନ୍ତୋଷକୁ ହ୍ରାସ ପାଇଁ ଭାଟ୍ କମିବା ଉପରେ ବିଚାର କରିବା ଆବଶ୍ୟକ।

- ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ

### ନିଷ୍ପତ୍ତିକୁ ସ୍ୱାଗତ



କେନ୍ଦ୍ର ସରକାର ତୈଳ ଉପରୁ ଏକ୍ସାଇଜ ଡ୍ୟୁଟି କମାଇ ଦେଇଛନ୍ତି। ଏଥିଯୋଗୁ ପେଟ୍ରୋଲ ଲିଟର ପିଛା ୫ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୦ ଟଙ୍କା ହ୍ରାସ ପାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ଘରୋଇ ବସ ମାଲିକ ସଂଘ ସ୍ୱାଗତ କରିଛି। କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ମଧ ଅନୁରୂପ ଭାବେ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ କମାନ୍ତୁ। ତୈଳ ଦର ଅନୁଯାୟୀ ଭଡା ମଧ ହ୍ରାସ କରିବା ଦରକାର । ଭଡା କମିଲେ ଯାତ୍ରୀ ପରିବହନ ସେବା ତ୍ୱରାନ୍ୱିତ ହେବ।

- ଦେବାଶିଷ ନାୟକ, ରାଜ୍ୟ ଘରୋଇ ବସ ମାଲିକ ସଂଘ ମୁଖପାତ୍ର

### ରାଜନୀତି ଛଡ଼ା ଆଉ କିଛି ନୁହେଁ



ତେଲ ଦର ବାରମ୍ବାର ବଢ଼ାଇବା ପରେ ଏବେ ଦୀପାବଳି ଭେଟି ଭାବରେ ମାତ୍ର ୫ ଓ ୧୦ ଟଙ୍କା କମାଇବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଏହା କେବଳ ରାଜନୀତି ଛଡା ଆଉ କିଛି ନୁହେଁ। କେନ୍ଦ୍ର ସରକାର ଦେଶବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଲୋକମାନେ ଏପରି ରାଜନୀତିକୁ ଠିକ୍ ଭାବେ ବୁଝି ଏହାକୁ ଦୃଢ଼ ବିରୋଧ କରିବା ଉଚିତ୍।

- ଜିତେନ୍ଦ୍ର ବେହେରା, କର୍ମଜୀବୀ

### ସରକାର ସ୍ଥାୟୀ ପଦକ୍ଷେପ ନିଅନ୍ତୁ



କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ବୋକା ବୋଲି ଭାବୁଛନ୍ତି। ଗୋଟେ ପଟେ ଦୈନିକ ତେଲ ଦର ବୃଦ୍ଧି କରୁଥିବାବେଳେ ଅନ୍ୟପଟେ ବାହାବାଃ ନେବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ଦୀପାବଳି ପରେ ଯେ ପୁଣି ତେଲ ଦର ନ ବଢ଼ିବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ସାଧାରଣ ମଧବିତ୍ତ ଲୋକଙ୍କ ପକେଟ୍‌କୁ ତେଲ ଦର ବାଧୁଥିବାବେଳେ ସରକାର ଏହାର ସ୍ଥାୟୀ ନିରାକରଣ ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

- ନୀଳାମ୍ବର ସେଠୀ, କର୍ମଜୀବୀ

### ରାଜ୍ୟ ସରକାର ବି ଦୃଷ୍ଟି ଦିଅନ୍ତୁ



ସରକାରଙ୍କର ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଦୀର୍ଘଦିନ ପରେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କ ପରିସ୍ଥିତିକୁ ବୁଝି ତୈଳ ଦର କମାଇଛନ୍ତି। ଏହା ସବୁ ଲୋକଙ୍କୁ ସୁହାଇବ। ତେବେ ଦୀପାବଳି ଭେଟି ନାମରେ କେନ୍ଦ୍ର ସରକାର ପରେ ଲୋକଙ୍କୁ ଠକି ନ ଦିଅନ୍ତୁ। ସେହିପରି ରାଜ୍ୟ ସରକାର ମଧ ତେଲ ଉପରେ ଲଗାଉଥିବା ଟିକସ ହ୍ରାସ କରିବା ଦରକାର। ରାଜ୍ୟ ସରକାର ଟିକସ କମାଇଦେଲେ ଖାଉଟିଙ୍କ ବୋଝ ଆହୁରି ହାଲୁକା ହୋଇଯିବ।

- ସାବିତ୍ରୀ ବେଉରା, ଗୃହିଣୀ

### ଦର ହ୍ରାସ ନାମକୁ ମାତ୍ର



ସରକାର ତେଲ ଦର କମାଇବା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଦର ହ୍ରାସ ନାମକୁ ମାତ୍ର। ବିଗତ କିଛିଦିନ ହେବ ଲଗାତାର ଦର ବଢୁଥିବା ବେଳେ ସରକାର ପେଟ୍ରୋଲ ଉପରୁ ୫ ଏବଂ ଡିଜେଲ ଉପରୁ ୧୦ ଟଙ୍କା ଏକ୍ସସାଇଜ ଟିକସ କମାଇଥିଲେ ବି ଗ୍ରାହକଙ୍କୁ ବିଶେଷ ଆଶ୍ୱସ୍ତି ଦେବ ନାହିଁ। ଏବେ ବି ଦର ବାଧିବ। ସରକାର ତେଲ ଦର ଆହୁରି ହ୍ରାସ କରିବା ଆବଶ୍ୟକ।

- ଭଗବାନ ପଢିଆରୀ, ପୁରୀ ଜିଲା ଅଟୋ ଚାଳକ ମହାସଂଘ

### ଆହୁରି ଦର କମାଯାଉ



ତେଲ ଦର ସିଧାସଳଖ ପକେଟ ଉପରେ ପ୍ରଭାବ ପକାଉଛି। ସରକାର ତେଲ ଦର କିଛିଟା କମାଇଥିବାରୁ ସ୍ୱାଗତଯୋଗ୍ୟ। ମାତ୍ର ଯାହା କମିଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ବାହାରେ ରହି ପାଠ ପଢୁଛି। ପଢା ଖର୍ଚ୍ଚରୁ କାଟି ବାଇକ୍‌ରେ ପେଟ୍ରୋଲ ପକାଇବା ପାଇଁ ବାଧ ହେଉଛି। ତେଣୁ ସରକାର ଆହୁରି ତେଲ ଦର ହ୍ରାସ କରିବା ଉଚିତ୍।

- ପ୍ରଭିନ ରଞ୍ଜନ ପରିଡ଼ା, ଛାତ୍ର ତଥା ଗ୍ରାହକ

### ସାମାନ୍ୟ ଆଶ୍ୱସ୍ତି ମିଳିଛି



ଦୀର୍ଘଦିନ ପରେ ପେଟ୍ରୋଲ ଦର ୫ ଟଙ୍କା କମିଛି। ଏଥିଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତୈଳ ଦର କମିବା ପରେ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ କମିବ ବୋଲି ଆଶା କରୁଛି। ପେଟ୍ରୋଲ, ଡିଜେଲ ଦର ବଢ଼ିବା ସହିତ ଖାଇବା ତେଲ, ପନିପରିବା ଦର ଓ ଯାତ୍ରୀ ଭଡା ମଧ ବଢ଼ିଛି। ଫଳରେ ସାଧାରଣ ଖାଉଟିଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

- ପ୍ରଭାତ ବଳିଆରସିଂ, ଖୋର୍ଦ୍ଧା

### କମିଛି, ହେଲେ ଭରସା ପାଉନି



ତୈଳ ଦର ବୃଦ୍ଧିକୁ ନେଇ ରାଜନୈତିକ ଦଳ ଠାରୁ ସାଧାରଣ ବ୍ୟକ୍ତିଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏବେ ଯେଉଁ ସାମାନ୍ୟ ଦର ହ୍ରାସ ଘଟିଛି, ତାହା ଆଶ୍ୱସ୍ତି ଆଣିନାହିଁ। ଦର କମିଥିଲେ ମଧ ଭରସା ପାଉନାହିଁ। କେନ୍ଦ୍ର ସରକାର ଚାପରେ ଦର କମାଇଛନ୍ତି। ପୁଣି ଦର ନ ବଢ଼ିବ ବୋଲି କିଛି ମାନେ ନାହିଁ।

- ପ୍ରତାପେଶ୍ୱର ଶତପଥୀ, ଖୋର୍ଦ୍ଧା

### ଆହୁରି ହ୍ରାସ କରିବାର ଆବଶ୍ୟକତା ଅଛି



କିଛି ମାସ ମଧରେ ତୈଳ ଦର ଅହେତୁକ ଭାବରେ ବୃଦ୍ଧି ପାଇଛି। କିନ୍ତୁ କେନ୍ଦ୍ର ସରକାର ଡିଜେଲ ଉପରୁ ମାତ୍ର ୧୦ଟଙ୍କା ଟିକସ ହ୍ରାସ କରିଛନ୍ତି । ଆଗାମୀ ଦିନରେ ଟିକସ ଆହୁରି ହ୍ରାସ କରିବା ଆବଶ୍ୟକତା ଅଛି।

- ଅଜୟ ବାରିକ, ସମ୍ପାଦକ, କଟକ ଘରୋଇ ବସ୍ ସଂଘ

### ଟିକସ ହ୍ରାସ ଲୋକଦେଖାଣିଆ



ରାଜ୍ୟରେ ୭୦, ୮୦ ଟଙ୍କାରୁ ତେଲ ଦର ଏବେ ୧୧୫ ଟଙ୍କା ଟପିଲାଣି। ପେଟ୍ରୋଲରୁ ୫ ଓ ଡିଜେଲରୁ ୧୦ ଟଙ୍କା ଟିକସ କମିଲେ କୌଣସି ଲାଭ ନାହିଁ। ସାଧାରଣ ଲୋକ ପାଇଁ ତୈଳ ଦର ୧୦୦ଟଙ୍କା ମଧ ଯଥେଷ୍ଟ ଅଧିକ। ଏହା କେବଳ ଲୋକ ଦେଖାଣିଆ ନିଷ୍ପତ୍ତି । ଯଦି ପ୍ରକୃତରେ ଦର ହ୍ରାସ କରିବାର ଅଛି ତେବେ ୨ ବର୍ଷ ପୂର୍ବ ଦର ରଖାଯାଉ ।

- ଜିତେନ୍ଦ୍ର ସାହୁ, ଉପଭୋକ୍ତା

---

**ପୁଅ, ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ଘଟଣା**

## ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

ଭୁବନେଶ୍ୱର, ୩।୧୧(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ମଙ୍ଗଳବାର ସ୍ତ୍ରୀ ଓ ପୁଅଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତ ସ୍ୱାମୀ ଅବନ୍ତୀ ବିଜୟ ମଙ୍ଗରାଜଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅବନ୍ତୀଙ୍କୁ ପଚରାଉଚରା ବେଳେ ସେ ସ୍ତ୍ରୀ ସ୍ୱର୍ଣ୍ଣଲତା ଏବଂ ନାବାଳକ ପୁଅ ଦୀପ୍ତିଦୀପକଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହେବା ପରେ ଫେରାର ହୋଇଯାଇଥିବା ସ୍ୱୀକାର କରିଛନ୍ତି। ଏଥିସହ ବର୍ତ୍ତମାନର ମହଙ୍ଗା ଦରଦାମ ସହ ପାରିବାରିକ ଆର୍ଥିକ ସମସ୍ୟା ସଂସାର ଉଜାଡ଼ିବା ସହ ହୃଦୟ ବିଦାରକ ହତ୍ୟାକାଣ୍ଡର ଟିକି ନିକି ଘଟଣାବଳୀ ପୋଲିସ ଆଗରେ କହିଥିଲେ। ଏନେଇ ତମାଣ୍ଡୋ ଥାନା ପୋଲିସ ଆଇପିସି ଦଫା ୩୦୨(ହତ୍ୟା) ଅଭିଯୋଗରେ ଏକ ମାମଲା(ନଂ.୨୩୧/୨୧) ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଝାରପଡ଼ା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଅବନ୍ତୀ ଆର୍ଥିକ ଅଭାବରେ ରହିଥିଲେ। କାହାଠୁ କେତେ ଧାର ଆଣିଥିଲେ ଓ ପାରିବାରିକ ସମସ୍ୟା କ'ଣ ରହିଥିଲା ତାହା ତଦନ୍ତ ପରିଭୁକ୍ତ କରିବା ବଡ କଥା ନୁହେଁ। ବରଂ ଅଭିଯୁକ୍ତ ଯୋଜନାବଦ୍ଧ ଭାବେ ମା'ପୁଅଙ୍କୁ ହତ୍ୟା କରିଥିବାରୁ ଆବଶ୍ୟକ ପ୍ରମାଣ ପତ୍ର ଯୋଗାଡ଼ କରି କିପରି ଉଚିତ୍ ଦଣ୍ଡ ବିଧାନ କରାଯିବ ତାହା ଉପରେ ପୋଲିସ ଗୁରୁତ୍ୱ ଦେବ ବୋଲି ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



■ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ଅଭିଯୁକ୍ତ-ଡିସିପି

■ ୮ମାସ ହେଲା ଚାକିରି ନ ଥିଲା, ୫ ଲକ୍ଷ ଟଙ୍କାର କରଜ ଥିଲା

### ପାରିବାରିକ ଆର୍ଥିକ ସମସ୍ୟା ଉଜାଡ଼ିଦେଲା ସଂସାର

ଅଭିଯୁକ୍ତ ଅବନ୍ତୀ ଶେୟାର ମାର୍କେଟରେ ଟଙ୍କା ଲଗାଇବାସହ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ପ୍ରାୟ ୮ମାସ ତଳେ ତାଙ୍କର ଚାକିରି ଚାଲିଯିବା ସହ ଶେୟାର ମାର୍କେଟରେ ବହୁତ କ୍ଷତି ହୋଇଥିଲା। ଫଳରେ ତାଙ୍କର ଆର୍ଥିକ ସମସ୍ୟା ଦ୍ୱିଗୁଣିତ ହୋଇଯାଇଥିଲା। ପ୍ରାୟ ୫ଲକ୍ଷ ଟଙ୍କା ବିଭିନ୍ନ ସ୍ଥାନରୁ ଉଚ୍ଚ ସୁଧ ହାରରେ ଋଣ କରିଥିଲେ। ଠିକ୍ ସମୟରେ ଟଙ୍କା ଫେରାଇ ନ ପାରିବାରୁ ଲୋକମାନେ ବିଭିନ୍ନ କଥା କହୁଥିଲେ। ସେପଟେ ମହଙ୍ଗା ଦରଦାମକୁ ନେଇ ଘର ଚଳାଇବା କଷ୍ଟ ହେବାରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଅଶାନ୍ତି ଓ କଳି ଝଗଡ଼ା ଲାଗି ରହୁଥିଲା। ଏପରି ଅନେକ ଦିନ ରୋଷେଇ କରିବା ପାଇଁ ସମସ୍ୟା ଉପୁଜିବା ପରେ ଅଭିଯୁକ୍ତ ଅବନ୍ତୀ ମାନସିକ ଚାପକୁ ଚାଲିଯାଇଥିଲେ।



ଅଭିଯୁକ୍ତ ଅବନ୍ତୀଙ୍କୁ ଜେଲ ନିଆଯାଉଛି।

### ହତ୍ୟାକାରୀ ପଶ୍ଚାତ୍ତାପ କଲେ ବି କଡ଼ା ଦଣ୍ଡବିଧାନ ପାଇଁ ପ୍ରମାଣ ଦିଆଯିବ

ଅଭିଯୁକ୍ତ ଅବନ୍ତୀ ଦିନ ୧୦ଟାରୁ ଘରୁ ବାହାରି ଭୁବନେଶ୍ୱରର ବିଭିନ୍ନ ଜାଗାରେ ବୁଲାବୁଲି କରୁଥିଲେ। ସେ ଦୁଃଖରେ ମ୍ରିୟମାଣ ସହ ପଶ୍ଚାତ୍ତାପ କରି ଏଣେତେଣେ ବୁଲିବା ପରେ ଅପରାହ୍ନରେ ରାଜଧାନୀ ଉପକଣ୍ଠ ଅଞ୍ଚଳକୁ ବସ୍‌ରେ ଚାଲିଯାଇଥିଲ। ଏ ନେଇ ପୋଲିସ ଖବର ପାଇବା ପରେ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଅଭିଯୁକ୍ତ ଅବନ୍ତୀଙ୍କ ମୋବାଇଲ ଫୋନ ନମ୍ବର ଟ୍ରାକ କରି ତାଙ୍କୁ କାବୁ କରିଥିଲା। ପୋଲିସ ଥାନାରେ ଅଟକ ରଖି ପଚରା ଉଚରା କରବା ବେଳେ କାନ୍ଦି କାନ୍ଦି ମା ପୁଅଙ୍କୁ ହତ୍ୟା ଠାରୁ ଫେରାର ହେବାର ହୃଦୟ ବିଦାରକ କାହାଣୀ କହିଥିଲେ। ଏମ୍ସରୁ ପୋଷ୍ଟମର୍ଟମ ରିପୋର୍ଟ ସହ ସାଇଣ୍ଟିଫିକ ଟିମ୍ ରିପୋର୍ଟକୁ ଅପେକ୍ଷା କରାଯାଇଥିବାବେଳେ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ତେବେ ହତ୍ୟାକାରୀ ସ୍ତ୍ରୀପିଲାଙ୍କୁ ମାରି ଆଇନକୁ ହାତକୁ ନେଇଛନ୍ତି। ତାଙ୍କୁ ଉଚିତ ଦଣ୍ଡ ବିଧାନ କରିବା ପାଇଁ ଯାହା ଆବଶ୍ୟକ ପ୍ରାମଣ ଦରକାର ତାକୁ ଯୋଗାଡ କରି କୋର୍ଟରେ ପ୍ରଦାନ କରିବୁ ବୋଲି ଡିସିପି ଦାଶ କହିଛନ୍ତି।

### ଧାର ଟଙ୍କା ଫେରାଇବା ତାରିଖ ପୂର୍ବରୁ ହତ୍ୟା ଯୋଜନା

ଅବନ୍ତୀ ଧାର ନେଇଥିବା ଲକ୍ଷାଧିକ ଟଙ୍କାକୁ କିଛି ଲୋକଙ୍କୁ ମଙ୍ଗଳବାର ଫେରାଇବାର ଥିଲା। ହେଲେ ଟଙ୍କା ଯୋଗାଡ଼ ହୋଇ ନ ପାରିବାରୁ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଏପରି କି ମା ପୁଅଙ୍କୁ ମାରି ନିଜେ ମରିଯିବାକୁ ଯୋଜନା ଆରମ୍ଭ କରିଥିଲେ। ମା ପୁଅ ଗୋଟିଏ ଥାଳିରେ ଖାଉଥିବାରୁ ସୋମବାର ତାଙ୍କ ଖାଦ୍ୟରେ ନିଦ ଔଷଧ ମିଶାଇ ଦେଇଥିଲେ। ଫଳରେ ସନ୍ଧ୍ୟା ହେବା ପରେ ସ୍ୱର୍ଣ୍ଣଲତା ଓ ଦୀପ୍ତିଦୀପକ ନିଘୋଡ଼ ନିଦରେ ଶୋଇଯାଇଥିଲେ। ରାତି ୩ଟାରେ ଗୋଟିଏ ଓଢଣୀ ଦ୍ୱାରା ପ୍ରଥମେ ସ୍ତ୍ରୀଙ୍କୁ ଓ ପରେ ତାଙ୍କ ପୁଅକୁ ହତ୍ୟା କରିଥିଲେ। ତାପରେ ନିଜକୁ ମାରିବା ପାଇଁ ନିଜ ହାତ କାଟିଥିଲେ। ଯେଉଁଥିରେ ସେ ଅସଫଳ ହୋଇଥିଲେ। ଦିନ ୧୦ଟା ପର୍ଯ୍ୟନ୍ତ ଘରେ ଥିଲେ। ଦିନ ୧୦ଟା ପରେ ଘର ଭିତରପଟୁ ବନ୍ଦ କରି ଛାତ ଉପରକୁ ଯାଇ ବାହାରି ପଳାଇଥିଲେ। ଅପରାହ୍ନ ୩ଟାବେଳେ ଭଣଜାଙ୍କୁ ହ୍ୱାଟସ୍‌ଆପରେ ମା'ପୁଅଙ୍କୁ ହତ୍ୟା କରିବା ସହ ନିଜେ ଆତ୍ମହତ୍ୟା କରିବା ନେଇ ମେସେଜରେ ଜଣାଇଥିଲେ।

## କାଳୀପୂଜା ପାଇଁ ୫୨ ପ୍ଲାଟୁନ୍ ଫୋର୍ସ ନିୟୋଜିତ

**କଟକ ଅଫିସ,୩।୧୧:** ଚଳିତବର୍ଷ ସହରରେ କାଳୀପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ କମିଶନରେଟ୍ ପୋଲିସ ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥର କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ୭୧ଟି ସ୍ଥାନରେ କାଳୀଙ୍କ ମୃଣ୍ମୟୀ ପ୍ରତିମା କରାଯାଇଛି। ପୂଜାରେ ଲୋକଙ୍କ ଭିଡ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ୫୨ ପ୍ଲାଟୁନ୍ ଫୋର୍ସ ନିୟୋଜିତ କରାଯାଇଛି। ସେହିପରି ୧୦୪ ଜଣ ଏସ୍‌ଆଇ ଓ ଏଏସଆଇ ର୍ୟାଙ୍କର ପୋଲିସ ଅଧିକାରୀ, ୧୬ ହାବିଲଦାର, ୧୨୧ ଜଣ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଛି। କାଳୀପୂଜା ସମୟରେ ଭିଡକୁ ନିୟନ୍ତ୍ରଣ, ଚୋରି, ଛିନ୍‌ତାଇ ରୋକିବା ପାଇଁ ସିସିଟିଭି ବ୍ୟବସ୍ଥା କରାଯାଇଥିବା ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।






# ଓଡ଼ିଶାକୁ ୨୮୬ କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ, ୩।୧୧**

କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ବାବଦକୁ ବୁଧବାର ଓଡ଼ିଶାକୁ ୨୮୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିଭଳି ରାଜ୍ୟଗୁଡ଼ିକୁ ଏହି ବାବଦକୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୧୭ ହଜାର କୋଟି ଟଙ୍କା ଜାରି କରାଯାଇଛି। ୨୦୨୧-୨୨ରେ ମନ୍ତ୍ରଣାଳୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ୬୦ ହଜାର କୋଟି ଟଙ୍କା ପ୍ରଦାନ କଲେଣି। ଜିଏସ୍‌ଟି କ୍ଷତିପୂରଣ ଅଭାବ ରାଶିକୁ ଭରଣାକରିବା ଲାଗି କେନ୍ଦ୍ର ସରକାର ଋଣକରି ରାଜ୍ୟଗୁଡ଼ିକୁ ପ୍ରଦାନ କରୁଛନ୍ତି। ଏ ନେଇ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ମୋଟ ୧.୫୯ ଲକ୍ଷ କୋଟି ଟଙ୍କା ଋଣ ଭାବେ ପ୍ରଦାନ କରାଯାଇଛି। ଋଣ କାର୍ଯ୍ୟକ୍ରମ ଦ୍ୱାରା ଅକ୍ଟୋବର ୨୮ ତାରିଖରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୬୭୯.୪୫ କୋଟି ଟଙ୍କା ପ୍ରଦାନ କରିଥିଲେ। ଚଳିତ ଆର୍ଥିକ ବର୍ଷରେ କ୍ଷତିପୂରଣ ରାଶି ବାଦ୍ ଋଣ ଦ୍ୱାରା ରାଜ୍ୟଗୁଡ଼ିକୁ ଅର୍ଥ ଯୋଗାଇ ଦିଆଯାଉଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

## ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା, କଟକ

No. M-42: ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା, କଟକ ଭୂତାଣୁତତ୍ତ୍ୱ ବିଭାଗ, ଗବେଷଣାଗାର ନିମନ୍ତେ ଯୁବ ବୈଷୟିକ ବିଶେଷଜ୍ଞ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଏ ନିଯୁକ୍ତି ଏକ ବର୍ଷ ସମୟ ନିମନ୍ତେ ଅସ୍ଥାୟୀ ଚୁକ୍ତିଭିତ୍ତିକ ଅଟେ। ନିଯୁକ୍ତି ସମୟ ମଧ୍ୟରେ ସର୍ବାଧିକ ମୋଟ ମାସିକ ବେତନ ୩୫,୦୦୦ ଟଙ୍କା ପ୍ରଦାନ କରାଯିବ। ଏଥି ନିମନ୍ତେ କୃଷି ବିଜ୍ଞାନ ସମ୍ପର୍କିତ ପାଠ୍ୟକ୍ରମ, ପ୍ରାଣୀଚିକିତ୍ସା ବିଜ୍ଞାନ, ଅଣୁବିଜ୍ଞାନ ଆଦି ପାଠ୍ୟ କ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଧାରୀ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ କରିପାରିବେ। ଆବେଦନ କରିବା ନିମନ୍ତେ ଦରଖାସ୍ତ ଫର୍ମ, ଶେଷ ତାରିଖ, ଦରଖାସ୍ତ ପେଠ କରିବା ମାଧ୍ୟମ ସମ୍ପର୍କରେ ଜାଣିବା ନିମନ୍ତେ ବିଭାଗୀୟ ୱେବସାଇଟ୍ Website: **www.odishaahvs.nic.in** ଦେଖିବାକୁ ଅନୁରୋଧ।

**OIPR-06078/11/0001/2122** **ଯୁଗ୍ମ ନିର୍ଦ୍ଦେଶକ**

## OFFICE OF THE SUPERINTENDENT S.C.B. MEDICAL COLLEGE & HOSPITAL, CUTTACK

No. E-588: Applications are urgently invited in view of the COVID-19 pandemic from eligible candidates for contractual appointment of Perfusionists and ECG Technicians for Extra Corporeal Membrane Oxygenation (ECMO) in the Department of CTVS, SCB MCH, Cuttack. The last date of receipt of application by official mail i.e. **scbsuperintendent@gmail.com** is 15.11.2021. Detail can be obtained from SCB Medical College & Hospital, Cuttack website: **www.scbmch.in**.

**Sd./- Medical Superintendent**
**SCB Medical College & Hospital, Cuttack**
OIPR-10051/11/0014/2122

## DISTRICT RURAL DEVELOPMENT AGENCY, BARGARH

**Notice No. 3502** **Date: 02.11.2021**

No. CAD-1691: DRDA, Bargarh invites "Tender for selection of Manpower Service Providing Agencies to provide manpower under **Rural Housing Scheme**". The bid documents containing last date for submission/opening of tender/eligibility criteria and detail terms and conditions of the tender can be viewed and downloaded from the district website: **https://bargarh.nic.in**.

**Sd./- Project Director, DRDA, Bargarh**
OIPR-19133/11/0004/2122

## OFFICE OF THE EXECUTIVE OFFICER, VYASANAGAR MUNICIPALITY, VYASANAGAR, JAJPUR, ODISHA - 755019

Email ID: vyasanagarmunicipality@gmail.com

**Letter No. 2955** **Dt.02.11.2021**

**REQUEST FOR PROPOSAL (RFP)**

For

No. C-1199: Providing Consultancy Services for preparation of DPR including Topographical Survey, Design and Engineering & Project Management Consultancy Services for Improvement of Drainage System of Vyasanagar Municipalities in the District of Jajpur, Odisha.
Bid Processing Fee (Non-refundable): Rs.10,000/- (Rupees Ten Thousand Only).

**Sd./- Executive Officer**
OIPR-13092/11/0011/2122 **Vyasanagar Municipality**

## DISTRICT URBAN DEVELOPMENT AGENCY HOUSING & URBAN DEVELOPMENT DEPARTMENT GOVT. OF ODISHA

No. CAD-1683: Sealed proposals are invited from Reputed Agency for Empanelment of Professional Architecture/Design/Consultancy firms for development of Project in Puri.
The last date of submission of the Proposal: by Dt.22.11.2021, time: 5.00 P.M. through Speed/Registered Post/Courier only.
The details request for proposal can be viewed in the district website **www.puri.nic.in** from 03.11.2021.

**Sd./- Project Director**
**DUDA, Puri**
OIPR-13190/11/0002/2122

## OFFICE OF THE NOTIFIED AREA COUNCIL, KAMAKHYANAGAR

**"e" Procurement Notice**
**Notice No. 2032 N.A.C. (K), Dt. 30.10.21**
**Tender Reference No. KNR-NAC-04/2021-22**

No. C-1189:- The Notified Area Council, Kamakhyanagar invites online Bid in single cover system through "e" Procurement.

| | | |
|---|---|---|
| Total Nos. of works | : | 22 (Twenty two) |
| Value of works | : | 1 Lakh to 9Lakh |
| Date of availability of tender for online Bidding | : | From Dt.03.11.2021 at 5.00 P.M. upto 11.11.2021 at 5.00 P.M. |
| Date of opeing of Bid | : | Dt.12.11.2021 at 10.00 A.M. |
| Further details can be seen from the website | : | www.tendersorissa.gov.in |

**Sd./- Executive Officer, N.A.C., Kamakhyanagar**
OIPR-13128/11/0005/2122

## BERHAMPUR MUNICIPAL CORPORATION, GANJAM

**INVITATIONS FOR BIDS (IFB)**

Letter No. 13186/ Date: 27.10.21

**Invitation for Bids**

**COMPETITIVE BIDDING THROUGH E-PROCUREMENT**

**Bid Identification No. BMC (BAM):- /2020-21**

**No. C-1194:-**

| | | |
|---|---|---|
| 1 | **The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | Civil Works |
| 3 | **No. of work** | **63 Nos.** |
| 4 | **Bid Cost.** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 15.05 hrs. of **Dt.03.11.21** to 17.00 hrs. of **17.11.21** |
| 8 | **Date & Time of Opening of the Bids** | 11.30 hrs. onwards on **Dt. 18.11.21** |
| 9 | **Mode of submission of tender** | Tender should be submitted Online in **www.tendersorissa.gov.in** |
| 10 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

**Sd./- Commissioner,**
**Berhampur Municipal Corporation**
**Berhampur, Odisha**
OIPR-13002/11/0069/2122

## DEPARTMENT OF WATER RESOURCES ODISHA COMMUNITY TANK DEVELOPMENT MANAGEMENT SOCIETY

**(FUNDED ACTIVITY: GCF-FP045)**
**7th Floor, Rajiv Bhawan, Bhubaneswar - 751001**
**Ph. 0674-2512421, E-Mail: spuoiipcra.od@gov.in**

**INVITATION FOR REQUEST FOR PROPOSAL (RFP) FOR ENGAGEMENT OF CONSULTANCY SERVICES**

**Date: 02.11.2021 GCF-EoI-04/2021**

No. A-569: Project Director, Odisha Community Tank Development and Management Society (OCTDMS), DoWR invites **Request for Proposal** from eligible Consultancy firms for the following consultancy services for Ground Water Recharge and Solar micro irrigation to ensure food Security and enhance Resilience in Vulnerable Tribal areas of Odisha (Funded Activity: GCF-FP045) Project.

1. **Base Line and Social Survey of Tanks & Tank Commands (Zone-I) in Koraput, Malkangiri, Nabarangpur, Rayagada & Gajapati Districts under GCF Project.**

Eligible consultancy firms with desired qualification and experience as per details of "Request for Proposal (RFP)" available in Govt. website **www.odisha.gov.in** & **www.dowrodisha.gov.in** under link advertisement may apply. "RFP" document must be delivered in the address given below by Speed Post / Registered Post addressed to Project Director, OCTDMS, 7th Floor, Rajiv Bhawan, Bhubaneswar-751001, Odisha. Submission of "RFP" in any other mode is not acceptable. The last date for receipt of is **1st December-2021 upto 15.00 hours**. It will be opened on the same day at **15.30 hours**. The Selection Procedure will be governed by World Bank Procurement guidelines of QCBS method.
The authority reserves the right to cancel the process of selection of consultants without assigning any reason thereof. The authority in no way will be responsible for any postal delay.

**Project Director, OCTD**
**OIPR-32188/11/0004/2122**

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER RENGALI LIFT BANK CANAL DIVISION

**No. A-574**

**At/P.O.- Kamakhyanagar, Dist.- Dhenkanal, Odisha, PIN - 759018**
**Ph.: 06769-270771, Email ID: eerlbcdivision@gmail.com**

**e-PROCUREMENT NOTICE No. RLBCD-P1-01/2021-22**

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | 15 (Fifteen) Nos. |
| 3 | Estiamted Cost | Varies from Rs.27.39 lakhs to Rs.4.93 lakhs |
| 4 | Period of Completion | 60 Days to 30 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document/Mode of Payment | Varies Rs.6,000/- to Rs.2,000/- (Non-refundable)/Online through Electronic Payment Mode (Interent Banking/NEFT/RTGS of Designated Banks and their Aggregator Banks) |
| 7 | EMD/Bid Security Amount/Mode of Payment | No Bid Security/Earnest Money Deposit (EMD) has to be deposited and all participating bidder shall submit **"Bid Security Declaration"**. |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid Documents for Online Bidding | 05.11.2021 from 10.00 hours to 20.11.2021 upto 17.00 hours. |
| | (iii) Date, time & venue of Bid Opening (Online) | On 22.11.2021 at 11.00 hours in the O/o. the Superintending Engineer, Rengali Left Bank Canal Division, Kamakhyanagar. |
| | (iv) Date, time & venue of transparent lottery for finalization of bids, if required | On 30.11.2021 at 11.00 hours in the O/o. the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website **https://tendersodisha.gov.in**.

**Sd./- Superintending Engineer**
**R.L.B. Canal Division, Kamakhyanagar**
**OIPR-32298/11/0001/2122**

## OFFICE OF THE CHIEF ENGINEER & BAISN MANAGER, RUSHIKULYA, BAHUDA, VANSADHARA & NAGABALI BASIN, BERHAMPUR - 760004

**Phone No. 0680-2281144, Fax: 0680-2281933**
**e-mail ID: ce_rvn@yahoo.co.in**

**Government of Odisha**

**"e" Procurement Notice No. CE & BM, RBVN - 05/2021-22**

**Bid Identification No. CE & BM, RBVN (BEID-EPC) - 01/2021-22**

No. A-566: Online tenders are invited for EPC contract for **"Construction of Kansariganda In-stream storage structures across River Rushikulya near village Barada in Ganjam Block of District - Ganjam, Odisha"**, from perspective bidders.

| | | |
|---|---|---|
| 1. | Name of Work | Construction of Kansariganda In-stream storage structures across River Rushikulya near village Barada in Ganjam Block of District - Ganjam, Odisha. |
| 2. | Period of Completion | 36 (Thirty Six) Calendar months including rainy season. |
| 3. | Date & time of availability of bid document in the portal | Dt.05.11.2021 from 10.00 A.M. to Dt.20.12.2021 upto 5.00 P.M. |
| 4. | Last date/time for receipt of bids in the portal | Dt.20.12.2021 upto 5 P.M. |
| 5. | Name & address of the Officer Inviting Bid | Chief Engineer & Basin Manager, RBVN Basin, Berhampur, At: Courtpeta, Berhampur - 760004, Ganjam, Odisha |

Further details can be seen from the e-procurement portal **"https://tendersodisha.gov.in"**.

**Sd./- Chief Engineer & Basin Manager,**
**RBVN Basin, Berhampur**
**OIPR-32072/11/0014/2122**

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No. RDM-LAA-MBJ-0020-2021-27745, R&DM, Dated: 14 SEP 2021

**No. XXI-84:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- **ଡେଙ୍ଗାନାଳିଆ,** ଥାନା- ମୋରଡ଼ା ନଂ. ୨୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବସ୍ତା ଏବଂ ଅମର୍ଦା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬୫୦ ତା.୨୬.୦୩.୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଡେଙ୍ଗାନାଳିଆ,** ଥାନା- ମୋରଡ଼ା ନଂ. ୨୧୭, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ମୟୂରଭଞ୍ଜ ତହସିଲ:- ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡେଙ୍ଗାନାଳିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୪୫.୭୩ | ଏକର ୧୮.୭୫ | ଏଥି ସହିତ ସଂଲଗ୍ନ |

**ତଫସିଲ ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ମୟୂରଭଞ୍ଜ ତହସିଲ:- ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ: ୨୧.୦୬.୨୦୨୧**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଅଭୟ କୁମାର ନାୟକ)**
**ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା-୩୬/୨୦୧୮,** **ଏ.- ୧୮.୭୫ ଡି.**
**ସୁବର୍ଣ୍ଣରେଖା ଜଳସଚେନ ପ୍ରକଳ୍ପର ବସ୍ତା ଓ ଅମର୍ଦା ଡିଷ୍ଟ୍ରିବ୍ୟୁଟାରୀ ଓ ସିଷ୍ଟମ ନିର୍ମାଣ ନିମନ୍ତେ**
**ମୌଜା - ଡେଙ୍ଗାନାଳିଆ, ଥାନା- ମୋରଡା, ନଂ.-୨୧୭, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫ | ୨୧୫ | ୦.୮୬ | ୦.୪୨ | ଡାହି ଦୁଇ | କରଣ ମାଝୀ, ପି: ବଡପିଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୮୩ | ୦.୯୨ | ୦.୪୫ | ଘରବାରି | |
| | ୬୪୦/ ୭୧୫ | ୦.୨୭ | ୦.୨୭ | ଡାହି ଏକ | |
| | ୬୪୦/ ୭୧୭ | ୦.୧୫ | ୦.୦୯ | ଡାହି ଏକ | |
| ୭ | ୫୮୯ | ୧.୦୫ | ୦.୪୨ | ଘରବାରି | ଲକ୍ଷ୍ମଣ ମାଝୀ, ପି: ଫୁଲାଇ ମାଝୀ, ସୀତା ମାଝୀ, ପି: କାହ୍ନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୦ | ୬୩୩ | ୦.୯୬ | ୦.୮୪ | ଡାହି ଏକ | ଚୂଡ଼ାମଣି ମାଝୀ, ସ୍ୱା: ନାଲୁ ମାଝୀ, ମହନ ମାଝୀ, ଅର୍ଜୁନ ମାଝୀ, ପି: ଭୁଟା ମାଝୀ, ଫୁଲ ମାଝୀ, ସ୍ୱା: ଭୁଟା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୨ | ୨୭୨ | ୦.୩୮ | ୦.୧୮ | ଆଶୁ | ଛୋଟା ମାଝୀ, ସାଉ ମାଝୀ, ପି: ଗଙ୍ଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୧୬ | ୧.୦୦ | ୦.୨୮ | ଡାହି ଦୁଇ | |
| ୧୫ | ୨୭୪ | ୧.୬୭ | ୦.୩୪ | ଆଶୁ | ଜଗନ୍ନାଥ ମାଝୀ, ପି: ସାନପିଥ ମାଝୀ, ଦାନଗୀ ମାଝୀ, ସ୍ୱା: ସାନପିଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୨୧୮ | ୦.୨୪ | ୦.୧୫ | ପତିତ | ଯେଠୁ ମାଝୀ, ପି: ଲୁସୁକୁ ମାଝୀ, ଦୁଲାରି ମାଝୀ, ସ୍ୱା: ଲୁସୁକୁ ମାଝୀ, ରବିବାରି ମାଝୀ, ପି: ଆଣଦୁ ମାଝୀ, ଦଲି ମାଝୀ, ସ୍ୱା: ଆଣଦୁ ମାଝୀ, ପିରୁ ମାଝୀ ପି: ବଡଯେଠୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୨୦ | ୨୧୪ | ୦.୯୭ | ୦.୨୦ | ଡାହି ଦୁଇ | ଦାକ୍ଷିନି ମାଝୀ, ସୀତାରାମ ମାଝୀ, ଠୁମ୍ପୁ ମାଝୀ, ପି: ରାଗୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୧୪ | ୦.୯୮ | ୦.୯୦ | ଡାହି ଦୁଇ | |
| | ୬୧୫ | ୦.୫୪ | ୦.୦୨ | ଆଶୁ | |
| | ୬୧୯ | ୦.୧୫ | ୦.୧୫ | ଆଶୁ | |
| ୨୩ | ୨୧୫/ ୬୭୯ | ୦.୭୩ | ୦.୪୬ | ଡାହି ଦୁଇ | ନାରାୟଣ ମାଝୀ, ପି: ବଡନାଥ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୮୨ | ୦.୯୩ | ୦.୩୪ | ଘରବାରି | |
| | ୬୪୦ | ୦.୨୨ | ୦.୨୨ | ଡାହି ଏକ | |
| | ୬୪୨ | ୦.୧୪ | ୦.୦୯ | ଡାହି ଏକ | |
| ୨୪ | ୬୪୪ | ୧.୧୨ | ୦.୯୨ | ଡାହି ଦୁଇ | ନିତ୍ୟାନନ୍ଦ ସାହୁ, ଗୌର ଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ଯତିନ୍ଦ୍ରନାଥ ସାହୁ, ପି: ହରିଶ୍ଚନ୍ଦ୍ର ସାହୁ, ଜା: କୁବେର, ବା: ନୁଣଚାଟି |
| ୨୯ | ୬୦୪ | ୦.୨୨ | ୦.୦୧ | ଡାହି ଦୁଇ | ପିଥ ମାଝୀ, ପି: ଆଣକୁ ମାଝୀ, ଜା:ସାନ୍ତାଳ, ବା: ନିଜଗାଁ |
| | ୬୦୮/୭ ୪୪ | ୦.୨୪ | ୦.୨୪ | ଡାହି ଦୁଇ | |
| | ୨୫୪/୭ ୪୬ | ୦.୧୦ | ୦.୦୧ | ଆଶୁ | |
| | ୨୫୫ | ୦.୧୦ | ୦.୦୧ | ଡାହି ଦୁଇ | |
| ୩୦ | ୨୨୧ | ୦.୭୦ | ୦.୦୪ | ଡାହି ଦୁଇ | ପିରୁ ମାଝୀ, ପି: ବଡଯେଠୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୪ | ୫୦୨ | ୦.୫୨ | ୦.୧୬ | ଘରବାରି | ବାଢ଼ା ମାଝୀ, ପି: ଶିବା ମାଝୀ, ଦୁଲି ମାଝୀ, ସ୍ୱା: ବଳା ମାଝୀ, ଛୋଟା ମାଝୀ, ଶିବା ମାଝୀ, ପି: ବଳା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୦୩ | ୦.୨୯ | ୦.୨୫ | ଡାହି ଦୁଇ | |
| ୩୫ | ୪୯୩ | ୦.୪୨ | ୦.୨୬ | ଡାହି ଦୁଇ | ବାସ ମାଝୀ, ସ୍ୱା: ସୁକୁଲ ମାଝୀ, ଧାନାୟ ମାଝୀ, ନଗେନ ମାଝୀ, ରୂପାୟ ମାଝୀ, ପି: ସୁକୁଲ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୯୬ | ୦.୫୭ | ୦.୨୦ | ଘରବାରି | |
| ୩୭ | ୬୪୫ | ୧.୩୮ | ୦.୨୨ | ଡାହି ଦୁଇ | ଭରତ ବେହେରା, ପି: କାର୍ତ୍ତିକ ବେହେରା, ଜା: କୁମ୍ଭାର, ବା: ନୁଣଚାଟି |
| ୪୧ | ୪୮୯ | ୦.୧୧ | ୦.୦୨ | ପତିତ | ମାତାଳ ମାଝୀ, ପି: ରାମ ମାଝୀ, ପାରାଉ ମାଝୀ, ସାଉଣା ମାଝୀ, ପି: ସାନନାଥ ମାଝୀ, ନାଥ ମାଝୀ, ପି: ଶିକର ମାଝୀ, କାନ୍ଦିରି ମାଝୀ, ସ୍ୱା: ଶିକର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୯୧ | ୨.୦୨ | ୦.୮୮ | ଡାହି ଦୁଇ | |
| | ୬୩୪ | ୧.୮୦ | ୦.୦୨ | ଡାହି ଏକ | |
| ୪୩ | ୨୧୫/୬ ୮୦ | ୦.୬୫ | ୦.୪୫ | ଡାହି ଦୁଇ | ବାଢ଼ା ଟୁଡୁ, ପି: ବାରିଆଳ ଟୁଡୁ, ଶ୍ରୀନାଥ ଟୁଡୁ, ଆମ୍ଭାଇ ଟୁଡୁ, ରାଣୀ ମାରାଣ୍ଡି, ପୁଣଗି ମୁର୍ମୁ, ବୁଦୁନୀ ସରେନ, ପି: ସାଉନା ଟୁଡୁ, ସୁମି ଟୁଡୁ, ସ୍ୱା: ସାଉନା ଟୁଡୁ, ଜା: ସାନ୍ତାଳ, ବା: ନିଜଗାଁ |
| ୪୮ | ୬୦୮ | ୦.୩୬ | ୦.୦୮ | ଡାହି ଦୁଇ | ରଥ ମାଝୀ, ସାମସର ମାଝୀ, ପି: ସାଉଣା ମାଝୀ, ରାଇମଣୀ ମାଝୀ, ସ୍ୱା: ସାଉଣା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୫୪/୭ ୪୫ | ୦.୨୦ | ୦.୧୪ | ଆଶୁ | |
| ୫୦ | ୪୮୬ | ୦.୩୬ | ୦.୨୩ | ଡାହି ଦୁଇ | ରଥ ମାରଣ୍ଡି, ପି: ସାଉନା ମାରଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| | ୪୯୦ | ୦.୦୬ | ୦.୦୬ | ଡାହି ଦୁଇ | |
| ୫୨ | ୨୨୩ | ୦.୭୯ | ୦.୨୪ | ଆଶୁ | ରାଣୀ ମାଝୀ, ସ୍ୱା: ଡମାନ ମାଝୀ, ସିନିଙ୍ଗ ମାଝୀ, ପି: ଡମାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୨୫ | ୦.୮୮ | ୦.୮୦ | ଡାହି ଦୁଇ | |
| ୫୪ | ୨୫୩ | ୦.୪୪ | ୦.୧୮ | ଆଶୁ | ରାମ ମାଝୀ, କାଇଲୁ ମାଝୀ, ପି: ବିଶୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୦୫ | ୦.୬୨ | ୦.୧୬ | ଡାହି ଦୁଇ | |
| | ୬୦୬ | ୦.୫୯ | ୦.୩୧ | ଡାହି ଦୁଇ | |
| ୫୬ | ୧୭୯ | ୦.୯୬ | ୦.୨୫ | ଶାରଦ ଦୁଇ | ରେଣ୍ଟା ମାଝୀ, ପି: ଲାବା ମାଝୀ, ପମା ମୁର୍ମୁ, ପି: ଫାଗଡା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୫୮୧ | ୧.୧୯ | ୦.୦୩ | ଘରବାରି | |
| ୫୭ | ୫୦୪ | ୦.୩୯ | ୦.୧୨ | ଡାହି ଦୁଇ | ରେଣ୍ଟା ମାଝୀ, କନ୍ଦା ମାଝୀ, ପି: ଲାଖାୟ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୮ | ୨୫୪ | ୦.୧୬ | ୦.୦୬ | ଆଶୁ | ରେପ ମାଝୀ, ଇନ୍ଦ୍ରା ମାଝୀ, ପି: ନୁନ୍ଦୁରୁ ମାଝୀ, ଡମନି ମାଝୀ, ସ୍ୱା: ନୁନ୍ଦୁରୁ ମାଝୀ, ସିନଙ୍ଗ ମାଝୀ, ସ୍ୱା: ଲବ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୦ | ୫୯୧ | ୦.୮୪ | ୦.୪୩ | ଘରବାରି | ରବିନ୍ଦ୍ର ମାଝି ଓରଫ ହାଁସଦା, ଶଙ୍କର ମାଝୀ ଓରଫ ହାଁସଦା, ପି: ରତନ ମାଝୀ, ଆରତୀ ମାଝୀ ଓରଫ ହାଁସଦା, ସ୍ୱା: ରତନ ମାଝୀ, ଫୁଲମଣୀ ମାଝୀ ଓରଫ ହାଁସଦା, ପି: ସାଉନା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୩ | ୧୭୭ | ୦.୬୨ | ୦.୧୬ | ଶାରଦ ଦୁଇ | ଲେଙ୍ଗା ମାଝୀ, ଲସ ମାଝୀ, କଙ୍କା ମାଝୀ, ପି: କିର୍ତ୍ତା ମାଝୀ, ମୁଷୁ ମାଝୀ, ପି: ଲଧର ମାଝୀ, ଝାରୟ ମାଝୀ, ସ୍ୱା: ଲଧର ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୭୮ | ୦.୨୬ | ୦.୦୪ | ଶାରଦ ଦୁଇ | |
| | ୨୫୧ | ୦.୬୦ | ୦.୦୪ | ଆଶୁ | |
| | ୨୫୨ | ୦.୨୬ | ୦.୦୫ | ଆଶୁ | |
| | ୬୦୩ | ୦.୨୦ | ୦.୦୭ | ଡାହି ଦୁଇ | |
| | ୬୦୯ | ୦.୭୪ | ୦.୧୮ | ଡାହି ଦୁଇ | |
| ୬୪ | ୫୧୫ | ୦.୬୨ | ୦.୧୩ | ଡାହି ଦୁଇ | ଲେଭା ମାଝୀ, ପି: କଙ୍କା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୬୭ | ୨୧୨ | ୦.୦୮ | ୦.୦୮ | ପତିତ | ସାବିତ୍ରୀ ସାହୁ, ସ୍ୱା: ଦିବାକର ସାହୁ, ସଦାନନ୍ଦ ସାହୁ, ପି: ଦିବାକର ସାହୁ, ଜା: କୁବେର, ବା: କଷାଫଳିଆ |
| | ୨୨୪ | ୦.୮୭ | ୦.୭୬ | ଆଶୁ | |
| | ୨୨୪/ ୬୫୩ | ୦.୩୬ | ୦.୨୩ | ଆଶୁ | |
| | ୪୮୬/ ୬୫୪ | ୦.୨୩ | ୦.୦୮ | | |
| | ୪୯୦/ ୬୫୯ | ୦.୦୬ | ୦.୦୬ | ଡାହି ଦୁଇ | |
| ୬୮ | ୨୧୩ | ୦.୪୦ | ୦.୧୬ | ଡାହି ଦୁଇ | ସୀତା ମାଝୀ, ପି: ବୁକାୟ ମାଝୀ, ସନା ମାଝୀ, ପି: ସୁଗୁରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୦ | ୪୪୧ | ୦.୫୬ | ୦.୦୨ | ଘରବାରି | ସୀତା ମାଝୀ, ସ୍ୱା: ଭାଟୁ ମାଝୀ, ଫୁଲ ମାଝୀ, ସ୍ୱା: ରାକୁ ମାଝୀ, ଭାଟୁ ମାଝୀ, ପି: ରାକୁ ମାଝୀ, ଲାଦୁ ମାଝୀ, ପି: ଭାଟୁ ମାଝୀ, ରାକୁ ମାଝୀ, ବୁଢ଼ା ମାଝୀ, ଲେବେ ମାଝୀ, ଛୋଟା ମାଝୀ, ପି: ଗେଡେ ମାଝୀ, ବଡପାନ ମାଝୀ, ସ୍ୱା: ଗେଡେ ମାଝୀ, ମୋହନ ମାଝୀ, ଜଇନା ମାଝୀ, ପି: ମାଇଁସା ମାଝୀ, ସାନପାନ ମାଝୀ, ସ୍ୱା: ମାଇଁସା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୭୨ | ୫୧୫/ ୭୭୦ | ୦.୫୧ | ୦.୧୨ | ଡାହି ଦୁଇ | ସୁବୁଦା ମାଝୀ, ଦାମା ମାଝୀ, ତାନ ମାଝୀ ପି: ସୁନା ମାଝୀ, ଲାଙ୍ଗି ମାଝୀ, ସ୍ୱା: ସୁନା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୨୭୩ | ୦.୩୦ | ୦.୦୭ | ଆଶୁ | |
| ୭୩/ ୯ | ୪୭୦/ ୮୦୧ | ୦.୫୯ | ୦.୩୦ | ଡାହି ଦୁଇ | କନ୍ଦା ମାର୍ଣ୍ଡି, ପି: ନାଥ ମାର୍ଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| ୭୩/ ୧୦ | ୧୭୬ | ୦.୬୯ | ୦.୦୫ | ଶାରଦ ଦୁଇ | ବୁଧୁରାମ ମୁର୍ମୁ, ବଳରାମ ମୁର୍ମୁ, ପି: ଶିବ ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| ୭୩/ ୨୦ | ୪୬୯ | ୦.୨୦ | ୦.୦୨ | ପତିତ | ନାରାୟଣ ମାର୍ଣ୍ଡି, ସୁବଳ ମାର୍ଣ୍ଡି, ବାଢା ମାର୍ଣ୍ଡି, ସୁରାଇ ମାର୍ଣ୍ଡି, କାରିଆ ମାର୍ଣ୍ଡି, ପି: ନାଥୁରାମ ମାର୍ଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| | ୪୭୦ | ୦.୫୯ | ୦.୫୦ | ଡାହି ଦୁଇ | |
| ୭୩/ ୨୮ | ୬୩୮ | ୦.୬୨ | ୦.୧୮ | ଡାହି ଦୁଇ | ବାସନ୍ତୀ ସାହୁ, ସ୍ୱା: ଗୌରଚନ୍ଦ୍ର ସାହୁ, ଗୟାଧର ସାହୁ, ମାୟାଧର ସାହୁ, ପି: ଗୌରଚନ୍ଦ୍ର ସାହୁ, ମାଳତୀ ସାହୁ, ସ୍ୱା: ଶ୍ରୀକାନ୍ତ ସାହୁ, ରବିନାରାୟଣ ସାହୁ, ପି: ଶ୍ରୀକାନ୍ତ ସାହୁ, ଯତୀନ୍ଦ୍ର ସାହୁ, ପି: ହରିଶ୍ଚନ୍ଦ୍ର ସାହୁ, ଜା: କୁବେର, ବା: ନୁଣଚାଟି |
| | ୬୪୩ | ୦.୭୮ | ୦.୧୯ | ଡାହି ଦୁଇ | |
| ୭୩/ ୩୦ | ୨୨୨ | ୦.୯୩ | ୦.୪୬ | ଡାହି ଦୁଇ | ଓଲି ଓରଫ ସିଲହୁ ଓରଫ ସିନହୁ ମୁର୍ମୁ, ପି. ଭୁଟା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| | ୪୯୯ | ୦.୨୧ | ୦.୧୩ | ଡାହି ଦୁଇ | |
| ୭୩/ ୩୧ | ୪୯୯/ ୮୪୧ | ୦.୯୨ | ୦.୨୫ | ଡାହି ଦୁଇ | ଚାନା ମୁର୍ମୁ, ପି: ଭୁଟା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| ୭୩/ ୩୨ | ୪୪୨ | ୦.୧୮ | ୦.୧୪ | ଡାହି ଦୁଇ | ରଇବାରି ହାଁସଦା, ସ୍ୱା: ସୁନାରାମ ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୭୩/ ୩୩ | ୪୪୨/ ୮୪୭ | ୦.୧୪ | ୦.୦୬ | ଡାହି ଦୁଇ | ଗାଲ ହାଁସଦା, ସ୍ୱା: ରାଦଲ ହାଁସଦା, ଜା: ସାନ୍ତାଳ, ବା: ନିଜଗାଁ |
| ୭୩/ ୩୪ | ୬୨୦ | ୦.୩୬ | ୦.୧୨ | ଶାରଦ ଦୁଇ | ସୁମି ଟୁଡୁ, ସ୍ୱା: ସାଉନା ଟୁଡୁ, ଶ୍ରୀନାଥ ଟୁଡୁ, ଆମ୍ଭାୟ ଟୁଡୁ, ପି: ସାଉନା ଟୁଡୁ, ଜା: ସାନ୍ତାଳ, ବା: ପାରିଆସୁଲ |
| ୭୩/ ୩୫ | ୬୩୨ | ୦.୫୨ | ୦.୨୮ | ଡାହି ଦୁଇ | ଛିତା ଟୁଡୁ, ସ୍ୱା: ଲକ୍ଷ୍ମଣ ଟୁଡୁ, ମାନ୍ଦେ ଟୁଡୁ, ଦାନଗୀ ଟୁଡୁ, ପି: ଲକ୍ଷ୍ମଣ ଟୁଡୁ, ଜା: ସାନ୍ତାଳ, ବା: ପାରିଆସୁଲ |
| ୭୩/ ୩୬ | ୬୪୧ | ୦.୨୦ | ୦.୨୦ | ଡାହି ଦୁଇ | ବାଢ଼ା ଟୁଡୁ, ପି: ବାରିଆଳ ଟୁଡୁ, ଜା: ସାନ୍ତାଳ, ବା: ପାରିଆସୁଲ |
| ୭୩/ ୪୧ | ୬୪୦/ ୭୧୬ | ୦.୧୮ | ୦.୦୯ | ଡାହି ଏକ | ନରେନ୍ଦ୍ର ନାଥ ମାର୍ଣ୍ଡି, ପି: କନ୍ଦା ମାର୍ଣ୍ଡି, ଜା: ସାନ୍ତାଳ, ବା: ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୫୨ | ୨୨୭ | ୧.୮୪ | ୦.୯୨ | ଡାହି ଦୁଇ | ରାଣୀ ମାଝୀ, ସ୍ୱା: ଡମାନ ମାଝୀ, ସିନିଙ୍ଗ ମାଝୀ, ପି: ଡମାନ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ମୋଟ | ୭୯ ପ୍ଲଟ୍ | ଏ. ୪୫.୭୩ ଡେ.ମି. | ଏ. ୧୮.୭୫ ଡେ.ମି. | | |

**B. Behera**
**Amin**

**Sd./- 29.01.2021**
**zone Officer cum-L.A. Collector**
**S.I.P., Laxmiposi Zone**

**Sd./- 01.02.2021**
**Spl. Land Acquisition Officer**
**SIP, BARIPADA**
OIPR-24001/14/0115/2122



# ଫେରିଲେ ମୁଁ ତୁମର

କେତେବେଳେ ନାୟକ ତ କେତେବେଳେ ଖଳନାୟକ, ପୁଣି ତାଙ୍କୁ ଦେଖିବାକୁ ମିଳିଛି ଚରିତ୍ର ଅଭିନେତା ଭାବରେ। ହେଲେ ଏଥର ଆଉ ଏକ କ୍ଷେତ୍ରରେ ସେ ପାଦ ରଖିଛନ୍ତି। ତାହା ହେଲା ଚଳଚ୍ଚିତ୍ର ପ୍ରଯୋଜନା ଏବଂ କାହାଣୀ ରଚନା। ନିଜସ୍ୱ କାହାଣୀକୁ ନେଇ ସେ ନିର୍ମାଣ କରିବାକୁ ଯାଉଛନ୍ତି ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର, ଯାହାର ଶୀର୍ଷକ ରହିଛି 'ଫେରିଲେ ମୁଁ ତୁମର'। ହଁ, ସେ ହେଲେ 'ଜୟ ଶ୍ରୀରାମ' ସିନେମାରୁ ନାୟକ ସାଜି 'ପ୍ରେମ ରୋଗୀ'ରେ ଏକ ଭିନ୍ନ ଭୂମିକା ଲାଗି ଚର୍ଚ୍ଚିତ ବବି ମିଶ୍ର। ହୋମ୍ ବ୍ୟାନର ବବି ମିଶ୍ର ଫିଲ୍ମସରେ ସେ ପ୍ରସ୍ତୁତ କରୁଛନ୍ତି ଏହି ସିନେମାଟି, ଯାହାର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିବେ ସମ୍ମିତ ଏବଂ ତୃପ୍ତି। କେବଳ ସେତିକି ନୁହେଁ, ବବିଙ୍କୁ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବି.ଏମ.କେ.। ଏହାର ଏକ୍ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ଟୁନା ଦ୍ୱିବେଦୀ।



(ବାମରୁ) ବବି, ସମ୍ମିତ, ତୃପ୍ତି

# ମହେଶ ହିଁ ବେଷ୍ଟ

କିଆରା ଆଡୱାନୀଙ୍କ ଆଇଡିଆକୁ ମାନିବାକୁ ପଡିବ। ନିକଟରେ ସେ ସାଇନ୍ କରିଥିବା ଏକ ସିନେମାରେ କିଏ ମେଲ୍ ଲିଡ୍‌ରେ ଆକ୍ଟିଂ କରିବ ସେ ନେଇ ତାଙ୍କର ମତ ନିଆଯାଇଥିଲା। କାରଣ ସେହି ଭୂମିକାରେ କେବଳ ରୋମାନ୍ସ ନୁହେଁ, ଆକ୍ସନ ମଧ୍ୟ ଥିଲା। ତେଣୁ ଯେତେବେଳେ ତାଙ୍କୁ ଏ ନେଇ ପଚାରଗଲା ଯେ କିଛି ସମୟ ଚିନ୍ତା କରି ଜଣଙ୍କ ନାମ କହିଥିଲେ। ''ମୋ ମତରେ ଏଭଳି ରୋଲ୍‌କୁ ତୁଲାଇବାକୁ ଜଣେ ହିଁ ଫିଟ୍। ସେ ହେଲେ ମହେଶ ବାବୁ। କାରଣ ଏହି ଭୂମିକାକୁ ସବୁ ଦୃଷ୍ଟି କୋଣରୁ ଚିନ୍ତା କଲେ ତାହାକୁ ଠିକ୍ ଭାବରେ ମହେଶ ହିଁ ତୁଲାଇ ପାରିବେ। ହେଲେ ମୁଁ କହିଦେଲେ ତ ହେବ ନାହିଁ। ଏପରି ଅଫରକୁ ସେ ଗ୍ରହଣ କରିବା ବଡ଼ କଥା। ସେ ହେଉଛନ୍ତି ମୋ ଆକ୍ଟିଂ ଗୁରୁ। ତାଙ୍କ ଅଭିନୀତ ସିନେମା ଦେଖି ମୁଁ ଆକ୍ଟିଂ ବିଷୟରେ ଅନେକ କଥା ଶିଖିଛି।'' ତେବେ ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ମହେଶ ଅଭିନୟ କରିବେ କି ନାହିଁ ତାହା ଜାଣିବାକୁ ବାକି ରହିଲା।



କିଆରା–ମହେଶ

# ମିଳିଗଲା ରିଲିଜ ଡେଟ୍

ସଲମାନଙ୍କ ହୋମ୍ ବ୍ୟାନର ସଲମାନ ଖାଁ ଫିଲ୍ମସରେ ନିର୍ମିତ 'ଅନ୍ତିମ–ଦ ଫାଇନାଲ ଟ୍ରୁଥ୍'ର ରିଲିଜ ଡେଟ୍ ଘୋଷିତ ହୋଇଛି। ଏହି ଚିତ୍ରଟି ଚଳିତ ମାସ ୨୬ରେ ପରଦା ଉପରକୁ ଆସିବ। ପୁଣି ଏହି ଡେଟ୍‌ରେ ଜନ୍ ଆବ୍ରାହମ୍‌ଙ୍କ 'ସତ୍ୟମେବ ଜୟତେ–୨' ମଧ୍ୟ ରିଲିଜ ହେବାର ଯୋଜନା ରହିଛି। ପୋଲିସ୍ ଏବଂ ଗ୍ୟାଙ୍ଗଷ୍ଟର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି 'ଅନ୍ତିମ', ଯେଉଁଥିରେ ସଲମାନ ପୋଲିସ ଅଫିସର (ଇନସ୍ପେକ୍ଟର ରାଜବୀର ସିଂ) ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମହେଶ ମଞ୍ଜରେକର। ଏଥିରେ ସଲମାନଙ୍କ ବ୍ୟତୀତ ଆୟୁଷ ଶର୍ମା, ଜୀଶୁ ସେନଗୁପ୍ତା ଏବଂ ମହିମା ମକୱାନାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ 'ସତ୍ୟମେବ ଜୟତେ–୨'ର ନିର୍ଦ୍ଦେଶନା ଦେଇଛନ୍ତି ମିଲାପ ଜାଭେରି ଏବଂ ଜନ୍‌ଙ୍କ ବ୍ୟତୀତ ଦିବ୍ୟା ଖୋସଲା, ନୋରା ଫତେହି ଏବଂ ଈଷା ତଲୱାର ଏଥିରେ ଅଭିନୟ କରିଛନ୍ତି।



ସଲ୍‌ମାନ

ନୂଆ ସିନେମା

# ଭିଲେନ୍

ଭିଲେନ୍ ଚରିତ୍ର ଦର୍ଶକଙ୍କ ମନରେ ରୋମାଞ୍ଚ ସୃଷ୍ଟି କରିଥାଏ। କାରଣ ଏଭଳି ଭୂମିକା କାହାଣୀର ଗତିପଥକୁ ବଦଳାଇ ଦିଏ। ଅନେକେ ଏଭଳି ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ଉପରେ ଏପରି ବିରକ୍ତ ହୋଇଯାଆନ୍ତି ଯେ ତାଙ୍କୁ ଗାଳି ଦେବାକୁ ପଛାଇ ନ ଥାନ୍ତି। ହେଲେ ତାହା ହିଁ ହେଉଛି ଜଣେ ଭିଲେନ୍‌ର ପୁରସ୍କାର। କଥା କ'ଣ କି ପୂର୍ବରୁ କେତୋଟି ସିନେମାରେ ରୋମାଣ୍ଟିକ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିଥିବା ଜଣେ ଅଭିନେତା ଏବେ ଭିଲେନ୍ ସାଜୁଛନ୍ତି। ଅର୍ଥାତ୍, ନିର୍ମିତ ହେବାକୁ ଯାଉଥିବା ଫିଲ୍ମରେ ସେ ଭିଲେନ୍ ହେବେ। ସେ ହେଲେ ଅର୍ଦ୍ଧେନ୍ଦୁ ସାହୁ। ଏଭଳି ରୋଲ୍‌କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ଅଭିନେତା। ହୋମ୍ ବ୍ୟାନର ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟରେ ଏହାର ପ୍ରଯୋଜନା କରୁଛନ୍ତି ଆଦିକନ୍ଦ ସାହୁ ଏବଂ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଅଶ୍ୱିନୀ ତ୍ରିପାଠୀ। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଦେବୀଦତ୍ତ ମହାନ୍ତି। ତପୁ ନାୟକ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଜାପାନୀ ଭାଇ। ଏହାର କୋରିଓଗ୍ରାଫି ଦାୟିତ୍ୱ ତୁଲାଇବେ ବିଦ୍ଦୁ–ଲୁବୁନ୍–ଟୁବୁନ୍। ଖାସ୍ କଥା ହେଲା, ଏହି ଫିଲ୍ମରେ ମାତ୍ର ଜଣେ ନାରୀ ଚରିତ୍ରକୁ ଦେଖିବାକୁ ମିଳିବ ଏବଂ ମୋଟ ୪୦ ଜଣ କଳାକାର ଏଥିରେ ଅଭିନୟ କରିବେ ବୋଲି ସୂଚନା ଦେଇଛନ୍ତି ଉକ୍ତ ଫିଲ୍ମର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ। ଏହି ଚିତ୍ରର ଟାଇଟଲ ଘୋଷଣା ନିକଟରେ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଏହାପୂର୍ବରୁ ଅର୍ଦ୍ଧେନ୍ଦୁ 'ଅ ଆ ହର୍ଷେଇ', 'ବ୍ଲାକ୍‌ମେଲ୍', 'ପରଦେଶୀ ଚଢ଼େଇ' ଏବଂ 'ଷଷ୍ଠରୁ ନଷ୍ଟ' ସିନେମାରେ ଅଭିନୟ କରିସାରିଛନ୍ତି।

## ବଲିଉଡ୍ ହାଲଚାଲ୍

- ରାଜ କୁମାର ରାଓ ଖୁବ୍ ଶୀଘ୍ର ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ସେ ଚଳିତ ମାସରେ ଏବଂ ଦୀପାବଳି ପରେ ପ୍ରେମିକା ପତ୍ରଲେଖାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ଶୁଣିବାକୁ ମିଳୁଛି।
- ରଣବୀର କପୁର ଏବଂ ଆଲିୟା ଭଟ୍ଟଙ୍କୁ ନେଇ ନିର୍ମିତ 'ବ୍ରହ୍ମାସ୍ତ୍ର'ର ଅବଶିଷ୍ଟ ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହୋଇ ଶେଷ ହେବ। ଏପରି କି ଏଥିରେ ଆଉ ଏକ ଗୀତ ସଂଯୋଜନା କରିବାକୁ ଏହାର ନିର୍ଦ୍ଦେଶକ ଆର୍ଯ୍ୟନ ମୁଖାର୍ଜୀ ଯୋଜନା କରୁଛନ୍ତି।
- ରିଲିଜ ଅପେକ୍ଷାରେ ଥିବା ହିନ୍ଦୀ ସିନେମା 'ସୁନ୍ଦରେଶ୍ୱରୀ'ରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସାନ୍ୟା ମାଲହୋତ୍ରା। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଅଭିମନ୍ୟୁ ଦାସାନୀ।
- ଏକ ୱେବ୍ ସିରିଜ ଶୁଟିଂରେ ଏବେ ବ୍ୟସ୍ତ ଅଛନ୍ତି ପରିଣିତି ଚୋପ୍ରା।
- 'ଗଦର–୨'ର ପ୍ରାରମ୍ଭିକ କାମ ଆଗେଇ ଚାଲିଛି। ଏଥିରେ ପୁଣି ଥରେ ସନ୍ନି ଦେଓଲ–ଅମୀଷା ପଟେଲ ଯୋଡ଼ିକୁ ଦେଖିବାକୁ ମିଳିବ।



ଅନୁଷ୍କା

# ପାରିଶ୍ରମିକ ପାଇଁ..

ଦକ୍ଷିଣ ଭାରତୀୟ ସିନେମା ଇଣ୍ଡଷ୍ଟ୍ରିର ଅନ୍ୟତମ ଆଗଧାଡ଼ିର ଅଭିନେତ୍ରୀ ଅନୁଷ୍କା ସେଟ୍ଟିଙ୍କୁ ନେଇ ଚର୍ଚ୍ଚା। ପୁଣି କାରଣ କ'ଣ ଜାଣନ୍ତି ? ନିକଟରେ ସେ କୁଆଡେ ତାଙ୍କର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। କିଛି ଦିନ ପୂର୍ବରୁ ତାଙ୍କୁ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କାହାଣୀ ଏବଂ ଏଥିରେ ନିଜ ଭୂମିକା ସମ୍ପର୍କରେ ଭଲ ଭାବରେ ଅବଗତ ହେବା ପରେ ପାରିଶ୍ରମିକ ନିକଟରେ କଥା ଅଟକି ଯାଇଥିଲା। ଏହି ଫିଲ୍ମ ପାଇଁ ସେ କୁଆଡେ ଯେଉଁ ରେମ୍ୟୁନିରେଶନ ଦାବି କଲେ ତାହା ଶୁଣି ନୂଆ ପ୍ରଯୋଜକଙ୍କ ଅକଲ ଗୁଡୁମ। ଏପରି କଥା ଶୁଣିବା ପରେ ସେ ପାରିଶ୍ରମିକକୁ ନେଇ ପୁଣି ଥରେ ଚିନ୍ତା କରିବାକୁ ଅନୁଷ୍କାଙ୍କୁ କହିଥିଲେ। ହେଲେ ନିଜ କଥାରେ ଅଟଳ ରହିଥିଲେ ଏହି ଅଭିନେତ୍ରୀ। ଶେଷକୁ ପ୍ରଯୋଜକ ନିରାଶ ହୋଇ ଫେରିଥିଲେ। ନିକଟରେ ଏ ନେଇ ମୁହଁ ଖୋଲିଛନ୍ତି ଅନୁଷ୍କା। ପାରିଶ୍ରମିକ ବିଷୟରେ ସଫେଇ ଦେଇ ସେ କହନ୍ତି, 'ଏସବୁ ମିଛ କଥା। ଏହି ନୂଆ ଫିଲ୍ମ ପାଇଁ ମୁଁ ଆଦୌ ପାରିଶ୍ରମିକ ବଢ଼ାଇ ନାହିଁ। ଏହାର କାହାଣୀରେ କିଛି ପରିବର୍ତ୍ତନ କରିବାକୁ ମୁଁ ପରାମର୍ଶ ଦେଇଥିଲି। ପ୍ରଯୋଜକ ସେ ନେଇ ଦୁଇ ସପ୍ତାହ ଭିତରେ ଫାଇନାଲ କରିବାକୁ କଥା ଦେଇଛନ୍ତି। ମୋତେ ବଦନାମ କରିବାକୁ କେହି ବୋଧହୁଏ ଏପରି ଗୁଜବ ସୃଷ୍ଟି କରିଛି।' ତେବେ ଏକଥା ପଛରେ କେତେ ସତ୍ୟତା ଅଛି ତାହା କେବଳ ଅନୁଷ୍କାଙ୍କୁ ହିଁ ଜଣା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୪, ୨୦୨୧ Bhubaneswar, Thursday, November 4 /2021

## ଚୁମ୍ବକରେ

➡ଓଡ଼ିଶାରେ ଜନ୍ମିତ ବରିଷ୍ଠ କୂଟନୀତିଜ୍ଞ ପାର୍ଥ ଶତପଥୀଙ୍କୁ ହଙ୍ଗେରୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦିଆଯାଇଛି। ୟୁକ୍ରେନ୍‌ରେ ଭାରତର ରାଷ୍ଟ୍ରଦୂତ ଭାବେ ଅବସ୍ଥାପିତ ୧୯୯୦ ବ୍ୟାଚ୍‌ର ଏହି ଆଇଏଫ୍‌ଏସ୍ ଅଫିସର ଖୁବ୍‌ଶୀଘ୍ର ନୂଆ ଦାୟିତ୍ୱ ନେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମନ୍ତ୍ରଣାଳୟ ଅଧୀନରେ ସଚିବ ଭାବେ କାର୍ଯ୍ୟରତ ସଞ୍ଜୟ ଭଟ୍ଟାଚାର୍ଯ୍ୟଙ୍କୁ ସୁଇଜରଲାଣ୍ଡରେ ଭାରତୀୟ ରାଷ୍ଟ୍ରଦୂତ ରୂପେ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳିଛି।


ପାର୍ଥ ଶତପଥୀ

➡ଦୀପାବଳି ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପବିତ୍ର ଅବସରରେ ସମସ୍ତେ ପରସ୍ପର ସହ ଖୁସି ବାଣ୍ଟନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆଲୋକର ପର୍ବ ଦୀପାବଳି ପାଇଁ ଅଭିନନ୍ଦନ ଜଣାଇଛନ୍ତି।



➡କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ଯୋଗୁ କେବଳ ବ୍ୟବସାୟୀ କି ଚାଷୀ କ୍ଷତିଗ୍ରସ୍ତ ହୋଇନାହାନ୍ତି ବରଂ ସବୁବର୍ଗର ଲୋକ ପ୍ରଭାବିତ ହୋଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟରରେ ଟାର୍ଗେଟ କରିଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଡାଟା ସମ୍ବଳିତ ଏକ ମିଡିଆ ରିପୋର୍ଟକୁ ସେ ଟ୍ୟାଗ୍ କରିଛନ୍ତି, ଯହିଁରେ ଗତବର୍ଷ ୧୧,୭୧୬ ବ୍ୟବସାୟୀ ଏବଂ ୧୦,୬୭୭ ଚାଷୀ ଆତ୍ମହତ୍ୟା କରିଥିବା ଉଲ୍ଲେଖ କରାଯାଇଛି।

➡ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କଂଗ୍ରେସର ପ୍ରାଥମିକ ସଦସ୍ୟତା ଛାଡ଼ି ପଞ୍ଜାବ ଲୋକ କଂଗ୍ରେସ ନାମରେ ନୂଆ ଦଳ ଗଢ଼ିଛନ୍ତି। ଇତିମଧ୍ୟରେ ୭ ପୃଷ୍ଠା ସମ୍ବଳିତ ଇସ୍ତଫାପତ୍ରକୁ ସେ ଟୁଇଟରରେ ଶେୟାର କରିଛନ୍ତି। ଏଥିରେ ସେ ପିପିସିସି ମୁଖ୍ୟ ନବ୍‌ଜ୍ୟୋତ ସିଂ ସିଦ୍ଧୁଙ୍କୁ ପାକିସ୍ତାନ ସମର୍ଥକ ଓ ସନ୍ଦିଗ୍ଧ ବ୍ୟକ୍ତି ଭାବେ ଅଭିହିତ କରିଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ବୁଧବାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଗ୍ରହଣ କରିଛନ୍ତି।

➡ପଶ୍ଚିମବଙ୍ଗର ସାଉଥ୍ ୨୪ ପ୍ରଗଣା ଜିଲାରୁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ) ମଙ୍ଗଳବାର ବାଂଲାଦେଶର ଜମାତ୍-ଉଲ୍-ମୁଜାହିଦିନ୍ (ଜେଏମ୍‌ବି) ସଙ୍ଗଠନର ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେଠାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ପାଇବାପରେ ଏନ୍‌ଆଇଏ ପକ୍ଷରୁ ସୁଭାଷଗ୍ରାମଠାରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ପରେ ଜଣେ ବାଂଲାଦେଶୀଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ଜାଲ୍ ଭୋଟ ପରିଚୟ ପତ୍ର, ଆଧାର କାର୍ଡ ଆଦି ସମେତ ଜେଇଏମ୍ ଲିଙ୍କ୍ ଥିବା କିଛି ଡକ୍ୟୁମେଣ୍ଟ ଜବତ କରାଯାଇଛି। ତେବେ ସେ କିପରି ଏବଂ କେବେ ଭାରତକୁ ଆସିଲେ ତାହାର ଯାଞ୍ଚ କରାଯାଉଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

# ଗ୍ରୁପ୍ କ୍ୟାପ୍‌ଟେନ୍ ହେଲେ ଅଭିନନ୍ଦନ

ପାକିସ୍ତାନର ଆତଙ୍କବାଦୀ କ୍ୟାମ୍ପରେ ୨୦୧୯ ଫେବୃୟାରୀରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ର ହିରୋ ତଥା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କୁ ଭାରତୀୟ ବାୟୁସେନା ପକ୍ଷରୁ ଗ୍ରୁପ୍ କ୍ୟାପ୍‌ଟେନ୍ ଭାବେ ପଦୋନ୍ନତି ମିଳିଛି। ଏହି ଦୁଃସାହସିକତା ପାଇଁ ତାଙ୍କୁ ସୌର୍ଯ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏକ ମିଗ୍-୨୧ ବିମାନ ଦ୍ୱାରା ପିଓକେରେ ପାକିସ୍ତାନର ଏଫ୍-୧୬କୁ ସେ ଖସାଇ ଦେଇଥିଲେ। ତେବେ ଅଭିନନ୍ଦନଙ୍କ ବିମାନକୁ ପାକ୍ ସେନା ଖସାଇଦେଇ ତାଙ୍କୁ ନିଜ କବ୍‌ଜାକୁ ନେଇଯାଇଥିଲା। ପରେ ତାଙ୍କୁ ପାକିସ୍ତାନ ମୁକ୍ତ କରିଥିଲା।



# ନ୍ୟୁୟର୍କର ଦ୍ୱିତୀୟ କୃଷ୍ଣକାୟ ମେୟର

ପୋଲିସ ଅଫିସର ଥିବାବେଳେ ବର୍ଣ୍ଣ ବୈଷମ୍ୟ ସହ ଲଢ଼େଇ କରିଥିବା ଏରିକ୍ ଆଦମ୍‌ସ ମଙ୍ଗଳବାର ନ୍ୟୁୟର୍କ ମେୟର ନିର୍ବାଚିତ ହୋଇଛନ୍ତି। ଆମେରିକାର ଏହି ବୃହତ୍ତମ ସହରର ମେୟର ହେବାରେ ସେ ହେଉଛନ୍ତି ଦ୍ୱିତୀୟ ଆଫ୍ରିକୀୟ ଆମେରିକୀୟ। ଆସନ୍ତା ଜାନୁୟାରୀରେ ସେ ଏହି ନୂଆ ଦାୟିତ୍ୱ ନେବେ। ରିପବ୍ଲିକାନ୍ ପ୍ରାର୍ଥୀ କାର୍ଟିସ୍ ସ୍ଲିୱାଙ୍କୁ ସେ ପରାସ୍ତ କରିଛନ୍ତି। ଦାରିଦ୍ର୍ୟ ମଧ୍ୟରେ ଜୀବନ ଆରମ୍ଭ କରିଥିବା ୬୧ ବର୍ଷୀୟ ଏରିକ୍ ଏବେ ତାଙ୍କ ସ୍ୱପ୍ନ ପୂରଣ ହୋଇଥିବା କହିଛନ୍ତି। ଏବେ ନିଜ ଇଚ୍ଛା ପୂରଣ କରିବାକୁ ଚାହୁଁଥିବା ଲୋକଙ୍କ ବାଧା ଦୂରକରିବାକୁ ସେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ଫେସିଆଲ ରିକଗ୍ନିଶନ ବନ୍ଦ

## ଏବେ ଚେହେରା ଚିହ୍ନିପାରିବନି ମେଟା

**ୱାଶିଂଟନ,୩।୧୧**

ଫେସ୍‌ବୁକ୍ ନାମରେ ପରିଚିତ ମାର୍କ ଜୁକରବର୍ଗଙ୍କ ସୋସିଆଲ ମିଡିଆ ଜାଏଣ୍ଟ 'ମେଟା'ରେ ଏଣିକି ଫଟୋ ଓ ଭିଡିଓରେ ୟୁଜର୍ସଙ୍କ ଚେହେରା ଚିହ୍ନଟ ପାଇଁ ଉଦ୍ଦିଷ୍ଟ 'ଫେସିଆଲ୍ ରିକଗ୍ନିଶନ' ଫିଚର ରହିବ ନାହିଁ। ଉକ୍ତ ସଫ୍ଟୱେରର ବ୍ୟବହାରକୁ କମ୍ପାନୀ ଅନୁଚିତ ଦର୍ଶାଇ ବନ୍ଦ କରିଦେଇଥିବା ଘୋଷଣା କରିଛି।

ଫେସିଆଲ ରିକଗ୍ନିଶନରେ ପୂର୍ଣ୍ଣଚ୍ଛେଦ ପକାଇଛି ମେଟା। ଦୀର୍ଘ ସମୟ ଧରି ଏହି ଟେକ୍‌ନିକ୍ ଜରିଆରେ ପ୍ରିଭେସି ଉଲ୍ଲଂଘନ ଏବଂ ବର୍ଣ୍ଣବୈଷମ୍ୟ ଅଭିଯୋଗ ହୋଇଆସୁଥିଲା। ଏହି ଫିଚର ଯୋଗୁ ଫେସ୍‌ବୁକ୍ ୟୁଜର୍ସଙ୍କ ଉପରେ ପଡୁଥିବା ପ୍ରଭାବକୁ ନେଇ କମ୍ପାନୀକୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା। ତେଣୁ ଏହା ଠିକ୍ ନା ଭୁଲ୍ ତାକୁ ନେଇ ଅନେକେ ପ୍ରଶ୍ନ ଉଠାଉଥିଲେ। ଏଥିପାଇଁ ମେଟାର ଏକ-ତୃତୀୟାଂଶ ଅର୍ଥାତ୍ ୧ ବିଲିୟନ ୟୁଜର୍ସଙ୍କ 'ଫେସ୍‌ପ୍ରିଣ୍ଟ'କୁ କିଛି ସପ୍ତାହ ମଧ୍ୟରେ ଡିଲିଟ୍ କରାଯିବ ବୋଲି ଘୋଷଣା କରିଛି। ଅଦ୍ୟାବଧି ଏହି ଆପ୍‌ରେ ୟୁଜର୍ସ ଉକ୍ତ ଫିଚରକୁ ଚୟନ କରିପାରୁଥିଲେ, ଯଦ୍ୱାରା ସେମାନଙ୍କ ଚେହେରା ଚିହ୍ନଟ



ସମ୍ଭବ ହେଉଥିଲା। ଫେସ୍‌ବୁକ୍‌ରେ କେହି ନିଜର ଫଟୋ ବା ଭିଡିଓ ପୋଷ୍ଟ କଲେ ଫେସିଆଲ ରିକଗ୍ନିଶନ ଫିଚର ସମ୍ପୃକ୍ତ ୟୁଜରଙ୍କ ଫେସ୍‌ପ୍ରିଣ୍ଟକୁ ସ୍କାନ୍ କରି କମ୍ପାନୀ ପାଖକୁ ତାଙ୍କର ତଥ୍ୟ ପହଞ୍ଚାଉଥିଲା। ବର୍ତ୍ତମାନ ଲାଗିରହିଥିବା ଅନିଶ୍ଚିତତାର ମାହୋଲରେ ଫେସିଆଲ ରିକଗ୍ନିଶନର ବ୍ୟବହାର ଅନୁଚିତ ବୋଲି କମ୍ପାନୀର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ ଭାଇସ୍‌ପ୍ରେସିଡେଣ୍ଟ ଜେରୋମି ପେସେଣ୍ଟି ମଙ୍ଗଳବାର ଏକ ବ୍ଲଗ୍‌ରେ ଉଲ୍ଲେଖ କରିଛନ୍ତି। ନର୍ଥଇଷ୍ଟର୍ନ ୟୁନିଭର୍ସିଟିର ଆଇନ ଓ କମ୍ପ୍ୟୁଟର ସାଇନ୍ସ ପ୍ରଫେସର ଉଡ୍‌ରୋ ହର୍ଟଜୋଗ୍ ଏହି ନିଷ୍ପତ୍ତିକୁ ପ୍ରିଭେସି ସୁରକ୍ଷା ପାଇଁ ଏକ ବିଜୟ ଭାବେ ଅଭିହିତ କରିଛନ୍ତି। କାରିଗରି ବିଦ୍ୟା ଲୋକଙ୍କ ପାଇଁ ଅପରିହାର୍ଯ୍ୟ କି ଜରୁରୀ ନୁହେଁ ବୋଲି ସେ କହିଛନ୍ତି।

### କାହିଁକି ବନ୍ଦ କରୁଛି

ଜେରୋମି ପେସେଣ୍ଟି କହିଛନ୍ତି, ଫେସିଆଲ ରିକଗ୍ନିଶନ ଟେକ୍ନୋଲୋଜି ଜଣଙ୍କ ପରିଚୟ ଯାଞ୍ଚ କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ ହୋଇଥିବାବେଳେ ୟୁଜର୍ସଙ୍କ ପ୍ରିଭେସି ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଜରୁରୀ।

୨୦୧୯ରେ ଆମେରିକା ସରକାରଙ୍କ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଏହି ଟେକ୍‌ନିକ୍ ଶ୍ୱେତାଙ୍ଗଙ୍କ ତୁଳନାରେ ଆଫ୍ରିକୀୟ-ଆମେରିକୀୟ ଏବଂ ଏସୀୟମାନଙ୍କ ଚେହେରାକୁ ଠିକ୍ ଭାବେ ଚିହ୍ନଟ କରିପାରୁନାହିଁ। ଆଫ୍ରିକା ବଂଶୋଦ୍ଭବ ଆମେରିକୀୟ ମହିଳାଙ୍କ କ୍ଷେତ୍ରରେ ସ୍ଥିତି ଆହୁରି ଖରାପ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଷ୍ଟାଣ୍ଡାର୍ଡ୍ସ ଆଣ୍ଡ ଟେକ୍ନୋଲୋଜିର ଗବେଷଣାରୁ ମଧ୍ୟ ଜଣାପଡ଼ିଥିଲା। ଗତବର୍ଷ ଫେସ୍‌ବୁକ୍ ଫଟୋଗୁଡ଼ିକର ସ୍କାନିଂ ଏବଂ ଟ୍ୟାଗିଂକୁ ନେଇ ଏକ ଦୀର୍ଘକାଳୀନ ଆଇନଗତ ଲଢ଼େଇର ସମାଧାନ କରିଥିଲା। ୨୦୧୫ରୁ ଚାଲିଥିବା ଏହି ମାମଲାରେ କମ୍ପାନୀ ଇଲିନୋୟର କେତେଜଣ ୟୁଜର୍ସଙ୍କୁ ୫୫ କୋଟି ଡଲାର ଦେବା ପାଇଁ ରାଜି ହୋଇଥିଲା। ପୀଡ଼ିତ ୟୁଜର୍ସ ଉକ୍ତ ଫିଚର ସେମାନଙ୍କ ପ୍ରିଭେସିକୁ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷେ ଆମାଜନ ଓ ମାଇକ୍ରୋସଫ୍ଟ ଭଳି ଅନ୍ୟ ଟେକ୍ କମ୍ପାନୀ ମଧ୍ୟ ପୋଲିସକୁ ଏହି ଟେକ୍‌ନିକ୍ ବିକ୍ରି କରୁଥିଲେ। ତେବେ ବିବାଦ ବଢ଼ିବା ଦେଖି ସେମାନେ ଏହାକୁ ସ୍ଥଗିତ କରିଦେଇଛନ୍ତି।

### ଟ୍ୟାଗ୍ ଫଟୋଗୁଡ଼ିକ କ'ଣ ହେବ

ଫେସ୍‌ବୁକ୍‌ର ଜଣେ ମୁଖପାତ୍ରଙ୍କ ମତରେ ଫେସିଆଲ ଟେକ୍ନୋଲୋଜି ବ୍ୟବହାର କରି ପୂର୍ବରୁ ଟ୍ୟାଗ୍ କରାଯାଇଥିବା ଫଟୋ ବା ଭିଡିଓଗୁଡ଼ିକରେ କିଛି ପରିବର୍ତ୍ତନ କରାଯିବ ନାହିଁ। ସେହିପରି ସେଥିରେ ଭବିଷ୍ୟତରେ ମଧ୍ୟ ଟ୍ୟାଗ୍ କରିବା ପାଇଁ ପରାମର୍ଶ ଦିଆଯିବ ନାହିଁ। ଲୋକେ ନିଜର ଫଟୋ ଓ ଭିଡିଓ ସହ ଟେକ୍ସଟ୍ ଆଡ୍ କରିପାରିବେ। ତେବେ ଫେସ୍‌ବୁକ୍ ସେମାନଙ୍କୁ ନିଜ ଆଡୁ କିଛି ସଜେଷ୍ଟ କରିବ ନାହିଁ।



## ଆମେରିକାରେ ପେଗାସସ୍ ନିର୍ମାଣକାରୀ ଏନ୍‌ଏସ୍‌ଓ କଳା ତାଲିକାଭୁକ୍ତ

**ୱାଶିଂଟନ୍, ୩।୧୧:** ବିଶ୍ୱବ୍ୟାପୀ ଝଡ଼ ସୃଷ୍ଟି କରିଥିବା ଇସ୍ରାଏଲର ପେଗାସସ୍ ସ୍ପାଏୱେର ପ୍ରସ୍ତୁତକର୍ତ୍ତା ଏନ୍‌ଏସ୍‌ଓ ଗ୍ରୁପ୍‌କୁ ବୁଧବାର ଆମେରିକା କଳା ତାଲିକାଭୁକ୍ତ କରିଛି। ଗତ ଜୁଲାଇ ୧୮ରେ ପେଗାସସ୍ ଗୁପ୍ତଚରଗିରି ସାମ୍ନାକୁ ଆସିଥିଲା। ଭାରତ ଓ ଆମେରିକା ସମେତ ବିଭିନ୍ନ ଦେଶର ଖବରଦାତା, ଆକ୍ଟିଭିଷ୍ଟ, ବିଚାରପତି, ମାନବାଧିକାର କର୍ମୀ, ରାଜନେତାଙ୍କ ଗୁପ୍ତଚରଗିରି ପାଇଁ ଲଗାଯାଇଥିବା ନେଇ ନ୍ୟୁଜ୍ ଆଉଟ୍‌ଲେଟଗୁଡ଼ିକ ପକ୍ଷରୁ ବିଶ୍ୱବ୍ୟାପୀ ରିପୋର୍ଟ କରାଯାଇଥିଲା। ଆମେରିକା ବାଣିଜ୍ୟ ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏଭଳି ଉପକରଣଗୁଡ଼ିକ ବିଦେଶୀ ସରକାରମାନଙ୍କ ପାଇଁ ବିରୋଧୀଙ୍କ ମୁହଁ ବନ୍ଦ ଲାଗି ଦମନର ଅସ୍ତ୍ର ପାଲଟିଛି।

## ବସ୍ ଦୁର୍ଘଟଣାରେ ୨୩ ମୃତ

**ମୁଜାଫରାବାଦ, ୩।୧୧**

ପାକିସ୍ତାନ୍ ଅଧିକୃତ କଶ୍ମୀରର ମୁଜାଫରାବାଦ୍‌ଠାରେ ବୁଧବାର ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ଅନ୍ୟୁନ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୪୦ ଯାତ୍ରୀଙ୍କୁ ନେଇ ବସ୍‌ଟି ରାୱଲପିଣ୍ଡି ଅଭିମୁଖେ ଯାଉଥିବାବେଳେ ଏକ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଖାଇକୁ ଖସିପଡ଼ିଥିଲା।

# ଭବିଷ୍ୟତ ଆମେ ଗଢ଼ିବୁ

## ବିଶ୍ୱ ନେତାଙ୍କ ଉପରେ ବର୍ଷିଲେ ବିନିଶା

ଜଳବାୟୁରେ ବିପଜ୍ଜନକ ପରିବର୍ତ୍ତନ ରୋକିବାରେ ବିଶ୍ୱ ନେତା ବିଫଳ ହୋଇଥିବା କହି ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀରେ ସେମାନଙ୍କ ଉପରେ ବର୍ଷିଛନ୍ତି ୧୫ ବର୍ଷୀୟା ଭାରତୀୟ ଛାତ୍ରୀ ବିନିଶା ଉମାଶଙ୍କର। 'ଇକୋ ଓସ୍କାର' ଭାବେ ଜଣାଶୁଣା ଆର୍ଥଶଟ୍ ପୁରସ୍କାରପ୍ରାପ୍ତ ତାମିଲନାଡୁ ଝିଅ ବିନିଶା କହିଥିଲେ, ପୃଥିବୀର ସୁରକ୍ଷା ପାଇଁ ଗ୍ଲୋବାଲ ଲିଡରମାନେ କେବଳ କଥା କହୁଛନ୍ତି। ବିଶ୍ୱ ନେତାଙ୍କ ମିଥ୍ୟା ପ୍ରତିଶ୍ରୁତିରେ ତାଙ୍କ ପିଢି ଅସନ୍ତୁଷ୍ଟ ଏବଂ କ୍ଷୁବ୍ଧ। ଏବେ ଆମ ଗ୍ରହକୁ



ବଞ୍ଚାଇବା ପାଇଁ କାର୍ଯ୍ୟ କରି ଦେଖାଇବାର ସମୟ। ଏଣିକି ଆଉ ପ୍ରତିଶ୍ରୁତି ଉପରେ ନିର୍ଭର ନ କରି ସେମାନେ ନିଜେ ନିଜର ଭବିଷ୍ୟତ ଗଢ଼ିବେ ବୋଲି ବିନିଶା କହିଥିଲେ। ଜଳବାୟୁ ସମ୍ମିଳନୀର କ୍ଲିନ୍ ଟେକ୍ନୋଲୋଜି ଏବଂ ଇନୋଭେସନ୍ ପ୍ରସଙ୍ଗ ଉପରେ ଏକ ସଭାରେ ଭାଷଣ ଦେବା ପାଇଁ ବ୍ରିଟେନ ପ୍ରିନ୍ସ ୱିଲିୟମ୍ ବିନିଶାଙ୍କୁ ନିମନ୍ତ୍ରଣ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ସମେତ ଅନ୍ୟ ବିଶ୍ୱ ନେତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବିନିଶା ସୌରଚାଳିତ ଆଇରନିଂ କାର୍ଟ ପ୍ରୋଜେକ୍ଟ ପାଇଁ ପ୍ରିନ୍ସ ୱିଲିୟମଙ୍କ କାର୍ଯ୍ୟକ୍ରମରେ ଆର୍ଥଶଟ୍ ପୁରସ୍କାର ପାଇଥିଲେ।

# ଏୟାର ସ୍ପେସ୍ ଦେବାକୁ ମନାକଲା ପାକ୍

## ଶ୍ରୀନଗର-ଶାର୍‌ଜା ବିମାନ ଚଳାଚଳ

**ନୂଆଦିଲ୍ଲୀ, ୩।୧୧**

ଜମ୍ମୁ-କଶ୍ମୀରର ଶ୍ରୀନଗରରୁ ଶାର୍‌ଜା ପର୍ଯ୍ୟନ୍ତ 'ଗୋ ଫାଷ୍ଟ' ବିମାନ ଚଳାଚଳ ପାଇଁ ନିଜ ଆକାଶମାର୍ଗ ବ୍ୟବହାର ପାଇଁ ପାକିସ୍ତାନ ମନା କରିଦେଇଛି। ପାକ୍‌ର ଏହି ନିଷ୍ପତ୍ତି ଯୋଗୁ ଅହମଦାବାଦ୍‌ର ଉଦୟପୁର ଏବଂ ଓମାନ୍ ଦେଇ ଶ୍ରୀନଗରରୁ ଶାର୍‌ଜା ଯିବାକୁ ଅଧିକ ୧ ଘଣ୍ଟା ସମୟ ଲାଗିବ। ଏଥିସହ ଅତିରିକ୍ତ ଭଡ଼ା ମଧ୍ୟ ଦେବାକୁ ପଡ଼ିବ। ପାକିସ୍ତାନର ଏପରି କଟକଣାକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ୨୦୦୯-୧୦ରେ ମଧ୍ୟ ଶ୍ରୀନଗରରୁ ଦୁବାଇ ଯିବାକୁ ଇଣ୍ଡିଆ ଏକ୍ସପ୍ରେସ୍ ବିମାନକୁ ପାକିସ୍ତାନ ବାଟ ଛାଡ଼ି ନ ଥିଲା ବୋଲି ଅବଦୁଲ୍ଲା ଟୁଇଟ୍ କରିଛନ୍ତି।

୧୧ ବର୍ଷ ପରେ ଏହି ଉପତ୍ୟକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ ପାଇଁ ଗତ ଅକ୍ଟୋବର ୨୩ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶେଖ୍ ଉଲ୍-ଆଲମ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ଶ୍ରୀନଗର-ଶାରଜା ବିମାନର ଶୁଭାରମ୍ଭ କରିଥିଲେ। ସେତେବେଳେ ମଧ୍ୟ ପାକିସ୍ତାନ ଏହି ଅନୁମତି ଦେବାକୁ ନେଇ ପ୍ରଶ୍ନ ଉଠିଥିଲା। ଫ୍ଲାଇଟ ଉଡ଼ାଣ ପାଇଁ ପାକିସ୍ତାନଠାରୁ ଅନୁମତି ପାଇବା ନିମନ୍ତେ କେନ୍ଦ୍ର ସରକାର କୌଣସି ଉଦ୍ୟମ କରି ନ ଥିଲେ ବୋଲି ପିଡିପି ମୁଖ୍ୟ ତଥା ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି। ଭିତ୍ତିଭୂମି ପ୍ରସ୍ତୁତ ନ କରି କେବଳ ପ୍ରଚାର ପାଇଁ ଏପରି କରାଯାଇଥିବା କହି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ୨୦୦୯ ଫେବୃୟାରୀ ୧୪ରେ ପ୍ରଥମେ ଶ୍ରୀନଗର ବିମାନବନ୍ଦରରୁ ଦୁବାଇକୁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ତେବେ ଚାହିଦା ଅଭାବରୁ ତାହା ବନ୍ଦ ହୋଇଯାଇଥିଲା।

# ପ୍ରତି ଘରେ ଟିକା ପହଞ୍ଚାଅ

## ୪୦ ଜିଲାପାଳଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

**ନୂଆଦିଲ୍ଲୀ, ୩।୧୧:** ଦେଶବାସୀଙ୍କ ସମ୍ପୂର୍ଣ୍ଣ କରୋନା ଟିକାକରଣ ପାଇଁ ପ୍ରତି ଘରେ ଭାକ୍ସିନ ପହଞ୍ଚିବା ଅତ୍ୟନ୍ତ ଜରୁରୀ ବୋଲି ୪୦ରୁ ଅଧିକ ଜିଲାପାଳଙ୍କ ସହ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ମାଧ୍ୟମରେ ଦ୍ୱିତୀୟ ଡୋଜ୍ ନେଇ ନ ଥିବା ଲୋକଙ୍କର ମଧ୍ୟ ପୂର୍ଣ୍ଣ ଟିକାକରଣ ହୋଇପାରିବ। ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶହେ କୋଟି ଟିକା ଡୋଜ୍ ମାଇଲଖୁଣ୍ଟ ଅତିକ୍ରମ କରିବା ପରେ ଆମକୁ ଅଳସୁଆ ନ ହୋଇ ଅଧିକ ତତ୍ପରତାର ସହ ଟିକାକରଣକୁ ଶତପ୍ରତିଶତ ସଫଳ କରିବାକୁ ପଡ଼ିବ। ସଂକ୍ରମଣର ଭୟାବହତାକୁ ଅଣଦେଖା ନ କରି ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବାକୁ ପଡ଼ିବ ବୋଲି ଜିଲା ପ୍ରଶାସନକୁ ସତର୍କ କରାଇଥିଲେ। ଇଟାଲୀ ଏବଂ ଗ୍ଲାସ୍‌ଗୋ ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ଏହି ବୈଠକ କରିଥିଲେ। ୫୦ ପ୍ରତିଶତରୁ କମ୍ ଟିକାକରଣ ହୋଇଥିବା ଝାଡ଼ଖଣ୍ଡ, ମଣିପୁର, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ ସମେତ ଅନ୍ୟ ରାଜ୍ୟଗୁଡ଼ିକର ୪୦ରୁ ଅଧିକ ଜିଲାର ଜିଲାପାଳ ଏଥିରେ ସାମିଲ ହୋଇଥିଲେ। କରୋନା ସହ ଲଢ଼ିବା ପାଇଁ ଅଧିକରୁ ଅଧିକ ସଚେତନତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଜିଲାପାଳମାନେ ସେମାନଙ୍କ ଅଞ୍ଚଳରେ ଟିକାକରଣରେ ଉପୁଜୁଥିବା ସମସ୍ୟା ବାବଦରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ନୂଆ କୌଶଳ ଓ ଉପାୟ ଆପଣାଇ ସମ୍ପୃକ୍ତ ଅଞ୍ଚଳରେ ଶତ ପ୍ରତିଶତ ଟିକାକରଣ ସଫଳ କରାଇବାକୁ ମୋଦି ଜିଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସମେତ ଉକ୍ତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ

**ବୋଲଗଡ,୩।୧୧(ଡି.ଏନ୍.ଏ.):** ସ୍ଥାନୀୟ ମା' ଭୂୟାଁଣୀଙ୍କ ପୀଠରେ ବୋଲଗଡ଼ ବ୍ଲକ କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଓ ସାଂଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ବିଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲା କଂଗ୍ରେସର ଉପସଭାପତି ପ୍ରଦୀପ ସାହୁ ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରିବା ସହ ସମସ୍ତ କର୍ମୀମାନେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳକୁ କ୍ଷମତାକୁ ଆଣିବାକୁ ହେଲେ ସ୍ଥାନୀୟ ସମାସ୍ୟା ସମାଧାନ ଓ ନୂତନ ଭୋଟରଙ୍କୁ ଦଳପ୍ରତି ଆକର୍ଷିତ କରିବା ଦିଗରେ ପ୍ରସ୍ତୁତ ରହିବାକୁ ସଭାପତି ପ୍ରଧାନ କର୍ମୀମାନଙ୍କୁ କର୍ଣ୍ଣମନ୍ତ୍ର ଦେଇଥିଲେ। ବୈଠକରେ ଉମେଶ ମହାପାତ୍ର, ପ୍ରଭାତ ପରିଡା, ଧୀରେଶ ମହାପାତ୍ର, ବ୍ରଜକିଶୋର ପାତ୍ର, ବିଜୟ ସେଠୀ, ନବଘନ ମଲ୍ଲିକ, ଯୋଗୀ ଶ୍ରୀଚନ୍ଦନ, ପ୍ରସନ୍ନ ମହାପାତ୍ର, ମୋଜ ଖାଁ, ନବକିଶୋର ପଣ୍ଡା, ତପନ ପଟ୍ଟନାୟକ, ଛବି ମହାନ୍ତିଙ୍କ ସମେତ ବୋଲଗଡ, ଖଙ୍ଗୁରିଆ, ଡାବରଧୁଆ, କଳାଙ୍ଗ, ମାଣିକାଗୋଡା ଓ ଫାସିଓଦା ଆଦି ପଞ୍ଚାୟତର ଶତାଧିକ କର୍ମୀ ଓ ନେତା ଯୋଗଦେଇଥିଲେ।

### ଆୟୁର୍ବେଦ ଜଗତକୁ ଧନ୍ୱନ୍ତରିଙ୍କ ଅବଦାନ ଅନନ୍ୟ

**ଖୋର୍ଦ୍ଧା ଅଫିସ,୩।୧୧ :** ଖୋର୍ଦ୍ଧା ଜିଲା ଧନ୍ୱନ୍ତରି ଜୟନ୍ତୀ ପାଳନ ସମିତି ଏବଂ ଅଖିଳ ଭାରତୀୟ ଆୟୁର୍ବେଦ ସେବାସଂଘର ମିଳିତ ଆନୁକୂଲ୍ୟରେ ଦେବବୈଦ୍ୟ ଧନ୍ୱନ୍ତରୀଙ୍କ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଆୟୁର୍ବେଦ ସେବାସଂଘର କେନ୍ଦ୍ରୀୟ ସଭାପତି ପ୍ରଫେସର ଡ.ଯୋଗେଶ ଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆୟୁର୍ବେଦ ଜଗତକୁ ଧନ୍ୱନ୍ତରୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ରାଜଗୁରୁ, ନାରାୟଣ ଦାସ, ଡା.ଚପଳା ପଣ୍ଡା, କୃଷ୍ଣଚନ୍ଦ୍ର ହରିଚନ୍ଦନ, ସୌଦାମିନୀ ପଟ୍ଟନାୟକ, ଅନସୂୟା ସାମନ୍ତରାୟ, ଇଂ.ମାଳବିକା ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ରଶ୍ମିରଞ୍ଜନ ପରିଜା ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନର ଚିକିତ୍ସା ସେବା

**ବୋଲଗଡ,୩।୧୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ସାନବାଡ଼ ଗ୍ରାମର ସିନେ ଶ୍ରମିକ ଅନୁଷ୍ଠାନ 'ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନ' ଆନୁକୂଲ୍ୟରେ ଏକ ମାଗଣା ଚିକିତ୍ସା ସେବା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ଶ୍ରମ ନିୟୋଜନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପକ୍ଷରୁ ଏକ ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ମାଧମରେ ସ୍ଥାନୀୟ ତଥା ଆଖପାଖ ଗ୍ରାମରୁ ଶତାଧିକ ରୋଗୀ ମାଗଣା ଚିକିତ୍ସା ସେବା କରିବା ସହ ଔଷଧ ଗ୍ରହଣ କରିଥିଲେ। ସିନେ ୱାର୍କର୍ସ ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡ. ଏସ୍.ଏସ୍ ମୁକରମ, ଫାର୍ମାସିଷ୍ଟ ଅନ୍ନପୂର୍ଣ୍ଣା ମଲ୍ଲିକ, ସରୋଜ ମିଶ୍ର ଓ ଡ୍ରେସର ନାରାୟଣ ବେହେରା ପ୍ରମୁଖ ଯୋଗଦେଇ ରୋଗୀ ଚିକିତ୍ସା କରିଥିଲେ। ଓଁ ପ୍ରକାଶ ମହାଦେବ ଓ ଆରତି ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁସ୍ଥ ପରେ ପୋଲିସ ହେପାଜତରେ ରୂପେଶ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**


ରୂପେଶ ପଣ୍ଡାଙ୍କ ଫାଇଲ୍ ଫଟୋ

**ଘରେ ପଶି ମା'ଝିଅଙ୍କୁ ଛୁରା ମାଡ଼ ଘଟଣା**

- ପଚରାଉଚରା ଜାରି
- ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ ସନ୍ଦେହ

ରାଜଧାନୀ ଚନ୍ଦ୍ରଶେଖରପୁର ଥାନା ଶୈଳେଶ୍ରୀ ବିହାର ଅଞ୍ଚଳରେ ସୋମବାର ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିବା ଘଟଣାକୁ ଇତିମଧ୍ୟରେ ୨ଦିନ ବିତିଛି। ହେଲେ ଆକ୍ରମଣ କରିଥିବା ରୂପେଶ ପଣ୍ଡା କେଉଁ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ରୂପେଶଙ୍କ ପରିବାର ଲୋକେ ଭିନ୍ନ କଥା କହୁଛନ୍ତି। ଅପରପକ୍ଷରେ ଆହତ ରୂପେଶ କ୍ୟାପିଟାଲ ହସ୍ପିଟାଲରୁ ବୁଧବାର ସୁସ୍ଥ ହୋଇ ଡିସ୍‌ଚାର୍ଜ ହେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପଚରାଉଚରା ସମୟରେ ଅଭିଯୁକ୍ତ ରୂପେଶ ପୂର୍ବ କଥାକୁ ଦୋହରାଉଛନ୍ତି। ଘଟଣା ଦିନ ସେ ଅଫିସ ଯାଉଥିବାବେଳେ ୩ଜଣ ଲୋକ ତାଙ୍କୁ ଅଟକାଇ ଏପରି ଆକ୍ରମଣ କରିବାକୁ ବାଧ କରିଥିଲେ ନଚେତ ସେମାନେ ତାଙ୍କୁ ଜୀବନରେ ମାରି ଦେଇଥାନ୍ତେ ବୋଲି ରୂପେଶ ବାରମ୍ବାର ପୋଲିସକୁ କହୁଛନ୍ତି। ପୋଲିସ ତାଙ୍କ କଥାକୁ ସନ୍ଦେହ କରୁଥିଲେ ବି ଆକ୍ରମଣର ପ୍ରକୃତ କାରଣ ଖୋଜିବାକୁ ତଦନ୍ତ ଜାରି ରଖିଛି। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ ଭିଜୁଆଲ୍ ଏଡିଟର କାମ କରନ୍ତି। ଅପରପକ୍ଷରେ ଆକ୍ରମଣର ଶିକାର ହୋଇଥିବା ଅନନ୍ୟା ମିଶ୍ର ତାଙ୍କୁ ଚିହ୍ନି ନ ଥିବା ପୋଲିସକୁ କହିଛନ୍ତି। ଅନନ୍ୟାଙ୍କ ଅଭିଯୋଗକ୍ରମେ ପୋଲିସ ରୂପେଶଙ୍କ ନାମରେ (ନଂ.୪୫୦/୨୧) ମାମଲା ରୁଜୁ କରି ଘଟଣା ପଛର ଖିଅ ଖୋଜିବାକୁ ଚେଷ୍ଟା କରୁଛି। ତେବେ ଅଭିଯୁକ୍ତ ରୂପେଶ ଲୁଟ୍ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନିରେ ରହୁନ୍ତି। ସୋମବାର ଦିନ ୧୨ଟା ୩୦ରେ ପଡ଼ୋଶୀ ରୂପେଶ ଏକ ମହିଳା ପୋଷାକ ପିନ୍ଧିବା ସହ ହେଲ୍‌ମେଟ୍ ଲଗାଇ ଏକ ଛୁରି ଓ ବନ୍ଧୁକ ନେଇ ସୁରେଶଙ୍କ ଘର ଭିତରକୁ ଯିବାକୁ କଲିଂ ବେଲ୍ ମାରିଥିଲେ। ଏହି ସମୟରେ ପ୍ରଫେସର ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। କବାଟ ଖୋଲୁ ଖୋଲୁ ରୂପେଶ ତାଙ୍କୁ ହଠାତ୍ ଛୁରିରେ ଆକ୍ରମଣ କରିଥିଲ। ସେ ଚିତ୍କାର କରି ମା'ଙ୍କୁ ଡାକିବାରୁ ସେ ତଳକୁ ଆସି ପ୍ରତିବାଦ କରିଥିଲେ। ଜୀବନ ବଞ୍ଚାଇବାକୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଆତ୍ମରକ୍ଷା କରିବାକୁ ଯାଇ ଅନନ୍ୟା ଓ ତାଙ୍କ ମା' ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ଆହତ ହୋଇ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଭିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ।

### ଅଭିଯୁକ୍ତଙ୍କ କଥାରେ ରହୁନି ତାଳମେଳ

ରୂପେଶଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିବାବେଳେ ତାଙ୍କ କଥା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ଏହି ମାମଲାରେ କୌଣସି ତଥ୍ୟ ପ୍ରମାଣ ବି ମିଳିପାରୁ ନାହିଁ। ରୂପେଶଙ୍କ ଉପରେ ସନ୍ଦେହ ହେଉଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ସହ ପ୍ରମାଣ ଯୋଗାଡ଼ ଚାଲିଛି। ପ୍ରମାଣକୁ ଭିତ୍ତିକରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**-ଉମାଶଙ୍କର ଦାଶ, ଡିସିପି**



ଦୀପାବଳି ଉପଲକ୍ଷେ ପୁରୀ ସମୁଦ୍ର ବେଳାଭୂମିରେ ବୁଧବାର ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

### ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍

**ଯାଁଳା,୩।୧୧(ଡି.ଏନ୍.ଏ.)**

୧୬ ନଂ ଜାତୀୟ ରାଜପଥର ପିତାପଲ୍ଲି ନିକଟରୁ ବୁଧବାର ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନ ଓ ଭ୍ୟାନିଟି ୨ଜଣ ଦୁର୍ବୃତ୍ତ ଲୁଟି ନେଇଯାଇଛନ୍ତି। ନେଇଥିବା ଜଣାପଡିଛି। ଲୁଟର ଶିକାର ହୋଇଥିବା ମହିଳା ହେଲେ ଜଟଣୀ ଥାନା ଅନ୍ତର୍ଗତ ବଡ଼ ରଘୁନାଥପୁର ଗ୍ରାମର ପ୍ରତିମା ବେହେରା। ସୂଚନା ଅନୁସାରେ ଅପରାହ୍ନରେ ପ୍ରତିମା ତାଙ୍କ ସ୍ୱାମୀଙ୍କ ସହ ଏକ ବାଇକ୍‌ରେ ଖୋର୍ଦ୍ଧାରୁ ନିଜ ଗାଁ ବଡ ରଘୁନାଥପୁର ଫେରୁଥିଲେ। ପିତାପଲ୍ଲି ନିକଟରେ ପହଞ୍ଚିବା ବେଳେ ପଛରୁ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍ ଯୋଗେ ଆସି ପ୍ରତିମାଙ୍କ ବେକରୁ ସୁନା ଚେନ ଓ ଭ୍ୟାନିଟି ବ୍ୟାଗ ଝାମ୍ପିଥିଲେ। କିନ୍ତୁ ପ୍ରତିମା ଛାଡ଼ି ନ ଥିଲେ, ହେଲେ ଜଣେ ଦୁର୍ବୃତ୍ତ ବ୍ୟାଗଟିକୁ ଜୋରରେ ଟାଣିଦେବାରୁ ପ୍ରତିମା ଗାଡିରୁ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଭ୍ୟାନିଟି ଭିତରେ ପ୍ରାୟ ୪/୫ ହଜାର ଟଙ୍କା ଥିଲା ବୋଲି ପ୍ରତିମାଙ୍କ ସ୍ୱାମୀ କହିଛନ୍ତି।

### କୁଜି ହରିଣ ମୃତ

**ବାରଙ୍ଗ,୩।୧୧(ଡି.ଏନ୍.ଏ.)**

ନନ୍ଦନକାନନର ୬୭ନଂ ଏନକ୍ଲୋଜରରେ ଥିବା ୮ମାସର ଏକ କୁଜି ହରିଣ ବୁଧବାର ମୃତ୍ୟୁବରଣ କରିଛି। କୁଜି ହରିଣଟି ସକାଳେ ଖାଇ ସାରି ବୁଲାବୁଲି କରୁଥିବାବେଳେ ହଠାତ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବରପାଇ ଡାକ୍ତରମାନେ ଆସି ଆହତ କୁଜି ହରିଣକୁ ଚିକିତ୍ସା ଆରମ୍ଭ କରିଥିଲେ। କିନ୍ତୁ ଅପରାହ୍ନରେ ଚିକିତ୍ସାଧୀନ ଥିବା ହରିଣଟି ମୃତ୍ୟୁବରଣ କରିଥିଲା।

## ବାଣ ଦୋକାନରେ ଚଢ଼ାଉ: ୯ ଗିରଫ

**ଖୋର୍ଦ୍ଧା ଅଫିସ,୩।୧୧**

**୨.୪୫ ଲକ୍ଷ ଟଙ୍କାର ସାମଗ୍ରୀ ଜବତ**

ଦୀପାବଳିରେ କେବଳ ସବୁଜ ବାଣ ଫୁଟାଇବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶର ଉଲ୍ଲଂଘନ ଅଭିଯୋଗ ପରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବାଣ ତିଆରି କାରଖାନା, ଗୋଦାମ ଉପରେ ଚଢାଉ କରାଯାଇଛି। ବାଣ, ବାରୁଦ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୫ ହଜାର ଟଙ୍କା ହେବ। ବେଆଇନ ବାଣ ବ୍ରିକି ଅଭିଯୋଗରେ ୯ଜଣଙ୍କୁ ଗିରଫ କରାଯାଇଛି।

ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ଉପରସାହିର ପ୍ରଦୀପ କୁମାର ନାୟକ। ତାଙ୍କ ଠାରୁ ୧୦ହଜାର ଟଙ୍କାର ବାଣ ଜବତ ହୋଇଛି। ଏନେଇ ଏକ ମାମଲା (ନଂ. ୪୪୩/୨୧) ରୁଜୁ କରାଯାଇଛି। ସେହିପରି ବେଗୁନିଆ ଥାନା ଅଧୀନ ବେଗୁନିଆର ସନ୍ତୋଷ କୁମାର ସାହୁ ଏବଂ ବଡବେରଣା ଗ୍ରାମର କୁଞ୍ଜବିହାରୀ ସାହୁଙ୍କୁ ପୋଲିସ ଗିରଫ କରିଛି। ଉଭୟଙ୍କ ଠାରୁ ୩୦ହଜାର ଟଙ୍କାର ବାଣ ଜବତ ହୋଇଛି। ଏନେଇ ୨ଟି ପୃଥକ ମାମଲା (ନଂ. ୨୧୭/୨୧ ଏବଂ ୨୧୮/୨୧) ରୁଜୁ ହୋଇଛି। ବୋଲଗଡ଼ ଥାନା ଅଧୀନ ପନ୍ଦର ଦୋଳପଡ଼ିଆ ଗ୍ରାମର ଭିକାରୀ ପୃଷ୍ଟି ଓ କବିନ୍ଦ୍ର କୁମାର ପୃଷ୍ଟିଙ୍କୁ ଗିରଫ କରାଯାଇଛି। ଉଭୟଙ୍କଠାରୁ ପୋଲିସ ବିପୁଳ ବାଣ ଓ ବାରୁଦ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ। ଏନେଇ ପୃଥକ ମାମଲା (ନଂ. ୧୮୬/୨୧ ଓ ୧୮୭/୨୧) ରୁଜୁ ହୋଇଛି। ବାଘମାରି ଥାନା ଅଧୀନ କୋଟପଲ୍ଲା ଗ୍ରାମର ରାଜକିଶୋର ବାରିକ ଓ ଲେଖନପୁର ଗ୍ରାମର ପବିତ୍ର ସାହୁଙ୍କୁ ଗିରଫ କରାଯାଇଛି। ଉଭୟଙ୍କଠାରୁ ୪୫ହଜାର ଟଙ୍କା ବାଣ ଜବତ ହୋଇଛି। ଏନେଇ ପୃଥକ ମାମଲା (ନଂ. ୧୦୦/୨୧ ଓ ୧୦୧/୨୧) ରୁଜୁ କରାଯାଇଛି। ବାଣପୁର ଥାନା ଅଧୀନ ଅଲାଇଡିହ ପାଟଣା ଗ୍ରାମର ସତୀଶ କୁମାର ପଣ୍ଡା ଓ ସୋମନାଥ ଜେନାଙ୍କୁ ଗିରଫ କରାଯାଇଛି। ଉଭୟଙ୍କଠାରୁ ପ୍ରାୟ ୧ଲକ୍ଷ ୧୦ ହଜାର ଟଙ୍କାର ବାଣ ଓ ବିସ୍ଫୋରକ ଜବତ ହୋଇଛି। ଏନେଇ ବାଣପୁର ଥାନାରେ ପୃଥକ ମାମଲା (ନଂ. ୩୯୦/୨୧ ଓ ୩୯୧/୨୧) ରୁଜୁ ହୋଇଛି।

## ଚଢ଼ାଉ ଭୟରେ ବଜାରରୁ ବାଣ ଉଭାନ

**ଖୋର୍ଦ୍ଧା ଅଫିସ, ୩।୧୧**

ଦୀପାବଳିରେ କେବଳ ସବୁଜ ବାଣ ଫୁଟାଇବାକୁ ଉଚ୍ଚ ନ୍ୟାୟାଳୟ ଅନୁମତି ଦେଇଛନ୍ତି। ତେବେ ସବୁଜ ବାଣକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ରହିଛି। ସେହିପରି ଚଢ଼ାଉ ଭୟରେ ବାଣ ଦୋକାନ ଦେଖିବାକୁ ମିଳୁନାହିଁ। ଫଳରେ ଗ୍ରାହକଙ୍କୁ ନିରାଶ ହେବାକୁ ପଡ଼ିଛି। ଏ ନେଇ କଂଗ୍ରେସ ନେତା ଶିଶିର ପରିଡ଼ା କହିଛନ୍ତି, ହାଇକୋର୍ଟ ସବୁଜ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ସବୁଜ ବାଣ କ'ଣ, ତାହା ଅଧିକାଂଶ ଲୋକେ ଜାଣିନାହାନ୍ତି। ପୋଲିସ ଚଢାଉ ଭୟରେ ବଜାରରେ ବାଣ ନାହିଁ। ସରକାର ଏ ସମ୍ପର୍କରେ ପୂର୍ବରୁ ଜନସାଧାରଣଙ୍କୁ ଅବଗତ କରିବାର ଥିଲା। ସେହିଭଳି ଆଇନଜୀବୀ ପବିତ୍ର ମୋହନ ରାଜଗୁରୁଙ୍କ ମତରେ ଚଳିତବର୍ଷ ସବୁଜ ବାଣକୁ ଅନୁମତି ମିଳିଥିଲେ ମଧ୍ୟ ବଜାରରେ ବାଣ କିଣାକୁ ନେଇ ଅସୁବିଧା ହେଉଛି। ପରିବେଶବିତ ଧନେଶ୍ୱର ବିଧାରଙ୍କ ମତରେ ପରିବେଶ ଅନୁକୂଳ ସବୁଜ ବାଣ ଅନ୍ୟ ବାଣ ତୁଳନାରେ କମ୍ ପ୍ରଦୂଷଣ କରିଥାଏ। ଏଥିରେ କମ୍ ମାତ୍ରାରେ ରାସାୟନିକ ପଦାର୍ଥ ମିଶିଥାଏ। ଶବ୍ଦଭେଦି ବାଣ ଯୋଗୁ ପଶୁମାନେ ଅଧିକ ଭୟଭୀତ ହୋଇଥାନ୍ତି। ଏଣୁ ପରିବେଶ ଅନୁକୂଳ ବାଣ ଫୁଟାଇବା ଉଚିତ। ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବାଣ ଦୋକାନରେ ଚଢାଉ କରାଯାଉଛି। ବିନା ଅନୁମତିରେ ବାଣ ବିକ୍ରି ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ଥାନା ଅଞ୍ଚଳରେ ଚଢ଼ାଉ କଡ଼ାକଡ଼ି କରାଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢୀ, କରୋନା ସମୟରେ ବାୟୁ ପ୍ରଦୂଷଣ ରୋକିବା ଲାଗି ରାଜ୍ୟ ସରକାର ବାଣ ଫୁଟାଇବା ଉପରେ କଟକଣା ଲଗାଇଛନ୍ତି। ହାଇକୋର୍ଟ ମଧ୍ୟ ପରିବେଶ ଅନୁକୂଳ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁନନ୍ଦା


@ ଦୁର୍ଗାମାଧବ


@ ସାଗର


@ ଭରତ


@ ଶୁଭଦର୍ଶିନୀ


@ ଦୀପକ୍

## ଚିଲିକା ଦଳପୂର୍ଣ୍ଣ, ଲଞ୍ଚ ସେବା ବାଧାପ୍ରାପ୍ତ

**କୃଷ୍ଣପ୍ରସାଦ,୩।୧୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତକୁ ୩ପାର୍ଶ୍ୱରୁ ଚିଲିକା ଏବଂ ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଘେରି ରହିଥିବାବେଳେ ଜଳପଥ ଏକମାତ୍ର ଯାତାୟାତର ସାହା ଭରସା। ହେଲେ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଚିଲିକାରେ ଏବେ କଟକି ଦଳ ଚାରିଆଡ଼େ ମାଡ଼ିଯାଇଛି। ଫଳରେ ବାଲୁଗାଁଠାରୁ କୃଷ୍ଣପ୍ରସାଦକୁ ଯାତାୟାତ କରୁଥିବା ଜଳପଥ ପରିବହନ ସେବା ଓ ଯାତ୍ରୀବାହୀ ଲଞ୍ଚ ସେବା ଗତ ଦୁଇ ଦିନ ଧରି ଚଳାଚଳ ବନ୍ଦ ରହିଛି। କିଛିଦିନ ତଳେ ଏହି ଦଳ ଯୋଗୁ ଗଞ୍ଜାମ ଜିଲାର ଏକ ମତ୍ସ୍ୟଜୀବୀ ପରିବାର ଡଙ୍ଗାରେ ମାଛ ମାରିବାକୁ ଆସି ୩ଦିନ ଧରି ଜଳବନ୍ଦୀ ଥିଲେ।

ଖବରପାଇ ମାଲୁଦ ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିଲେ। ସେହିଭଳି ଯାତ୍ରୀବାହୀ ଲଞ୍ଚ ମଧ୍ୟ ଦଳରେ ଅଟକିବା ଯୋଗୁ ବାଲୁଗାଁଠାରୁ ଏକ ଲଞ୍ଚ ଆସି ତାକୁ ଉଦ୍ଧାର କରିଥିଲା। ଏହି ଦଳ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଲଞ୍ଚ ଚଳାଚଳରେ ବାଧାପ୍ରାପ୍ତ ହେଉଛି। ଯାହାଦ୍ୱାରା ଲୋକଙ୍କର ବାହାର ସହିତ ଯୋଗାଯୋଗରେ ସମସ୍ୟା ଉପୁଜିଛି। ସେହିଭଳି ମତ୍ସ୍ୟଜୀବୀମାନେ ଚିଲିକାକୁ ଆସିବାକୁ ଭୟ କରନ୍ତି। ଏ ନେଇ ଜଳପଥ ପରିବହନ ବିଭାଗର ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ପଚାରିବାରେ ସେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଜଣାଇଥିବା କହିଛନ୍ତି।

ଚିଲିକାରୁ ଉକ୍ତ ଦଳ ଉଦ୍ଧାର ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବା ସହିତ ଖୁବ୍‌ଶୀଘ୍ର ଲଞ୍ଚ ଚଳାଚଳ କରିବା ନିମନ୍ତେ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର ବିଶ୍ୱାଳ, ଅବସରପ୍ରାପ୍ତ ସେନା ଜଗଦେଶ୍ୱର ପ୍ରଧାନ, କୁମାର ସିଂହ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ବାଉରୀବନ୍ଧୁ ଦଳେଇ, ନାଲୁ ପାହାଣ, ଗୋଲଖ ଭାରିମଲ୍ଲ, ଟିଟୁ ବିଶ୍ୱାଳ, ସୀମାଞ୍ଚଳ ନାୟକ ପ୍ରମୁଖ ଦାବି କରିଛନ୍ତି। ସରକାର ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ପ୍ରଦୁଷଣମୁକ୍ତ ଦୀପାବଳି ପାଳନ ପାଇଁ ବୁଧବାର କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।



ଦର ବୃଦ୍ଧି ପ୍ରତିବାଦରେ ବୁଧବାର ସିପିଆଇ(ଏମ୍) ପକ୍ଷରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


ଶ୍ରୀମନ୍ଦିର ଚାରିଦ୍ୱାରରେ ପୁରୀ ସହରବାସୀଙ୍କୁ ପ୍ରବେଶ ଅନୁମତି ଦେବା ଦାବିରେ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

## ଶିଶୁପୁତ୍ର ସମେତ ୩ ଗୁରୁତର

ତିଗିରିଆ,୩।୧୧(ଡି.ଏନ.ଏ.)

କଟକ ଜିଲା ତିଗିରିଆ ଥାନା ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡା ଗାଁରେ ବୁଧବାର ମଧ୍ୟାହ୍ନ ୧୨ଟାରେ ବେଆଇନ ଭାବେ ବାଣ ତିଆରି ବେଳେ ବିସ୍ଫୋରଣ ଘଟିଛି। ଏଥିରେ ପରିବାର ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଘରଟି ଭାଙ୍ଗି ଯାଇଛି। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ହୋଇଥିବା ଜେଜେ, ଜେଜେ ମା' ଓ ନାତିଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ବାଣେଶ୍ୱରପଡା ଗାଁର ବୀରବର ସ୍ୱାଇଁ (୫୦) ଘର ଭିତରେ ତାଳ ଫୋଟକା ଓ କାଗଜ ବାଣ ତିଆରି ପାଇଁ ବାରୁଦ ଭାଗ କରୁଥିଲେ। ଏହି ସମୟରେ ପୁଅର ପୁଅ (ନାତି) ଅଂଶୁମାନ (୩) ହେମଦସ୍ତା ଛେଚାଟିକୁ ଧରିଥିଲେ। ଏହା ଅଂଶୁମାନଙ୍କ ହାତରୁ ଖସି ବାରୁଦ ଭାଗ ମସଲା ଉପରେ ପଡିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ବୀରବରଙ୍କ ଛାତିଠାରୁ ମୁହଁ ପର୍ଯ୍ୟନ୍ତ ଓ ନାତି ଅଂଶୁମାନର ସମ୍ପୂର୍ଣ୍ଣ ଦେହ ପୋଡି ଯାଇଛି। ପାଖରେ ଥିବା ବୀରବରଙ୍କ ସ୍ତ୍ରୀଙ୍କ ଦେହର କେତେକ ଅଂଶ ପୋଡି ଯାଇଛି।

ଏ ନେଇ ଥାନାରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କ ଅଭିଯୋଗକ୍ରମେ ନଂ. ୧୫୯/୨୧ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ବନ ବିହାରୀ ପ୍ରଧାନ କହିଛନ୍ତି। ପରେ ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବାଣେଶ୍ୱରପଡା ଓ ପୁରୁଣାତିଗିରିଆ ଗାଁରେ ଚଢ଼ାଉ କରାଯାଇଥିଲା। ଏହି ଦୁଇ ଗାଁରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ସୂଚନାଯୋଗ୍ୟ, ତିଗିରିଆ ଥାନାର ପୁରୁଣାତିଗିରିଆ ଓ ବାଣେଶ୍ୱରପଡା ବାଣ ତିଆରି ପାଇଁ ପ୍ରସିଦ୍ଧି ଲାଭ କରିଛି। କରୋନାକୁ ଦୃଷ୍ଟିରେ ରଖି ଦୀପାବଳିର କେବଳ ସବୁଜ ବାଣ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ବେଆଇନ ଭାବେ ଫୋଟକା ବାଣ ତିଆରି ଚାଲିଥିବା ବେଳେ ପୋଲିସ ଓ ତହସିଲ ପ୍ରଶାସନର ନଜର କିପରି ପଡିଲା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ବାଣ ଦୀପାବଳି ପାଇଁ ତିଆରି ହେଉଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।


ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର।

## ସଂକ୍ଷେପରେ

### ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲା**

**ଖୋର୍ଦ୍ଧା ଅଫିସ,୩।୧୧:** ଅଧିକ ଯୌତୁକ ଦାବିକରି ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲାର ରାୟ ୭ବର୍ଷ ପରେ ବଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ସମର ବିଳାସ ବେହେରା ୪୯୮(କ) ୩୦୨/୩୦୪(ଖ)/୪୦୬ ଯୌତୁକ ନିରୋଧ ଧାରା ଅନୁଯାୟୀ ଅଭିଯୁକ୍ତ ସ୍ୱାମୀ ବେଗୁନିଆ ଥାନା ତଣ୍ଡାଲ ସରୋଜ କୁମାର ସୁବୁଦ୍ଧିଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ସୂଚନା ଅନୁଯାୟୀ, ବେଗୁନିଆ କଣ୍ଟାବାଡ ଗ୍ରାମର ମମତା ରାଣୀ ପାଣିଗ୍ରାହୀ ବେଗୁନିଆ ଅଞ୍ଚଳର ସରୋଜ କୁମାର ସୁବୁଦ୍ଧିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ କନ୍ୟାପକ୍ଷ ନଗଦ ଟଙ୍କା, ସମସ୍ତ ଆସବାବପତ୍ର ଦେଇଥିଲେ। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ମମତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଗତ ୨୦୧୪ ଅଗଷ୍ଟ ୨୦ ତାରିଖ ରାତିରେ ସରୋଜ ଓ ତାଙ୍କ ପରିବାର ସଦସ୍ୟ ଯୋଜନାବଦ୍ଧ ଭାବେ ମମତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ତେବେ ସରୋଜ ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦେଇଥିବା ମମତାଙ୍କ ଭାଇ ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିଲେ। ବେଗୁନିଆ ପୋଲିସ ହତ୍ୟା ମାମଲା ରୁଜୁ କରି ସରୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି।

### ୮ରୁ ୩ଦିନ ଯାଏ ଚିଲିକା ଘେରି ଉଚ୍ଛେଦ

**ପୁରୀ ଅଫିସ,୩।୧୧:** ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଲାଗି ବୁଧବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗଠିତ ଟାସ୍କଫୋର୍ସର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଭାଷ ଚନ୍ଦ୍ର ନାଥଶର୍ମା ଅଧକ୍ଷତା କରିଥିଲେ। ଘେରି ଉଚ୍ଛେଦ କରିବାକୁ ପ୍ରଶାସନ କଡ଼ା ନିଷ୍ପତ୍ତି ନେଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଘେରି ଉଚ୍ଛେଦ ପାଇଁ ପୂର୍ବରୁ ଚିଲିକା ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କୁ ନୋଟିସ ଦିଆଯାଇଥିଲେ ମଧ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ଏଣୁ ପ୍ରଶାସନ ବଳପୂର୍ବକ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିବ। ଆସନ୍ତା ୮, ୯ ଓ ୧୦ ତାରିଖରେ ଉଚ୍ଛେଦ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲା ମସ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବାରମ୍ବାର ଉଚ୍ଛେଦ ସତ୍ତ୍ୱେ ପ୍ରଶାସନକୁ ସହଯୋଗ ନ କରି ଲୋକେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରୁଛନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ମସ୍ୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପଜିଲାପାଳ ଭବତାରଣ ସାହୁ, କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ, ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡ଼େଇ, ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ବିଭାଗୀୟ ଅଧିକାରୀ ଏବଂ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଥାନା ଅଧିକାରୀ ଉପସ୍ଥିତ ଥିଲେ।

### ୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ଭରତପୁର ଥାନା ପୋଲିସ ସୋମବାର ୨ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଅବଦାନ ବେହେରା(୨୨) ଓ ସନ୍ତୋଷ ଅଧିକାରୀ(୪୫)। ସେମାନଙ୍କ ନିକଟରୁ ୨ ଲକ୍ଷ ଟଙ୍କାର ୧୯ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି।


କଟକ ବାଲୁବଜାର ବିନୋଦବିହାରୀ ମଣ୍ଡପରେ ମା' ଶ୍ୟାମାକାଳୀ।

## ୧୫ରୁ ସ୍ୱତନ୍ତ୍ର ଟିକାକରଣ ଅଭିଯାନ

- ୩ ପର୍ଯ୍ୟାୟରେ ନେବେ ଶିଶୁ ଓ ଗର୍ଭବତୀ
- କେହି ଯେପରି ବଞ୍ଚିତ ନ ହୁଅନ୍ତି ଗୁରୁତ୍ୱ ଦିଅ: ଜିଲାପାଳ

ଖୋର୍ଦ୍ଧା ଅଫିସ,୩।୧୧

ପ୍ରତିଷେଧକ ଟିକା ନେଇ ନ ଥିବା ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ ନିମନ୍ତେ ଏକ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ସକାଶେ ଜିଲା ଟାସ୍କଫୋର୍ସ ବୈଠକ ବୁଧବାର ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧକ୍ଷତା କରିଥିଲେ। କୌଣସି ଶିଶୁ ଓ ଗର୍ଭବତୀ ଯେପରି ଏହି ଟିକାକରଣ ଅଭିଯାନରୁ ବଞ୍ଚିତ ନ ରହନ୍ତି, ସେନେଇ ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି କହିଲେ ଯେ, ୩ଟି ପର୍ଯ୍ୟାୟରେ ଏହି ଅଭିଯାନ ଚାଲିବ। ପ୍ରଥମ ପର୍ଯ୍ୟାୟ ନଭେମ୍ବର ୧୫ରୁ ୨୫, ଦ୍ୱିତୀୟ ପର୍ଯ୍ୟାୟ ଡିସେମ୍ବର ଏବଂ ତୃତୀୟ ପର୍ଯ୍ୟାୟ ୨୦୨୨ ଜାନୁୟାରୀରେ ହେବ। ଜିଲାର ସମସ୍ତ ବ୍ଲକରେ ଶତ ପ୍ରତିଶତ ଟିକାକରଣ ଲାଗି ଲକ୍ଷ୍ୟ ରଖାଯାଇଛି। ଜିଲାର ୫ଟି ବ୍ଲକ ବାଲିଅନ୍ତା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ ଓ ଭୁବନେଶ୍ୱର ବ୍ଲକରେ ଟିକାକରଣ ହାର କମ୍ ରହିଛି। ଏହି ବ୍ଲକଗୁଡ଼ିକରେ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମ କରାଯିବ। ଜନ୍ମରୁ ୨ବର୍ଷ ପର୍ଯ୍ୟନ୍ତ ଶିଶୁ, ୫ବର୍ଷ ପର୍ଯ୍ୟନ୍ତ ଶିଶୁ, ୧୦ବର୍ଷ ଓ ୧୬ବର୍ଷର ପିଲା ଏବଂ ଗର୍ଭବତୀ ଯେଉଁମାନେ ଟିକା ନେଇନାହାନ୍ତି, ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବ। ଟିକାକରଣ ସୂଚାରୁ ରୁପେ ପରିଚାଳନା ପାଇଁ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଏଏନ୍‌ଏମ୍‌ମାନଙ୍କୁ ତାଲିମ ଦିଆଯାଇଛି। ଟିକାକରଣ ଲାଗି ବ୍ଲକସ୍ତରରେ ମଧ ଟାସ୍କଫୋର୍ସ ବୈଠକ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଭୁବନେଶ୍ୱର ଶାଖାର ଡା. ସୁନିଲ ଦାସ କହିଲେ ଯେ, ଟିକାକରଣ ଦ୍ୱାରା ଶିଶୁ ଓ ଗର୍ଭବତୀଙ୍କ ରୋଗ ପ୍ରତିରୋଧକ ଶକ୍ତିର ବୃଦ୍ଧି ଘଟିଥାଏ। ପୋଲିଓ, ମିଜିଲ୍ ରୁବେଲା ଓ ଅନ୍ୟାନ୍ୟ ରୋଗ ନିରାକରଣ ପାଇଁ ଟିକା ଦିଆଯାଉଛି। ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର କହିଲେ ଯେ, ବ୍ଲକ ଓ ଗ୍ରାମାଞ୍ଚଳ ସ୍ତରରେ ବ୍ୟାନର, ପୋଷ୍ଟର, ଲିଫଲେଟ ମାଧମରେ ବ୍ୟାପକ ସଚେତନ କରାଯିବ। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଣ ନୁହେଁ, ଦୀପ ଜାଳିବାକୁ ଆହ୍ୱାନ

ଭୁବନେଶ୍ୱର, ୩।୧୧

ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକରେ ବ୍ରେନ୍ସ୍ ଏଜୁକେଶନାଲ ଟ୍ରଷ୍ଟ ତରଫରୁ ଦୀପାବଳି ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ବାଣ ନୁହେଁ, ଦୀପ ଜାଳିବା'କୁ ଅନୁଷ୍ଠାନର ଛାତ୍ରୀଛାତ୍ର ସାଧାରଣ ଜନତାଙ୍କୁ ସଚେତନ କରାଇଥିଲେ। ବାଣ ଫୁଟାଇବା ଦ୍ୱାରା ପରିବେଶ ଦୂଷିତ ହେବା ସହ ଶବ୍ଦ ପ୍ରଦୂଷଣ ହୋଇଥାଏ। ତେଣୁ ସାଧାରଣ ଜନତା ବାଣ ପରିବର୍ତ୍ତେ ଦୀପ ଜାଳି ମିଷ୍ଟାନ୍ନ ବଣ୍ଟନ କରି ନିଜ ପରିବାର ସହ ଏକ ସୁରକ୍ଷିତ ଦୀପାବଳି ପାଳନ ପାଇଁ ସେମାନେ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ମାଙ୍କଡ଼ା ଖଣିରେ ଚଢ଼ାଉ, ପାୱାରଟିଲର ଜବତ

ନିରାକାରପୁର,୩।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ମଙ୍ଗଳବାର ଚୋରା ମାଙ୍କଡ଼ା ଖଣି ଉପରେ ଚଢ଼ାଉ କରି ଗୋଟିଏ ପାୱାରଟିଲର ଜବତ କରିଛି। ସୂଚନା ମୁତାବକ, ଓଲସିଂହ ପଞ୍ଚାୟତ ଡମଣଭୂମି ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବେ ମାଙ୍କଡ଼ା ପଥର ଖନନ କରାଯାଇ ଚାଲାଣ କରାଯାଉଥିଲା। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଖଣିରେ ଚଢ଼ାଉ କରିବା ବେଳେ ମାଫିଆମାନେ ସେଠାରୁ ଖସି ପଳାଇଥିଲେ। ପୋଲିସ ଘଟଣାସ୍ଥଳରୁ ଗୋଟିଏ ପାୱାରଟିଲର ଜବତ କରିଥିଲା। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ରେଳ ଷ୍ଟେଶନର ଉନ୍ନତୀକରଣ ଉପରେ ଗୁରୁତ୍ୱ

ନିରାକାରପୁର,୩।୧୧(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପ୍ରବନ୍ଧକ ରିଙ୍କେଶ ରାୟ ମଙ୍ଗଳବାର ନିରାକାରପୁର ରେଳ ଷ୍ଟେଶନ ପରିଦର୍ଶନ କରିବା ସହ କର୍ମଚାରୀଙ୍କ କାର୍ଯ୍ୟ ଉପରେ ଆଲୋଚନା କରିଛନ୍ତି। ଷ୍ଟେଶନ କାଉଣ୍ଟରରେ ମାସିକ ଟିକେଟ, ପ୍ରଥମ ଓ ଚତୁର୍ଥ ପ୍ଲାଟଫର୍ମରେ ପାନୀୟ ଜଳ, ଆଲୋକୀକରଣ ଓ ଶୌଚାଳୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ବିଳମ୍ବ ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ନିରାକାରପୁର ସମେତ ଭୁଷଣ୍ଡପୁର ଓ ଟାପଙ୍ଗ ରେଳ ଷ୍ଟେଶନ ପରିଦର୍ଶନ କରିଥିଲେ।

## ଗାଁ ମନ୍ଦିରରେ କାର୍ତ୍ତିକ ବ୍ରତ ପାଳିଲେ ହବିଷିଆଳି

ନିରାକାରପୁର,୩।୧୧(ଡି.ଏନ୍.ଏ.)

କରୋନା ମହାମାରୀ ଯୋଗୁ ପୁରୀ ଶ୍ରୀମନ୍ଦିରରେ କାର୍ତ୍ତିକ ବ୍ରତ ପାଳନ ଉପରେ ପ୍ରଶାସନ ପକ୍ଷରୁ କଟକଣା ରହିଛି। ଶ୍ରୀମନ୍ଦିର ଯାଇ ନ ପାରି ହବିଷିଆଳିମାନେ ଗାଁ ମନ୍ଦିରରେ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଗୋଡିପଡ଼ା ପଞ୍ଚାୟତସ୍ଥିତ ରଘୁନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଦେଖିବାକୁ ମିଳିଛି। କୋଭିଡ୍ ଗାଇଡ୍‌ଲାଇନ ମୁତାବକ ହବିଷିଆଳିମାନେ ସାମାଜିକ ଦୂରତ୍ୱ ଏବଂ ମାସ୍କ ପରିଧାନ କରି କାର୍ତ୍ତିକ ପୁରାଣ ଏବଂ ନୃସିଂହନାଥଙ୍କ ପୁରାଣ ଶୁଣୁଛନ୍ତି ବୋଲି ମନ୍ଦିରର ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଛନ୍ତି।

# ସବୁଜ ବାଣକୁ ନେଇ ଗ୍ରାହକ-ବ୍ୟବସାୟୀ ଦ୍ୱନ୍ଦ୍ୱ

ଜଟଣୀ,୩।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ସହର ସାରା ରାଜ୍ୟରେ ବାଣ ବ୍ୟବସାୟ ଲାଗି ବେଶ୍ ଜଣାଶୁଣା। ଏଠାରେ କମ୍ ଏବଂ ହୋଲସେଲ ଦରରେ ବିଭିନ୍ନ ରକମର ନାମୀଦାମୀ କମ୍ପାନୀର ବାଣ ସହଜରେ ମିଳୁଥିବା କାରଣରୁ ଦୀପାବଳିର ୭ଦିନ ପୂର୍ବରୁ ଜଟଣୀ ସହରରେ ରାଜ୍ୟର ବିଭିନ୍ନ କୋଣ ଅଣୁକୋଣରୁ ଗ୍ରାହକଙ୍କ ଭିଡ଼ ଲାଗିଥାଏ। ହେଲେ କରୋନା ମହାମାରୀ ଯୋଗୁ ୨ବର୍ଷ ହେବ ବାଣ ବ୍ୟବସାୟରେ ତାଲା ପଡ଼ି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଗତବର୍ଷଠାରୁ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଜଟଣୀରେ ବାଣ ବ୍ୟବସାୟ ବନ୍ଦ ହୋଇଯାଇଥିଲା। ଫଳରେ ଏହି ବ୍ୟବସାୟ ଉପରେ ନିର୍ଭରକରି ଚଳୁଥିବା ବ୍ୟବସାୟୀମାନେ ପ୍ରଭାବିତ ହୋଇ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ତେବେ ଚଳିତବର୍ଷ କରୋନା କଟକଣାରେ କିଛିଟା କୋହଳ କରି ସରକାର ଗ୍ରୀନ୍ କ୍ରାକର ବା ସବୁଜ ବାଣ ବ୍ୟବସାୟକୁ ଅନୁମତି ଦେଇଛନ୍ତି। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ଗ୍ରାହକ ଏବଂ ବିଶେଷକରି ବାଣ ବ୍ୟବସାୟୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଅନ୍ୟପଟେ ସବୁଜ ବାଣକୁ ନେଇ ସାମାନ୍ୟ ଦ୍ୱନ୍ଦ୍ୱ ମଧ ସୃଷ୍ଟି ହୋଇଛି। ସହରରେ ୧୦ରୁ ଊର୍ଦ୍ଧ୍ୱ ହୋଲସେଲ ବାଣ ବ୍ୟବସାୟୀ କ୍ଷତି ସହିଥିବା ସମୟରେ ସରକାରଙ୍କ ଅନୁମତି ପରେ କିଛି ରୋଜଗାର ହେବା ନେଇ ଆଶା ବାନ୍ଧି ବସିଥିଲେ। ସେହିପରି ୨୦୦ରୁ ଅଧିକ ଖୁଚୁରା ବାଣ ବ୍ୟବସାୟୀ ମଧ ଦୋକାନ କରିବା ଲାଗି ଅନୁମତି ମାଗିଥିଲେ। ତେବେ କୋଡ଼ୋଟି ହୋଲସେଲ ବାଣ ବ୍ୟବସାୟୀଙ୍କୁ କେବଳ ସବୁଜ ବାଣ ବିକ୍ରି ନେଇ ଲାଇସେନ୍ସ ପ୍ରଦାନ ପରେ ବାଣ ବିକ୍ରି କରିଥିଲେ। ତେବେ ଗତ ୦୨ ତାରିଖରେ ସରକାରଙ୍କ ପକ୍ଷରୁ ବାଣ ବେପାରକୁ ନେଇ କଡ଼ା ନିର୍ଦ୍ଦେଶ ପରେ ସହରରେ ଥିବା ବହୁ ବେଆଇନ ବାଣ ଗୋଦାମ ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରି ସିଲ୍ କରାଯାଇଥିଲା। ସହରରେ ବାଣ ବ୍ୟବସାୟ ବନ୍ଦ ହୋଇଯାଇଥିବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପଟେ ସବୁଜ ବାଣକୁ ନେଇ ଗ୍ରାହକ କେଉଁ ବାଣ କିଣିବେ କେଉଁ ବାଣ କିଣିବେନି ସେନେଇ ବେଶ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଯେଉଁ କିଛି ବାଣ ମିଳୁଛି ତାହା ବ୍ୟବସାୟୀ ଚଢ଼ାଦରରେ ବିକ୍ରି କରୁଥିବାରୁ ଅନେକ ଗ୍ରାହକ ଅସନ୍ତୋଷ ପ୍ରକାଶ କରିବା ସହିତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଏମାନେ କ'ଣ କୁହନ୍ତି...

"ସବୁଜ ବାଣ କ'ଣ ଏବଂ ଏହା ଅନ୍ୟ ବାଣ ଭିତରେ ପାର୍ଥକ୍ୟ ବୁଝି ହେଉନି। ସବୁବେଳେ ଆମେ ଯେଉଁ ବାଣ କିଣି ଘରକୁ ଆଣିଥାଉ ବଜାରରେ ତ ସେଇ ସବୁ ବାଣ ହିଁ ମିଳୁଛି। ଦୋକାନୀ ଆମକୁ ସେଇ ବାଣ ଦେଇ କହୁଛନ୍ତି ସବୁଜ ବାଣ। ସରକାରଙ୍କ କହିବା ଅନୁଯାୟୀ ଏହା ହିଁ ସବୁଜ ବାଣ।

**- ଜାଗୃତି ସ୍ୱାଇଁ, ଏଣ୍ଟରପ୍ରିନିଓର**

"ହାଇକୋର୍ଟଙ୍କ ନିର୍ଦ୍ଦେଶ କେବଳ ପିଏସ୍‌ଇଓ ସାର୍ଟିଫାଏଡ୍ ବାଣ ବିକ୍ରି ହୋଇପାରିବ। ବାଣ ଶିବକାଶିରୁ ଆସୁଥିବାରୁ ଏବଂ ଅନୁମତି ବିଳମ୍ବରେ ମିଳିଥିବାରୁ ବ୍ୟବସାୟିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ତେବେ ଜଟଣୀରେ ଯେଉଁ କିଛି ବାଣ ବିକ୍ରି ହେଉଛି ତାହା ପିଏସଇଓ କି ନା ସାଧାରଣ ବାଣ ଏଥିରେ ଗ୍ରାହାକଙ୍କ ମଧରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ବ୍ୟବସାୟୀ ନିଜେ ଜାଣି ନାହାନ୍ତି ଗ୍ରାହକ କେମିତି ଜାଣିବେ। ସରକାର ପୂର୍ବରୁ ନିର୍ଦ୍ଦେଶନାମା ଜାରି କରିଥାନ୍ତେ ଏବଂ ସମସ୍ତଙ୍କୁ ଗ୍ରିନ୍ କ୍ରାକର ବିଷୟରେ ସଚେତନ କରାଇଥାନ୍ତେ ତେବେ ସମସ୍ତେ ଉପକୃତ ହୋଇପାରନ୍ତେ।

**- ଅମରେଶ ରାୟତରାୟ, ଆଇନଜୀବୀ**

"ଆମେ ଖୁଚୁରା ବ୍ୟବସାୟୀ। ହୋଲସେଲ ବ୍ୟବସାୟୀଙ୍କଠାରୁ ବାଣ କିଣି ବେପାର କରୁ। ସରକାର ଯେଉଁ ନିୟମ କରିଲେ ସମୟ ନ ଥିବାରୁ ଆମକୁ ବ୍ୟବସାୟ କରିବା ପାଇଁ ଅନୁମତି ମିଳିପାରିଲା ନାହିଁ। ହୋଲସେଲ ବିକ୍ରେତାମାନେ ଶିବକାଶୀରୁ ଯେଉଁ ପିଇଏସ୍‌ଓ ସାର୍ଟିଫାଏଡ୍ କ୍ରାକର ଆଣିଥିଲେ, ସେହି ସାର୍ଟିଫିକେଟରେ ବ୍ୟବସାୟ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଲା ନାହିଁ। ତେଣୁ ଆମେ ପ୍ରାୟ ୨୦୦ଶହରୁ ଊର୍ଦ୍ଧ୍ୱ ଖୁଚୁରା ବ୍ୟବସାୟୀ ପ୍ରଭାବିତ ହୋଇଛୁ।

**- ଶିବପ୍ରସାଦ ମହାପାତ୍ର, ବାଣ ବ୍ୟବସାୟୀ**

## ସୁଶ୍ରୀ ମନସ୍ୱିତାଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୩।୧୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତୀର ଗ୍ରାମର ସୁଶ୍ରୀ ମନସ୍ୱିତା ମହାରଣା ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ କୃତିତ୍ୱ ଅର୍ଜନ କରିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରତିଭା ସାହିତ୍ୟ ସଂସଦ ପକ୍ଷରୁ ସୋମବାର ମନସ୍ୱିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସମ୍ପାଦକ ବଳରାମ ରଣସିଂହଙ୍କ ସହଯୋଗରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ପ୍ରଫେସର ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ଗୋଦାବରୀଶ ପାଇକରାୟ ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ କବି ତଥା ଶିକ୍ଷାବିତ୍ ଜଗେଶ୍ୱର କହଲସିଂହ, ନାରାୟଣ ମୁଦୁଲି, ସୁକାନ୍ତ ଅଧିକାରୀ, ଅଭିମନ୍ୟୁ ମହାରଣା, ପୂର୍ଣ୍ଣଚନ୍ଦ୍ର ରାଉତରାୟ, ଲକ୍ଷ୍ମୀଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଯଜ୍ଞେଶ୍ୱର ସୁନ୍ଦରାୟ, ସୁରେନ୍ଦ୍ର କୁମାର ଗଜେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଦୀପାବଳୀରେ ୧୪୪ଧାରା ଜାରି ହୋଇଥିବାରୁ ଏହା ପୂର୍ବରୁ ବୁଧବାର ପୁରୀ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳୁଛନ୍ତି।


ଭୁବନେଶ୍ୱରର ଏକ ମଣ୍ଡପରେ ତିଆରି ହୋଇଥିବା ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜଣେ ଶିଳ୍ପୀ ବୁଧବାର ଶେଷ ସ୍ପର୍ଶ ଦେଉଛନ୍ତି।


ଦୀପାବଳିରେ ସବୁଜ ବାଣକୁ ହାଇକୋର୍ଟ ଅନୁମତି ଦେବା ପରେ ବୁଧବାର ଭୁବନେଶ୍ୱରର ଏକ ଦୋକାନରେ ବାଣ କିଣିବା ପାଇଁ ଗ୍ରାହକଙ୍କ ଭିଡ଼।

## ସଂକ୍ଷେପରେ

### ଦୀପାବଳି ପାଇଁ ଧବଳେଶ୍ୱର ପୀଠରେ ୧୪୪ ଧାରା ଜାରି

ଖୁଣ୍ଟୁଣୀ, ୩।୧୧ (ଡି.ଏନ୍.ଏ.)- ଦୀପାବଳି ପାଇଁ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ୧୪୪ ଧାରା ଜାରି କରାଯାଇଛି। ଗୁରୁବାର ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ ବୋଲି ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। କେବଳ ପୂଜକ ସମାଜ ମନ୍ଦିରକୁ ଯାଇପାରିବେ। ଦୀପାବଳିରେ ଠାକୁରଙ୍କ ପାଖରେ ବହୁସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ତେଣୁ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

### ସିଭିଲ୍ ଜଜ୍ କୋର୍ଟ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ ଅଫିସ,୩।୧୧: ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ସିଭିଲ ଜଜ୍(ଜୁନିୟର ଡିଭିଜନ) ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜେଏମ୍ଏଫ୍‌ସି) ବୁଧବାର ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ଏସ୍.ପୂଜାହାରୀ, ବି.ଆର୍. ଷଡଙ୍ଗୀ, ଏସ୍.କେ. ପାଣିଗ୍ରାହୀ, ଆର.କେ. ପଟ୍ଟନାୟକ, ରେଜିଷ୍ଟ୍ରାର(ଆଡ୍‌ମିନିଷ୍ଟ୍ରେଶନ) ଦିଲୀପ କୁମାର ମିଶ୍ର, ମୟୂରଭଞ୍ଜ ଜିଲାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ, କରଞ୍ଜିଆର ଅତିରିକ୍ତ ଜିଲା ଜଜ୍ ସୁଶୀଲ କୁମାର ରାଉତ, କରଞ୍ଜିଆ ବାର୍ ଆସୋସିଏସନର ସଭାପତି ଦୀପକ କୁମାର ଦାସ ଅଧିକାରୀ, ସମ୍ପାଦକ ସଞ୍ଜୟ କୁମାର ମିଶ୍ରଙ୍କ ଆଇନଜୀବୀମାନେ ସାମିଲ ହୋଇଥିଲେ।

### 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଯୋଜନା ପ୍ରସ୍ତୁତ କର'

କଣ୍ଟାପଡା, ୩।୧୧ (ଡି.ଏନ୍.ଏ.)- ସ୍ଥାନୀୟ ଦଧିଚି ଶିକ୍ଷାସମୂହ ପକ୍ଷରୁ ସୋମବାର ଓ ମଙ୍ଗଳବାର ୨ଦିନ ଧରି ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଲକ୍ଷ୍ୟପଥରେ ପହଞ୍ଚିବାକୁ ହେଲେ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବା ଜରୁରୀ ବୋଲି ବକ୍ତାମାନେ ଏଥିରେ ଯୋଗଦେଇ କହିଥିଲେ। ସୋମବାର ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଏବଂ ମଙ୍ଗଳବାର ଯୁକ୍ତ ୨ ବିଜ୍ଞାନ ଓ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ କଲେଜକୁ ସ୍ୱାଗତ କରାଯାଇଥିଲା। କଲେଜର ମୁଖ୍ୟ ପରିଚାଳକ ଡ. ମନୋଜ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଆଗକୁ ବଢ଼ିବାକୁ ହେଲେ ଜ୍ଞାନ, ଦକ୍ଷତା ଓ ଉତ୍ତମ ବ୍ୟବହାରର ଆବଶ୍ୟକତା ରହିଛି। ଏଥିରେ ମୁଖ୍ୟବକ୍ତା ଯଶୋବନ୍ତ ସିଂ, ସମ୍ମାନିତ ଅତିଥି ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅନ୍ୟତମ ଅତିଥି ଭାବେ ସୁଶାନ୍ତ କୁମାର ରାଉତ ଓ ଅନୁଷ୍ଠାନର ଟ୍ରଷ୍ଟି ବବିତା ଦାଶ ଯୋଗଦେଇଥିଲେ। ବାସୁଦେବ ବିଶ୍ୱାଳ, ସୀମାଞ୍ଚଳ ପଣ୍ଡା, ଦେବେନ୍ଦ୍ର ଭଞ୍ଜ ଓ ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗ୍ରାମ ମୁରବିଙ୍କ ପରଲୋକ

ଚୌଦ୍ୱାର, ୩।୧୧ (ଡି.ଏନ୍.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତ ଦେବୀନଗର ଗ୍ରାମର ମୁରବୀ ଗଗନ ବିହାରୀ ସୁବୁଦ୍ଧିରାୟ(୮୮)ଙ୍କର ବୁଧବାର ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଘରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡପୁଅ ଦିଲୀପ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଗଗନ ଜଣେ ପରୋପକାରୀ, ସୁସଂଗଠକ ଓ ଧର୍ମପରାୟଣ ବ୍ୟକ୍ତିଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସେହିପରି ସ୍ଥାନୀୟ ବଲ୍ଲାରପୁର କାଗଜ କଳର ପୁନରୁଦ୍ଧାର ପାଇଁ ଚାଲିଥିବା ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ।

# ସୁସ୍ଥ ପରେ ପୋଲିସ ହେପାଜତରେ ରୂପେଶ

ଭୁବନେଶ୍ୱର,୩।୧୧ (ବ୍ୟୁରୋ)

ରାଜଧାନୀ ଚନ୍ଦ୍ରଶେଖରପୁର ଥାନା ଶୈଳେଶ୍ରୀ ବିହାର ଅଞ୍ଚଳରେ ସୋମବାର ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିବା ଘଟଣାକୁ ଇତିମଧ୍ୟରେ ୨ଦିନ ବିତିଛି। ହେଲେ ଆକ୍ରମଣ କରିଥିବା ରୂପେଶ ପଣ୍ଡା କେଉଁ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ରୂପେଶଙ୍କ ପରିବାର ଲୋକେ ଭିନ୍ନ କଥା କହୁଛନ୍ତି। ଅପରପକ୍ଷରେ ଆହତ ରୂପେଶ କ୍ୟାପିଟାଲ ହସ୍ପିଟାଲରୁ ବୁଧବାର ସୁସ୍ଥ ହୋଇ ଡିସ୍‌ଚାର୍ଜ ହେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପଚରାଉଚରା ସମୟରେ ଅଭିଯୁକ୍ତ ରୂପେଶ ପୂର୍ବ କଥାକୁ ଦୋହରାଉଛନ୍ତି। ଘଟଣା ଦିନ ସେ ଅଫିସ ଯାଉଥିବାବେଳେ ୩ଜଣ ଲୋକ ତାଙ୍କୁ ଅଟକାଇ ଏପରି ଆକ୍ରମଣ କରିବାକୁ ବାଧ କରିଥିଲେ ନଚେତ ସେମାନେ ତାଙ୍କୁ ଜୀବନରେ ମାରି ଦେଇଥାନ୍ତେ ବୋଲି ରୂପେଶ ବାରମ୍ବାର ପୋଲିସକୁ କହୁଛନ୍ତି। ପୋଲିସ ତାଙ୍କ



ରୂପେଶ ପଣ୍ଡାଙ୍କ ଫାଇଲ୍ ଫଟୋ

**ଘରେ ପଶି ମା'ଝିଅଙ୍କୁ ଛୁରି ମାଡ଼ ଘଟଣା**

- ପଚରାଉଚରା ଜାରି
- ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ ସନ୍ଦେହ

କଥାକୁ ସନ୍ଦେହ କରୁଥିଲେ ବି ଆକ୍ରମଣର ପ୍ରକୃତ କାରଣ ଖୋଜିବାକୁ ତଦନ୍ତ ଜାରି ରଖିଛି। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ ଭିଜୁଆଲ୍ ଏଡିଟର କାମ କରନ୍ତି। ଅପରପକ୍ଷରେ ଆକ୍ରମଣର ଶିକାର ହୋଇଥିବା ଅନନ୍ୟା ମିଶ୍ର ତାଙ୍କୁ ଚିହ୍ନି ନ ଥିବା ପୋଲିସକୁ କହିଛନ୍ତି। ଅନନ୍ୟାଙ୍କ ଅଭିଯୋଗକ୍ରମେ ପୋଲିସ ରୂପେଶଙ୍କ ନାମରେ (ନଂ.୪୫୦/୨୧) ମାମଲା ରୁଜୁ କରି ଘଟଣା ପଛର ଖିଅ ଖୋଜିବାକୁ ଚେଷ୍ଟା କରୁଛି। ତେବେ ଅଭିଯୁକ୍ତ ରୂପେଶ ଲୁଟ୍ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନିରେ ରହୁନ୍ତି। ସୋମବାର ଦିନ ୧୨ଟା ୩୦ରେ ପଡ଼ୋଶୀ ରୂରେଶ ଏକ ମହିଳା ପୋଷାକ ପିନ୍ଧିବା ସହ ହେଲ୍‌ମେଟ୍ ଲଗାଇ ଏକ ଛୁରି ଓ ବନ୍ଧୁକ ନେଇ ସୁରେଶଙ୍କ ଘର ଭିତରକୁ ଯିବାକୁ କଲିଂ ବେଲ୍ ମାରିଥିଲେ। ଏହି ସମୟରେ ପ୍ରଫେସର ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। କବାଟ ଖୋଲୁ ଖୋଲୁ ରୂପେଶ ତାଙ୍କୁ ହଠାତ୍ ଛୁରିରେ ଆକ୍ରମଣ କରିଥିଲ। ସେ ଚିତ୍କାର କରି ମା'ଙ୍କୁ ଡାକିବାରୁ ସେ ତଳକୁ ଆସି ପ୍ରତିବାଦ କରିଥିଲେ। ଜୀବନ ବଞ୍ଚାଇବାକୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଆତ୍ମରକ୍ଷା କରିବାକୁ ଯାଇ ଅନନ୍ୟା ଓ ତାଙ୍କ ମା' ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ଆହତ ହୋଇ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଣିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ।

### ଅଭିଯୁକ୍ତଙ୍କ କଥାରେ ରହୁନି ତାଳମେଳ

ରୂପେଶଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିବାବେଳେ ତାଙ୍କ କଥା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ଏହି ମାମଲାରେ କୌଣସି ତଥ୍ୟ ପ୍ରମାଣ ବି ମିଳିପାରୁ ନାହିଁ। ରୂପେଶଙ୍କ ଉପରେ ସନ୍ଦେହ ହେଉଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ସହ ପ୍ରମାଣ ଯୋଗାଡ଼ ଚାଲିଛି। ପ୍ରମାଣକୁ ଭିତ୍ତିକରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

–ଉମାଶଙ୍କର ଦାଶ, ଡିସିପି




ଦୀପାବଳି ଉପଲକ୍ଷେ ପୁରୀ ସମୁଦ୍ର ବେଳାଭୂମିରେ ବୁଧବାର ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ, ୩ ଗିରଫ

କଟକ ଅଫିସ/ଚୌଦ୍ୱାର, ୩।୧୧ (ଡି.ଏନ୍.ଏ.)

**୫ ସ୍ଥାନରେ ଚଢ଼ାଉ**

ବେଆଇନ ବାଣ ବିକ୍ରି ଅଭିଯୋଗରେ ପୁରୀଘାଟ ଥାନା ପୋଲିସ ଚୌଧୁରୀ ବଜାରର ଚନ୍ଦନ ସାହୁଙ୍କୁ ବୁଧବାର ଗିରଫ କରିଛି। ସେ ସ୍ଥାନୀୟ ବଜାରରେ ବାଣ ଦୋକାନ କରିଥିବାବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ୫ ଲକ୍ଷ ଟଙ୍କାର ବାଣ ଜବତ କରିଥିବା ଆଇଆଇସି ଯତୀନ୍ଦ୍ର ସେଠୀ କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିପରି ବେଆଇନ ବାଣ ବିକ୍ରି ଅଭିଯୋଗରେ ବିଡାନାସୀ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ତାଙ୍କଠାରୁ ୫ଲକ୍ଷ ଟଙ୍କାର ବାଣ ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟତମ ଅଭିଯୁକ୍ତ ଫେରାର ରହିଥିବା ଆଇଆଇସି ପ୍ରଦୀପ୍ତ ନାୟକ କହିଛନ୍ତି। ବାଦାମବାଡି ପୋଲିସ ବେଆଇନ ବାଣ ବିକ୍ରି ଅଭିଯୋଗରେ ଖାନ୍‌ନଗର ଅଞ୍ଚଳର ଜଣେ ଯୁବକଙ୍କୁ ଅଟକ ରଖିଛି। ତାଙ୍କଠାରୁ ପ୍ରାୟ ୭୦ ହଜାର ଟଙ୍କାର ବାଣ ଜବତ କରାଯାଇଥିବା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

ବେଆଇନ ବାଣ ବିକ୍ରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବଡବଜାରର ଘନଶ୍ୟାମ ସାହୁ ଓ ତ୍ରାହିଅଚ୍ୟୁତ ସାହୁ। ଉଭୟଙ୍କ ଘରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି। ସେମାନେ ଘରେ ବେଆଇନ ଭାବେ ବାଣ ମହଜୁଦ ରଖି ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଖବରପାଇ ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ, ଏଏସ୍‌ଆଇ ଦରବାରୀ ନାୟକ ପୋଲିସ ଟିମ୍ ସହାୟତାରେ ଚଢାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୪୭୧/୨୧) ରୁଜୁ ହୋଇଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

କଟକ ଅଫିସ, ୩।୧୧

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟ ବିଭାଗରେ ଖାଲିପଡିଥିବା ଡି-ଗ୍ରେଡ୍ ପଦବୀ ପୂରଣ, ଯୋଗ୍ୟତା ଭିତ୍ତିରେ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ ପଦୋନ୍ନତି, ରାଜ୍ୟରେ ଏଜେନ୍ସି ମାଧ୍ୟମରେ ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟକରିଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସମସ୍ତ ମେଡିକାଲ କର୍ମଚାରୀଙ୍କୁ ମେଡିକାଲ ପରିସରରେ ସ୍ଥାୟୀ ବାସଗୃହ, କରୋନାରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ବୀମାରାଶି ପ୍ରଦାନ, କର୍ମଚାରୀଙ୍କୁ ପୋଷାକ ବାବଦରେ ମିଳୁଥିବା ଏକ ହଜାର ଟଙ୍କାରୁ ଦୁଇ ହଜାର ଟଙ୍କାକୁ ବୃଦ୍ଧି, ରାଜ୍ୟରେ ଖାଲି ପଡିଥିବା ଡ୍ରେସର, ମାଳୀ, ଚୌକିଦାର, ହେଲ୍‌ପର, ରୋଷେୟା ପଦବୀ ତୁରନ୍ତ ପୂରଣ କରାଯାଉ । ଯଦି ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦାବି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରା ନ ଯାଏ ତା'ହେଲେ ସଂଘ ପକ୍ଷରୁ ଆସନ୍ତା ୨୧ ତାରିଖଠାରୁ ୭ ଦିନ ଧରି କଳାବ୍ୟାଜ ପରିଧାନ କରି ରାଜ୍ୟ ସଚିବାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ହିନ୍ଦ୍ ମଜଦୁର ସଭାର ଯୁବ ସଭାପତି ବିଜୟ ଭୂଷଣ ପତି, ସଂଘ ଉପସଭାପତି ସାକିର ଖାଁ, ଉପ ସମ୍ପାଦକ ଶିବପ୍ରସାଦ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ବିଜୟ ନାୟକ, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାକ, ମହିଳା ସଭାନେତ୍ରୀ ପ୍ରଭାତୀ ଅଚାର୍ଯ୍ୟଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

### ଖାନ୍‌ନଗର ସ୍ୱର୍ଗଧାମରେ ସମୂହ ଦୀପଦାନ

କଟକ ଅଫିସ, ୩।୧୧

ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ନରକ ଚତୁର୍ଦ୍ଦଶୀ ଉତ୍ସବ ବୁଧବାର ଖାନ୍‌ନଗରସ୍ଥିତ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପରିସରରେ ଥିବା ଦେବଭୂମି ନବୀକରଣ ପଥଶ୍ରାଦ୍ଧ କୁଟୀର ଉଦ୍‌ଘାଟିତ ହୋଇଥିଲା। ସେହିପରି ସହୀଦ ସ୍ମାରକୀ ତୁଙ୍ଗେ ସଲାମଠାରେ ସମୂହ ଦୀପଦାନ କରାଯାଇଥିଲା। ଏହି ଉତ୍ସବରେ ଜଗତ୍‌ପୁର ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଓଁକାରନନ୍ଦ ସରସ୍ୱତୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସ୍ତମ୍ଭକାର ଅରୁଣ କୁମାର ପଣ୍ଡା, ସତ୍ୟ ରାୟ, ସଚ୍ଚିକାନ୍ତ ନାଥ, ମୀନାକ୍ଷୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସରୋଜିନୀ ମିଶ୍ର, ମନୋରମା ସାହୁ, ରେଶ୍ମା ମହାରଣା, ରାଜକିଶୋର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଜେଲରେ ବିଜୟଙ୍କୁ ଭେଟିଲେ ଭାଜପା ରାଜ୍ୟ ସଭାପତି

ନରସିଂହପୁର, ୩।୧୧ (ସ୍ୱ.ପ୍ର.)

ନରସିଂହପୁର ଥାନା ଭଙ୍ଗାରୁଜା ଘଟଣାରେ ଅକ୍ଟୋବର ୨୨ଠାରୁ ଜେଲରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରାଙ୍କୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ବୁଧବାର ଭେଟିଛନ୍ତି। ସଭାପତି ମହାନ୍ତିଙ୍କ ସହ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ମହିଳା ମୋର୍ଚ୍ଚା ନେତ୍ରୀ ଯାଜ୍ଞସେନୀ ଜେନା ପ୍ରମୁଖ ନରସିଂହପୁର ଯାଇଥିଲେ। ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ, କମଳଲୋଚନ ନାୟକ, ରାମ ନାରାୟଣ ମହାନ୍ତି, ପ୍ରଫୁଲ୍ଲ କୁମାର ମୁଦୁଲି, ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ। ରାଜ୍ୟ ସଭାପତି ମହାନ୍ତି କହିଥିଲେ, ଏଠାକାର ବିଜେଡି ନେତା ସ୍ଥାନୀୟ ପୋଲିସକୁ ହାତବାରିଶ କରି ହୀନ ଚକ୍ରାନ୍ତ ଚଳାଇଛନ୍ତି। ଏହାର ଜବାବ ଆଗାମୀ ନିର୍ବାଚନରେ ଅଞ୍ଚଳର ଲୋକ ନିଶ୍ଚିତ ଦେବେ। ପୋଲିସ ଜାଣିଶୁଣି ନ୍ୟାୟିକ ବ୍ୟବସ୍ଥାରେ ସହଯୋଗ ନ କଲେ କଟକ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁନନ୍ଦା



@ ଦୁର୍ଗାମାଧବ



@ ସାଗର



@ ଭରତ



@ ଶୁଭଦର୍ଶିନୀ



@ ଦୀପକ୍

## ୬ରେ ମାହାଙ୍ଗା ତହସିଲ ଘେରାଉ କରିବ ଭାଜପା

ମାହାଙ୍ଗା,୩।୧୧ (ସ୍ୱ.ପ୍ର.)

ବିରୂପା, ଗେଙ୍ଗୁଟି, ଗୋବରୀ, ମଇଯୋରା ଓ ଶୁକନଇ ସମେତ ବହୁ ପାଟନାଳିରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ପ୍ରତିବର୍ଷ ଚାଷୀମାନଙ୍କର ହଜାରରୁ ଊର୍ଦ୍ଧ୍ୱ ଏକର ଜମିର ଫସଲ ନଷ୍ଟ ହେଉଛି। ଗତ ଲଗାଣ ବର୍ଷାରେ ମାହାଙ୍ଗା ବ୍ଲକର ୩୭ ପଞ୍ଚାୟତରେ ସୃଷ୍ଟି ହୋଇଥିବା ବନ୍ୟାରେ ଫସଲହାନୀ ସହ କଚ୍ଚା ଘରଗୁଡିକ ଭାଙ୍ଗି ଯାଇଥିଲା। ଚାଷୀ ଓ ଗରିବ ଲୋକମାନଙ୍କର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ଓ ଭାଙ୍ଗିଥିବା କଚ୍ଚାଘର ପରିବାରକୁ ଏଯାବତ ଆବାସ ଗୃହ ମିଳିନାହିଁ। ଏହାର ପ୍ରତିବାଦରେ ମାହାଙ୍ଗା ବ୍ଲକ ଭାଜପା ପକ୍ଷରୁ ଆସନ୍ତା ୬ ତାରିଖରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ଓ ଘେରାଉ କରାଯିବ ବୋଲି କୁହାଯାଇଛି। ଏ ନେଇ ବୁଧବାର ମାହାଙ୍ଗା ବ୍ଲକ ପୋଡାମରାଇଠାରେ ଭାଜପା ନେତା ସାରଦା ପ୍ରଧାନ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ସମ୍ମିଳନୀରେ ପ୍ରଧାନ କହିଛନ୍ତି, ତହସିଲ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୫୦ ହଜାର ଟଙ୍କାର ସହାୟତା ପ୍ରଦାନ, ଲଗାଣ ବର୍ଷାରେ କଚ୍ଚା ଘର ଭାଙ୍ଗି ଥିବା ଲୋକଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ଓ ଗୋବରୀ ନଈକୁ ସରକାରୀ ଭାବେ ନଦୀର ମାନ୍ୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ସମ୍ମିଳନୀରେ ୪ ଜୋନର ଭାଜପା ସଭାପତି ଭକ୍ତ ଚରଣ ସ୍ୱାଇଁ , ରୁଷି କୁମାର ରାଉତ, ନିର୍ମଳ ରାଉତ, ଅରୁଣ ରାଉତ, କୃଷକ ମୋର୍ଚ୍ଚା ସଭାପତି ବିଶ୍ୱନାଥ ଜେନା, ଜିଲା ଉପସଭାପତି ମନୋରଞ୍ଜନ ନାୟକ, ପ୍ରଭାତ ନାୟକ, ଅଶୋକ କୁମାର ବାରିକ, ଆଇନଜୀବୀ ବନବିହାରୀ ମହାନ୍ତି, ଜଗଜୀବନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରଦୂଷଣମୁକ୍ତ ଦୀପାବଳି ପାଳନ ପାଇଁ ବୁଧବାର କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।




ଦର ବୃଦ୍ଧି ପ୍ରତିବାଦରେ ବୁଧବାର ସିପିଆଇ(ଏମ୍) ପକ୍ଷରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଶ୍ରୀମନ୍ଦିର ଚାରିଦ୍ୱାରରେ ପୁରୀ ସହରବାସୀଙ୍କୁ ପ୍ରବେଶ ଅନୁମତି ଦେବା ଦାବିରେ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

ତିଗିରିଆ,୩।୧୧(ଡି.ଏନ.ଏ.)

କଟକ ଜିଲା ତିଗିରିଆ ଥାନା ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡା ଗାଁରେ ବୁଧବାର ମଧ୍ୟାହ୍ନ ୧୨ଟାରେ ବେଆଇନ ଭାବେ ବାଣ ତିଆରି ବେଳେ ବିସ୍ଫୋରଣ ଘଟିଛି। ଏଥିରେ ପରିବାର ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଘରଟି ଭାଙ୍ଗି ଯାଇଛି। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ହୋଇଥିବା ଜେଜେ, ଜେଜେ ମା' ଓ ନାତିଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ବାଣେଶ୍ୱରପଡା ଗାଁର ବୀରବର ସ୍ୱାଇଁ (୫୦) ଘର ଭିତରେ ତାଳ ଫୋଟକା ଓ କାଗଜ ବାଣ ତିଆରି ପାଇଁ ବାରୁଦ ଭାଗ କରୁଥିଲେ। ଏହି

## ଶିଶୁପୁତ୍ର ସମେତ ୩ ଗୁରୁତର

ସମୟରେ ପୁଅର ପୁଅ (ନାତି) ଅଂଶୁମାନ (୩) ହେମଦସ୍ତା ଛେଚାଟିକୁ ଧରିଥିଲେ। ଏହା ଅଂଶୁମାନଙ୍କ ହାତରୁ ଖସି ବାରୁଦ ଭାଗ ମସଲା ଉପରେ ପଡିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ବୀରବରଙ୍କ ଛାତିଠାରୁ ମୁହଁ ପର୍ଯ୍ୟନ୍ତ ଓ ନାତି ଅଂଶୁମାନର ସମ୍ପୂର୍ଣ୍ଣ ଦେହ ପୋଡି ଯାଇଛି। ପାଖରେ ଥିବା ବୀରବରଙ୍କ ସ୍ତ୍ରୀଙ୍କ ଦେହର କେତେକ ଅଂଶ ପୋଡି ଯାଇଛି।

ଏ ନେଇ ଥାନାରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କ ଅଭିଯୋଗକ୍ରମେ ନଂ. ୧୫୯/୨୧ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ବନ ବିହାରୀ ପ୍ରଧାନ କହିଛନ୍ତି। ପରେ ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବାଣେଶ୍ୱରପଡା ଓ ପୁରୁଣାତିଗିରିଆ ଗାଁରେ ଚଢ଼ାଉ କରାଯାଇଥିଲା। ଏହି ଦୁଇ ଗାଁରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ସୂଚନାଯୋଗ୍ୟ, ତିଗିରିଆ ଥାନାର ପୁରୁଣାତିଗିରିଆ ଓ ବାଣେଶ୍ୱରପଡା ବାଣ ତିଆରି ପାଇଁ ପ୍ରସିଦ୍ଧି ଲାଭ କରିଛି। କରୋନାକୁ ଦୃଷ୍ଟିରେ ରଖି ଦୀପାବଳିର କେବଳ ସବୁଜ ବାଣ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ବେଆଇନ ଭାବେ ଫୋଟକା ବାଣ ତିଆରି ଚାଲିଥିବା ବେଳେ ପୋଲିସ ଓ ତହସିଲ ପ୍ରଶାସନର ନଜର କିପରି ପଡିଲା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ବାଣ ଦୀପାବଳି ପାଇଁ ତିଆରି ହେଉଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।


ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର।

## ସଂକ୍ଷେପରେ

### ବାଙ୍କୀ ବିଜୁ ଯୁବ ଛାତ୍ର ଜନତା କର୍ମକର୍ତ୍ତା ସମ୍ମିଳନୀ

ବାଙ୍କୀ,୩।୧୧ (ସ୍ୱ.ପ୍ର.)

ଅଂଶୁପା ଡାକବଙ୍ଗଳାଠାରେ ବୁଧବାର ବାଙ୍କୀ ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତାଙ୍କର ସମ୍ମିଳନୀ ହୋଇଥିଲା। ଏଥିରେ ବାଙ୍କୀ ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ବିଧାୟକ ତଥା ଯୁବ ଛାତ୍ର ସଙ୍ଗଠନର ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥି ଏବଂ ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୁବ ବିଜୁ ଜନତା ସଭାପତି ବ୍ୟୋମକେଶ ରାୟ ଯୋଗ ଦେଇଥିଲେ। ପିପିଲି ବିଧାୟକ ରୁଦ୍ର ପ୍ରସାଦ ମହାରଥୀ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଯୋଜନା ସମସ୍ତ ଲୋକଙ୍କ ପାଖରେ କିପରି ପହଞ୍ଚିପାରିବ ସେ ସମ୍ପର୍କରେ କର୍ମକର୍ତ୍ତାମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡମପଡ଼ା ଯୁବ ବିଜେଡି ସଭାପତି ଭାଗୀରଥି ପାଣି, ବାଙ୍କୀ ବ୍ଲକ ଯୁବ ବିଜେଡି ସଭାପତି ସୁଭାସ ସ୍ୱାଇଁ, ବାଙ୍କୀ ନଗର ଯୁବ ବିଜେଡି ସଭାପତି ପଠାଣି ବେହେରା, ଡମପଡ଼ା ବ୍ଲକ ଛାତ୍ର ବିଜେଡି ସଭାପତି ଗୌରବ ବଳିୟାର ସିଂହ, ରାଜ୍ୟ ବିଜେଡି କାର୍ଯ୍ୟକାରୀ କମିଟି ସଭ୍ୟ ସୁବାସ ଚନ୍ଦ୍ର ପାଢୀ,ସୂର୍ଯ୍ୟନାରାୟଣ ପାତ୍ର, ଆର୍ତ୍ତତ୍ରାଣ ସ୍ୱାଇଁ, ଅନନ୍ତ ଦାସ, ବାଙ୍କୀ ନଗର ବିଜେଡି ଛାତ୍ର ସମ୍ପାଦକ ମାନସ କର, କଟକ ଜିଲା ଯୁବ ବିଜେଡି ସଭାପତି ସ୍ମୃତି ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ଭାଜପାର ମିଶ୍ରଣ ପର୍ବ

ମାହାଙ୍ଗା,୩।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତର ବହୁ ଅନ୍ୟ ଦଳର କର୍ମୀ ଓ ସମର୍ଥକ ନିଜ ଦଳ ତ୍ୟାଗ କରି ବୁଧବାର ଭାଜପା ନେତା ସାରଦା ପ୍ରଧାନଙ୍କ ଉପସ୍ଥିତିରେ ପୋଡାମରାଇଠାରେ ଦଳରେ ଯୋଗ ଦେଇଥିଲେ। ଦାଉଦପୁର ପଞ୍ଚାୟତର ଅଜିତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦୟାନିଧି ଜେନା, ସୁନୀଲ କୁମାର ମହାନ୍ତି, ମନୋଜ ମଲ୍ଲିକ, ଲିଟୁନ ମହାନ୍ତି, ଜାକେଶ୍ୱର ମଲ୍ଲିକ, ଚନ୍ଦନ ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁ, ଗୋଲେଖି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଭାଜପା ନେତା ପ୍ରଧାନ ସେମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଭକ୍ତ ଚରଣ ସ୍ୱାଇଁ, ଋଷି ରାଉତ, ଅରୁଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜବରଦଖଲ ଉଚ୍ଛେଦ

ଚୌଦ୍ୱାର, ୩।୧୧(ଡି.ଏନ୍.ଏ.)- ଚୌଦ୍ୱାର ପୌରପାଳିକା ୫ନଂ. ୱାର୍ଡ ଦଳିତ ବସ୍ତିର ସରକାରୀ ଜମିରେ ବାସ କରୁଥିବା ୪ଟି ପରିବାରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବହୁବର୍ଷ ଧରି ଏହି ଜମିରେ ୪ ପରିବାର ଘର ନିର୍ମାଣ କରି ରହି ଆସୁଥିଲେ। ପୂର୍ବରୁ ଏହି ବସ୍ତିରେ ରହୁଥିବା ୨ଜଣ ବ୍ୟକ୍ତିଙ୍କ ମଧ୍ୟରେ ଜମିଜମା ଗଣ୍ଡଗୋଳ ଲାଗି ରହିଥିଲା। ଏହାକୁ ନେଇ ଉଭୟ ପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରିବା ପରେ ଉକ୍ତ ସରକାରୀ ଜାଗାରେ କେହି ଜବରଦଖଲ କରି ବସବାସ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବୁଧବାର ପୂର୍ବାହ୍ନରେ ଉକ୍ତ ଘର ଭାଙ୍ଗିବାକୁ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଅଜୟ ମଲ୍ଲିକ ସ୍ଥାନୀୟ ପୋଲିସ ସହାୟତାରେ ବସ୍ତିରେ ପହଞ୍ଚିଥିଲେ। ହେଲେ ସେଠାରେ ରହୁଥିବା ରେଣୁ ଗୋଚ୍ଛାୟତ, ଲକ୍ଷ୍ମୀ ନାଏକ, ଲୋଚନ ଗୋଛାୟତ ଏହାକୁ ବିରୋଧ କରିଥିଲେ। ସେମାନଙ୍କ କହିବାନୁଯାୟୀ, ସରକାର ଭୂମିହୀନଙ୍କୁ ଥଇଥାନ କରୁଛନ୍ତି। ତେଣୁ ପ୍ରଥମେ ଆମକୁ ଥଇଥାନ କରି ଘର ଭଙ୍ଗାଯାଉ। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ତହସିଲ ପକ୍ଷରୁ ଘରଗୁଡିକ ଭଙ୍ଗା ଯାଇଥିବା ତହସିଲଦାର ମଲ୍ଲିକ କହିଛନ୍ତି।

## ସାମାଜିକ କର୍ମୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ବାଙ୍କୀ, ୩।୧୧(ସ୍ୱ.ପ୍ର.)

କଟକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ବୁଧବାର ସାମାଜିକ କର୍ମୀ ଗୌତମ ମିଶ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମିଶ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ଭିନ୍ନକ୍ଷମଙ୍କ କଲ୍ୟାଣ, ନାରୀ ଶିକ୍ଷା, ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୨୦୧୯ରେ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମିଶ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ ପାଇଁ କଟକ ଜିଲା ପକ୍ଷରୁ ମନୋନୀତ କରାଯାଇଥିଲା। କୋଭିଡ୍ କଟକଣା ଯୋଗୁ ଏହି ପୁରସ୍କାର ସେ ସମୟରେ ପ୍ରଦାନ କରାଯାଇ ନ ଥିଲା। ବୁଧବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅଫିସର ଭୁବନାନନ୍ଦ ପଟ୍ଟନାୟକ ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ମିଶ୍ର ଏହି ପୁରସ୍କାର ପାଇବା ପରେ କଟକ ଏମପି ଭର୍ତ୍ତୃହରି ମହତାବ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକର ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଶ୍ରଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।


କଟକ ବାଲୁବଜାର ବିନୋଦବିହାରୀ ମଣ୍ଡପରେ ମା' ଶ୍ୟାମାକାଳୀ।

## ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଙ୍କ ଅନଶନ

ମାହାଙ୍ଗା,୩।୧୧(ସ୍ୱ.ପ୍ର.)

ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନଡିଆସାହସପୁର ସ୍ୱାସ୍ଥ୍ୟ ସେକ୍ଟରେ ଆଶା କର୍ମୀ ଭାବେ କାର୍ଯ୍ୟ କରି ଆସିଥିବା ରାହାଣିଆ ପଞ୍ଚାୟତ ମୋଗଲପାଟଣା ଗାଁର ମଧୁସ୍ମିତା ଜେନା ଆଶା ପଦବିରେ ପୁଣି ନିଯୁକ୍ତି ଦାବିରେ ବୁଧବାରଠରୁ ଆମରଣ ଅନଶନରେ ବସିଛନ୍ତି। ସୂଚନାଯୋଗ୍ୟ, ମଧୁସ୍ମିତା ୨୦୧୪ରେ ଆଶା କର୍ମୀ ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ରେ ନିୟମାନୁଯାୟୀ ଆଶାରୁ ଇସ୍ତଫା ଦେଇ ଆଶାସାଥୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିୟମାନୁଯାୟୀ, ମଧୁସ୍ମିତା ପୁଣି ଆଶା ସାଥୀ ପଦବୀରେ ରହିବାକୁ ଇଚ୍ଛା କରି ନିଯୁକ୍ତି ଦେବାକୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ସେ କୌଣସି ପଦକ୍ଷେପ ନ ନେବାରୁ ମଧୁସ୍ମିତା ଜିଲା ସଂଯୋଜକଙ୍କ ନିକଟରେ ଆଶା ପଦବୀରେ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲା ସଂଯୋଜକ ସବୁ ଠିକ୍‌ଠାକ ହୋଇଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏ ଯାବତ କୌଣସି ସୁଫଳ ନ ମିଳିବାରୁ ସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ଜରିଆରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କ ନିକଟକୁ ଆଶା ସାଥୀ ନିଯୁକ୍ତି, ଦୁଇ ମାସର ଦରମା ପ୍ରଦାନ ପାଇଁ ଦାବି ଜଣାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାନ୍ତିଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ ଜିଲା କମିଟିକୁ ଜଣାଇଛନ୍ତି। ସେମାନେ ଆସନ୍ତା ୧୦ ତାରିଖ ସୁଦ୍ଧା ପଦକ୍ଷେପ ନେବେ ବୋଲି କହିଛନ୍ତି।

## 'ସମାଜସେବାରେ ବ୍ରତୀ ଥିଲେ ସୁବାରାଓ'

କଟକ ଅଫିସ, ୩।୧୧

ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଗାନ୍ଧିବାଦୀ ନେତା ଏସ୍. ଏନ୍. ସୁବାରାଓଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଗୁଣନିଧି ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ କହିଥିଲେ, ସୁବାରାଓ ଆଜୀବନ ତ୍ୟାଗୀ, ନୀତିନିଷ୍ଠ, କର୍ମଠ, ସମୟାନୁବର୍ତ୍ତୀ ଗାନ୍ଧିବାଦୀ ଥିଲେ। ସେହିପରି ଜୀବନସାରା ସମାଜସେବାରେ ବ୍ରତୀ ଥିଲେ। ଶିକ୍ଷାବିତ୍ ଗଜେନ୍ଦ୍ର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ସଦସ୍ୟ ପ୍ରଶାନ୍ତ ଦାସ, କୈଳାଶ ବରାଳ, ସୌଦାମିନୀ ନାୟକ, ରେଣୁକା ସାହୁ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର, ପ୍ରଭାସ ସେଠୀ, ରବୀନ୍ଦ୍ର ରାଜଗୁରୁ, ଶେଖ୍ ଅବ୍‌ଦୁଲା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବସାଧାରଣ ସ୍ଥାନରେ ପାଳନ ହେବନି ଛଟ୍ ପୂଜା

କଟକ ଅଫିସ,୩।୧୧

ଚଳିତବର୍ଷ କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ସର୍ବସାଧାରଣ ସ୍ଥାନରେ ଛଟ୍ ପୂଜା ପାଳନ ହେବନି। ଏ ନେଇ ସିଏମ୍‌ସି ପକ୍ଷରୁ କଟକଣା ଜାରି କରାଯାଇଛି। ପ୍ରତିବର୍ଷ ଛଟ୍ ପୂଜାବେଳେ ବିଭିନ୍ନ ଜଳାଶୟ ଓ ନଦୀଶଯ୍ୟାରେ ଭିଡ ଦେଖିବାକୁ ମିଳିଥାଏ। ତେଣୁ ଲୋକଙ୍କ ସୁରକ୍ଷା ଓ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସିଏମ୍‌ସି ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଦୀପାବଳି ପାଳନ ଉପରେ କଟକଣା ଜାରି ହୋଇଛି। ଦୀପାବଳିରେ ରାତି ୮ଟାରୁ ୧୦ ମଧ୍ୟରେ ସହରରେ

### ଦୀପାବଳି, ଛଟ୍ ପୂଜା ପାଇଁ ସିଏମ୍‌ସିର କଟକଣା

ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ଏଥିପାଇଁ ୧୧ଟି ସ୍ଥାନରେ ଲାଇସେନ୍ସପ୍ରାପ୍ତ ବାଣ ଦୋକାନ ଖୋଲାଯାଇଛି। ଦୀପାବଳି, ଛଟ୍ ପୂଜା ଓ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଏମାନେ ବାଣ ବ୍ୟବସାୟ କରିପାରିବେ। ତେବେ ଯଦି କେହି ସବୁଜ ବାଣ ବ୍ୟତୀତ ଅନ୍ୟ କୌଣସି ବାଣ ଫୁଟାଇଲେ କିମ୍ବା ବିକ୍ରି କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ଟୁଇଟ୍ ମାଧ୍ୟମରେ ଜଣାଇ ଦିଆଯାଇଛି।

## ୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୩।୧୧(ବ୍ୟୁରୋ):

ଭରତପୁର ପୋଲିସ ସୋମବାର ୨ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଅବଦାନ ବେହେରା ଓ ସନ୍ତୋଷ ଅଧିକାରୀ। ସେମାନଙ୍କ ନିକଟରୁ ୨ ଲକ୍ଷ ଟଙ୍କାର ୧୯ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୭୫/୨୧) ରୁଜୁ କରିଛି। ସେମାନେ ଗଜପତିରୁ ଗଞ୍ଜେଇ ଆଣିଥିଲେ ବୋଲି ପୋଲିସ ପାଖରେ ମାନିଛନ୍ତି। ତେବେ ଏମାନେ କେତେଦିନ ହେଲା ଗଞ୍ଜେଇ କାରବାର କରୁଛନ୍ତି, କାହାକୁ ଗଞ୍ଜେଇ ବିକ୍ରି କରିଥାନ୍ତେ, ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ଏଭଳି ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ ଟା ୪୫ରେ ଅଭିଯୁକ୍ତଦ୍ୱୟ ଏକ ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି କୋଳଥିଆ ଛକ ରାସ୍ତାରେ ବସିଥିଲେ। ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ।

## ସବୁଜ ବାଣ ଉପରେ ଅଜ୍ଞ ଗ୍ରାମାଞ୍ଚଳ ଲୋକ

ନିଶ୍ଚିନ୍ତକୋଇଲି, ୩।୧୧(ସ୍ୱ.ପ୍ର.)

■ବାଣ ପାଇଁ କଟକଣା
■ବ୍ୟବସାୟ କାରିଗର ନିରାଶ
■ଲାଇସେନ୍ସ ପାଇଁ ଲାଞ୍ଚ ଓ ବାଣ ଦେବାକୁ ପଡୁଛି

ପ୍ରଶାସନ ପ୍ରଥମେ ବାଣ ଫୁଟାଇବା ଉପରେ କଟକଣା ଲଗାଇଥିଲେ। ପର ମୁହୂର୍ତ୍ତରେ ପରିବେଶ ଅନୁକୂଳ ପାଇଁ ସବୁଜ ବାଣ ଫୁଟାଇବାକୁ ହାଇକୋର୍ଟ ଅନୁମତି ଦେଲେ। ତେବେ ସମୟ ନ ଥିବାରୁ କାରିଗରମାନେ ସବୁଜ ବାଣ ପ୍ରସ୍ତୁତ କୌଶଳ ଜାଣି ପାରିଲେ ନା ବ୍ୟବସାୟୀମାନେ ବାଣ ବିକ୍ରି ପାଇଁ ଲାଇସେନ୍ସ ପାଇଁ ଆବେଦନ କରିପାରିଲେ ନାହିଁ। ମାତ୍ର ୨ରୁ ୩ ଦିନ ବ୍ୟବଧାନ ମଧ୍ୟରେ ବାଣ ପ୍ରସ୍ତୁତ କରିବା ଓ ବିକ୍ରି କରିବା ଗ୍ରାମାଞ୍ଚଳରେ ସମ୍ଭବ ହୋଇପାରିଲାନାହିଁ। ଫଳସ୍ୱରୂପ ଗ୍ରାମାଞ୍ଚଳରେ ଉଭୟ ବାଣ ବ୍ୟବସାୟୀ ଓ କାରିଗର କ୍ଷତିର ସମ୍ମୁଖୀନ ହୋଇଥିବା ଅଭିଯୋଗ ହେଉଛି। ବାଣ ଫୁଟାଇବାକୁ ରୁଚି ରଖିଥିବା ଲୋକମାନଙ୍କୁ ମଧ୍ୟ ନିରାଶ ହେବାକୁ ପଡିଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦୁଇଜଣ ବାଣ କାରିଗରଙ୍କୁ ସରକାରୀ ସ୍ୱୀକୃତି ମିଳିଛି। ଗାଁରେ ବହୁ ଗରିବ ଲୋକ ଦୀପାବଳି ଓ କାର୍ତ୍ତିକ ପୂର୍ଣ୍ଣିମୀ ପାଇଁ ବାଣ ପ୍ରସ୍ତୁତ କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। କରୋନା ପାଇଁ ଦେଢ଼ବର୍ଷ ହେବ ଶୋଭାଯାତ୍ରା ଓ ଦେବ ପୀଠରେ ବାଣ ଫୁଟାଇବା ଉପରେ କଟକଣା ଲାଗୁ ହୋଇଛି। କାରିଗର ଓ ବ୍ୟବସାୟୀମାନେ ଦୀପାବଳିକୁ ବାଣ ତିଆରି କରି ପୂର୍ବ କ୍ଷତିର ଭରଣା କରିବାକୁ ଆଶା ରଖିଥିଲେ। ସବୁ ଆଶା ମଉଳି ଗଲା। ଲୁଚିଛପି କେତେକ ସ୍ଥାନରେ କାରିଗର କିଛି ବାଣ ପ୍ରସ୍ତୁତ କରିଛନ୍ତି। ସେମାନେ ଏହାକୁ ବିକିବା ସମୟରେ ପୋଲିସ ଧରୁଛି।

ନିଶ୍ଚିନ୍ତକୋଇଲି ପୋଲିସ କେଣ୍ଡୁଲୋ ପଞ୍ଚାୟତ କୁଳବଡକ୍ଷୀର ଗାଁର ମଦନମୋହନ ମଲିକଙ୍କ ବାଣ ପ୍ରସ୍ତୁତି ସ୍ଥାନ ଉପରେ ଚଢାଉ କରି ବିସ୍ଫୋରକ ଦ୍ରବ୍ୟ ଓ ବାଣ ଜବତ କରିଛି। ତାଙ୍କ ବିରୋଧରେ ନଂ. ୧୪୬/୨୧ରେ ମାମଲା ରୁଜୁ କରିଛି। ପୋଲିସର କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବାଣ ବ୍ୟବସାୟୀ ନିରାଶ ହୋଇଛନ୍ତି। ନିଶ୍ଚିନ୍ତକୋଇଲି, କେନ୍ଦୁପାଟଣା, କଟିକଟା, ନେମାଳ, ସାନ୍ତପୁର, ଅସୁରେଶ୍ୱର, ନରେନ୍ଦ୍ରପୁର ବଜାରରେ କେତୋଟି ହାତ ଗଣତି ବାଣ ଦୋକାନ ରହିଛି। ଗାଁରେ ଥିବା ଦୋକାନଗୁଡିକରେ ବେଆଇନ ଭାବେ ବାଣ ବିକ୍ରି ହେଉଛି। ତେବେ କେତେଜଣ ବାଣ ପ୍ରସ୍ତୁତକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଆମେ ପ୍ରତିବର୍ଷ ଚାହିଦା ଅନୁଯାୟୀ ବାଣ ଭିଡି ଥାଉ। ଏ ବର୍ଷ ମଧ୍ୟ ଲୁଚିଛପି ବାଣ ଭିଡିବାକୁ ପଡୁଛି। ସବୁଜ ବାଣ ସମ୍ପର୍କରେ ଆମ୍ଭେ ଅବଗତ ନାହୁଁ। ଲାଇସେନ୍ସ ମିଳିବା ପାଇଁ ଲାଞ୍ଚ ଓ ବାଣ ଦେବାକୁ ପଡୁଛି। ଗରିବ କାରିଗର ପାଇଁ ଏହା ସମ୍ଭବ ନୁହେଁ।

### ଏମାନେ କ'ଣ କୁହନ୍ତି...

" କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ବାଣ ଦୋକାନ ଓ ପ୍ରସ୍ତୁତକାରୀଙ୍କ ଉପରେ କଡା ନଜର ରଖାଯାଇଛି। ଆବଶ୍ୟକ ପଡିଲେ ମାମଲା ମଧ୍ୟ ରୁଜୁ ହେଉଛି। ବାଣ ମଧ୍ୟ ସିଜ୍ କରାଯାଉଛି। ସବୁଜ ବାଣ ସମ୍ପର୍କରେ ଲୋକେ ଅବଗତ ନାହାନ୍ତି।

**–ଚିନ୍ମୟୀ ସାହୁ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି**

" ସରକାର ବାଣ ଉପରେ କଟକଣା ଲଗାଇଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସବୁଜ ବାଣକୁ ସ୍ୱୀକୃତି ମିଳିଲା। ଉଭୟ ବ୍ୟବସାୟୀ ଓ ବାଣ ପ୍ରସ୍ତୁତକାରୀ ସବୁଜ ବାଣ ସମ୍ପର୍କରେ ଜାଣି ନ ଥିବାରୁ ସେମାନଙ୍କର ବ୍ୟବସାୟୀରେ କ୍ଷତି ଘଟିଛି। ଏପରି କି ବାଣ ଫୁଟାଇବାକୁ ଆଗ୍ରହ ରଖିଥିବା ଲୋକମାନେ ଚଳିତ ବର୍ଷ ନିରାଶ ହୋଇଛନ୍ତି।

**–ସଞ୍ଜୟ ବେହେରା , ସାମାଜିକ କର୍ମୀ**

" ବିଗତ ବର୍ଷ ବାଣ ବ୍ୟବସାୟରୁ ଯାହା ବଳିଥିଲା ଚଳିତ ବର୍ଷ ତାକୁ ବିକି କ୍ଷତିର ଭରଣା କରିଥାନ୍ତି। କିନ୍ତୁ ସରକାରଙ୍କ କଡା କଟକଣା ଓ ପୋଲିସର ନାଲି ଆଖି ପାଇଁ ଦୋକାନ ଖୋଲିବାକୁ ଡର ଲାଗୁଛି। ଏପରିକି ଲାଇସେନ୍ସ ଆବେଦନ କରିବାକୁ ସମୟ ମିଳିଲାନି।

**–ପ୍ରମୋଦ ସାହୁ, ବାଣ ବ୍ୟବସାୟୀ**


ଦୀପାବଳିରେ ୧୪୪ଧାରା ଜାରି ହୋଇଥିବାରୁ ଏହା ପୂର୍ବରୁ ବୁଧବାର ପୁରୀ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳୁଛନ୍ତି।


ଭୁବନେଶ୍ୱରର ଏକ ମଣ୍ଡପରେ ତିଆରି ହୋଇଥିବା ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜଣେ ଶିଳ୍ପୀ ବୁଧବାର ଶେଷ ସ୍ପର୍ଶ ଦେଉଛନ୍ତି।


ଦୀପାବଳିରେ ସବୁଜ ବାଣକୁ ହାଇକୋର୍ଟ ଅନୁମତି ଦେବା ପରେ ବୁଧବାର ଭୁବନେଶ୍ୱରର ଏକ ଦୋକାନରେ ବାଣ କିଣିବା ପାଇଁ ଗ୍ରାହକଙ୍କ ଭିଡ଼।




୩।୧୧।୨୦୨୧

| ୨,୬୩,୧୩୮ ଟଙ୍କା | |
|---|---|
| ସୁନା | ୨.୭୨୦ଗ୍ରାମ |
| ରୁପା | ୪୫୦ ମିଲିଗ୍ରାମ |

# ସୁସ୍ଥ ପରେ ପୋଲିସ ହେପାଜତରେ ରୂପେଶ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ରାଜଧାନୀ ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାର ଅଞ୍ଚଳରେ ସୋମବାର ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିବା ଘଟଣାକୁ ଇତିମଧ୍ୟରେ ୨ଦିନ ବିତିଛି। ହେଲେ ଆକ୍ରମଣ କରିଥିବା ରୂପେଶ ପଣ୍ଡା କେଉଁ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ରୂପେଶଙ୍କ ପରିବାର ଲୋକେ ଭିନ୍ନ କଥା କହୁଛନ୍ତି। ଅପରପକ୍ଷରେ ଆହତ ରୂପେଶ କ୍ୟାପିଟାଲ ହସ୍ପିଟାଲରୁ ବୁଧବାର ସୁସ୍ଥ ହୋଇ ଡିସ୍‌ଚାର୍ଜ ହେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପଚରାଉଚରା ସମୟରେ ଅଭିଯୁକ୍ତ ରୂପେଶ ପୂର୍ବ କଥାକୁ ଦୋହରାଉଛନ୍ତି। ଘଟଣା ଦିନ ସେ ଅଫିସ ଯାଉଥିବାବେଳେ ୩ଜଣ ଲୋକ ତାଙ୍କୁ ଅଟକାଇ ଏପରି ଆକ୍ରମଣ କରିବାକୁ ବାଧ କରିଥିଲେ ନଚେତ ସେମାନେ ତାଙ୍କୁ ଜୀବନରେ ମାରି ଦେଇଥାନ୍ତେ ବୋଲି ରୂପେଶ ବାରମ୍ବାର ପୋଲିସକୁ କହୁଛନ୍ତି। ପୋଲିସ ତାଙ୍କ କଥାକୁ ସନ୍ଦେହ କରୁଥିଲେ ବି ଆକ୍ରମଣର ପ୍ରକୃତ କାରଣ ଖୋଜିବାକୁ ତଦନ୍ତ ଜାରି ରଖିଛି। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ ଭିଜୁଆଲ୍ ଏଡିଟର କାମ କରନ୍ତି। ଅପରପକ୍ଷରେ ଆକ୍ରମଣର ଶିକାର ହୋଇଥିବା ଅନନ୍ୟା ମିଶ୍ର ତାଙ୍କୁ ଚିହ୍ନି ନ ଥିବା ପୋଲିସକୁ କହିଛନ୍ତି। ଅନନ୍ୟାଙ୍କ ଅଭିଯୋଗକ୍ରମେ ପୋଲିସ ରୂପେଶଙ୍କ ନାମରେ (ନଂ.୪୫୦/୨୧) ମାମଲା ରୁଜୁ କରି ଘଟଣା ପଛର ଖିଅ ଖୋଜିବାକୁ ଚେଷ୍ଟା କରୁଛି। ତେବେ ଅଭିଯୁକ୍ତ ରୂପେଶ ଲୁଟ୍ ଉଦ୍ଦେଶ୍ୟରେ ପଡ଼ୋଶୀଙ୍କ ଘରେ ପଶି ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନିରେ ରହନ୍ତି। ସୋମବାର ଦିନ ୧୨ଟା ୩୦ରେ ପଡ଼ୋଶୀ ରୂପେଶ ଏକ ମହିଳା ପୋଷାକ ପିନ୍ଧିବା ସହ ହେଲ୍‌ମେଟ୍ ଲଗାଇ ଏକ ଛୁରି ଓ ବନ୍ଧୁକ ନେଇ ସୁରେଶଙ୍କ ଘର ଭିତରକୁ ଯିବାକୁ କଲିଂ ବେଲ୍ ମାରିଥିଲେ। ଏହି ସମୟରେ ପ୍ରଫେସର ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। କବାଟ ଖୋଲୁ ଖୋଲୁ ରୂପେଶ ତାଙ୍କୁ ହଠାତ୍ ଛୁରିରେ ଆକ୍ରମଣ କରିଥିଲ। ସେ ଚିତ୍କାର କରି ମା'ଙ୍କୁ ଡାକିବାରୁ ସେ ତଳକୁ ଆସି ପ୍ରତିବାଦ କରିଥିଲେ। ଜୀବନ ବଞ୍ଚାଇବାକୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଆତ୍ମରକ୍ଷା କରିବାକୁ ଯାଇ ଅନନ୍ୟା ଓ ତାଙ୍କ ମା' ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ଆହତ ହୋଇ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଣିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ।



ରୂପେଶ ପଣ୍ଡାଙ୍କ ଫାଇଲ୍ ଫଟୋ

**ଘରେ ପଶି ମା'ଝିଅଙ୍କୁ ଛୁରା ମାଡ଼ ଘଟଣା**

- ପଚରାଉଚରା ଜାରି
- ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ ସନ୍ଦେହ

## ଅଭିଯୁକ୍ତଙ୍କ କଥାରେ ରହୁନି ତାଳମେଳ

ରୂପେଶଙ୍କ କଥାରେ କୌଣସି ତାଳମେଳ ରହୁ ନ ଥିବାବେଳେ ତାଙ୍କ କଥା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ଏହି ମାମଲାରେ କୌଣସି ତଥ୍ୟ ପ୍ରମାଣ ବି ମିଳିପାରୁ ନାହିଁ। ରୂପେଶଙ୍କ ଉପରେ ସନ୍ଦେହ ହେଉଛି। ଏହି ଘଟଣାରେ ତଦନ୍ତ ଜାରି ରହିଥିବା ସହ ପ୍ରମାଣ ଯୋଗାଡ଼ ଚାଲିଛି। ପ୍ରମାଣକୁ ଭିତ୍ତିକରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

–ଉମାଶଙ୍କର ଦାଶ, ଡିସିପି

## ସଂକ୍ଷେପରେ

### ଚୋରା କାଠ ଗାଡ଼ି ଜବତ, ୨ ଗିରଫ

ଗୋପ,୩।୧୧(ଡି.ଏନ୍.ଏ.): ଗୋପ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବୁଧବାର ଭୋର୍ ସମୟରେ ଗୋପ-ବାଲିଘାଇ ରାସ୍ତା ଶୋଳପୁର ନିକଟରେ ଗୋଟିଏ ଚୋରା ଝାଉଁ କାଠ ଗାଡ଼ି ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ରାମଚଣ୍ଡୀ ଥାନା ଅନ୍ତର୍ଗତ ବଡ଼ଗାଁ ଗ୍ରାମର ପ୍ରମୋଦ ମହାରଥ, ଗାଡ଼ି ଡ୍ରାଇଭର ବିକ୍ରମ ବେହେରା। ଏ ନେଇ ଗୋପ ବନ ବିଭାଗ କାର୍ଯ୍ୟାଳୟରେ ନଂ.୨/୨୧ରେ ଏକ ମାମଲା ରୁଜୁ ହୋଇଛି। କିଛିଦିନ ହେବ ବେଆଇନ ଭାବେ କେତେକ କାଠ ମାଫିଆ ବାଲୁଖଣ୍ଡ ଅଭୟାରଣ୍ୟରୁ ଝାଉଁ, ଆକାଶୀ ସହିତ ଆଉ କେତେକ କଞ୍ଚା ଗଛ କାଟି ବାହାରେ ବିକ୍ରି କରିବା ଅଭିଯୋଗ ହେଉଥିଲା। ଏହି ଅଭିଯୋଗକୁ ନେଇ ପୁରୀ ବନ ବିଭାଗର ଡିଏଫ୍‌ଓ ପି. ରାମସ୍ୱାମୀ ଜିଲାର ସମସ୍ତ ରେଞ୍ଜରଙ୍କୁ ଚୋରା କାଠ ଗାଡ଼ି ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗୋପ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏହି କାଠ ଗାଡ଼ିକୁ ଧରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଗାଡ଼ି ତନଖି କରୁଥିବା ବେଳେ ବୁଧବାର କୌଣସି ସୂତ୍ରରୁ ଖବରପାଇ ବାଲିଘାଇ ରାସ୍ତାରେ ଚୋରା କାଠ ଗାଡ଼ି ଆସୁଥିବା ଜାଣି ଯାଞ୍ଚ କରି ଧରିଥିଲେ।

### କୁଣ୍ଢେଇ ପଞ୍ଚାୟତ ବିକାଶ ମଞ୍ଚର ବୈଠକ

କାକଟପୁର,୩।୧୧(ଡି.ଏନ୍.ଏ.): କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ପଞ୍ଚାୟତ ବିକାଶ ମଞ୍ଚର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କୁଣ୍ଢେଇସୁଣୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମୋ ଗୁହାଳ, ଗ୍ରାମୀଣ ଉଦ୍ୟାନ, ବିଜୁ ପକ୍କାଘର, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ସ୍ୱଚ୍ଛ ଭାରତ ଅଧୀନରେ ପାଇଖାନା ଓ ଡଷ୍ଟବିନ ଯୋଜନାଗୁଡ଼ିକରେ ପ୍ରକୃତ ହିତାଧିକାରୀଙ୍କୁ ବାଦ ଦିଆଯାଇଥିବା ବୈଠକରେ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ହରିଦାସପୁରଠାରୁ ଦାସିଆଠେଙ୍ଗ ରାସ୍ତା କାମକୁ ଟେଣ୍ଡର ନ କରିବା, ବ୍ଲକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା, କେତେକ କାର୍ଯ୍ୟ ନ ହୋଇ ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ ଆଣି ପ୍ରଶାସନିକ ସ୍ତରରେ ଏହାର ତଦନ୍ତ ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ବୈଠକରେ ସମ୍ପାଦକ କ୍ଷେତ୍ରମୋହନ ସାହୁ, ଉପସଭାପତି ଅମରେଶ୍ୱର ନାୟକ, କାର୍ଯ୍ୟକାରୀ ସଭ୍ୟ ବିପିନ ବିହାରୀ ରାଉତ, ପ୍ରଫୁଲ୍ଲ ନାୟକ ଓ ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମିଠା ଦୋକାନରେ ଚଢ଼ାଉ

ଭୁବନେଶ୍ୱର,୩।୧୧: ଦୀପାବଳିର ଅବ୍ୟବହିତ ପୂର୍ବରୁ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରରେ ଥିବା ବିଭିନ୍ନ ମିଠା ଦୋକାନରେ ଚଢ଼ାଉ କରାଯାଇଛି। କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ୍ ପଟେଲ୍‌ଙ୍କ ନେତୃତ୍ୱରେ ଏକାଧିକ ଟିମ୍ ମିଳିତ ଭାବେ ଚଢ଼ାଉ କରିବା ସହ ଯାଞ୍ଚ କରିଛନ୍ତି।




ଦୀପାବଳି ଉପଲକ୍ଷେ ପୁରୀ ସମୁଦ୍ର ବେଳାଭୂମିରେ ବୁଧବାର ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ୮ରୁ ୩ଦିନ ଯାଏ ଚିଲିକା ଘେରି ଉଚ୍ଛେଦ

ପୁରୀ ଅଫିସ,୩।୧୧

ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଲାଗି ବୁଧବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଗଠିତ ଟାସ୍କଫୋର୍ସର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଭାଷ ଚନ୍ଦ୍ର ନାଥଶର୍ମା ଅଧ୍ୟକ୍ଷତା କରିଥିଲେ। ଘେରି ଉଚ୍ଛେଦ କରିବାକୁ ପ୍ରଶାସନ କଡ଼ା ନିଷ୍ପତ୍ତି ନେଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଘେରି ଉଚ୍ଛେଦ ପାଇଁ ପୂର୍ବରୁ ଚିଲିକା ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କୁ ନୋଟିସ ଦିଆଯାଇଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ଏଣୁ ପ୍ରଶାସନ ବଳପୂର୍ବକ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିବ। ଆସନ୍ତା ୮, ୯ ଓ ୧୦ ତାରିଖରେ ଉଚ୍ଛେଦ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବାରମ୍ବାର ଉଚ୍ଛେଦ ସତ୍ତ୍ୱେ ପ୍ରଶାସନକୁ ସହଯୋଗ ନ କରି ଲୋକେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରୁଛନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ମତ୍ସ୍ୟ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପଜିଲାପାଳ ଭବତାରଣ ସାହୁ, କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ, ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡ଼େଇ, ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡୁ, ବିଭାଗୀୟ ଅଧିକାରୀ ଏବଂ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ପଞ୍ଚଗବ୍ୟ ଦୀପର ପ୍ରସାର ପ୍ରଚାର ଲୋଡ଼ା

ପୁରୀ ଅଫିସ, ୩।୧୧

ଚଳିତ ବର୍ଷ ଅନ୍ୱେଷଣ ଫାଉଣ୍ଡେଶନ ଏକ ନିଆରା ଢଙ୍ଗରେ ଦୀପାବଳି ପାଳନ ପାଇଁ ଚେଷ୍ଟା କରିଛି। ପଞ୍ଚଗବ୍ୟ ଦୀପ ଜାଳି ସୁସ୍ଥ ରହିବା ସହ ପରିବେଶକୁ ସୁସ୍ଥ ରଖିବାକୁ ବାର୍ତ୍ତା ଦେଇଛି। ଭାରତୀୟ ଦେଶୀ ଗାଈର ପଞ୍ଚତତ୍ତ୍ୱ ଯଥା ଗୋବର, ଗୋ ମୂତ୍ର, କ୍ଷୀର, ଘିଅ ଏବଂ ଦହି ଆଦି ଦ୍ରବ୍ୟକୁ ବ୍ୟବହାର କରାଯାଇ ପଞ୍ଚତତ୍ତ୍ୱ ଦୀପ ପ୍ରସ୍ତୁତ କରାଯାଇଛି। ଗୋଟିଏ ଦୀପ ପ୍ରସ୍ତୁତି ପାଇଁ ପ୍ରାୟ ୮ଟଙ୍କା ଖର୍ଚ୍ଚ ହୋଇଛି। ଫାଉଣ୍ଡେଶନର ସମ୍ପାଦକ ସନ୍ତୋଷ କୁମାର ରାଉତ କହିଛନ୍ତି, ଦୀପ ଜାଳିବା ଧାର୍ମିକ ଦୃଷ୍ଟିକୋଣରୁ ପବିତ୍ର ହୋଇଥିବା ବେଳେ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିବେଶ ଉପଯୋଗୀ ହୋଇଥାଏ। ପଞ୍ଚଗବ୍ୟ ଦୀପ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ କମ୍ ରହିବା ସହ ବାୟୁ ମଣ୍ଡଳରେ ଅମ୍ଳଜାନ ସ୍ତର ବୃଦ୍ଧି ପାଇଥାଏ। ମନୁଷ୍ୟର ମାନସିକ ଚେତନା ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ଦୀପ ଜଳି ସାରିବା ପରେ ଏହାକୁ ମଧ୍ୟ କ୍ଷତ ରୂପେ ବ୍ୟବହାର କରାଯାଇପାରିବ। ଏହି ଦୀପ ପ୍ରସ୍ତୁତି ପାଇଁ ଭାରତୀୟ ଦେଶୀ ଗାଈର ଶୁଖିଲା ଗୋବର ଆବଶ୍ୟକ ହୋଇଥାଏ। ଉକ୍ତ ଗୋବରକୁ ଗୁଣ୍ଡ କରାଯାଇ ପାଉଡର କରାଯାଏ। ଏଥିରେ କ୍ଷୀର, ଦହି, ଗୋ ମୂତ୍ର, ଘିଅ ମିଶାଯାଇ ଏକ ପ୍ରକାର ପ୍ରଦାର୍ଥ ପ୍ରସ୍ତୁତ କରାଯାଏ। ସେଥିରେ କିଛି ଗୋଲାପ ଜଳ ଓ ଗୁଡ ମିଶାଯାଏ। ପରେ ହାତରେ ଦୀପ ପ୍ରସ୍ତୁତ କରାଯାଇ ଶୁଖାଯାଏ। ଦୀପ ଶୁଖିଗଲା ପରେ ବିଭିନ୍ନ ରଙ୍ଗରେ ରଙ୍ଗ କରାଯାଏ। ବର୍ତ୍ତମାନ ବଜାରରେ ଗୋଟିଏ ଦୀପର ମୂଲ୍ୟ ୨୦ ଟଙ୍କା ରହୁଛି। ତେବେ ଫାଉଣ୍ଡେଶନ ଏହି ଦୀପ ନିର୍ମାଣ ମାଧ୍ୟମରେ ଅସହାୟ ଓ ଗରିବ ପିଲାଙ୍କୁ ସାହାଯ୍ୟ କରିପାରିଛି। ଅନେକ ପିଲାଙ୍କୁ ଦୀପ ନିର୍ମାଣ ସମ୍ପର୍କରେ ଅବଗତ କରାଇ ରୋଜଗାରକ୍ଷମ କରିବା ସହ ପାଠ ପଢାଇବା ପାଇଁ ସକ୍ଷମ କରାଇପାରିଛି। ସରକାର ପଞ୍ଚଗବ୍ୟ ଦୀପର ପ୍ରସାର ପ୍ରଚାର ପାଇଁ ପଦକ୍ଷେପ ନେଲେ ଏହା ଲୋକ ଲୋଚନକୁ ଆସି ପାରିବ ବୋଲି ରାଉତ କହିଛନ୍ତି।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁନନ୍ଦା



@ ଦୁର୍ଗାମାଧବ



@ ସାଗର



@ ଭରତ



@ ଶୁଭଦର୍ଶିନୀ



@ ଦୀପକ୍

# ସୁନା ମୁଦି ଚୋରି କରି ୨ ଗିରଫ

ପୁରୀ ଅଫିସ, ୩।୧୧

ସୁନାମୁଦି ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାଳବଣିଆ ଥାନା ଅଧୀନ ପିକେଆରଆଇଟି କଲୋନୀ ସମ୍ମୁଖ ତାରିଣୀ ବସ୍ତି ଅଞ୍ଚଳର ପିଣ୍ଟୁ ଥାପା ଓ ବଳିଆପଣ୍ଡା ଥାନା ଅନ୍ତର୍ଗତ ଶିପସରୁବାଲି ଅଞ୍ଚଳର ସପନ କୁମାର କର୍ମାକର। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ସୁନାମୁଦି ଜବତ କରିଛି। ଏନେଇ କେସ୍ ନଂ. ୨୩୪/୨୧ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ ସରୋଜ ପଣ୍ଡା ଓ ତାଙ୍କ ଭାଇ ଅନ୍ନପୂର୍ଣ୍ଣା ଗେଷ୍ଟ ହାଉସରେ ଶୋଇଥିଲେ। ଏହି ସମୟରେ ହୋଟେଲର ସର୍ଭିସ୍ ବୟ ପିଣ୍ଟୁ ଥାପା ଆସି ସୁନାମୁଦିଟିକୁ ଚୋରି କରିନେଇଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ଦେଲା ଓକିଲ ସଂଘ

ପୁରୀ ଅଫିସ, ୩।୧୧

ପୁରୀ ସହରର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଓକିଲ ସଂଘ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସହରବାସୀଙ୍କୁ ଚାରିଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ, ଟାଟା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବଡ଼ଦାଣ୍ଡକୁ ଅବରୋଧମୁକ୍ତ କରିବାକୁ ସଂଘ ଦାବି କରିଛି। ସିଂହଦ୍ୱାର ପାର୍ଶ୍ୱରେ ଗୋଟିଏ ଧାଡ଼ି କରାଯାଉ, ଯେଉଁଥିରେ ପୁରୀବାସୀ କେବଳ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସେହିପରି ବଡଦାଣ୍ଡରୁ ବ୍ୟାରିକେଡ୍ ଓ ମରିଚିକୋଟଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କରାଯାଇଥିବା ଅବରୋଧକୁ ହଟାଯାଉ। ଶ୍ରୀମନ୍ଦିର ସମ୍ମୁଖ ଅସ୍ଥାୟୀ ସେଡକୁ ମଧ୍ୟ ଉଠାଇ ନିଆଯିବାକୁ ଦାବି କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଦାବିପୂରଣ ନ ହେଲେ ଓକିଲ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି କହିଛି। ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଦର ବୃଦ୍ଧି ପ୍ରତିବାଦରେ ସିପିଆଇ(ଏମ୍)ର ବିକ୍ଷୋଭ

ପୁରୀ ଅଫିସ/କଣାସ,୩।୧୧(ସ୍ୱ.ପ୍ର.)

ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବୁଧବାର ସିପିଆଇ(ଏମ୍) ପୁରୀ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିକ୍ଷୋଭରେ ଶରତ ରାୟଗୁରୁ, ଜଗନ୍ନାଥ ଦେଓ, ଭୀମସେନ ସ୍ୱାଇଁ, ଗୋବିନ୍ଦ ନାୟକ, ମନୋରଞ୍ଜନ ମହାପାତ୍ର, ଅମରେନ୍ଦ୍ର ଜେନା, ବିଭୂତି ରାଉତରାୟ, ଶ୍ରୀକାନ୍ତ ପରିଡ଼ା, ସୁଶାନ୍ତ ମହାରଣା, ଜ୍ୟୋତି ପ୍ରକାଶ ନାୟକ ଏବଂ ଗୁନା ନାୟକ ପ୍ରମୁଖ ସାମିଲ ଥିଲେ। ସେହିପରି ସିପିଆଇ(ଏମ୍) କଣାସ ଆଞ୍ଚଳିକ କମିଟି ଶତାଧିକ କର୍ମୀ ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ପରେ କଣାସ କମିଟି ସମ୍ପାଦକ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟି ସଭ୍ୟ ଯମେଶ୍ୱର ବେହେରା, ଜିଲା କମିଟି ସଭ୍ୟ ଭାଗୀରଥି ବେହେରା, ଅନାମ ବେହେରା, ଗଣେଶ ଜେନା, ଦିନବନ୍ଧୁ ଦାସ, କାଶୀନାଥ ବେହେରା ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଲୋଚନ ଦାସଙ୍କୁ ଦାବିପତ୍ର ଦେଇଥିଲେ। ବିକ୍ଷୋଭରେ ବିକ୍ରମ ବେହେରା, ସରୋଜ ବେହେରା, ପ୍ରଭାକର ଦଳାଇ, ଶଙ୍କର ପଲାଇ, କୈଳାସ ମାନସିଂହ, ରବିନାରାୟଣ ବେହେରା, ଧନେଶ୍ୱର ବେହେରା ପ୍ରମୁଖ ସାମିଲ ଥିଲେ।




ପ୍ରଦୂଷଣମୁକ୍ତ ଦୀପାବଳି ପାଳନ ପାଇଁ ବୁଧବାର କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।




ଦର ବୃଦ୍ଧି ପ୍ରତିବାଦରେ ବୁଧବାର ସିପିଆଇ(ଏମ୍) ପକ୍ଷରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଶ୍ରୀମନ୍ଦିର ଚାରିଦ୍ୱାରରେ ପୁରୀ ସହରବାସୀଙ୍କୁ ପ୍ରବେଶ ଅନୁମତି ଦେବା ଦାବିରେ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

## ଶିଶୁପୁତ୍ର ସମେତ ୩ ଗୁରୁତର

ତିଗିରିଆ,୩।୧୧(ଡି.ଏନ.ଏ.)

କଟକ ଜିଲା ତିଗିରିଆ ଥାନା ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡା ଗାଁରେ ବୁଧବାର ମଧ୍ୟାହ୍ନ ୧୨ଟାରେ ବେଆଇନ ଭାବେ ବାଣ ତିଆରି ବେଳେ ବିସ୍ଫୋରଣ ଘଟିଛି। ଏଥିରେ ପରିବାର ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଘରଟି ଭାଙ୍ଗି ଯାଇଛି। ଖବର ପାଇ ପୋଲିସ ପହଞ୍ଚି ଗୁରୁତର ହୋଇଥିବା ଜେଜେ, ଜେଜେ ମା' ଓ ନାତିଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ବାଣେଶ୍ୱରପଡା ଗାଁର ବୀରବର ସ୍ୱାଇଁ (୫୦) ଘର ଭିତରେ ତାଳ ଫୋଟକା ଓ କାଗଜ ବାଣ ତିଆରି ପାଇଁ ବାରୁଦ ଭାଗ କରୁଥିଲେ। ଏହି ସମୟରେ ପୁଅର ପୁଅ (ନାତି) ଅଂଶୁମାନ (୩) ହେମଦସ୍ତା ଛେଚାଟିକୁ ଧରିଥିଲେ। ଏହା ଅଂଶୁମାନଙ୍କ ହାତରୁ ଖସି ବାରୁଦ ଭାଗ ମସଲା ଉପରେ ପଡିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ବୀରବରଙ୍କ ଛାତିଠାରୁ ମୁହଁ ପର୍ଯ୍ୟନ୍ତ ଓ ନାତି ଅଂଶୁମାନର ସମ୍ପୂର୍ଣ୍ଣ ଦେହ ପୋଡି ଯାଇଛି। ପାଖରେ ଥିବା ବୀରବରଙ୍କ ସ୍ତ୍ରୀଙ୍କ ଦେହର କେତେକ ଅଂଶ ପୋଡି ଯାଇଛି।

ଏ ନେଇ ଥାନାରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କ ଅଭିଯୋଗକ୍ରମେ ନଂ. ୧୫୯/୨୧ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ବନ ବିହାରୀ ପ୍ରଧାନ କହିଛନ୍ତି। ପରେ ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବାଣେଶ୍ୱରପଡା ଓ ପୁରୁଣାତିଗିରିଆ ଗାଁରେ ଚଢ଼ାଉ କରାଯାଇଥିଲା। ଏହି ଦୁଇ ଗାଁରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରାଯାଇଛି। ସୂଚନାଯୋଗ୍ୟ, ତିଗିରିଆ ଥାନାର ପୁରୁଣାତିଗିରିଆ ଓ ବାଣେଶ୍ୱରପଡା ବାଣ ତିଆରି ପାଇଁ ପ୍ରସିଦ୍ଧି ଲାଭ କରିଛି। କରୋନାକୁ ଦୃଷ୍ଟିରେ ରଖି ଦୀପାବଳିର କେବଳ ସବୁଜ ବାଣ ଫୁଟାଇବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ବେଆଇନ ଭାବେ ଫୋଟକା ବାଣ ତିଆରି ଚାଲିଥିବା ବେଳେ ପୋଲିସ ଓ ତହସିଲ ପ୍ରଶାସନର ନଜର କିପରି ପଡିଲା ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ବାଣ ଦୀପାବଳି ପାଇଁ ତିଆରି ହେଉଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।



ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର।

## ସଂକ୍ଷେପରେ

### ମନ୍ଦିରରୁ ଚୋରି କରି ୨ ଗିରଫ

**ଡେଲାଙ୍ଗ,୩।୧୧(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗାଳ ଗ୍ରାମର ଆରାଧ ଦେବୀ ମା' ବରାହୀଙ୍କ ମନ୍ଦିରରୁ ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ରେଙ୍ଗାଳ ଗ୍ରାମର ସରୋଜ ବେହେରା(୩୦) ଓ କବିରାଜ ବେହେରା(୨୫)। ଗତ ୩୦ ତାରିଖ ରାତିରେ ଅଭିଯୁକ୍ତଦ୍ୱୟ ମନ୍ଦିରରେ ପଶି ୨ଟି ରୁପା ମୁକୁଟ, କଂସା ଘଣ୍ଟ, ପିତ୍ତଳ ଘଣ୍ଟି ସହିତ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଥିଲେ। ପରଦିନ ସକାଳ ପୂଜାରୀ ଓ ଗ୍ରାମ ପରିଚାଳନା କମିଟି ସଭାପତି ବାଉରିବନ୍ଧୁ ଦାସ ଦେଖି ଚୋରି ବିଷୟରେ ହରିରାଜପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୪୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ବୁଧବାର ଖବର ପାଇ ଫାଣ୍ଡି ଅଧିକାରୀ ଗଦାଧର ନାୟକ କବିରାଜ ଓ ସରୋଜ ନେଇଥିବା ଜାଣି ରେଙ୍ଗାଳ ଗ୍ରାମରେ ଚଢ଼ାଉ କରି ଗିରଫ କରିଥିଲା। ତାଙ୍କଠାରୁ ଘଣ୍ଟ ଓ ଘଣ୍ଟି ଜବତ କରିଛନ୍ତି।

### ୧୬ ମୋବାଇଲ ଫୋନ୍ ଜବତ, ଜଣେ ଗିରଫ

**ପୁରୀ ଅଫିସ,୩।୧୧:** ଯାତ୍ରୀଙ୍କଠାରୁ ବ୍ୟାଗ ଏବଂ ମୋବାଇଲ ଫୋନ୍ ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ବେଳେ ଜଣେ ଯୁବକଙ୍କୁ ୪୧ ସିଆର୍‌ପିସି ଅନୁଯାୟୀ ନୋଟିସ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଚନ୍ଦନପୁରୀ ଥାନା ଅନ୍ତର୍ଗତ ରୁଆ ଗ୍ରାମର ସୁରେଶ ବାରିକ (୧୮)। ପୋଲିସ ତାଙ୍କଠାରୁ ୧୬ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଜବତ କରିଛି। ଏ ନେଇ କେସ୍ ନଂ. ୧୩୩/୨୧ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ କଟକର ଜ୍ୟୋର୍ତ୍ତିମ୍ୟୀ ପଣ୍ଡା ଥାନାକୁ ଆସି ଅଭିଯୋଗ କରିଥିଲେ, ସେ ଓ ତାଙ୍କ ଭଉଣୀଙ୍କ ପୁରୀ ଦିଗବାରେଣୀ ଖୁଣ୍ଟି ସମ୍ମୁଖ ବେଳାଭୂମିରେ ଗାଧୋଉଥିବା ସମୟରେ କୌଣସି ଦୁର୍ବୃତ୍ତ ତାଙ୍କର ବ୍ୟାଗ ଚୋରି କରି ନେଇଥିଲେ। ବ୍ୟାଗରେ ମୋବାଇଲ ଫୋନ ସହ କିଛି ଦରକାରୀ କାଗଜପତ୍ର ଏବଂ ନଗଦ ୩ହଜାର ଟଙ୍କା ଥିଲା। ପୋଲିସ ତଦନ୍ତ କରି ସୁରେଶଙ୍କୁ ଗିରଫ କରିଥିଲା। ବାଦଲ ପ୍ରଧାନଙ୍କୁ ପୋଲିସ ପକ୍ଷରୁ ନୋଟିସ କରାଯାଇଛି।

### ଏନ୍‌ସିସି କ୍ୟାଡେଟଙ୍କୁ ର୍‍ୟାଙ୍କ ବ୍ୟାଜ୍ ପ୍ରଦାନ

**ନିମାପଡ଼ା,୩।୧୧(ଡି.ଏନ୍.ଏ.):** ନିମାପଡ଼ା କଲେଜ ଏନ୍‌ସିସି ବିଭାଗ ପକ୍ଷରୁ ଏକ ର୍‍ୟାଙ୍କ ପ୍ରଦାନ ସମାରୋହ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏନ୍‌ସିସି କ୍ୟାଡେଟମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣ କ୍ୟାଡେଟଙ୍କୁ ୨୦୨୧-୨୨ ବର୍ଷ ପାଇଁ ବିଭିନ୍ନ ର୍‍ୟାଙ୍କ ବ୍ୟାଜ ପିନ୍ଧାଇଥିଲେ। ଏଥିସହ କ୍ୟାଡେଟମାନଙ୍କୁ ପ୍ରତି କ୍ଷେତ୍ରରେ ଶୃଙ୍ଖଳା, ଧୈର୍ଯ୍ୟ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଦାଶ ପରାମର୍ଶ ଦେଇଥିଲେ। ସମାରୋହର ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଅଧ୍ୟାପକ ଜଗତ ପ୍ରସାଦ ସାବୁତ, ଅଧ୍ୟକ୍ଷ ରମାକାନ୍ତ ଦାଶ, ଅଧ୍ୟାପକ ସୁବ୍ରତ ମହାନ୍ତି, ଏନ୍‌ସିସି ଅଫିସର କୁଶ କହ୍ନର ପ୍ରମୁଖ ଯୋଗଦେଇଥିଲେ। ଏନ୍‌ସିସି କ୍ୟାଡେଟ ବିଶ୍ୱଜିତ ବେହେରାଙ୍କୁ (ଏସ୍‌ୟୁଓ) ର୍‍ୟାଙ୍କ, ସମ୍ବିତ ବେହେରା ଓ ସର୍ବେଶ୍ୱର ସାହୁଙ୍କୁ(ଜେୟୁଓ), ଅନୁପମା ଖଟୋଇଙ୍କୁ(ସିକ୍ୟୁଏସ୍‌ଏସ୍), ଅବଦୁଲ ୱାରିସ ଖାନ, ପ୍ରତାପ ସେଠୀ ଓ ସ୍ମିତ ପ୍ରଧାନଙ୍କୁ(ଏସ୍‌ଜିଟି), ଏସ୍.କେ.ଇଫିରାନଙ୍କୁ(ସିପିଏଲ), ବିଶ୍ୱ ରଞ୍ଜନ ବେହେରା ଓ ସୁଜାତା ବେହେରାଙ୍କୁ (ଏଲ୍‌ସିପିଏଲ୍) ର୍‍ୟାଙ୍କ ପ୍ରଦାନ କରାଯାଇଥିଲା।

## ଜାଭେଲିନ ଥ୍ରୋ ଖେଳାଳି କିଶୋରଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୩।୧୧

ପୁରୀ ବ୍ରହ୍ମଗିରିର ଜାଭେଲିନ ଥ୍ରୋ ଖେଳାଳି କିଶୋର କୁମାର ଜେନାଙ୍କୁ ବୁଧବାର ଜିଲାପାଳ ସମର୍ଥ ବର୍ମା ତାଙ୍କ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରିଛନ୍ତି। ଗତ ଅକ୍ଟୋବର ୨୩ ଓ ୨୪ ତାରିଖରେ ନୂଆଦିଲ୍ଲୀସ୍ଥିତ ନେହେରୁ ଷ୍ଟାଡିୟମରେ ସର୍ବଭାରତୀୟ ଓପନ ଆଥଲେଟିକ ମିଟ୍-୨୦୨୧ ପ୍ରତିଯୋଗିତାରେ କିଶୋର ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିଶୋର ୭୪.୨୬ ମିଟର ପର୍ଯ୍ୟନ୍ତ ଜାଭେଲିନ୍ ଥ୍ରୋ କରିଥିଲେ। ଜିଲାପାଳ ବର୍ମା ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମହାପ୍ରଭୁଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ବାଲୁବଜାର ବିନୋଦବିହାରୀ ମଣ୍ଡପରେ ମା' ଶ୍ୟାମାକାଳୀ।

# ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

## ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲା

ଖୋର୍ଦ୍ଧା ଅଫିସ,୩।୧୧

ଅଧିକ ଯୌତୁକ ଦାବିକରି ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲାର ରାୟ ୭ବର୍ଷ ପରେ ବଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ସମର ବିଳାସ ବେହେରା ୪୯୮(କ) ୩୦୨/୩୦୪(ଖ)/୪୦୬ ଯୌତୁକ ନିରୋଧ ଧାରା ଅନୁଯାୟୀ ଅଭିଯୁକ୍ତ ସ୍ୱାମୀ ବେଗୁନିଆ ଥାନା ତଣ୍ଡାଲ ସରୋଜ ସୁବୁଦ୍ଧିଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି।

ସୂଚନା ଅନୁଯାୟୀ, ବେଗୁନିଆ କଣ୍ଟାବାଡ ଗ୍ରାମର ମମତା ରାଣୀ ପାଣିଗ୍ରାହୀ ବେଗୁନିଆ ଅଞ୍ଚଳର ସରୋଜ କୁମାର ସୁବୁଦ୍ଧିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ କନ୍ୟାପକ୍ଷ ନଗଦ ଟଙ୍କା, ସମସ୍ତ ଆସବାବପତ୍ର ଦେଇଥିଲେ। ପରେ ଅଧିକ ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ମମତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨୦୧୪ ଅଗଷ୍ଟ ୨୦ ତାରିଖ ରାତିରେ ସରୋଜ ଓ ତାଙ୍କ ପରିବାର ସଦସ୍ୟ ଯୋଜନାବଦ୍ଧ ଭାବେ ମମତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ତେବେ ସରୋଜ ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦେଇଥିବା ମମତାଙ୍କ ଭାଇ ଅଭିଯୋଗ କରିଥିଲେ। ବେଗୁନିଆ ପୋଲିସ ତଦନ୍ତ କରି ସରୋଜଙ୍କୁ ଗିରଫ କରିଥିଲା। କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଅଜିତା ମହିଳା ସଂଗଠନର ବୈଠକ

କାକଟପୁର,୩।୧୧(ଡି.ଏନ୍.ଏ.)

କାକଟପୁରସ୍ଥିତ ଏକ କଲ୍ୟାଣ ମଣ୍ଡପ ସଭାଗୃହରେ କାକଟପୁର ଅଜିତା ମହିଳା ସଂଗଠନର ସଂଯୋଜିକା ମୀନାରାଣୀ ନାୟକଙ୍କ ସଭାପତିତ୍ୱରେ ଏକ ମହିଳା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଅଜିତା ମହିଳା ସଂଗଠନର ସଂଯୋଜିକା ସ୍ୱପ୍ନପ୍ରିୟା ପାତ୍ର ଯୋଗଦେଇ ଭୁବନେଶର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଅଜିତା ମହିଳା ସଂଗଠନ କିପରି ରାଜ୍ୟର ସମସ୍ତ ବର୍ଗର ମହିଳାଙ୍କୁ ସଶକ୍ତୀକରଣ ହେବାରେ ପ୍ରୋତ୍ସାହିତ କରୁଛି, ତାହା ଉପରେ ଆଲୋକପାତ କରିଥିଲେ। ଏହି ସଂଗଠନ ଆଗାମୀ ଦିନରେ ମହିଳାମାନଙ୍କ ପ୍ରତି ସମାଜରେ ଥିବା ଅସାମଞ୍ଜସ୍ୟ ଦୂର କରିବା ସହିତ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହେବ ବୋଲି ଏମ୍‌ପି ଷଡ଼ଙ୍ଗୀଙ୍କ ଥିବା ଉକ୍ତିକୁ ଦୋହରାଇ ଥିଲେ। ବୈଠକ ଶେଷରେ ସମସ୍ତ ସଭ୍ୟା ଏକତ୍ର ହୋଇ ସୋମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କରି ପରିବେଶ ସଚେତନତା ଉପରେ ବାର୍ତ୍ତା ବାଣ୍ଟିଥିଲେ। ସଂଗଠନର ସଭାନେତ୍ରୀ ମୌସୁମୀ ମହାପାତ୍ର, ସମ୍ପାଦିକା ସଂଗୀତା ମାଝିଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

# ନିମ୍ନମାନର କାର୍ଯ୍ୟ: ରାସ୍ତା ଫାଟିଲା

ଡେଲାଙ୍ଗ,୩।୧୧ (ଡି.ଏନ.ଏ.)

ଡେଲାଙ୍ଗ ବ୍ଲକ ବେଗୁନିଆପଡା ସେତୁ ଠାରୁ ଦୟା ନଦୀର ପୂର୍ବ ପାର୍ଶ୍ୱ ବନ୍ଧରେ ପ୍ରାୟ ୮କି.ମି ହଳଦି ପଦର ପର୍ଯ୍ୟନ୍ତ ହୋଇଥିବା କଂକ୍ରିଟ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବିଭାଗର ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁ ରାସ୍ତା ନିର୍ମାଣର ୨ମାସ ନପୂରୁଣୁ ରାସ୍ତା ଫାଟି ଯାଇଛି। ଫଳରେ ସ୍ଥାନୀୟ ଲୋକେ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିମ୍ନମାନର କାର୍ଯ୍ୟ ସହ ରାସ୍ତାଟି ଜଳସେଚନ ବିଭାଗ ଅଧୀନରେ ରହିଥିବାରୁ ଏହାର ତଦାରଖ ପାଇଁ ବିଭାଗୀୟ ଯନ୍ତ୍ରୀ କାମବେଳେ ଉପସ୍ଥିତ ରହି ନ ଥିବାରୁ ଏଭଳି ହୋଇଥିବା ଗ୍ରାମବାସୀ କହୁଛନ୍ତି। ଏପରିକି ସହକାରୀ ଯନ୍ତ୍ରୀ ଜଣକ ପ୍ରାୟ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଣାସ ଅଞ୍ଚଳରେ ରହିଥିବାରୁ ସମସ୍ତ ଠିକାଦାରଙ୍କୁ ହାତ କରି ପ୍ରତି ନିର୍ମାଣ କାର୍ଯ୍ୟକୁ ନିମ୍ନମାନର କରୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କହିଛନ୍ତି, ରାସ୍ତା କାର୍ଯ୍ୟ ସରିବାର କିଛିଦିନ ପରେ ଗାଡ଼ି ଚଳାଚଳ ଆରମ୍ଭ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲି। ହେଲେ ଗ୍ରାମବାସୀ ଏହାକୁ ନ ମାନି ଗାଡି ଚଳାଚଳ କରିବାରୁ ରାସ୍ତା ଫାଟିଥିବା ସେ କହିଛନ୍ତି।

# ବରିଷ୍ଠ ନାଗରିକଙ୍କ ସମସ୍ୟା ନେଇ ଆଲୋଚନା

ପୁରୀ ଅଫିସ, ୩।୧୧

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୁରୀ ସଦର ବ୍ଲକ ଅଞ୍ଚଳର ମହାବୀର ମନ୍ଦିର ପରିସରରେ ବନ୍ଧୁ ମିଳନ ସହ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମାଜିକ ସୁରକ୍ଷା ଅଧିକାରୀ ଅକ୍ଷୟ କୁମାର ନାୟକ ଅତିଥି ଭାବେ ଯୋଗଦାନ କରିଥିଲେ। ମଞ୍ଚ ପକ୍ଷରୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡ. ଶରତ ଚନ୍ଦ୍ର ସାହୁ, ଡ. ଅଦ୍ୱୈତ ଚରଣ ଧଳ, ସତ୍ୟ ନାରାୟଣ ମିଶ୍ର, ଅଶୋକ କୁମାର ମହାନ୍ତି, ଗୁଣ୍ଡିଚା ବରାଳ, ବିଭୂଦତ୍ତ ଲେଙ୍କା, ସନ୍ତୋଷ ମହାନ୍ତି ଏବଂ କାର୍ତ୍ତିକ ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ କୁମାର ମିଶ୍ର, ଗୋଲକ ଚନ୍ଦ୍ର ଜେନା ଏବଂ ଯଦୁମଣି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସରକାରୀ ଔଷଧ ନଷ୍ଟହେବା ଆଶଙ୍କା

## ଶର୍ଟ ଏକ୍ସପାଏରି ମେଡିସିନ ରଖିବା ପାଇଁ କହୁଛି ନିଗମ

ପୁରୀ ଅଫିସ,୩।୧୧

କମ୍ ଅବଧି (ଶର୍ଟ ଏକ୍ସପାଏରି ଡେଟ୍) ଥିବା ମେଡିସିନ୍‌କୁ ରାଜ୍ୟ ଔଷଧ ନିଗମ ଜିଲା ମୁଖ୍ୟ ହସ୍ପିଟାଲ୍ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ବାଧ୍ୟତାମୂଳକ ଭାବେ ଯୋଗାଉଥିବା ଜଣାପଡ଼ିଛି। ରାଜ୍ୟ ଔଷଧ ନିଗମ ପକ୍ଷରୁ ଏକ ଚିଠି (ନଂ. ୬୭୬୧/ ଓଏସ୍‌ଏମ୍‌ସିଏଲ୍/୧୩.୭.୨୦୨୧) ପୁରୀ ସିଡିଏମଓ ଏବଂ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖକୁ ପଠାଯାଇଥିଲା। ଏହି ଚିଠିରେ ଉଲ୍ଲେଖ ରହିଛି ଯେ, ନିଗମରୁ ଜିଲା ଷ୍ଟୋର ଓ ଜିଲା ଷ୍ଟୋରରୁ ଅଧୀନସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଶର୍ଟ ଏକ୍ସପାୟରୀ ମେଡିସିନ ଗ୍ରହଣ କରାଯାଉ।

ଅନ୍ୟପକ୍ଷରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଶର୍ଟ ଏକ୍ସପାଏରୀ ମେଡିସିନକୁ ଖାଲି କରିବା ପାଇଁ ନିଗମ ନିର୍ଦ୍ଦେଶ ଦେଇଥିବାବେଳେ ବାସ୍ତବତା ପ୍ରତି ଧ୍ୟାନ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଜାଣିଶୁଣି ଏଭଳି ମେଡିସିନ୍ ସବୁ ଜିଲାସ୍ତରୀୟ ହସ୍ପିଟାଲକୁ ପଠାଯାଇଥିବାବେଳେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବ୍ୟବହାର ହୋଇ ନ ପାରିଲେ ବାଧ୍ୟ ହୋଇ ସେସବୁକୁ ଫିଙ୍ଗିବାକୁ ପଡ଼ିବ। ଫଳରେ କୋଟି କୋଟି ଟଙ୍କାର ମେଡିସିନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ତେବେ ଶର୍ଟ ଏକ୍ସପାୟରୀ ମେଡିସିନ୍ ଏତେ ପରିମାଣରେ କାହିଁକି ବଳିପଡ଼ିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ନିଗମକୁ ଔଷଧ ଯୋଗାଉଥିବା ବିତରକ କମ୍ପାନୀଗୁଡ଼ିକର ଲାଭ ପାଇଁ ନିଗମ ଜାଣିଶୁଣି ଏଭଳି ମେଡିସିନ ବଣ୍ଟନ କରୁଥିବା ଅଭିଯୋଗ ହେଉଛି। କେବଳ ପୁରୀ ନୁହେଁ ସାରା ରାଜ୍ୟର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିଗମ ଏଭଳି ଚିଠି ଲେଖିଥିବା ଜଣାପଡ଼ିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏଭଳି ମେଡିସିନ ଆସି ସାରିଥିବା ବେଳେ ନିରାମୟ ମାଧ୍ୟମରେ ରୋଗୀଙ୍କୁ ଦିଆଯାଉଛି। ସୋମବାର (ନଭେମ୍ବର ୧)ରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ କୋଣାର୍କ ବାସିନ୍ଦା ପ୍ରେମଲତା ଓଝା ନେଇଥିବା ଔଷଧରେ ମାତ୍ର ୨ମାସ ଅବଧି ରହିଛି। ଅର୍ଥାତ୍ ସେହି ଔଷଧ ଆଗାମୀ ଦୁଇ ମାସ ପରେ ନଷ୍ଟ ହୋଇଯିବ। ଏଭଳି ଔଷଧ ରୋଗୀଙ୍କୁ ଦିଆଯାଉଥିବାବେଳେ ଅନେକେ ନେବାକୁ କୁଣ୍ଠାକୁଣ୍ଠା ହେଉଛନ୍ତି। ରୋଗୀ ବିଶ୍ୱନାଥ ମିଶ୍ର କହିଛନ୍ତି, ବେସରକାରୀ ଔଷଧ ଦୋକାନରୁ ମେଡିସିନ କିଣିବା ବେଳେ ଅତିକମ୍‌ରେ ୬ମାସ କିମ୍ବା ବର୍ଷକର ଅବଧି ଦେଖି କିଣିଥାଉ। ମାତ୍ର ନିରାମୟରେ ମିଳୁଥିବା ଅଧିକାଂଶ ମେଡିସିନ୍‌ରେ ୩ରୁ ୪ ମାସର ଏକ୍ସପାଏରି ସମୟ ରହୁଛି। ଫଳରେ ଔଷଧର ପ୍ରଭାବକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସାଧିକାରୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଔଷଧ ବିତରଣରେ ଅନେକ ଆହ୍ୱାନ ରହିଛି। ଶର୍ଟ ଏକ୍ସପାଏରୀ ମେଡିସିନରେ କୌଣସି ସମସ୍ୟା ନାହିଁ। ଲୋକେ ଏହାକୁ ନେବାକୁ ଆଗ୍ରହ ଦେଖାଇବା ଦରକାର। ତେବେ ଏହା କେତେ ପରିମାଣରେ ଆସିଛି ସେସମ୍ପର୍କରେ ଏବେ ସ୍ପଷ୍ଟ ଭାବେ କହିପାରିବି ନାହିଁ।

# ଅଲିଭ ରିଡ୍‌ଲେ ସୁରକ୍ଷା, ସଚେତନତା ଶିବିର

କୋଣାର୍କ,୩।୧୧(ଡି.ଏନ୍.ଏ.)

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଓ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବୁଧବାର ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅଲିଭ ରିଡଲେ କଇଁଛ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବେ ଏସିଏଫ ଉତ୍ତମ କୁମାର ଗଡନାୟକ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ସହ ମତ୍ସ୍ୟ ଅଧିକାରୀ ଅମ୍ରିତା ପ୍ରଧାନ, ଓଡ଼ିଶା ପାରମ୍ପରିକ ମତ୍ସ୍ୟ କର୍ମୀ ସଂଘ ରାଜ୍ୟ ସଭାପତି ପ୍ରସନ୍ନ ବେହେରା, ଶୋଭାକର ବେହେରା, ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ବିରଳ ଅଲିଭ ରିଡଲେଙ୍କ ସୁରକ୍ଷା ସମ୍ପର୍କରେ ମତପୋଷଣ କରିଥିଲେ। ବିରଳ ଅଲିଭ ରିଡଲେଙ୍କ ସୁରକ୍ଷା ପାଇଁ ଓମଫ୍ରା ଆଇନକୁ କଡ଼ାକଡ଼ି ପାଳନ, ନିଷିଦ୍ଧାଞ୍ଚଳ ମଧ୍ୟରେ ଅବାଧ ଟ୍ରଲର ଚଳାଚଳକୁ ବନ୍ଦ କରିବା, ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ନଭେମ୍ବର ୧ରୁ ମେ ପର୍ଯ୍ୟନ୍ତ ଦେବୀ ମୁହାଣରୁ ପୁରୀ ବାଙ୍କି ମୁହାଣ ସମୁଦ୍ର ମଧ୍ୟକୁ ୨୦କିମି ପର୍ଯ୍ୟନ୍ତ ଟ୍ରଲର ଓ ଯନ୍ତ୍ର ଚାଳିତ ଡଙ୍ଗା ଚଳପ୍ରଚଳ ନିଷେଧ କରାଯାଇଛି। ଏହି ସମୟରେ କଇଁଛଙ୍କ ପ୍ରଜନନ ଆରମ୍ଭ ହୋଇଥାଏ। ପରେ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ସମୁଦ୍ର ବେଳାଭୂମିରେ ଅଣ୍ଡା ଦେଇଥାନ୍ତି। ପ୍ରାୟ ୪୫ରୁ ୬୦ ଦିନ ମଧ୍ୟରେ ଏହି ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ କରିଥାଏ। ଗଭୀର ସମୁଦ୍ରରେ ଅବାଧ ଟ୍ରଲର ଚଳାଚଳକୁ ମତ୍ସ୍ୟ ବିଭାଗ, ମେରାଇନ ପୋଲିସ ଓ ବନବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ ପାଇଁ ଦାବି ହେଉଛି। ଶିବିରରେ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି କର୍ମକର୍ତ୍ତା, ଚନ୍ଦ୍ରଭାଗା ନୋଳିଆ ମତ୍ସ୍ୟଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



ଦୀପାବଳିରେ ୧୪୪ଧାରା ଜାରି ହୋଇଥିବାରୁ ଏହା ପୂର୍ବରୁ ବୁଧବାର ପୁରୀ ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳୁଛନ୍ତି।



ଭୁବନେଶ୍ୱରର ଏକ ମଣ୍ଡପରେ ତିଆରି ହୋଇଥିବା ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜଣେ ଶିଳ୍ପୀ ବୁଧବାର ଶେଷ ସ୍ପର୍ଶ ଦେଉଛନ୍ତି।



ଦୀପାବଳିରେ ସବୁଜ ବାଣକୁ ହାଇକୋର୍ଟ ଅନୁମତି ଦେବା ପରେ ବୁଧବାର ଭୁବନେଶ୍ୱରର ଏକ ଦୋକାନରେ ବାଣ କିଣିବା ପାଇଁ ଗ୍ରାହକଙ୍କ ଭିଡ଼।